

ଉତ୍ତରାଖଣ୍ଡକୁ ପୁଣି ଆସିବା ମୋର ସୌଭାଗ୍ୟ |୬

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଚମକେଇଲେ ରିଦ୍ଧିମା |୮

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୭ Vol. 21 No-337 7 MARCH 2025 FRIDAY BHUBANESWAR ଶୁକ୍ରବାର, ୭ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଘରେ ଘରେ ସୁଭଦ୍ରା ଦୀପ ଜାଳିବା
ମହିଳା ସଶକ୍ତୀକରଣ ପର୍ବ ପାଳିବା



୭ ମାର୍ଚ୍ଚ ୨୦୨୫

ଘରେ ଘରେ ସୁଭଦ୍ରା

DSPL - 410

OIPR 33001/13/0077/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ୩ୟ, ୫ମ, ୭ମ ଏବଂ ୯ମଶ୍ରେଣୀ ଏନ୍‌ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ସେଥିରୁ ଜୟଦେବ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜୟଦେବ ବିହାରର ୪ଜଣ ଛାତ୍ରଛାତ୍ରୀ ଏହି ସରକାରୀ ବୃତ୍ତି ପରୀକ୍ଷାରେ ଭୁବନେଶ୍ୱର ଶିକ୍ଷା ଜିଲ୍ଲାରେ କୃତିତ୍ୱ ହାସଲ କରିଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସୁଶ୍ରୀ ଅଂଶିତା ଖୁଣ୍ଟିଆ ଏବଂ ସୁଶ୍ରୀ ସ୍ୱୟଂଶ୍ରୀ ମହାଳିକ କୃତିତ୍ୱ ହାସଲ କରିଥିବା ବେଳେ ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଅନୁପ କୁମାର ବିଶ୍ୱାଳ କୃତିତ୍ୱ ହାସଲ କରିଛନ୍ତି । ସେହିପରି ୯ମ ଶ୍ରେଣୀ ଏନ୍‌ଆରଟିଏସ୍ ପରୀକ୍ଷାରେ ସୁଶ୍ରୀ ସ୍ୱୟଂ ପ୍ରଜ୍ଞା ପରମିତା ବୃତି ପାଇବାକୁ ଚୟନ ହୋଇଛନ୍ତି । ଏହି କୃତିତ୍ୱ ପାଇଁ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟି ଓ ପ୍ରଧାନ ଆଚାର୍ଯ୍ୟ ଏବଂ ସମ୍ପାଦକ ବାଣୀବ୍ରତ ତ୍ରିପାଠୀ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଦ୍ୟାଳୟର ୫ମ ଶ୍ରେଣୀ ସରକାରୀ ବୃତ୍ତି ପାଇବାକୁ ଚୟନ ହୋଇଥିବା ଅନୁପ କୁମାର ବିଶ୍ୱାଳ ଭବିଷ୍ୟତରେ ପ୍ରଶାସନିକ ସେବା ଲାଗି ଲକ୍ଷ୍ୟ ରଖିଥିବା କହିଛନ୍ତି । ତାଙ୍କର ଏହି ସଫଳତା ଲାଗି ସେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ଶ୍ରେୟ ଦେଇଛନ୍ତି । ଅନୁପ ହେଉଛନ୍ତି ବୈରାଗୀ ଚରଣ ବିଶ୍ୱାଳ ଏବଂ ବାସନ୍ତୀ ବିଶ୍ୱାଳଙ୍କ ନାତି ।

## ଭାରତୀୟ ନୌସେନାର ମୋଟର କାର ରାଲି ଗୌରବମୟ ସେବାକୁ ଅଧିକ ରଶ୍ମିମନ୍ତ କରିବ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶ ପ୍ରତି ଭାରତୀୟ ନୌସେନାର ଏକ ଗୌରବମୟ ସେବାର ସମୃଦ୍ଧ ଇତିହାସ ରହିଛି । ଭାରତୀୟ ନୌସେନା ଆନୁକୂଲ୍ୟରେ ଦେଶର ପୂର୍ବ-ତଟରେ ମୋଟର କାର ରାଲି ଦେଶ ପ୍ରତି ଏହାର ଗୌରବମୟ ସେବାକୁ ଅଧିକ ରଶ୍ମିମନ୍ତ କରିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି । ଗୁରୁବାର ମୋଟର କାର ରାଲିରେ ଅଂଶଗ୍ରହଣ କରିଥିବା ନୌସେନାର ଅଧିକାରୀ କର୍ମଚାରୀଙ୍କ ସହ ରାଜଭବନର ଅଭିଷେକ ହଲ୍ ଠାରେ ଭାବ ବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଉକ୍ତ କାର ରାଲି କେବଳ ଏକ ଯାତ୍ରା ନୁହେଁ ରାଲିରେ ଅଂଶ ଗ୍ରହଣକାରୀମାନେ ଯୁବ ସମୁଦାୟ ଏବଂ ନାଗରିକମାନଙ୍କ ନିକଟରେ ପହଞ୍ଚି ଭାରତୀୟ



ନୌସେନାରେ ଥିବା କ୍ୟାରିୟର ସମ୍ଭାବନା ସଂପର୍କରେ ସଚେତନ କରାଇବେ । ଦେଶର ସୈନିକ ସ୍କୁଲମାନଙ୍କରେ ଝିଅମାନଙ୍କ ଆଡମିଶନ୍ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନେଇଥିବା ଐତିହାସିକ ନିଷ୍ପତ୍ତିକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଏହା ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେଉଛି ବୋଲି କହିଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଭାରତୀୟ ନୌସେନା ସହିତ ଥିବା ତାଙ୍କର ସୁଖଦ ସ୍ମୃତି ମନେପକାଇବା ସହିତ ଦେଶର ସୁରକ୍ଷା ପ୍ରତି ଭାରତୀୟ ନୌସେନାର ଉତ୍କର୍ଷତା, ସମର୍ପଣ ଏବଂ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏକ ମହତ୍ ଉଦ୍ଦେଶ୍ୟ ନେଇ ଭାରତୀୟ ନୌସେନାର ଏଭଳି ମୋଟର କାର ରାଲି ଆୟୋଜନକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଏହା ଅଂଶଗ୍ରହଣକାରୀଙ୍କୁ ଅନେକ ଉପଲବ୍ଧି ଓ ମଧୁର ସ୍ମୃତି ପ୍ରଦାନ କରିବ ଏବଂ ଏହି ଅଭିଯାନ ସାମୁଦ୍ରିକ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରିଥିଲେ ଏବଂ ମୋଟର କାର ରାଲିର ସଫଳତା କାମନା କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲେଫ୍‌ଟନାଣ୍ଟ୍ କମାଣ୍ଡର ଅବିନାଶ କ୍ଷେତ୍ରୀଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ର ଲେଫ୍‌ଟନାଣ୍ଟ୍ କମାଣ୍ଡର ଜୁବିନ ଜନ୍ ପ୍ରାରମ୍ଭରେ ମୋଟର କାର ରାଲିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ମୋଟର କାର ରାଲି ଗତ ମାର୍ଚ୍ଚ ୩ରେ କୋଲକତାର ଆଇଏନ୍‌ଏସ ସୁଭାଷରୁ ଶୁଭାରମ୍ଭ ହୋଇଥିଲା । ଏହି ଅଭିଯାନ ଚଳିତ ମାର୍ଚ୍ଚ ୨୧ ମଧ୍ୟରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଯାଇ ତାମିଲ୍‌ନାଡୁ ରାଜ୍ୟର ଚେନାଇରେ ସମାପ୍ତ ହେବ । ରାଲି ପ୍ରାୟ ୩୮୦୦ କି.ମି ଯାତ୍ରା କରିବ ଏବଂ ଏହି ଅବସରରେ ଅଂଶଗ୍ରହଣକାରୀ ସ୍କୁଲ, କଲେଜ, ପରିଦର୍ଶନ କରିବେ ଏବଂ ଛାତ୍ରଛାତ୍ରୀ, ଯୁବପୀଢ଼ି, ନାଗରିକ ତଥା ନୌସେନାର ପୂର୍ବତନ ସୈନିକ, ବୀରାଙ୍ଗନାଙ୍କ ସହିତ ବାର୍ତ୍ତାଳାପ ଜରିଆରେ ନାରୀ ଶକ୍ତି ଓ ମହିଳା ସଶକ୍ତିକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଭାରତୀୟ ନୌସେନା ସଂପର୍କରେ ସଚେତନ କରାଇବେ ।

### ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକ

## ସୁରକ୍ଷିତ ଘର ବାହୁଡା ଉପରେ ପରିବହନ ମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାରା ଦେଶରେ ଏବେ ରାସ୍ତା ଦୁର୍ଘଟଣା ବଢ଼ିବା ସହ ମୃତ୍ୟୁହାର ମଧ ବଢ଼ିବାରେ ଲାଗିଛି । ଦ୍ରୁତଗତିରେ ଗାଡିଚାଳନା, ମଦ୍ୟପାନ, ବିନା ହେଲମେଟରେ ଗାଡି ଚଳାଇବା ଏବଂ ସଚେତନତା ଅଭାବରୁ ବାରମ୍ବାର ଦୁର୍ଘଟଣା ହେବା ସହ ଧନଜୀବନ ହାନି ଘଟୁଛି । ଦୁର୍ଘଟଣାର ସବୁ କାରଣ ଖୋଜିବା ସହ ନିରାକରଣ ଏବଂ ସଚେତନତା ସୃଷ୍ଟି କରି ଦୁର୍ଘଟଣା ହାର କମ କରିବାକୁ ପଡିବ ବୋଲି ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା ମତବ୍ୟକ୍ତ କରିଛନ୍ତି । ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ଜେନା ଅଂଶୀଦାରଙ୍କଠାରୁ ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ବିଷୟକୁ ଅନୁଧ୍ୟାନ କରିବା ସହ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ କଡ଼ା ଦଣ୍ଡବିଧାନ ଓ ଜୋରିମାନା ଆଦାୟ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ ଯେ ବିନା ହେଲମେଟରେ ଗାଡି ଚାଳନା ଏବଂ ଓଭର ସ୍ପିଡ ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ ବ୍ଲାକ ସ୍ପଟ ଚିହ୍ନଟ ସହ ୧୮ ବର୍ଷରୁ କମ ବୟସର ପିଲାଙ୍କୁ ଗାଡିଚାଳନାରୁ କ୍ଷାନ୍ତ କରିବା, ଗ୍ରାମାଞ୍ଚଳରେ ସଡ଼କ ସଚେତନତା ସୃଷ୍ଟି ଓ ରୋଡ଼ ସେଫଟି ପଲିସି ଉପରେ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇବି ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସଆରଟିସି ସିଏମଡି, ଦିପ୍ତେଶ ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ସଡ଼କ ସୁରକ୍ଷା ପରିଷଦର ବିଭିନ୍ନ ସଦସ୍ୟମାନେ ଯୋଗ ଦେଇଥିଲେ ।

### ୮୭ ଲକ୍ଷ ଟଙ୍କାର ଅନଲାଇନ୍ ଠକେଇ ମାମଲା

## ଅଭିଯୁକ୍ତ ମହିଳାଙ୍କୁ ଦିଲ୍ଲୀରୁ ଗିରଫ କଲା କ୍ରାଇମବ୍ରାଞ୍ଚ୍

କଟକ(ଭାସ୍କର ନ୍ୟୁଜ୍): ୮୭ ଲକ୍ଷ ଟଙ୍କାର ଅନଲାଇନ୍ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ପକ୍ଷରୁ ଚଢଉ କରାଯାଇ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱ୍ଵା ନାମକ ଅଭିଯୁକ୍ତ ମହିଳାଙ୍କୁ ଦିଲ୍ଲୀରୁ ଗିରଫ କରିଛି । ଭୁବନେଶ୍ୱରର ଶୈଳଶ୍ରୀ ବିହାରରୁ ଜଣେ ଅଭିଯୋଗକାରୀ କ୍ରାଇମ୍‌ବ୍ରାଂଚ୍‌ରେ ଉକ୍ତ ଠକେଇ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗାରୀଙ୍କ ଏତଲା ଆଧାରରେ କ୍ରାଇମ୍‌ବ୍ରାଞ୍ଚ ଆଇଟି ଆକ୍ଟର ଧାରା ୬୬(ସି)/୬୬(ଡି) ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ଜଣାପଡିଥିଲା ଯେ ଏକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ୧୦୧ ଷ୍ଟକ୍ ଆଲୋଚନା ଗୋଷ୍ଠୀ ନାମକ ଏକ ଅଜଣା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡା ଯାଇଥିଲା । ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତି ଜଣକ ନିଜକୁ ଜଣେ ପ୍ରଫେସର ବୋଲି ପରିଚୟ ଦେଉଥିଲେ । ସାଇବର୍ ଠକମାନେ ଷ୍ଟକ୍ ଟ୍ରେଡିଂ ଟିପ୍ସ, ଆଇପିଓ ମାର୍ଗଦର୍ଶନ ଏବଂ ନିବେଶ ରଣନୀତି ପ୍ରଦାନ କରିବା ବାହାନାରେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ପିଏନବି ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଥିବା ଆକାଉଣ୍ଟ୍‌ରୁ ପ୍ରାୟ ୮୭ ଲକ୍ଷ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇ ଥିଲେ । ଏତଲକାରୀ ଟଙ୍କା ପୈଠ କରି ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । କ୍ରାଇମ୍‌ବ୍ରାଞ୍ଚ୍‌ର ତଦନ୍ତକାରୀ ଦଳ ଡିଜିଟାଲ୍ ପ୍ରମାଣ ପାଇବା ପରେ ସ୍ଥାନୀୟ ପୁଲିସ୍ ସହାୟତାରେ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱ୍ଵାକୁ ଧରିବାରେ ସଫଳ ହୋଇଥିଲା । ଗିରଫ ପରେ ବନ୍ଦନାଙ୍କୁ ପ୍ରଥମେ ନୂଆଦିଲ୍ଲୀର ସାକେତସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା ଏବଂ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି । ତଦନ୍ତକାରୀ ଦଳ ମହିଳାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍, ୨ଟି ଭାରତୀୟ ସିମ୍ କାର୍ଡ, ଗୋଟିଏ ଆଧାର କାର୍ଡ ଏବଂ ଏକ ପ୍ୟାନ୍‌କାର୍ଡ ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ କରିଛି । ଏହି ମାମଲାରେ ୧୦ ଠକଙ୍କ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି ।

## ବିଏମ୍‌ସିର ୧୨୬ ମହିଳାଙ୍କୁ ଆରୋଗ୍ୟ ସମିତି ପୁରସ୍କାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୟୁନିଟ୍-୪ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, କର୍ପୋରେଟର ଅଲିଅଲି ମଲିକ, ଅତିରିକ୍ତ ନିର୍ଦ୍ଦେଶକ ସହରାଞ୍ଚଳ ସ୍ୱାସ୍ଥ୍ୟ ଡାକ୍ତର ପୁଷ୍ପିତା ମହାନ୍ତି, ମୁଖ୍ୟ ମହାନଗର ନିଗମ ଚିକିତ୍ସା ଅଧିକାରୀ ଡାକ୍ତର ସିଦ୍ଧାର୍ଥ ଶଙ୍କର ରାୟ, ଅଧିକ୍ଷକ ୟୁନିଟ୍-୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୁବ୍ରତ ନାୟକ, ଅର୍ବାନ ପବ୍ଲିକ୍ ହେଲଥ ଅଫିସର ଡାକ୍ତର ଶ୍ୟାମା ନାୟକ, ବରିଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ ନାୟକ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ପରିଚାଳିକା ଏଲିନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ ତଥା ସୁଦୃଢ଼ କରିବା ପାଇଁ ଗଠନ ହୋଇଥିବା ମହିଳା ଆରୋଗ୍ୟ ସମିତିର ଗୁରୁବାର ଥିଲା ସମ୍ମିଳନୀ । ଏଥିରେ ମହାନଗର ଅଞ୍ଚଳର ୪ ଶହରୁ ଅଧିକ ମହିଳା ଆରୋଗ୍ୟ ସମିତି ସଦସ୍ୟା ଯୋଗ ଦେଇଥିଲେ । ୫୦ରୁ ୧୦୦ ପରିବାର ବା ୫୦୦ ଜନ ସଂଖ୍ୟାକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯାଇଥାଏ । ଏହି ସମିତିରେ ୧୧ରୁ ୧୫ ଜଣ ସଦସ୍ୟା ରହିଥାନ୍ତି । ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ ପ୍ରମୁଖ ସଦସ୍ୟା ଭାବେ ରହୁଥିବା ବେଳେ ଆଶାକର୍ମୀ ସଂପାଦିକା ଭାବେ କାର୍ଯ୍ୟ କରିଥାନ୍ତି । ଗୋଷ୍ଠୀ ମଧ୍ୟରେ ସଚେତନତା ଓ ସରକାରୀ ସ୍ୱାସ୍ଥ୍ୟ ସେବାର ଚାହିଦାକୁ ବଢାଇବା ପାଇଁ ମହିଳା ଆରୋଗ୍ୟ ସମିତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ମୁଖ୍ୟତଃ ବସ୍ତି ଅଞ୍ଚଳରେ ପରିମଳ, ସ୍ୱାସ୍ଥ୍ୟ, ଟିକାକରଣ ଏବଂ ମାଆ ଓ ଶିଶୁ ସ୍ୱାସ୍ଥ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ସମିତି ସଦସ୍ୟାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ବିଭିନ୍ନ ମା'ମାନଙ୍କୁ ନେଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୨୬ଗୋଟି ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଛି । ମେୟର ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ମହାନଗର ନିଗମ ଅଞ୍ଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଆରୋଗ୍ୟ ସମିତି ସଦସ୍ୟାମାନେ ଉଦ୍ୟମ କରନ୍ତୁ । ସ୍ୱାସ୍ଥ୍ୟ ସେବା ପାଇଁ ଯେପରି କାହାରି ଜୀବନ ହାନୀ ନ ହେଉ, ସେଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ମେୟର । ଗୋଷ୍ଠୀ ସ୍ୱାସ୍ଥ୍ୟ ରକ୍ଷାକୁ ସେ ଗୁରୁତ୍ୱ ଦେଇଛନ୍ତି । ବିନା ପାରିଶ୍ରମିକରେ ମହିଳା ସଦସ୍ୟାମାନେ ଲୋକମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଯୋଗାଇ ଦେଉଥିବାରୁ ଉଚ୍ଚ ପ୍ରଂଶସା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ । ସ୍ୱେଚ୍ଛାକୃତ ସେବାର ପାରିଶ୍ରମିକ କେହି ଦେଇପାରିବେ ନାହିଁ । ଜରୁରି ସମୟରେ ସମିତି ସଦସ୍ୟା ସରକାରଙ୍କୁ ସହାୟତା କରୁଥିବାରୁ ସଦାସର୍ବଦା ଧନ୍ୟବାଦର ପାତ୍ର ବୋଲି କହିଥିଲେ । ୟୁନିଟ୍ ୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଏମ୍‌ସି ହସ୍ପିଟାଲର ମିଳିତ ଆୟୋଜନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୟୁନିଟ୍ ୪ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ପ୍ରକାଶ ସାମଲ ଏବଂ ବିଏମ୍‌ସି ହସ୍ପିଟାଲର ଜନସ୍ୱାସ୍ଥ୍ୟ ପରିଚାଳକ ରଞ୍ଜିତ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଫି' ବୃଦ୍ଧିର ପ୍ରତିବାଦ କରି ବିଭ୍ରାନ୍ତିକର ମତ ଦେଉଛି ଅଭିଭାବକ ସଂଘ: ବିଜେଇଏମ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ୫୨ବର୍ଷର ପୁରାତନ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଜାତୀୟ ସ୍ତରରେ ଗୌରବଶାଳୀ ବିଦ୍ୟାଳୟ ଭାବେ ପରିଚିତ । ୨୦୨୩ ମସିହାରେ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି । ଏହାର ଶିକ୍ଷାଦାନର କୌଶଳ ପାଇଁ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସ୍ଥାନ ବେଶ୍ ଉଚ୍ଚରେ ରହିଛି । ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ୨୦୨୫-୨୬ରେ ବିଦ୍ୟାଳୟ ୧୫ ପ୍ରତିଶତରୁ କମ୍ ଫି' ବୃଦ୍ଧି କରିଛି । ମାତ୍ର ଅଭିଭାବକ ସଂଘ ଏହି ଫି' ବୃଦ୍ଧିର ପ୍ରତିବାଦ କରି ଅନେକ ବିଭ୍ରାନ୍ତିକର ମତ ଦେଉଛି ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଇଏମ୍ ସ୍କୁଲ ଅଧକ୍ଷା ସୂଚନା ଦେଇଛନ୍ତି । ଅଭିଭାବକ ସଂଘ ୨୦ ପ୍ରତିଶତ ଫି' ବୃଦ୍ଧି କରି ଭୂଲ ତଥ୍ୟ, ପିଲାଙ୍କ ଟଙ୍କାରେ ଶିକ୍ଷୟିତ୍ରୀ ନୂଆ ଶାଢ଼ୀ ପିନ୍ଧିବା ପରି ମତ ପ୍ରଦାନ, ଯେଉଁମାନେ ଅଭିଭାବକ ନୁହଁନ୍ତି, ସେମାନଙ୍କୁ ଗେଟ୍ ସମ୍ମୁଖକୁ ଆଣି ଆପତ୍ତିଜନକ ଆଚରଣ ଓ ଅପୀତିକର ପରିସ୍ଥିତି ସୃଷ୍ଟି କରିବା, ଫି' ନଦେଲେ ଅନ୍ୟତ୍ର ପିଲାଙ୍କୁ ନେଇଯାଆନ୍ତୁ ବୋଲି କହିବା ଅତ୍ୟନ୍ତ ନିନ୍ଦନିୟ ବୋଲି ଅଧକ୍ଷା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ଜଷ୍ଟିସ୍ କେ.ପି.ମହାପାତ୍ର କମିଟିର ରିପୋର୍ଟ ଆଧାରରେ କେସ୍ ନମ୍ବର ଡବ୍ଲ୍ୟୁଏ ନଂ ୮୯/୨୦୧୫ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ ପୂର୍ବବର୍ଷ ଫି' ଉପରେ ୧୫ ପ୍ରତିଶତରୁ କମ୍ ଫି' ବୃଦ୍ଧି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ସ୍କୁଲର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ ।

## ଭୁବନେଶ୍ୱରରେ କ୍ରେସେଣ୍ଟା ଫର୍ଟିଲିଟି ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ରେସେଣ୍ଟା ଫର୍ଟିଲିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ଚନ୍ଦ୍ରଶେଖରପୁର, ଲୁମ୍ବିନୀବିହାର ଠାରେ ଏକ ଆଇଭିଏଫ୍ ସେଣ୍ଟରର ଶୁଭାରମ୍ଭ କରାଯାଇଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଲିନିକ ବିଶେଷକରି ଫର୍ଟିଲିଟି ସମସ୍ୟା ଥିବା ରୋଗୀମାନଙ୍କୁ ଏଠାରେ ଭରସାଯୋଗ୍ୟ ଚିକିତ୍ସା ପ୍ରଦାନ କରିବ । ଯାହା ପିତାମାତା ହେବାକୁ ଚାହୁଁଥିବା ଦମ୍ପତିଙ୍କ ସ୍ୱପ୍ନ ପୂରଣ କରିବାରେ ବିଶ୍ୱସ୍ତରୀୟ ଫର୍ଟିଲିଟି ସେବା ପ୍ରଦାନ କରିବ । ଗୁରୁବାର ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମିରେଟସ ପ୍ରଫେସର ପିସି ମହାପାତ୍ର ଯୋଗ ଦେଇଥିଲେ । କ୍ରେସେଣ୍ଟା ଫର୍ଟିଲିଟିରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସହିତ ଅଗ୍ରଣୀ ଏବଂ ଦକ୍ଷ ପ୍ରଜନନ ବିଶେଷଜ୍ଞଙ୍କ ଏକ ଟିମ ଅଛନ୍ତି ଯାହା ଅଧିକ ସଫଳତା ହାର ପ୍ରଦାନ କରିଥାଏ । ଅପହଞ୍ଚଙ୍କ ନିକଟରେ ପହଞ୍ଚ 'ରିଚ୍ ଦି ଅନରିଚେବଲ୍' ସ୍ଲୋଗାନ୍ ମାଧ୍ୟମରେ କ୍ରେସେଣ୍ଟା ଫର୍ଟିଲିଟି ଓଡ଼ିଶା ତଥା ବାହାରୁ ଆସୁଥିବା ଦମ୍ପତିଙ୍କ ପିତାମାତା ହେବାର ସ୍ୱପ୍ନକୁ ସାକାର କରିବାକୁ ଲକ୍ଷ୍ୟ ରଖିଛି ।

## ଛାତ୍ର ଆନ୍ଦୋଳନ ଉପରେ ଆକ୍ରମଣ ବିରୁଦ୍ଧରେ ପ୍ରତିବାଦ

କଟକ(ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷା ସମସ୍ୟାର ସମାଧାନ ତଥା ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ ଦାବିରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ କରାଯାଇଥିବା ଆକ୍ରମଣକୁ ଏଆଇଡିଏସଓ ପକ୍ଷରୁ ତିବ୍ର ବିରୋଧ କରାଯାଇଛି । ପଶ୍ଚିମବଙ୍ଗରେ ଗଢ଼ି ଉଠିଥିବା ସ୍ୱତସ୍ଫୁର୍ତ ଛାତ୍ର ଆନ୍ଦୋଳନ ଉପରେ ପୋଲିସ ମରଣାନ୍ତକ ଆକ୍ରମଣ କରିବା ଫଳରେ ଅନେକ ଛାତ୍ରଛାତ୍ରୀ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହେବା ସହ କିଛି ଛାତ୍ରଛାତ୍ରୀ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି । ବହୁତ ଛାତ୍ରନେତାଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇ ଥାନାରେ ଅକଥନୀୟ ନିର୍ଯାତନା ଦେବା ବିରୁଦ୍ଧରେ ଗୁରୁବାର ସ୍ଥାନୀୟ କଲେଜ ଛକଠାରେ ଏଆଇଡିଏସ୍‌ଓ କଟକ ଜିଲ୍ଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭ ସଭାରେ ଏଆଇଡିଏସଓ ରାଜ୍ୟ ଉପ-ସଭାପତି ଭାଗ୍ୟରବି ଦାସ, କଟକ ଜିଲ୍ଲା ସଭାପତି ଇସା ଧର, ସମ୍ପାଦକ ତରୁଣସେନ ନାୟକ, କଟକ ଜିଲ୍ଲା ଉପ-ସଭାପତି ଶିବାନୀ ସାହୁ, ଛାତ୍ରନେତା ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂହ,ସତ୍ୟବ୍ରତ ମୁଦୁଲି, କସକ ଜେନା ଉପସ୍ଥିତ ଥିଲେ ।

## ଜିମ୍ବାବୁଏ ସରକାରୀ କର୍ମଚାରୀଙ୍କ ପାଇଁ କୌଶଳ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ କୌଶଳ ଉନ୍ନୟନ ଏବଂ କ୍ଷମତା ଗଠନରେ ଏକ ଐତିହାସିକ ମିଳିପଥ ଭାବେ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଆଜି ଜିମ୍ବାବୁଏ ସରକାର ଦ୍ୱାରା ପୃଷ୍ଠପୋଷିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲା, ଯାହା ଜିମ୍ବାବୁଏ ସରକାରୀ ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ ହେଉଛି । ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟଏବଂ ରିପବ୍ଲିକ ଓଫ ଜିମ୍ବାବୁଏ ମଧ୍ୟରେ ଦୀର୍ଘମିଆଦି ବାସ୍ତବାନୁଷ୍ଠାନ ହୋଇଥିବା ଏହି ଅଭିନବ ପ୍ରୟାସଟି, ସମ୍ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ଜ୍ଞାନ ବଦଳ ସମ୍ପର୍କିତ ଦୃଷ୍ଟିକୋଣ । ଜିମ୍ବାବୁଏର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳର ମାନ୍ୟନୀୟ ରାଷ୍ଟ୍ରପତିଙ୍କ କାବିନେଟ୍ କାର୍ଯ୍ୟାଳୟ ଏବଂ ଜାତୀୟ ଛାତ୍ରବୃତ୍ତି ବିଭାଗର ଗୌରବମୟ ଅଧିକାରୀମାନେ ଉପସ୍ଥିତ ରହି ଉତ୍ସାହ ବଢ଼ାଇଥିଲେ । ଏହି ପ୍ରତିନିଧିମଣ୍ଡଳରେ ରେମଣ୍ଡ୍ ମାଟିଙ୍ଗୁରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡ଼ଃ ଡବ୍ଲ୍ୟୁ. କାଚେରେ, ପ୍ରଧାନ ନିର୍ଦ୍ଦେଶକ, ପି. ମାନ୍ୟାଙ୍ଗେ, ନିର୍ଦ୍ଦେଶକ, ପି. ହୋଭ୍ୱାନି, ଚାନସେରୀ ମୁଖ୍ୟ, ଡେଭିସନ୍ ମାକା, ବ୍ୟବସ୍ଥାପନ ନିର୍ଦ୍ଦେଶକ, ଷ୍ଟିଫେନ୍ ମାଭୁରା, ସାଧାରଣ ପ୍ରବନ୍ଧକ, ବ୍ରହ୍ମ କୁମାର, ଜିମ୍ବାବୁଏରେ ଭାରତର ରାଜଦୁତ ଏହି ଐତିହାସିକ ସହଯୋଗର ସମର୍ଥନ ଏବଂ ସୁବ୍ୟବସ୍ଥା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଜିମ୍ବାବୁଏରେ ଆୟୋଜିତ ପ୍ରସ୍ଥାନ ଉତ୍ସବରେ ତାଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ସମୟରେ ଉପସ୍ଥିତି ଭାରତର ଆଫ୍ରିକା ସହ ସମ୍ପର୍କ ଶକ୍ତିଶାଳୀ କରିବା ପାଇଁ ଅଟଳ ପ୍ରତିଶ୍ରୁତିକୁ ପ୍ରମାଣିତ କରିଛି । ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୭୧ ଜିମ୍ବାବୁଏ ସରକାରୀ ଅଧିକାରୀ ପ୍ରଶିକ୍ଷଣ ଗ୍ରହଣ କରୁଥିବା ବେଳେ, ଏହି କାର୍ଯ୍ୟକ୍ରମ ଆଗାମୀ ଦୁଇ ବର୍ଷରେ ୨,୦୦୦ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଛି । ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଥିଲେ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଦକ୍ଷତା ଉନ୍ନୟନ ଏବଂ ଅନୁଭବମୂଳକ ଶିକ୍ଷା ଉପରେ ଅବିଶ୍ୱସନୀୟ ପ୍ରତିଶ୍ରୁତି ରହିଛି । ଏହି ପ୍ରୟାସ କେବଳ ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ନୁହେଁ, ବରଂ ଏହା ଜିମ୍ବାବୁଏର ଶିଳ୍ପ କ୍ଷେତ୍ରକୁ ନବୋନ୍ମେଷ ଏବଂ ସ୍ୱାବଲମ୍ବନ ଦିଗରେ ନେଇଯିବା ପାଇଁ ଏକ ଦୃଢ଼ ପଦକ୍ଷେପ । ଏହି ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, କୁଳପତି ଡ଼ଃ ସୁପ୍ରିୟା ପଟ୍ଟନାୟକ,ପ୍ରୋ କୁଳପତି ଅଜୟ ନାୟକ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଲଘୁ ଖଣିଜ ପଦାର୍ଥ ପାଇଁ ପ୍ରବର୍ତ୍ତନ କାର୍ଯ୍ୟ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନଫରେନ୍ସ ଯୋଗେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରିଥିଲେ । ଆଲୋଚିତ ଅନ୍ୟାନ୍ୟ ବିଷୟ ମଧ୍ୟରେ ଲଘୁ ଖଣିଜ ପଦାର୍ଥର ବେଆଇନ ଖନନ ମାମଲା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । ରାଜ୍ୟରେ ସମସ୍ତ ବେଆଇନ ଖଣି ଖନନ ଓ ପରିବହନକୁ ରୋକିବା ପାଇଁ ପ୍ରବର୍ତ୍ତନ ଅଭିଯାନକୁ ବ୍ୟାପକ କରିବାକୁ ସମସ୍ତ ଜିଲ୍ଲା କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବେଆଇନ୍ ବାଲି ଓ ପଥର ଖାଦାନରେ ଚଢ଼ାଉ କରିବା, ଉତ୍ସସ୍ଥଳରେ ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଇ-ଟ୍ରାନଜିଟ୍ ପାସ୍ ବିନା, ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠି ବେଆଇନ ଖଣିଜ ପରିବହନରେ କୌଣସି ଗାଡ଼ି ସମ୍ପୃକ୍ତ ବୋଲି ପ୍ରାଥମିକ ସ୍ତରରେ ପ୍ରମାଣିତ ହୁଏ, ସେଠାରେ ସେହି ବାହନକୁ ଆଇନ ଅନୁଯାୟୀ ତୁରନ୍ତ ଜବତ କରାଯିବ । ଜିଲ୍ଲାପାଳ ଓ ଏସପି ମିଳିତ ଭାବେ ପ୍ରବର୍ତ୍ତନ ଅଭିଯାନ ପାଇଁ ରଣନୀତି ସ୍ଥିର କରିବେ । ଉପଖଣ୍ଡ ସ୍ତରୀୟ ଟିମ୍ ଏବଂ ରାଜସ୍ୱ, ଖଣି, ପୋଲିସ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଗଠିତ ତହସିଲସ୍ତରୀୟ ଟିମ୍ ପ୍ରବର୍ତ୍ତନ କାର୍ଯ୍ୟ କରିବେ । ବାଲି, କଳାପଥର ଆଦିର ନୂତନ ଉତ୍ସ ଗୁଡ଼ିକର ସର୍ଭେ କରି ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କର ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂତନ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି । ଏହି ନୂତନ ଉତ୍ସଗୁଡିକ ପାଇଁ ଜିଲ୍ଲା ସର୍ଭେ ରିପୋର୍ଟ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ପ୍ରସ୍ତୁତ କରାଯିବ ଏବଂ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଉତ୍ସଗୁଡିକ ନିଲାମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ସଇରାତ ଉତ୍ସ ସଂଖ୍ୟା ବୃଦ୍ଧି କରିବା, ଯାହା ଫଳରେ ଲଘୁ ଖଣିଜ ପଦାର୍ଥର ଉପଲବ୍ଧତାକୁ ସହଜ କରିବ । ଏହାଦ୍ୱାରା ବେଆଇନ ଖଣି ଖନନକୁ ରୋକିବାରେ ସାହାଯ୍ୟ ହେବ ଏବଂ ଲଘୁ ଖଣିଜ ପଦାର୍ଥର ମୂଲ୍ୟକୁ କମା ଯାଇପାରିବ । ବୈଠକରେ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ ।

## ଭାସ୍କର୍ଯ୍ୟ କଳାରେ ବିଶ୍ୱର ସବୁଠୁ ବଡ଼ ଧନୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭାରତ ସରକାରଙ୍କ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ସାମାଜିକ ଅନୁଷ୍ଠାନ 'ବୁଲସ୍‌ଆଇ'ର ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୮, ଅନ୍ତର୍ଜାତୀୟ ମହିଳା ଦିବସରେ ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ନିଯୁକ୍ତି ମହାନିର୍ଦ୍ଦେଶାଳୟ ପରିସରରେ ଆୟୋଜିତ ହେବାକୁ ଯାଉଛି ଭାରତର ପ୍ରଥମ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତା । ରାଜ୍ୟର ତୀରନ୍ଦାଜୀ କ୍ରୀଡ଼ା ପ୍ରତି ଦୃଷ୍ଟିବାଧିତ ମାନଙ୍କ ମନରେ ଆଗ୍ରହ ବୃଦ୍ଧି କରିବା, ପ୍ରତିଯୋଗୀମାନଙ୍କୁ ଉତ୍ସାହିତ ଓ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଭାସ୍କର୍ଯ୍ୟ କଳାରେ ଶାନ୍ତିସ୍ତୁପ ଧଉଳି ପାଦ ଦେଶରେ ଏକ ବିଶାଳ ଧନୁ ଓ ତୀର ର ପ୍ରତିକୃତି ନିର୍ମାଣ କରାଯାଇଛି, ଯାହା ବିଶ୍ୱ ରେକର୍ଡ଼ ସୃଷ୍ଟି କରିବ ବୋଲି ଶିଳ୍ପୀମାନେ ଆଶା ପ୍ରକଟ କରିଛନ୍ତି । ନଡ଼ାରେ ନିର୍ମିତ ୧୫ ଫୁଟ ଦୈର୍ଘ୍ୟର



ଏହି ଧନୁକୁ ତିଆରିଛନ୍ତି ଭାସ୍କର୍ଯ୍ୟଶିଳ୍ପୀ ବୃନ୍ଦାବନ ପଣ୍ଡା, ଆରିୟାନ୍ ସାମଲ, ସୁବ୍ରତ କୁମାର ମୁଦୁଲି । ଆଗାମୀ ଦିନରେ ତୀରନ୍ଦାଜୀ ଖେଳକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଏହି ପରିପ୍ରେକ୍ଷୀରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଜାତୀୟ ସେବା ଯୋଜନା ଅଧିକାରୀ ଚନ୍ଦନ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ଶିଳ୍ପୀମାନଙ୍କର ଏତାଦୃଶ କଳାକୁ ଭୂୟସୀ ପ୍ରଶଂସା କରିଥିଲେ ।

## ଭକ୍ତି ରସାତ୍ମକ ଓ ସୁଫିୟାନା ସଙ୍ଗୀତର କାର୍ଯ୍ୟକ୍ରମ 'ସମର୍ପଣ' ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ୧୩ତମ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ ସମର୍ପଣଏକ ବର୍ଣ୍ଣାଢ୍ୟ ପରିବେଶରେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ । ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା କଲିକତାରୁ ଆସିଥିବା ବିଦୁଷି ମନାଲି ବୋଷଙ୍କ ଦ୍ୱାରା କଣ୍ଠ ସଙ୍ଗୀତ ପରିବେଷଣ । ସେ ମୀରାବାଇ, କବୀରଦାସ, ସୁରଦାସ, ତୁଲସୀଦାସ, ଗୁରୁ ନାନକ, ଖଲାଶ, ବ୍ରହ୍ମାନନ୍ଦ ଓ ଜ୍ଞାନଦାସଙ୍କ ଦ୍ୱାରା ରଚିତ କିଛି ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ଯାହା ଅତି ଚମତ୍କାର ଓ ସୁମଧୁର ଥିଲା ।



ସେ ବିଭିନ୍ନ ରାଗ ଓ ତାଳ ସମଷ୍ଟିରେ ଉଚ୍ଚକୁଟିର ସଙ୍ଗୀତ ପରିବେଷଣ କରି ରବିନ୍ଦ୍ର ମଣ୍ଡପରେ ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କୁ ତବଲାରେ ଇମନ୍ ସରକାର ଓ ହାରମୋନିୟମରେ ଜନାବ୍ ସପ୍ତକ୍ ହୁସେନ୍ ସହଯୋଗ କରିଥିଲେ । ସଂଧ୍ୟାର ଦ୍ୱିତୀୟ ତଥା ଅନ୍ତିମ ପରିବେଷଣ ଥିଲା ମୁମ୍ବାଇରୁ ଆସିଥିବା ବିଦୁଷି ଅମୃତ କାଲେଙ୍କ ଦ୍ୱାରା ଅଭଙ୍ଗ ସଙ୍ଗୀତ ପରିବେଷଣ । ତାଙ୍କ ପ୍ରସ୍ତୁତିରେ ଥିଲା କିଛି ସୁନ୍ଦର ଭକ୍ତି, ସୁଫି ଓ ନିର୍ଗୁଣୀ ପରମ୍ପରାର ସଙ୍ଗୀତ, ଯାହା ଭଗବାନ ବିଠଲଙ୍କୁ ସମର୍ପଣ କରାଯାଇଥିଲା । ଭଗବାନ ବିଠଲଙ୍କୁ ସାଧାରଣତଃ ଭଗବାନ ବିଷ୍ଣୁ କିମ୍ବା ତାଙ୍କ ଅବତାର କୃଷ୍ଣଙ୍କ ଭାବରେ ବିବେଚନା କରାଯାଏ । ଅମୃତ କାଲେଙ୍କ ସଙ୍ଗୀତ ଚମତ୍କାର ଏବଂ ସୁମଧୁର ଥିଲା ଯାହାକୁ ରବିନ୍ଦ୍ର ମଣ୍ଡପରେ ଉପସ୍ଥିତ ଦର୍ଶକମାନେ ପ୍ରଶଂସା କରିଥିଲେ । ତାଙ୍କୁ ତବଲାରେ ତେଜଭୁଷ ଏସ୍ ଜୋଶୀ, ହାରମୋନିୟମ୍‌ରେ ଆକାଶ ରଞ୍ଜିବ ବିଶ୍ୱାଳ, ପଖୱାଜରେ ସୌମ୍ୟ ରଞ୍ଜନ ନାୟକ, ପର୍କ୍ୟୁସନରେ ସିମାଞ୍ଚଳ ମହାରଣା, ମଞ୍ଜିରାରେ ରାଜେଶ କୁମାର ଜେନା ଓ ତାନପୁରାରେ ମନ୍ଦାକିନୀ ଶ୍ରେୟା ସହଯୋଗ କରିଥିଲେ । ଉଦ୍‌ଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଡ଼କ୍ଟର ଅରବିନ୍ଦ ବେହେରା, ଭୁବନେଶ୍ୱର ମ୍ୟୁଜିକ ସର୍କଲର ଉପ ସଭାପତି ବିଦ୍ୟୁ ଭୁଷଣ ମହାନ୍ତି, ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ ପଟ୍ଟନାୟକ ଏବଂ ଭାରତ ସରକାରଙ୍କ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନୀଳମାଧବ ମହାନ୍ତି । କାର୍ଯ୍ୟକ୍ରମଟିକୁ ପରିଚାଳନା ଓ ସଂଚାଳନାରେ ସାହାଯ୍ୟ କରିଥିଲେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଦସ୍ୟା ମୀରା ପଣ୍ଡା । ଏହି ସମର୍ପଣ କାର୍ଯ୍ୟକ୍ରମଟିର ସିଧାପ୍ରସାରଣ ଭୁବନେଶ୍ୱର ମ୍ୟୁଜିକ ସର୍କଲର ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ କରାଯାଉଛି ।




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମହିଳା ଦିବସ ସମାରୋହର ନେତୃତ୍ୱ ନେବେ ରାଷ୍ଟ୍ରପତି | ୬

ଅଭିନୟ ଛାଡ଼ିଲେ କିଆରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୭ Vol. 21 No-337 7 MARCH 2025 FRIDAY BHUBANESWAR ଶୁକ୍ରବାର, ୭ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ପାରାଦୀପ ଜେଟିରେ ନିଆଁ

# ଜଳିଗଲା ୧୨ ଟ୍ରଲର



- ଅଳ୍ପକେ ବର୍ତ୍ତିଲେ ୭ ମତ୍ସ୍ୟଜୀବୀ
- ନିଆଁ ଆୟତ୍ତ ପାଇଁ ଅଗ୍ନିଶମବାହିନୀର ପ୍ରୟାସ
- ୫ ଥାନାର ପୋଲିସ ଉପସ୍ଥିତ
- ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ

ପାରାଦୀପ,୬।୩(ଭାସ୍କର ନ୍ୟୁଜ): କୁଆଡ଼ୁ କିଛି ନଥିଲା। ହଠାତ୍ ନିଆଁ ଲାଗିଲା। ଚାହୁଁଚାହୁଁ ଚାରିଆଡ଼େ ବ୍ୟାପିଗଲା। ଜଳିଗଲା ୧୨ରୁ ଊର୍ଦ୍ଧ୍ୱ ଟ୍ରଲର। କୋଟି କୋଟି ଟଙ୍କାର ସାମଗ୍ରୀ ଜଳିଗଲା। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମବାହିନୀର ୧୫ଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏପରି ଏକ ଅଘଟଣ ଗୁରୁବାର ଅପରାହ୍ନରେ ପାରାଦୀପ ନେହେରୁ ବଙ୍ଗଳା ନିକଟସ୍ଥ ମାଛଧରା ଜେଟିରେ ଘଟିଛି। ଗୋଟିଏ ଟ୍ରଲରରୁ ପ୍ରଥମେ ନିଆଁ ଲାଗି ତୁରନ୍ତ ଅନ୍ୟ ଟ୍ରଲରଗୁଡ଼ିକୁ ବ୍ୟାପି ଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏକନମ୍ବର ଜେଟିରେ ଥିବା ପିତାମାତାଙ୍କ ଆଶୀର୍ବାଦ ନାମକ ଟ୍ରଲରରେ ପ୍ରଥମେ ନିଆଁଲାଗି ଅନ୍ୟକୁ ବ୍ୟାପି ଯାଇଥିଲା। ଫଳରେ ଚାହୁଁଚାହୁଁ ଜଳି ଯାଇଥିଲା ୧୨ରୁ ଊର୍ଦ୍ଧ୍ୱ ଟ୍ରଲର। ଖବରପାଇ ଅଗ୍ନିଶମବାହିନୀ ଓ ୫ ଥାନାର ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଥିବା ସୂଚନା ଦିଆଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବାବେଳେ ଗୋଟିଏ ଟ୍ରଲରରେ କର୍ମଚାରୀଙ୍କ ରୋଷେଇ ପାଇଁ ଉଦ୍ଦିଷ୍ଟ ଗ୍ୟାସ ସିଲିଣ୍ଡରରୁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପାରାଦୀପ ମାଛଧରା ବନ୍ଦରରେ ପ୍ରଥମ ଥରପାଇଁ ଏଭଳି ଅଘଟଣ ଘଟିଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। ତେବେ ନିଆଁ କିପରି ଲାଗିଲା ତାହା ତଦନ୍ତସାପେକ୍ଷ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ନେଇ ଆକଳନ କରାଯାଉଥିବାବେଳେ କ୍ଷୟକ୍ଷତିର ସଂପୂର୍ଣ୍ଣ ବିବରଣୀ ମିଳିପାରି ନାହିଁ। ଅନ୍ୟପକ୍ଷରେ କୁହାଯାଇଛି ଯେ ଟ୍ରଲରଗୁଡ଼ିକରେ ଡିଜେଲ ବହୁ ପରିମାଣରେ ରହିଥିବାରୁ ନିଆଁ ଭୟଙ୍କର ରୂପ ଧାରଣ କରିଥିଲା। ତେବେ କେତେକ ମତ୍ସ୍ୟଜୀବୀ କହିଛନ୍ତି ଯେ ଏହି ଅଗ୍ନିକାଣ୍ଡରେ ଆମର ବେଉସା ବୁଡ଼ିଯିବାର ସମ୍ଭାବନା ରହିଛି। ଯେହେତୁ ଟ୍ରଲରଗୁଡ଼ିକ ପୋଡି ପାଉଁଶ ହୋଇଯାଇଛି, ତେଣୁ ଆମର ବେଉସା ବୁଡ଼ିବା ସୁନିଶ୍ଚିତ। ଏସବୁ ଭିତରେ ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି। ତେବେ ଦୀର୍ଘ ସମୟର ପରିଶ୍ରମ ପରେ ଅଗ୍ନିକାଣ୍ଡକୁ ଆୟତ୍ତ କରାଯାଇଥିବା ସୂଚନା ମିଳିଛି।

# ଆଜିଠୁ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ



ଭୁବନେଶ୍ୱର,୬।୩ (ଭାସ୍କର ନ୍ୟୁଜ): ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବି ସଂପର୍କିତ ଆଲୋଚନା ସହ ବ୍ୟୟମଞ୍ଜୁରି ବିଧେୟକ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ କରାଯିବ। ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା କରାଯିବ। ମାର୍ଚ୍ଚ ୩୦ ରବିବାର ଓ ୩୧ ତାରିଖରେ ଇଦ୍-ଉଲ୍-ଫିତର ପଡୁଥିବାରୁ ଏହି ଦୁଇଦିନ ବିଧାନସଭା ଛୁଟି ରହିବ। ତେଣୁ ୨୯ ତାରିଖରେ ବ୍ୟୟମଞ୍ଜୁରି ବିଲ୍ ପାରିତ କରାଯିବ। ସପ୍ତଦଶ • ପୃଷ୍ଠା ୫ ଦେଖନ୍ତୁ

# ଭିଜିଲାନ୍ସ ଜାଲରେ ଏସ୍‌ଟିଏ ଡେପୁଟି କମିଶନର

ଭୁବନେଶ୍ୱର,୬।୩(ଭାସ୍କର ନ୍ୟୁଜ): ଏସଟିଏ ଡେପୁଟି କମିଶନରଙ୍କ ଘରୁ ବାହାରୁଛି ପୁଳା ପୁଳା ସୁନା । ରୁପା ଥାଳିକୁ ସୁନା ଠାକୁର । ପ୍ରଦୀପଙ୍କ ସୁନା ରୁପା ଗହଣା ଦେଖି ଭିଜିଲାନ୍ସ ତାଜୁବ । ସୁନା ବିସ୍କୁଟ ସହ ପ୍ରଦୀପଙ୍କ ଘରୁ ମିଳିଛି ଭିନ୍ନ ଭିନ୍ନ ଡିଜାଇନର ହାର, ଚୁଡ଼ି ଓ ଦାମୀ ଅଳଙ୍କାର । ଯାହାର ମୂଲ୍ୟ କୋଟିଏ ଟଙ୍କା ହେବ । ଏହା ସହ ସୁନା ତାରକସି କାମରେ ପ୍ରସ୍ତୁତ ବିଭିନ୍ନ ଠାକୁରଙ୍କ ଫଟୋ ଓ ରୂପାର ଥାଳି ଓ ଗ୍ଲାସ ମଧ୍ୟ ମିଳିଛି । ପ୍ରାୟ ୧୫ ଲକ୍ଷ ଟଙ୍କା କ୍ୟାସ ପ୍ରଦୀପଙ୍କ ଘରୁ ଜବତ ହୋଇଥିବା ବେଳେ ଏଥିରେ ରହିଛି ଦୀର୍ଘ ଦିନରୁ ବନ୍ଦ ହୋଇ ଯାଇଥିବା ୨୦୦୦ ଟଙ୍କିଆ ନୋଟ ବିଡା । ମେସିନ ଆଣି ଟଙ୍କା ଗଣୁଛି ଭିଜିଲାନ୍ସ । • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଜଷ୍ଟିସ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି



କଟକ,୬।୩(ଭାସ୍କର ନ୍ୟୁଜ): ଜଷ୍ଟିସ ହରିଶ ଟଣ୍ଡନ ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି। ଗୁରୁବାର ସୁପ୍ରିମକୋର୍ଟ କଲେଜିୟମ ତାଙ୍କ ନାମ ସୁପାରିସ କରିଛନ୍ତି। ଜଷ୍ଟିସ ଟଣ୍ଡନ ଏବେ କୋଲକାତା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି।

### ବିରଳ ରୋଗରେ ପୀଡ଼ିତ ଶିଶୁକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର/ବୌଦ୍ଧ,୬।୩(ଭାସ୍କର ନ୍ୟୁଜ): ବିରଳ ରୋଗରେ ପୀଡ଼ିତ ଥିବା ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗୁଡିଆଲି ଗ୍ରାମର ହେରମ୍ବ ଗିରିଙ୍କ ଝିଅର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ ବଣୁଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।


### ଓଡ଼ିଶା ପୋଲିସ ପରୀକ୍ଷା ସ୍ଥଗିତ

କଟକ,୬।୩(ଭାସ୍କର ନ୍ୟୁଜ): ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ଆସନ୍ତା ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପୋଲିସ ଗ୍ରୁପ୍-ବି ପଦବୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଓପିଆରବି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ସେନ୍‌ସେକ୍ସ: ୭୪,୩୪୦.୦୯
ସର୍ବାଧିକ: ୩୩.୧ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

### ୬।୩।୨୦୨୫ ର ମତାମତ

ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯିବା ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ଦୁର୍ନୀତି ଉପାୟରେ କୋଟି କୋଟି ଟଙ୍କା ସଂଗ୍ରହ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୁଖ୍ୟମନ୍ତ୍ରୀଙ୍କ ନୂଆ ଠିକଣା

# ନୂତନ ସରକାରୀ ବାସଭବନରେ ଗୃହ ପ୍ରବେଶ



ଭୁବନେଶ୍ୱର,୬।୩(ଭାସ୍କର ନ୍ୟୁଜ): ଏବେ ଆଉ ଗାନ୍ଧୀମାର୍ଗସ୍ଥିତ କ୍ୱାର୍ଟରରେ ରହିବେନି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ଠିକଣା ହେଉଛି ରାଜଭବନ ରାସ୍ତାରେ ଥିବା ନୂଆ ବାସଭବନ। ଗୁରୁବାର ନୂଆ ସରକାରୀ ବାସଭବନରେ ଗୃହପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ପୂଜାର୍ଚ୍ଚନା ପରେ ଶ୍ରୀ ମାଝୀ ସପରିବାର ଗୃହ ପ୍ରବେଶ କରିଥିବା ସୂଚନା ମିଳିଛି। ପୂଜାର୍ଚ୍ଚନା ପରେ ଗୃହପ୍ରବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଗୋମାତାଙ୍କ ପୂଜାର୍ଚ୍ଚନା ପରେ ଗୃହପ୍ରବେଶ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁଭବେଳା ଅନୁସାରେ ପ୍ରଥମେ ନନ୍ଦା ଓ ନନ୍ଦିନୀ ଦୁଇ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶୁଭ ମୁହୂର୍ତ୍ତ ୧୦.୪୭ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂତନ ଗୃହକୁ ପ୍ରବେଶ କରିଥିଲେ। ପୁରୀରୁ ଆସିଥିବା ୧୧ଜଣ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାର୍ଚ୍ଚନା ଦିନସାରା ଚାଲୁ ରହିଥିଲା। ଏଜିରୁ ରାଜଭବନ ରାସ୍ତାରେ ଥିବା ଏହି ନୂଆ ବାସଭବନରେ ଏବେ ପରିବାର ସହ ରହିବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ପୂର୍ବରୁ ଶ୍ରୀ ମାଝୀ ଗାନ୍ଧୀମାର୍ଗ କ୍ୱାର୍ଟରେ ରହୁଥିଲେ। ଦୀର୍ଘ ୨୬ ବର୍ଷ ପରେ ସେ ଏହି ନୂତନ ବାସଭବନକୁ ପ୍ରବେଶ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ରହୁଥିଲେ। ଦୁଇମହଲା ବିଶିଷ୍ଟ ଏହି ବାସଭବନରେ • ପୃଷ୍ଠା ୫ ଦେଖନ୍ତୁ

## ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ଛୁଇଁଲା

# ନାରୀ ସଶକ୍ତିକରଣର ବଡ଼ ପ୍ରତୀକ: ଧର୍ମେନ୍ଦ୍ର



ଭୁବନେଶ୍ୱର,୬।୩(ଭାସ୍କର ନ୍ୟୁଜ): ମା' ଭଉଣୀମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବା ଅବସରରେ ଖୁସି ପ୍ରକଟ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ 'ଏକ୍ସ'ରେ ସୁଭଦ୍ରା ଯୋଜନା ସଂପର୍କିତ ଏକ ଭିଡିଓ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ କ୍ରିୟାନ୍ୱୟନ ହୋଇଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଊର୍ଦ୍ଧ୍ୱ ହୋଇଛି। ଆମର ମା ଓ ଭଉଣୀମାନଙ୍କୁ ସଶକ୍ତି, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଦିଗରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶାର ନାରୀଶକ୍ତିର ଅଭ୍ୟୁଥାନ ବଳରେ ହିଁ ଓଡ଼ିଆ ଅସ୍ମିତାର ଶ୍ରୀବୃଦ୍ଧି ଘଟିବ। ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକାରୀ ଯୋଜନାର ଏକ ପରିକଳ୍ପନା। ଗୁରୁବାର ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟରେ ୨ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ମା ଓ ଭଉଣୀମାନଙ୍କୁ ୧୧୫ କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏହି ଯୋଜନାରେ ଗୁରୁବାର ସୁଦ୍ଧା ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଆମର ମାତୃଶକ୍ତିମାନେ ୨ଟି କିସ୍ତିରେ ବାର୍ଷିକ ୧୦ହଜାର ଟଙ୍କା ହିସାବରେ ୫ ବର୍ଷ ପର୍ଯ୍ୟନ୍ତ ୫୦ ହଜାର ଟଙ୍କା ପାଇବେ। ସୁଭଦ୍ରା ଯୋଜନା ଆମ ମା' ଭଉଣୀଙ୍କ ମନୋବଳ ବୃଦ୍ଧି କରିବା ସହ ନାରୀ ସଶକ୍ତିକରଣର ବଡ଼ ପ୍ରତୀକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଆସିଲା ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା



ଦୀପ ଜାଳିବାକୁ ନିବେଦନ କଲେ

ଭୁବନେଶ୍ୱର,୬।୩(ଭାସ୍କର ନ୍ୟୁଜ): ପୂର୍ବ ଘୋଷଣା ମୁତାବକ ଗୁରୁବାର ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଛି। ଗୁରୁବାର ୨ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଏହାଫଳରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଊର୍ଦ୍ଧ୍ୱ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ୮ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସମସ୍ତଙ୍କୁ ମିଳିବ ସୁଭଦ୍ରାର ଦ୍ୱିତୀୟ କିସ୍ତି। ଗୋଟିଏ ଦିନରେ ରାଜ୍ୟ ସରକାର ୫ ହଜାର କୋଟି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ମିଶନ ଶକ୍ତିଠୁଁ ବେଶି ଲୋକପ୍ରିୟ
ହେଲାଣି ସୁଭଦ୍ରା ଯୋଜନା,
ପାଞ୍ଚ ହଜାରକୁ ଅନେଇ ଅନେଇ
ଚାହିଁ ଚାହିଁ ନିଦ ଆସେନା ।
ମିଶନ ଶକ୍ତିର ବନ୍ଦନା,
ଯିଏ କରୁଥିଲେ ସିଏ ବି ହେଲେଣି
ସୁଭଦ୍ରା ପାଇଁକି ଦିୱାନା !

## ଇଂଲଣ୍ଡରେ ବୈଦେଶିକ ମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

# ଭାରତର ପ୍ରତିବାଦ ପରେ ବ୍ରିଟେନର ନିନ୍ଦା



ନୂଆଦିଲ୍ଲୀ,୬।୩: ଇଂଲଣ୍ଡରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସୁରକ୍ଷାରେ ତ୍ରୁଟିକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତର ପ୍ରତିକ୍ରିୟା ପରେ ବ୍ରିଟେନ ଏହି ଘଟଣାକୁ ତୀବ୍ର ସନ୍ଦା କରିଛି। ଏଭଳି ବିଶୃଙ୍ଖଳା ଗ୍ରହଣୀୟ ନୁହେଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଖଲିସ୍ତାନୀଙ୍କ ଏଭଳି ଆଚରଣକୁ ବ୍ରିଟେନ ସରକାର ଦୃଢ଼ ନିନ୍ଦା କରିଛନ୍ତି। ବୁଧବାର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଲଣ୍ଡନରେ ବୈଦେଶିକ ବ୍ୟାପାର ଥିଙ୍କ୍ ଟ୍ୟାଙ୍କ ଚାଥମ ହାଉସ୍ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବାବେଳେ କେତେକ ଖଲିସ୍ତାନୀ ଉଗ୍ରବାଦୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତ୍ରିରଙ୍ଗା ପତାକା ଧରି ଜୟଶଙ୍କରଙ୍କ କାର୍ ଆଗକୁ ଚାଲି ଆସିବା ସହ ପତାକାକୁ ଚିରି ଦେଇଥିଲେ। ଏହି ଘଟଣାକୁ ନେଇ ଭାରତ କଡ଼ା ଆପତ୍ତି କରିବା ସହ ବ୍ରିଟେନ ସରକାରକୁ ଏକ କଡ଼ା ବାର୍ତ୍ତା ମଧ୍ୟ ଦେଇଥିଲା। ଏହାପରେ ବ୍ରିଟେନର ଏଫସିଡିଓ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକୁ ବାଧା ଦେବାର ଯେ କୌଣସି ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ ବୋଲି ଏଫସିଡିଓ କହିଛି। ଗୁରୁବାର ଏକ ବିବୃତି ଜାରି କରି ଏଫସିଡିଓ ଲେଖିଛି ଯେ ଭାରତର ବୈଦେଶିକ ମନ୍ତ୍ରୀଙ୍କ ୟୁକେ ଗସ୍ତ ସମୟରେ ଘଟିଥିବା ଘଟଣାର ଆମେ ଦୃଢ଼ ନିନ୍ଦା କରୁଛି। ୟୁକେ ଶାନ୍ତିପୂର୍ଣ୍ଣ ପ୍ରତିବାଦର • ପୃଷ୍ଠା ୫ ଦେଖନ୍ତୁ

## ଲିଭ୍ ଇନ୍ ରିଲେସନଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଦୁଷ୍କର୍ମ ଅଭିଯୋଗ କରିପାରିବେନି ମହିଳା



ନୂଆଦିଲ୍ଲୀ,୬।୩: ଲିଭ୍ ଇନ୍ ରିଲେସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ଯଦି ଜଣେ ମହିଳା ଦୀର୍ଘ ସମୟଧରି ଜଣେ ପୁରୁଷଙ୍କ ସହ ଲିଭ୍ ଇନ୍ ସଂପର୍କରେ ଅଛନ୍ତି, ତେବେ ସେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଜୋର ଜବରଦସ୍ତ ଶାରୀରିକ ସଂପର୍କ ରଖିବାର ଅଭିଯୋଗ ଆଣିପାରିବେ ନାହିଁ । ଏକ ଦୁଷ୍କର୍ମ ମାମଲାର ବିଚାରବେଳେ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଯଦି ଉଭୟ ଦୀର୍ଘସମୟ ଧରି ଏକାଠି ରହୁଛନ୍ତି, ତେବେ ସେ କ୍ଷେତ୍ରରେ ପୁରୁଷଙ୍କୁ ଦୁଷ୍କର୍ମ ଅଭିଯୁକ୍ତ କରାଯାଇପାରିବ ନାହିଁ । କାରଣ ଏପରି କ୍ଷେତ୍ରରେ ଏହା ନିର୍ଣ୍ଣୟ କରିବା କଷ୍ଟକର ଯେ ଯୌନ ସଂପର୍କ ପଛରେ କାରଣ କେବଳ ବିବାହର ପ୍ରତିଶ୍ରୁତି ଥିଲା କି ନାହିଁ । ଲିଭ୍ ଇନ୍ ସାଥୀଙ୍କ ଦ୍ୱାରା ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଜଣେ ବ୍ୟାଙ୍କ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ଖାରଜ କରିବା ସମୟରେ ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ମହିଳା ଅଧ୍ୟାପକଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ମହିଳା ଅଧ୍ୟାପକ ଜଣକ ଅଭିଯୋଗ କରିଥିଲେ ଯେ ସେ ବିବାହର ପ୍ରତିଶ୍ରୁତି ଆଧାରରେ ଅଭିଯୁକ୍ତଙ୍କ ସହ ୧୬ବର୍ଷ ଧରି ଯୌନ ସଂପର୍କରେ ଥିଲେ। ଖଣ୍ଡପୀଠ କହିଛନ୍ତି, ଉଭୟ ବ୍ୟକ୍ତି ଶିକ୍ଷିତ ହୋଇଥିବା ତଥା ସ୍ୱେଚ୍ଛାକୃତ ଭାବେ ଏକ ସହମତିପୂର୍ଣ୍ଣ ସଂପର୍କ ବଜାୟ ରଖିଥିଲେ। ସେମାନେ ବିଭିନ୍ନ ସହରରେ ରହୁଥିବାବେଳେ ମଧ୍ୟ ପରସ୍ପରର ବାସସ୍ଥାନକୁ ଯାଇଥାନ୍ତି। ଏହା ଦର୍ଶାଉଛି ଯେ ମାମଲାଟି ଏକ ବିଫଳ ପ୍ରେମ ସମ୍ପର୍କ କିମ୍ବା ଏକ ଲିଭ୍ ଇନ୍ ସଂପର୍କକୁ ପ୍ରତିଫଳିତ କରିଛି, ଯାହା ସମୟକ୍ରମେ ତିକ୍ତ ହୋଇଯାଇଥିଲା।

## ମାଟ୍ରିକ ପରୀକ୍ଷା ଶେଷ

# ମଇ ପ୍ରଥମ ସପ୍ତାହରେ ରେଜଲ୍ଟ



କଟକ,୬।୩(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଗୁରୁବାର ଶାନ୍ତିଶୃଙ୍ଖଳାର ସହ


### ୧୯ରୁ ମୂଲ୍ୟାୟନ

ଶେଷ ହୋଇଛି। ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ହୋଇନି କିମ୍ବା କୌଣସି ଅସୁବିଧା ସୃଷ୍ଟି ହୋଇନି। ଆମେ ଯେଉଁ ୱାଟରମାର୍କ ଓ କ୍ୟୁଆର କୋଡ୍ ବିନିଯୋଗ କରିଥିଲୁ, ତାହାର ଫଳ ଭଲ ମିଳିଲା। ଏହା ଆମକୁ ସବୁ କ୍ଷେତ୍ରରେ ସାହାଯ୍ୟ ମଧ୍ୟ କଲା। ଏଆଇ କ୍ୟାମେରା ଦ୍ୱାରା ପରୀକ୍ଷାରେ ହେଉଥିବା ଅନିୟମିତତା ମଧ୍ୟ ଧରାପଡ଼ିଲା। ଶେଷ ଦିନରେ କେହି ବି ପିଲା କପି କରିନାହାନ୍ତି। ଶେଷ ଦିନରେ ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା • ପୃଷ୍ଠା ୫ ଦେଖନ୍ତୁ



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ




## ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଏବେ ଭାରତ

# ନୂଆ ଶୁଳ୍କ ନୀତିର ପ୍ରତିକୂଳ ପ୍ରଭାବ

ଡୋନାଲ୍ଡ ଟ୍ରମ୍ପ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ହେବା ପରେ ଏଭଳି ଗୋଟିଏ ଗୋଟିଏ ପଦକ୍ଷେପ ନେଉଛନ୍ତି, ଯାହା ସମଗ୍ର ବିଶ୍ୱବାସୀଙ୍କ ନିଦ ହଜାଇବାକୁ ବସିଲାଣି। ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଆମେରିକାକୁ ଅତିଥି ରୂପେ ଆସିଥିବା ବେଳେ ଟ୍ରମ୍ପ୍ ତାଙ୍କୁ ନାଲିଆଖି ଦେଖାଇ କଡ଼ା ଭାଷାରେ ଭର୍ତ୍ସନା କରିବା ପରେ ଏବେ ତାଙ୍କ ଟାର୍ଗେଟ୍‌ରେ ଭାରତ ରହିଛି ଏବଂ ଆସନ୍ତା ଏପ୍ରିଲ ୨ ତାରିଖରୁ ଭାରତ ଉପରେ ଆମଦାନି ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ଆମେରିକା କଂଗ୍ରେସର ଯୁଗ୍ମ ଅଧିବେଶନରେ ଉଦ୍‌ବୋଧନ ଦେବା ବେଳେ ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ଆମ ଉପରେ ଶହେ ପ୍ରତିଶତରୁ ଅଧିକ ଶୁଳ୍କ ଲଦି ଦେଇଛି ଏବଂ ଏହା କଦାପି ନ୍ୟାୟସଙ୍ଗତ ନୁହେଁ। ଯେସାକୁ ତେସା ନୀତିରେ ଭାରତ ଆମ ଉପରେ ଯେତିକି ଶୁଳ୍କ ଲଗାଉଛି, ଆମେ ମଧ୍ୟ ସମାନ ଶୁଳ୍କ ଲଗାଇବାକୁ ଯାଉଛୁ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରି ଦେଇଛନ୍ତି। ଆମେରିକାର ଅଟୋ ମୋବାଇଲ୍ କ୍ଷେତ୍ର ଉପରେ ଭାରତର ୧୦୦ ପ୍ରତିଶତରୁ ଅଧିକ ଆମଦାନି ଶୁଳ୍କ ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଷ୍ଟ୍ରପତି ମତ ରଖିଛନ୍ତି। ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଶୁଳ୍କ ନୀତି ସମଗ୍ର ବିଶ୍ୱ ବଜାରରେ ଚହଳ ସୃଷ୍ଟି କରିଛି। ତାଙ୍କର ନୂଆ ଶୁଳ୍କନୀତି କେବଳ ଭାରତକୁ କ୍ଷତିଗ୍ରସ୍ତ କରିବ ନାହିଁ, କାନାଡ଼ା ଓ ଚୀନ୍ ବଜାରକୁ ମଧ୍ୟ ଏହା ପ୍ରଭାବିତ କରିବ। ଆମେରିକାର ଏହି ଶୁଳ୍କ ଯୁଦ୍ଧ ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ସେୟାର ବଜାରଗୁଡ଼ିକ ଧରାଶାୟୀ ହୋଇଛି ଏବଂ ଭାରତୀୟ ଇକ୍ୱିଟି ବଜାର ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ। ମଙ୍ଗଳବାର ଦିନ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୭୩ହଜାର ପଏଣ୍ଟ ତଳକୁ ଖସି ଆସିଥିବା ବେଳେ ପରବର୍ତ୍ତୀ ସମୟରେ ଅବଶ୍ୟ ଏଥିରେ କିଛିଟା ସୁଧାର ଦେଖିବାକୁ ମିଳିଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟି ମଧ୍ୟ ରେକର୍ଡ ସ୍ତରରୁ ବହୁ ତଳକୁ ଖସି ଯାଇଛି। ତୈଳ ବଜାର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି ଏବଂ ଆନ୍ତର୍ଜାତୀୟ ବଜାରରେ ବ୍ୟାରେଲ୍ ପିଛା ଅଶୋଧିତ ତୈଳ ଦର ୭୦ ଡଲାର୍ ତଳକୁ ଖସି ଆସିଛି। ମିଳିଥିବା ସୂଚନା ଅନୁଯାୟୀ ଆମେରିକାର ଯେସାକୁ ତେସା ଆମଦାନି ଶୁଳ୍କ ନୀତି ଯୋଗୁ ପ୍ରତିବର୍ଷ ଭାରତ ରପ୍ତାନି ବାବଦରେ ୬୦ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ଯାଉଛି। ଅର୍ଥନୀତି ବିଶାରଦଙ୍କ ମତରେ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଯେତିକି ଆମଦାନି ଶୁଳ୍କ ଲଗାଉଛି, ତାହା ଭାରତୀୟ ସାମଗ୍ରୀ ଉପରେ ଆମେରିକା ଶୁଳ୍କ ତୁଳନାରେ ୧୦ ପ୍ରତିଶତରୁ ଅଧିକ। ଟ୍ରମ୍ପଙ୍କ ନୂଆ ନିଷ୍ପତ୍ତି ଭାରତର ଅଟୋ ଶିଳ୍ପ ଠାରୁ ଆରମ୍ଭ କରି କୃଷି, କେମିକାଲ୍, ଧାତବ ଉତ୍ପାଦ, ଗହଣା, ଫାର୍ମା ଓ ଖାଦ୍ୟ ସାମଗ୍ରୀ କ୍ଷେତ୍ରକୁ ସର୍ବାଧିକ ପ୍ରଭାବିତ କରିବ। ଗତବର୍ଷ ଅର୍ଥାତ୍ ୨୦୨୪ରେ ଭାରତ ଆମେରିକା ବଜାରକୁ ପ୍ରାୟ ୭ ହଜାର ୪୦୦କୋଟି ଡଲାର୍ ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ଏଥିମଧ୍ୟରେ ୮୫୦ କୋଟି ଡଲାର୍ ମୂଲ୍ୟର ମୋତି, ରତ୍ନପଥର ଓ ଗହଣା ପଠାଯାଇଥିବା ବେଳେ ୮୦୦ କୋଟି ଡଲାର୍ ମୂଲ୍ୟର ଫାର୍ମା ଉତ୍ପାଦ ସାମଗ୍ରୀ ମଧ୍ୟ ରପ୍ତାନି ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ନେଇ ଆଲୋଚନା କରାଯାଇଥିଲା। ଏହାପରେ ଶୁଳ୍କ ବିବାଦର କିଛିଟା ଅନ୍ତ ଘଟିବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ଆଶା ଏବେ ସମ୍ପୂର୍ଣ୍ଣ ମଉଳି ଯାଇଛି ଏବଂ ଟ୍ରମ୍ପ୍ ଅଧିକ ଆକ୍ରମଣାତ୍ମକ ହୋଇ ଉଠିଛନ୍ତି। ଆମେରିକାର ନୂଆ ଶୁଳ୍କନୀତି ଏବଂ ସମ୍ଭାବ୍ୟ ବାଣିଜ୍ୟିକ ଯୁଦ୍ଧର ମୁକାବିଲା କରିବାକୁ ଚୀନ୍, ମେକ୍ସିକୋ ଓ କାନାଡ଼ା ଅଣ୍ଟା ଭିଡ଼ିଥିବା ବେଳେ ଭାରତ ବର୍ତ୍ତମାନ ସୁଦ୍ଧା ନିରବ ରହିଛି। ଆଗକୁ ମୋଦି ସରକାର ନୂଆ ଶୁଳ୍କନୀତି ନେଇ କିଭଳି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତା'ଉପରେ ସମସ୍ତଙ୍କର ନଜର କେନ୍ଦ୍ରୀଭୂତ ହୋଇଛି।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ତାରକସି ଶିଳ୍ପୀଙ୍କ ଦୁଃଖ ଯିବ କେବେ ?




ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨


କଟକର ଅନ୍ୟନ୍ୟ ରୂପା ତାରକାସୀ ଗହଣା ପାଇଁ ହିଁ କଟକକୁ ରୌପ୍ୟ ସହର କୁହାଯାଏ। ସୁନାଠାରୁ ରୂପାର ଦାମ କମ୍ ହେଲେ ମଧ୍ୟ ରୂପା ଯେତେବେଳେ ତାରକସି ଗହଣରେ ରୂପାନ୍ତରିତ ହୁଏ, ସେତେବେଳେ ଏହାର ଦାମ ସୁନା ଠାରୁ ମଧ୍ୟ ବଳିଯାଏ। ଆଦର ସୁନା ଠାରୁ ଅଧିକ ହୁଏ। ଏତେ ସୂକ୍ଷ୍ମକାମ ବୋଧେ ଆଉ କେଉଁ ଧାତୁରେ କରିହେବନି, ଏହି କାରଣରୁ ତାରକସି ଶିଳ୍ପୀମାନେ ରୂପାକୁ ବାଛିଥିଲେ। ଏଥିରେ ରୂପାର ସୂକ୍ଷ୍ମାତି ସୂକ୍ଷ୍ମ ତାରର ବ୍ୟବହାର କରାଯାଉଥିବାରୁ ଏହାର ନାଁ ବୋଧେ ତାରକସି ହୋଇଛି।

ଅତୀତରୁ ଆଜିଯାଏ ଓଡ଼ିଶାକୁ ବାହାର ଦେଶରୁ ଆସୁଥିବା ଅତିଥିମାନଙ୍କୁ ତାରକସି ଶୈଳୀରେ ଗଢ଼ାଯାଇଥବା କୋଣାର୍କ ଚକ କିମ୍ବା ତାରକସି ବୋଇତ ଉପହାର ଦିଆଯାଏ। ଏଥିରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ ସହିତ ନୌବାଣିଜ୍ୟ ଏବଂ ମନ୍ଦିର ପରମ୍ପରାର ଏକ ଝଲକ ଥାଏ। ଅନ୍ୟ ରାଜ୍ୟର ଅତିଥିମାନଙ୍କୁ ପରିଚିତ କରେଇହୁଏ ଆମ ରାଜ୍ୟରେ ଐତିହ୍ୟ ସହିତ। ଡେରିରେ ହେଲେ ବି କଟକର ତାରକସି ଶିଳ୍ପକଳା ଏବଂ ଗହଣାକୁ ଜିଆଇ ଟ୍ୟାଗ ବା ଭୌଗୋଳିକ ମାନ୍ୟତା ମିଳିବା ନିଶ୍ଚିତ ଭାବରେ ଗର୍ବ ଏବଂ ଖୁସିର ଖବର ଆମ ପାଇଁ। ଆଜିର ଫ୍ୟାଶନ ଜଗତରେ ମଧ୍ୟ ତାରକସି ଗହଣାର ଆଦର ବଢ଼ିଛି। ଆଜିକାଲି ସୁନାଦର ଆକାଶ ଛୁଆଁ ହେବାକୁ ବସିଲାଣି। ତେଣୁ ସୁନା ବଦଳରେ ରୂପାର ଗହଣ ପ୍ରତି ମଧ୍ୟ ଆଗ୍ରହ ବଢୁଛି ଫ୍ୟାସନ ପ୍ରିୟ ମହିଳାମାନଙ୍କର। ଆମ ରାଜ୍ୟ ଅପେକ୍ଷା ବାହାର ରାଜ୍ୟ ଏବଂ ବିଦେଶରେ ମଧ୍ୟ ତାରକସି ଗହଣାର ଏକ ମର୍ଯ୍ୟାଦା ଏବଂ ଗ୍ରହଣୀୟତା ରହିଛି। ତାରକସି ଗହଣାଟିଏ ଦେଖିଲେ ମନକୁ ସ୍ୱତଃ ଯେଉଁ ପ୍ରଶ୍ନଟି ଚାଲିଆସେ ତାହାହେଲା ଏତେ ସୂକ୍ଷ୍ମ କାମ ସମ୍ଭବ ହେଲା କେମିତି ? କେତେ ଦିନ ଲାଗିଥିବ ଏଥିପାଇଁ ? କେତେ ପଇସା ପାଇଥିବ ଶିଳ୍ପୀଜଣକ ? ତାରକସି ଶିଳ୍ପୀଙ୍କ ପ୍ରତି ଏକ ଦରଦ ସୃଷ୍ଟି ହୁଏ ସେତେବେଳେ। ଅନ୍ୟ କୌଣସି ଗହଣା ଦେଖିଲେ ଏହାର ଶିଳ୍ପୀଙ୍କ ବିଷୟରେ ହୁଏତ ଭାବନ୍ତିନି କେହି। ଏଭଳି ଭାବନା ମନକୁ ଆସେନି ସୁନାର ଗହଣାଟିଏ ଦେଖିଲେ।

ତାରକସି କାମଟିଏ ଦେଖିଲେ ଏଥିରେ ପ୍ରାଚୁର୍ଯ୍ୟ ଭରି ରହିଥିବା ଭଳି ଲାଗେ। କିନ୍ତୁ ଆଜି ବି କ'ଣ ତାରକସି ଗହଣା ଗଢୁଥିବା କାରିଗରମାନେ ବେଶ ଭଲରେ ଅଛନ୍ତି ? ଅୟସ ଆରାମର ଜୀବନ ବଞ୍ଚୁଛନ୍ତି ? କିଛି ନିଅଣ୍ଟ ନାହିଁ ସେମାନଙ୍କ ପାଖରେ ? ଯେତିକି ସମୟ ସେମାନେ ଦିଅନ୍ତି ଗୋଟେ ଗୋଟେ ଗହଣା ଗଢ଼ିବା ପାଇଁ ସେତିକି ପ୍ରାପ୍ୟ କ'ଣ ପାଆନ୍ତି ? ପ୍ରାଚୁର୍ଯ୍ୟର ପରିଭାଷା ଏମାନଙ୍କ ପାଇଁ କ'ଣ ? ତାରକସି ଗହଣାର ଆଦର ବଢୁଛି। ତେଣୁ ଏବେ ଏହାର ଏକ ବ୍ୟବସ୍ଥିତ ମାର୍କେଟିଂ ସହିତ ପ୍ରଚାର ପ୍ରସାରର ମଧ୍ୟ ଆବଶ୍ୟକତା ରହିଛି। ସରକାରଙ୍କ ତରଫରୁ ପ୍ରତିଟି ରାଜ୍ୟରେ ଏବଂ ବଡ଼ ବଡ଼ ସହରଗୁଡ଼ିକରେ ତାରକସି ଗହଣାର ଶୋ ରୁମ ଯଦି ଖୋଲାଯାଇପାରନ୍ତା। ତା'ହେଲେ ଲୋକେ ଓଡ଼ିଶାର ତାରକସି ଶିଳ୍ପ କଳାକୁ ଦେଖିବାର ସୁଯୋଗ ପାଆନ୍ତେ। ଥରେ ଦେଖିଲେ ହିଁ କେହି ଏହାକୁ କିଣିବାର ଲୋଭ ଯେ ସମ୍ବରଣ କରିପାରନ୍ତେନି ଏଥିରେ ସନ୍ଦେହ ନାହିଁ। ଆଜିକାଲି ବଡ଼ ବଡ଼ ନାମୀ କମ୍ପାନୀମାନେ ଉଦାହରଣ ସ୍ୱରୂପ ଟାଟା ଏବଂ ରିଲାଏନ୍ସ ଭଳି କମ୍ପାନୀମାନେ ମଧ୍ୟ ଗହଣା ତିଆରି ଏବଂ ବିକ୍ରି କରୁଛନ୍ତି। ସେମାନେ ଯଦି ତାରକସି ଶିଳ୍ପକୁ ପ୍ରୋତ୍ସାହିତ କରନ୍ତେ ଏବଂ ଏହାର ବିପଣନ ପ୍ରତି ଗୁରୁତ୍ୱ ଦିଅନ୍ତେ ତାହାହେଲେ ଯେଉଁମାନେ ଏହାକୁ କୌଳିକ ବୃତ୍ତି ହିସାବରେ ଆଜିଯାଏଁ ଛାଡ଼ି ପାରିନାହାନ୍ତି ସେମାନେ ହୁଏତ ଏ କାମ ଆଡୁ ମୁହଁ ଫେରାଇବାକୁ ଆଉ ଚାହଁନ୍ତେନି। ସେମାନଙ୍କ ମୁହଁରେ ହସ ଫୁଟିପାରନ୍ତା।

# ନାରୀଶକ୍ତି ହିଁ ରାଷ୍ଟ୍ରଶକ୍ତି




ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫


ଆନ୍ତର୍ଜାତିକ ମହିଳା ଦିବସ କେବଳ ମହିଳାମାନଙ୍କ ପାଇଁ ନୁହେଁ, ସମଗ୍ର ମାନବ ସମାଜ ପାଇଁ ଏକ ଆହ୍ୱାନ। ଜାତିସଂଘର ନିଷ୍ପତ୍ତି କ୍ରମେ ସମଗ୍ର ବିଶ୍ୱରେ ୧୯୭୭ ମସିହାରୁ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପାଳନ କରାଯାଉଛି। ସରକାରୀ ଓ ବେସରକାରୀ ସ୍ତରରେ ମହିଳାମାନଙ୍କ ନିରାପତ୍ତା, ବିଭିନ୍ନ ସମସ୍ୟା, ସଶକ୍ତିକରଣ, ସେମାନଙ୍କ ଲାଗି ସଂସଦରେ ସ୍ଥାନ ସଂରକ୍ଷଣ ଆଦି ବିଭିନ୍ନ ବିଷୟରେ ଅନେକ ଚର୍ଚ୍ଚା ହୁଏ। ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ଏବଂ ସଂକଳ୍ପରେ ଶୁଦ୍ଧତା ନଥିବାରୁ ଏ କ୍ଷେତ୍ରରେ ଯେତେ ସଫଳତା ହାସଲ କରାଯିବା କଥା ଏ ପର୍ଯ୍ୟନ୍ତ ତାହା ହୋଇପାରିନାହିଁ।

ସ୍ୱାଧୀନତା ଆନ୍ଦୋଳନରେ ନାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ନିବେଦନ କରି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ 'ମାତୃଜାତିର ଆଶୀର୍ବାଦ ଭିକ୍ଷା' ଶୀର୍ଷକ ଏକ ପତ୍ର ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଏହାର ପ୍ରତିକ୍ରିୟାରେ ଆମ ଦେଶର ମାତୃଜାତି ଗାନ୍ଧୀଜୀଙ୍କ ଉପରେ ଆଶୀର୍ବାଦ ବର୍ଷା କରିବା ସହ ପରଦା ଆଢୁଆଳରୁ ବାହାରି ରାଜରାସ୍ତାରେ ସତ୍ୟାଗ୍ରହ କରିବା ସହିତ କାରା ଓ ନିର୍ଯାତନା ବରଣ ଏମିତିକି ଦେଶମୁକ୍ତି ଯଜ୍ଞରେ ଜୀବନ ଦାନ କରିବାକୁ ଆଗେଇ ଆସିଥିଲେ। ସେତେବେଳେ ଗାନ୍ଧୀଜୀ କହିଥିଲେ, "ନାରୀ ତ୍ୟାଗ ଓ ଅହିଂସାର ପ୍ରତିମୂର୍ତ୍ତି। ଯେତେବେଳେ ସେମାନେ ଉଚିତ୍ ମନୋଭାବ ନେଇ କୌଣସି କାର୍ଯ୍ୟ କରନ୍ତି, ସେତେବେଳେ ଅସାଧ୍ୟ ବି ସାଧନ କରାଯାଇପାରେ। ସ୍ୱରାଜ ହାସଲ କରିବାରେ ମହିଳାମାନେ ପୁରୁଷଙ୍କ ସହିତ ନିଶ୍ଚୟ ସମାନ ଅଂଶଗ୍ରହଣ କରିବେ। ଅହିଂସା ସଂଗ୍ରାମରେ ପୁରୁଷ ନାରୀଙ୍କ ଠାରୁ ଅନେକ ପଛରେ ପଡ଼ିବେ। ପୁରୁଷ ଠାରୁ ନାରୀଙ୍କର ବେଶୀ ଧର୍ମନିଷ୍ଠା ରହିଛି। ନାରୀ ସହିଷ୍ଣୁତାର ପ୍ରତୀକ। ସେମାନେ ହିଁ ଭାରତର ଆର୍ଥିକ ଓ ନୈତିକ ସ୍ୱାଧୀନତା ଆଣିପାରିବେ। ନାରୀ ଭବିଷ୍ୟତ ବଂଶଧରଙ୍କ ଜନନୀ, ତେଣୁ ଭାରତର ଭବିଷ୍ୟତ ରହିଛି ସେମାନଙ୍କ କୋଳରେ। କେବଳ ମା' ଇଚ୍ଛା କଲେ ସନ୍ତାନ ସରଳ ଜୀବନଯାପନ ଶିଖିପାରିବ, ଧର୍ମଭୀରୁ ଓ ନିର୍ଭୀକ ହେବ। ମାତୃ ଜାତି ଅବହେଳା କଲେ ସନ୍ତାନମାନେ ଦୁର୍ବଳ ହୋଇଯିବେ, ଜୀବନରେ ବାଧାବିଘ୍ନକୁ ମୁକାବିଲା କରିବା ପାଇଁ ସେମାନଙ୍କ ନିକଟରେ ଶକ୍ତି ରହିବ ନାହିଁ। ଇଂରେଜ ସରକାର ଭାରତକୁ ଚାରିଆଡୁ ଶୋଷଣ କରି ଚାଲିଛି। ଶୋଷକ ସରକାର ଉପରେ କାହାର ଆସ୍ଥା ନାହିଁ। ନାରୀମାନଙ୍କ ହାତରେ କିନ୍ତୁ ଦେଶର ଭାଗ୍ୟ ଓ ଭବିଷ୍ୟତ ଅଧିକ ନିରାପଦ। ଏ ପରିପ୍ରେକ୍ଷୀରେ ମାତୃଜାତିର ଆଶୀର୍ବାଦ ମୁଁ ଭିକ୍ଷା କରିଆସୁଛି।"

ବାଲ୍ୟ ବିବାହ, ପରଦା ପ୍ରଥା ଓ ଯୌତୁକର ବିଲୋପ, ଆନ୍ତଃଜାତି ବିବାହ, ଅସ୍ପୃଶ୍ୟତା ନିବାରଣ, ନାରୀ ଶିକ୍ଷା, ନାରୀମାନଙ୍କ ନିରାପତ୍ତା, ନାରୀମାନଙ୍କୁ ସ୍ୱଦେଶୀ ଓ ସ୍ୱାବଲମ୍ବୀ ମନ୍ତ୍ରରେ ଦିକ୍ଷିତ କରିବା ସହ ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ପରିବର୍ତ୍ତନ କ୍ଷେତ୍ରରେ ନାରୀ ନେତୃତ୍ୱ ଉପରେ ଗାନ୍ଧୀଜୀ କେବଳ ବକ୍ତବ୍ୟ ରଖୁନଥିଲେ, କାମରେ କରି ଦେଖାଉଥିଲେ। ନାରୀ ଅହିଂସାର ପ୍ରତୀକ ବୋଲି ସବୁପ୍ରକାର ଯନ୍ତ୍ରଣା ସହ୍ୟ କରିନେବାର ଶକ୍ତି ହାସଲ କରିଛି ଏବଂ ପୁରୁଷର ଜନ୍ମଦାତ୍ରୀ ଜନନୀ ହୋଇଛି। ତେଣୁ ସେ କେବେ ହିଂସାର ପ୍ରତୀକ ହୋଇପାରେନା। ଯେଉଁ ନାରୀ ଶିଶୁକୁ ଗର୍ଭରେ ଧରି ବଢ଼ାଏ, ନିଜ ରକ୍ତଦେଇ ତା' ଶରୀରର ପୁଷ୍ଟିସାଧନ କରେ ଏବଂ ଶିଶୁକୁ ଜନ୍ମଦେବା ବେଳେ ଦାରୁଣ ଗର୍ଭଯନ୍ତ୍ରଣା ସହ୍ୟକରେ, ସେ ସନ୍ତାନ ଜନ୍ମର ଆନନ୍ଦ ଓ ଆଶାରେ ସବୁ କଷ୍ଟ ପାଶୋରି ପକାଇ ସ୍ନେହ ପ୍ରେମ ଦେଇ ତାକୁ ବଢ଼ାଏ। ନାରୀ ହେଉଛି ଆତ୍ମତ୍ୟାଗର ପ୍ରତିମୂର୍ତ୍ତି। ଇଟାଲୀର ଏକ ନାରୀ ସଭାରେ ଗାନ୍ଧୀଜୀ କହିଥିଲେ ଯେ ଭାରତର ସତ୍ୟାଗ୍ରହ ସଂଗ୍ରାମରେ ନାରୀମାନଙ୍କ ଭୂମିକା ପୁରୁଷମାନଙ୍କ ଠାରୁ ବଳିଯାଇଥିଲା। ଏଥିପାଇଁ ନାରୀମାନେ ଜାତୀୟ କାର୍ଯ୍ୟ ସାଧନ ଲାଗି ପରଦାର ଅନ୍ତରାଳରୁ ବାହାରି ଆସି ପରିବାର ଚଳାଇବା ଠାରୁ ଅଧିକ ମହତ୍ୱପୂର୍ଣ୍ଣ କାମ ଲାଗି ଦେଶର ଆହ୍ୱାନକୁ ବୁଝିପାରିଛନ୍ତି। ସେମାନେ ଜେଲ୍ ଯାଇଛନ୍ତି, ଲାଠିମାଡ଼ ଖାଇଛନ୍ତି, ସୂତା କାଟିଛନ୍ତି, ଖଦି ପିନ୍ଧିଛନ୍ତି, ମଦୁଆଙ୍କୁ ନିଶା ଛଡ଼ାଇଛନ୍ତି। ବସ୍ତୁତଃ ଭାରତୀୟ ନାରୀମାନଙ୍କ ବୀରତାରୁ ବିଶ୍ୱ ଶିଖିବାର ଅଛି। ଶ୍ରେଷ୍ଠ ଅହିଂସାର ଆଦର୍ଶ ଦେଖାଇବାର ଦାୟିତ୍ୱ ନାରୀ ସମାଜ ଉପରେ ନିହତ। ହୁଏତ ଏମିତି ଦିନ ଆସିପାରେ ଯେତେବେଳେ ମା'ମାନଙ୍କ ମଧ୍ୟରୁ କେହି ଅହିଂସା ମାର୍ଗରେ ତାଙ୍କୁ ଟପିଯାଇପାରନ୍ତି ବୋଲି ଗାନ୍ଧୀଜୀ ଖୋଲା ଆଶାବ୍ୟକ୍ତ କରିଥିଲେ। ଏହାର କାରଣ ଅହିଂସାର ଗୁଢ଼ତତ୍ତ୍ୱ ଅନୁସନ୍ଧାନ କରି ତାକୁ କାର୍ଯ୍ୟରେ ପ୍ରୟୋଗ କରିବାର ଶକ୍ତି ନାରୀଠାରେ ରହିଛି। ତ୍ୟାଗର ସାହସ ଦେଖାଇବାରେ ପୁରୁଷ କେବେହେଲେ ନାରୀକୁ ବଳି ଯାଇପାରେ ନାହିଁ ବୋଲି ୦୫.୧୧.୧୯୩୮ରେ ଗାନ୍ଧୀଜୀ ହରିଜନ ପତ୍ରିକାରେ ଲେଖିଥିଲେ। ଆଉଠାଏ ଗାନ୍ଧୀଜୀ ଲେଖିଛନ୍ତି ଯେ ଯେଉଁ ଲକ୍ଷ୍ୟ ସାଧନ ପାଇଁ ସ୍ୱାମୀ ସ୍ତ୍ରୀଙ୍କର ଜୀବନ ଏକ ସୂତ୍ରରେ ବନ୍ଧା ହୋଇଥାଏ ତାହାର ସଫଳତା ପାଇଁ ଦୁହେଁ ମିଳିମିଶି କାମ କରିବା ଦରକାର। ସ୍ୱାମୀ ଓ ସ୍ତ୍ରୀ ପ୍ରତ୍ୟେକଙ୍କର ସମାନ ସ୍ୱାଧୀନତା ରହିଛି ଏବଂ ନିଜର ବିବେଚନା ଅନୁସାରେ ଜୀବନର ରାସ୍ତା ବାଛି ନେବାକୁ ସ୍ତ୍ରୀର ପୂର୍ଣ୍ଣ ଅଧିକାର ଥିବା ଗାନ୍ଧୀଜୀ ସ୍ୱୀକାର କରିଛନ୍ତି। ସ୍ୱରାଜ୍ୟ ସଂଗ୍ରାମ ଓ ରଚନାତ୍ମକ କାର୍ଯ୍ୟକ୍ରମ କ୍ଷେତ୍ରରେ ଭାରତର ନାରୀମାନେ ଯେଉଁଳି ସେବା ପରାୟଣ ମନୋଭାବ ରଖି ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି ତାହାର ସୁଫଳ ନିଶ୍ଚୟ ଫଳିବ ବୋଲି ଗାନ୍ଧୀଜୀ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି।

### ଗାନ୍ଧୀ ବିଚାର

ୟଙ୍ଗ୍ ଇଣ୍ଡିଆରେ ୧୭.୧୦.୧୯୨୯ରେ ଗାନ୍ଧୀଜୀ ଲେଖିଥିଲେ ଯେ ପୁରୁଷ ଯେଉଁ ନାରୀଠୁ ଜନ୍ମ ହୋଇଛି ସେହି ପୁରୁଷ ନାରୀକୁ ନ୍ୟୁନଜନ ବୋଲି କହିବା ହାସ୍ୟାସ୍ପଦ। ନାରୀମାନେ ସେମାନଙ୍କ ଅଧିକାର ଫେରିବା ପାଇବା ପାଇଁ କାହା ପାଖରେ ମୁଣ୍ଡ ନୁଆଁଇବା ଅନାବଶ୍ୟକ। ସେମାନେ ପ୍ରଥମେ ପୁତ୍ର ଓ କନ୍ୟା ଉଭୟଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ। ପୁଅମାନଙ୍କ ଭଳି ଝିଅଙ୍କୁ ବି ପାଠ ପଢ଼ାନ୍ତୁ। ନାରୀମାନେ ସାମାଜିକ କ୍ଷେତ୍ରର ନେତୃତ୍ୱ ନେଲେ ସମାଜ ପବିତ୍ର ହେବା ସହ ଅନେକ ସମସ୍ୟାର ଛାଏଁ ଛାଏଁ ସମାଧାନ ହୋଇଯିବ। ପୁରୁଷ ଯେମିତି ନାରୀକୁ ଆଗକୁ ନ ଛାଡ଼ିବା ଲାଗି ବୃଥା ଚେଷ୍ଟା କରୁଛି, ନାରୀ ମଧ୍ୟ ସେହିପରି ନାନା ଉପାୟରେ ନିଜର କୌଶଳ-କୁହୁକ ବ୍ୟବହାର ଦେଖାଇ ପୁରୁଷକୁ ଟପି ଚାଲିଛି। ବଳ କହିଲେ ଯଦି ପଶୁବଳକୁ ବୁଝାଏ ତେବେ ପୁରୁଷ ସ୍ତ୍ରୀଠାରୁ ପାଶବିକ ବଳରେ ଉଚ୍ଚରେ ରହିବ। କିନ୍ତୁ ନୈତିକ ଶକ୍ତିକୁ ଯଦି ବାସ୍ତବ ବଳ ବୋଲି ବୁଝାଯାଏ ତେବେ ସ୍ତ୍ରୀ ପୁରୁଷଠାରୁ ଯଥେଷ୍ଟ ଅଧିକ ବଳବତୀ ବୋଲି ନିଶ୍ଚିତ ଭାବେ ସ୍ୱୀକାର କରିବାକୁ ପଡ଼ିବ।

୨୪.୦୪.୧୯୩୭ର ନବଜୀବନରେ ଗାନ୍ଧୀଜୀ ଲେଖିଛନ୍ତି ଯେ ସ୍ତ୍ରୀର ଚରିତ୍ର ପ୍ରତି ଦୃଷ୍ଟି ରଖିବା ଯେମିତି ସ୍ୱାମୀର କର୍ତ୍ତବ୍ୟ, ସ୍ୱାମୀର ଚରିତ୍ର ପ୍ରତି ନଜର ରଖିବା ମଧ୍ୟ ସେମିତି ସ୍ତ୍ରୀର କାମ। ସ୍ୱାମୀ ଓ ସ୍ତ୍ରୀ ପରସ୍ପରର ପାପପୁଣ୍ୟରେ ସାମନ ଭାବରେ ଭାଗିଦାର। ତେଣୁ ନାରୀ ଜାତି ତା'ର ଶକ୍ତି ଓ କର୍ତ୍ତବ୍ୟ ସମ୍ପର୍କରେ ଯେତେ ଅଧିକ ସଚେତନ ହେବ ସେ ନିଶା ନିବାରଣଠାରୁ ଆରମ୍ଭ କରି ଅସ୍ପୃଶ୍ୟତା ନିବାରଣ, ଗ୍ରାମ ସ୍ୱରାଜ ଆଦି ବିଭିନ୍ନ କ୍ଷେତ୍ରରେ ସମାଜକୁ ସେତେ ଅଧିକ ଦିଗ୍‌ଦର୍ଶନ ଦେଇପାରିବ। ଅଶ୍ଳୀଳ ବିଜ୍ଞାପନ ମାଧ୍ୟମରେ ମାତୃଜାତିର ଅପମାନର ପ୍ରତିବାଦ ଗାନ୍ଧୀଜୀ କରୁଥିଲେ। ଏ ପ୍ରସଙ୍ଗରେ ସେ ଠାଏ ଲେଖିଛନ୍ତି ଯେ ଏଭଳି ଅପମାନର ପରିସମାପ୍ତି ପାଇଁ ନାରୀ ସମାଜକୁ ଲଢ଼େଇ ଜାରି ରଖିବାକୁ ପଡ଼ିବ। ନାରୀ ତା'ର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ଯେତେବେଳେ ନିଜକୁ ଆଉ ଅବଳା କିମ୍ବା ପୁରୁଷର ଖେଳନା ବୋଲି ଭାବିବ ନାହିଁ, ସେତେବେଳେ ସେ ନିଜର ଓ ତା'ର ପରିବାରର ସମସ୍ତଙ୍କ ଜୀବନକୁ ଅଧିକ ମଧୁମୟ କରିପାରିବ। କବି, ଲେଖକ ଓ ସାମ୍ବାଦିକମାନେ କଲମ ଧରିବା ଆଗରୁ ନାରୀକୁ ନିଜର ମା' ଭାବେ ବିଚାର କଲେ ସେମାନଙ୍କ ଲେଖନୀରୁ ବିଶୁଦ୍ଧ ସାହିତ୍ୟ ଝରି ବିଶ୍ୱକୁ ଶାନ୍ତ କରିପାରିବ। ଝିଅମାନଙ୍କ ପ୍ରତି ଯେଉଁମାନେ ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି ସେମାନଙ୍କୁ କାପୁରୁଷ ଭାବେ ଉଲ୍ଲେଖ କରି ଗାନ୍ଧୀଜୀ ଆଉଠାଏ ଲେଖିଛନ୍ତି ଯେ ବଦ୍‌ମାସ ପୁରୁଷର ଗୁଣ୍ଡାମୀ ଆଗରେ ଆତ୍ମରକ୍ଷା କରି ଶିଖିବା ବାଳିକାମାନଙ୍କର ପ୍ରଧାନ ଲକ୍ଷ୍ୟ ହେବା ଉଚିତ୍। ଏଥିପାଇଁ ନାରୀ ଭିତରେ ରହିଥିବା ନୈତିକ ଓ ଆଧ୍ୟାତ୍ମିକ ଶକ୍ତି ଉପରେ ଗାନ୍ଧୀଜୀ ଗୁରୁତ୍ୱାରୋପ କରିଆସୁଥିଲେ। ପୁରୁଷର କ୍ରୀଡ଼ା ପୁତ୍ତଳିକା ନ ହୋଇ ନାରୀମାନେ କରୁଣାର ପ୍ରତିମୂର୍ତ୍ତି ହୋଇପାରିଲେ ବହୁ ସମସ୍ୟାର ସରଳ ସମାଧାନ ହୋଇପାରିବ ବୋଲି ତାଙ୍କର ଦୃଢ଼ ମତ ଥିଲା। ଗୋଟିଏ ମା' ଶହେ ଗୁରୁଙ୍କ ସହ ସମାନ।

୨୩.୦୫.୧୯୨୯ର ୟଙ୍ଗ୍ ଇଣ୍ଡିଆରେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ଉଦ୍ଧାର କରି ଗାନ୍ଧୀଜୀ ଲେଖିଥିଲେ, 'ଯେଉଁ ଦେଶ ବା ଜାତି ନାରୀକୁ ସମ୍ମାନ ଦେଇ ଶିଖିନାହିଁ ସେ କେବେ ବଡ଼ ହୋଇନାହିଁ କି ହୋଇପାରିବ ନାହିଁ। ଏହି ଶକ୍ତିମୟୀ ଜୀବନ୍ତ ପ୍ରତିମାର ଯେ ଅପମାନ କରାଯାଇଛି ସେଥିପାଇଁ ଆଜି ଜାତିର ଅଧପତନ ହୋଇଛି। ନାରୀ ହେଉଛି ଜଗତ୍‌ଜନନୀଙ୍କ ପ୍ରତିମୂର୍ତ୍ତି ଓ ନାରୀର ଉନ୍ନତି ବିନା ଜାତିର ଉନ୍ନତି ଅସମ୍ଭବ।' ଏ ପ୍ରସଙ୍ଗରେ ଭାରତର ଶିକ୍ଷିତା ନାରୀମାନେ ପାଶ୍ଚାତ୍ୟ ସଭ୍ୟତାର ଉଚ୍ଚ ପର୍ବତରୁ ଭାରତର ସମତଳ ଭୂଇଁକୁ ଓହ୍ଲାଇ ଆସିବାକୁ ପଡ଼ିବ। ଦେହ ଓ ମନକୁ ପବିତ୍ର ରଖି ସେମାନେ ସ୍ୱରାଜ୍ୟ ଯଜ୍ଞରେ ପ୍ରମୁଖ ପୁରୋଧା ହୋଇପାରିବେ। ବିଦେଶୀ ସାମଗ୍ରୀର ଚାକଚକ୍ୟରେ ବିଭୋର ଯେଉଁମାନେ ସ୍ୱଦେଶୀ ପାଇଁ ନାକ ଟେକନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧୀଜୀ କହିଥିଲେ, 'କୁତ୍ସିତ ପିଲା ଜନ୍ମ କଲେ ମା' କ'ଣ କେବେ ତାକୁ ଫୋପାଡ଼ି ଦେଇପାରେ ? ଠିକ୍ ଏହିପରି ଭାବନା ରଖି ନାରୀ ସମାଜ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଉପରେ ଗୁରୁତ୍ୱ ଦେଲେ ସେମାନଙ୍କ ପରିବାର ଓ ଦେଶର ବ୍ୟାପକ ଉନ୍ନତି ହୋଇପାରିବ। ସ୍ୱରାଜ ହାସଲ କରିବାରେ ନାରୀ ପୁରୁଷ ସହିତ ସମାନ ଭାଗ ନେବ ଏବଂ ଏହି ଅହିଂସା ବିରୁଦ୍ଧରେ ପୁରୁଷ ନାରୀଠାରୁ ବି ପଛରେ ପଡ଼ିଯିବ। କାରଣ ପୁରୁଷଠାରୁ ନାରୀ ମଧ୍ୟରେ ବେଶୀ ଧର୍ମ ନିଷ୍ଠା ରହିଛି ଏବଂ ନାରୀ ନୀରବ ଓ ଉଦାର ସହିଷ୍ଣୁତାର ପ୍ରତୀକ। ଗାନ୍ଧୀଜୀ ସ୍ୱରାଜ୍ୟର ଯେଉଁ ସଂଜ୍ଞା ନିରୂପଣ କରିଥିଲେ ସେଥିରେ ଲେଖିଥିଲେ ସ୍ୱାଧୀନ ଭାରତରେ ନାରୀର ନିରାପତ୍ତା ଏତେ ସୁସଂହତ ହେବ ଯେ ନିଶାର୍ଦ୍ଧରେ ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ସମ୍ପୂର୍ଣ୍ଣ ନିରାପଦରେ ଫେରି ଆସିପାରିବ। ନାରୀର ନିରାପତ୍ତା ରକ୍ଷା କରିବା ଅବଶ୍ୟ ପୁରୁଷର ପବିତ୍ର କର୍ତ୍ତବ୍ୟ; କିନ୍ତୁ ତା' ବୋଲି ପୁରୁଷ ପାଖରେ ନ ଥିଲେ ବା ନାରୀ ପ୍ରତି ତା'ର ଯଥାର୍ଥ କର୍ତ୍ତବ୍ୟ କରିନପାରିଲେ ନାରୀ ଯେପରି ନିଜକୁ ଅସହାୟା ମନେ ନକରେ। ଜୀବନ ବଳିଦେବାର ସାହସ ଯେଉଁମାନଙ୍କର ରହିଛି ସେମାନଙ୍କର ଆତ୍ମ ସମ୍ମାନ କେହି ନଷ୍ଟ କରିପାରିବେ ନାହିଁ। ଦୁର୍ଭାଗ୍ୟଜନକ ଭାବେ ବଳାତ୍କାରର ଶିକାର ହେଉଥିବା ପୀଡ଼ିତା ଝିଅଟିକୁ ଘୃଣା ନକରି ସମ୍ମାନରେ ବଞ୍ଚିବା ପାଇଁ ହିମ୍ମତ ଦେବା ସହ ଏହି ଘୃଣ୍ୟ ଅପରାଧୀଙ୍କୁ ନ୍ୟାୟିକ ଓ ସାମାଜିକ ବ୍ୟବସ୍ଥା ମାଧ୍ୟମରେ ସଂସ୍କାରିତ କରିବା ଉପରେ ବି ଗାନ୍ଧୀଜୀ ବାରମ୍ବାର ଜୋର୍ ଦେଇଆସିଛନ୍ତି।

ଆଜିର ଦିନରେ ବିଜ୍ଞାନ, କାରିଗରୀ ଠାରୁ ଆରମ୍ଭ କରି ରାଜନୈତିକ, ପ୍ରଶାସନିକ, ଶିକ୍ଷା, ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ନାରୀ ନିଜର ଦକ୍ଷତା ପ୍ରତିପାଦିତ କରିଛି। ଏହା ସତ୍ତ୍ୱେ ମାତୃ ଜାତି ଏବେ ବି ନିର୍ଯାତନା ଓ ଅପମାନର ଶରବ୍ୟ ହେଉଛି। ଜନସଂଖ୍ୟାର ପ୍ରାୟ ଅଧା ମହିଳା ହୋଇଥିବା ଏବଂ ସେମାନଙ୍କ ମଧ୍ୟରେ ଦକ୍ଷତାର ଖଣି ଥିବାବେଳେ ପୁରୁଷ ପ୍ରଧାନ ବ୍ୟବସ୍ଥା ଆତ୍ମ ନିରୀକ୍ଷଣ କରି ମା'ମାନଙ୍କୁ ବାଟ ଓଗାଳିବା ପରିବର୍ତ୍ତେ ପତିତପାବନୀ ଗଙ୍ଗା ଭଳି ବହିଯିବା ପାଇଁ ସୁଯୋଗ ସୃଷ୍ଟି କରିବା ଲାଗି ଆଗେଇ ଆସିବା ଦରକାର। ଏହି ଆହ୍ୱାନର କାର୍ଯ୍ୟକାରିତା ପାଇଁ ସଂକଳ୍ପବଦ୍ଧ ଓ ନୀତିନିଷ୍ଠ ନାରୀଶକ୍ତିକୁ ପୁରୁଷ ସହଯୋଗର ହାତ ବଢ଼ାଇଲେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଶାସ୍ତ୍ରରେ କୁହାଯାଇଛି ଯେ ଯେଉଁଠି ନାରୀମାନଙ୍କ ପୂଜା କରାଯାଏ ସେଠାରେ କୁଆଡ଼େ ଦେବତାମାନେ ରହିଥାନ୍ତି। ଆମ ରାଜ୍ୟ ଓ ଦେଶରେ ଶିଶୁ କନ୍ୟାଙ୍କ ସମେତ ମହିଳାମାନଙ୍କ ପ୍ରତି ଯେଉଁଳି ଅପରାଧ ବଢୁଛି ଏବଂ ଲିଙ୍ଗଗତ ବୈଷମ୍ୟ ଲାଗି ରହିଛି ତାହାର ନିରାକରଣ କରି ସମତା, ମମତା, ସେବା, କରୁଣା, ପ୍ରେମ, ସତ୍ୟ ଓ ଅହିଂସାର ମାର୍ଗରେ ସଂସ୍କୃତି ସଂପନ୍ନ ସମୃଦ୍ଧ ରାଷ୍ଟ୍ରର ଗଠନ ପାଇଁ ସଂକଳ୍ପବଦ୍ଧ ଉଦ୍ୟମ କରିବା ହେଉଛି ସମୟର ଆହ୍ୱାନ।

# ନାବାଳିକା ମାତୃତ୍ୱ : ଏକ ଅବଲୋକନ




ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭


ନାବାଳିକା ମାତୃତ୍ୱ ବର୍ତ୍ତମାନ ସମୟରେ ଏକ ଚିନ୍ତାର ବିଷୟ ପାଲଟି ଯାଇଛି । କେବଳ ଭାରତ ବର୍ଷରେ ନୁହେଁ ସମଗ୍ର ପୃଥିବୀରେ ପ୍ରତିଦିନ ଶହ ଶହ ନାବାଳିକା ଅବାଞ୍ଛିତ ମାତୃତ୍ୱ ଲାଭ କରୁଛନ୍ତି, ନିର୍ଯାତିତ ହେଉଛନ୍ତି ବା ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି । ଏହା ପଛରେ ଅନେକ କାରଣ ରହିଛି ଯାହାକି ନିତିଦିନିଆ ଜୀବନରେ ଆମେ ଦେଖି ମଧ୍ୟ ନ'ଦେଖିବାର ଅଭିନୟ କରିଥାଉ କିମ୍ବା ଅଯଥାରେ ଏହିସବୁ ବିଷୟରେ ମୁଣ୍ଡ ପୁରାଇବାକୁ ଉଚିତ ମଣି ନ'ଥାଉ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ଜୀବ ଜଗତର ସବୁଠାରୁ ବୁଦ୍ଧିମାନ ଶ୍ରେଷ୍ଠ ବୋଲି ନିଜକୁ ପ୍ରତିପାଦିତ କରିପାରିଛି କିନ୍ତୁ କିଛି ମନୁଷ୍ୟ ସମାଜରେ ରହି ମଧ୍ୟ ପଶୁତୁଲ୍ୟ ବ୍ୟବହାର କରି ନିନ୍ଦିତ ହୁଅନ୍ତି ।

ସମ୍ପ୍ରତି ଖବରକାଗଜ, ଟିଭିରେ ଆମେ ଖବର ପାଉଛୁ ଯେ, କେଉଁଠି ୧୦ମ ଶ୍ରେଣୀର ଛାତ୍ରୀ ହଷ୍ଟେଲ ଛାତ ଉପରେ ପ୍ରସବ କରିଛି ତ' କେଉଁଠି ପ୍ରସବ ପରେ କୁମାରୀ ମା' ଏବର୍ଷ ମାଟ୍ରିକ ପରୀକ୍ଷା ଦେଉଛି ଅବଶ୍ୟ ଏହା ଆମ ପ୍ରଦେଶର ୨୦୨୫ ଫେବୃଆରୀ ମାସର କଥା, ତେବେ କଥା ଉଠୁଛି ପ୍ରକୃତରେ କ'ଣ ଏହି ଦୁଇଟି ଘଟଣା ଲୋକଲୋଚନକୁ ଆସୁଛି ନା ଅନ୍ୟ ଘଟଣା ଗୁଡିକୁ ଚାପି ଦିଆଯାଉଛି ? ଏହିସବୁ ଘଟଣା କେବଳ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାର ପରିଚୟ ଦେଉଛି କହିଲେ ଅତ୍ୟୁକ୍ତି ହେବନାହିଁ, ଅତୀତରେ ମଧ୍ୟ ଅନେକ ଅଘଟଣା ଘଟିଛି, ତଦନ୍ତ ହୋଇଛି, କିଛି ଦୋଷୀ ଦଣ୍ଡ ପାଇଛନ୍ତି କିଛି ଖସି ଯାଇଛନ୍ତି। ଆମେ ଚାହିଁଲେ କ'ଣ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋକିପାରିବା ନାହିଁ ? ଆମ ମାନସିକତା କ'ଣ ବଦଳିବ ନାହିଁ ? ଟିନ୍ ଏଜ୍ ବା ନାବାଳକ ନାବାଳିକା କହିଲେ ସାଧାରଣତଃ ୧୩ ବର୍ଷରୁ ୧୯ବର୍ଷର କିଶୋର କିଶୋରୀଙ୍କୁ ବୁଝାଏ, ଏହି ସମୟରେ ପିଲାଟି ଜୀବନର ଏକ ନୂତନ ସୋପାନ ଚଢି ପ୍ରତିଟି ଜିନିଷକୁ ପରୀକ୍ଷା ନିରୀକ୍ଷା ସହିତ ଉପଭୋଗ କରିବାର ପ୍ରେରଣା ତା'ର ମସ୍ତିଷ୍କରୁ, ସାଙ୍ଗ ସାଥୀଙ୍କ ଠାରୁ କିଛି ପୁସ୍ତକ, ଟିଭି, ଇଣ୍ଟରନେଟ୍ ଭିଡିଓ ଇତ୍ୟାଦି ସହିତ ନିଜ ପରିଚିତ ବୟସ୍କଙ୍କ ଠାରୁ ମଧ୍ୟ ଶିଖିଥାଏ ବା କିଛି କିଛି ସ୍ଥାନରେ ନିଜର ଇଚ୍ଛା ବିରୁଦ୍ଧରେ ଶିକାର ହୋଇ ଶିଖି ଥାଏ । ନାବାଳକ/ବାଳିକା ଯୌନ ସମ୍ପର୍କ ୨୦୦୩ ମସିହାରେ ଆମ ଦେଶରେ ୮% ଥିବା ସମୟରେ ୨୦୨୨-୨୩ ବେଳକୁ ପ୍ରାୟ ୩୩%ରେ ପହଞ୍ଚି ଯାଇଛି । ବର୍ତ୍ତମାନ ସମୟରେ ଭାରତବର୍ଷରେ ପ୍ରାୟ ୬୭% ନାବାଳିକା ଅସୁରକ୍ଷିତ ଗର୍ଭପାତ କରୁଛନ୍ତି ସେଥିମଧ୍ୟରୁ କିଛି ଅକାଳରେ ମୃତ୍ୟୁବରଣ କରୁଛନ୍ତି, ଏହି ସଂଖ୍ୟା କମିବା ବଦଳରେ ବଢି ବଢି ଚାଲିଛି ଯାହାକି ଆମ ସୁସ୍ଥ ସମାଜ ନିମନ୍ତେ ଏକ ଚିନ୍ତାର ବିଷୟ ପାଲଟି ଯାଇଛି । କେବଳ ମେଟ୍ରୋ ସହର ନୁହେଁ ଅନେକ ଛୋଟ ବଡ଼ ସହର ଗୁଡିକରେ ଅପସଂସ୍କୃତି ତଥା ଯୌନ ଲାଳସା ଦ୍ୱାରା ଅବାଞ୍ଛିତ କୁମାରୀ ମାତୃତ୍ୱ ମହାମାରୀ ପରି କାୟା ମେଲାଇ ଚାଲିଥିବା ଏବେ ସମସ୍ତଙ୍କର ମୁଣ୍ଡବିନ୍ଧାର କାରଣ ପାଲଟି ଯାଇଛି । ଏହା ପଛର କାରଣ ଯଦି ଖୋଜି ବସିବା ତେବେ ତ ଅନେକ କାରଣ ବାହାରିବ ତେବେ ଏହି କାରଣ ଗୁଡିକ ଜାଣିବା ପରେ ଆମେ କେତେ ସଚେତନ ହେବା ତାହା ନିଜ ଉପରେ ନିର୍ଭର କରୁଛି, ଏଠାରେ ସରକାରଙ୍କୁ ଦୋଷ ଦେଇ ଚୁପ୍ ବସିଗଲେ ଚଳିବ ନାହିଁ । ବନ୍ଧୁ ପରିଜନ, ସହପାଠୀ, ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ପ୍ରତ୍ୟେକ ସ୍ଥାନରେ ନାବାଳକ/ନାବାଳିକାଙ୍କ ସୁରକ୍ଷା ଦରକାର ସବୁଠାରୁ ଅଧିକ ପରିବାରରେ ଶିକ୍ଷା ମିଳିବା ଜରୁରି କିନ୍ତୁ ଆଧୁନିକତାର ଦ୍ୱାହି ଦେଇ ବା ସମୟର ଅଭାବ ଦେଖାଇ ପରିବାରର ଲୋକମାନେ ପିଲାଙ୍କୁ ସମୟ ଦେଇପାରନ୍ତି ନାହିଁ, ପିଲାମାନେ ଏବେ ଡେଟିଂ ଆପ୍ସ ଜରିଆରେ ନିଜର ମନ ପସନ୍ଦ ସାଥି ସହିତ ଯୋଡି ହୋଇ ଯାଉଛନ୍ତି, ହାଇସ୍ପିଡ୍ ଇଣ୍ଟରନେଟ୍ ପୃଥିବୀର କୋଣ ଅନୁକୋଣକୁ ନିମିଷକ ମଧ୍ୟରେ ଯୋଡି ଦେଇ ପାରୁଛି। ଅନେକ କୁମ୍ଭୀର ଜାତୀୟ ବନ୍ଧୁ ମାଙ୍କଡ଼ କଳିଜା ଖାଇବାର ଲୋଭରେ ମାଙ୍କଡ଼ମାନଙ୍କୁ ନେଇ ଶିକାର କରୁଛନ୍ତି, କେଉଁଠି ନାବାଳକ ତ କେଉଁଠି ନାବାଳିକା ପଶୁତୁଲ୍ୟ ମଣିଷମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଚୁପ୍ ରହୁଛନ୍ତି ତ କିଛି ସତ୍ ସାହସ ଦେଖାଇ ଆଇନର ଆଶ୍ରୟ ନେଉଛନ୍ତି । ସ୍କୁଲରେ ନାବାଳିକାମାନଙ୍କ ପାଇଁ ଯୌନ ଶିକ୍ଷାର ଯେତେ ଡିଣ୍ଡିମ ପିଟା ଯାଉଛି ପ୍ରକୃତ ପକ୍ଷେ ତାହା ହେଉନାହିଁ, ସମୟ ସମୟରେ ରକ୍ଷକ ନିଜେ ଭକ୍ଷକ ପାଲଟି ଯାଇ ସର୍ବନାଶ କରି ଦେଉଛି ବିଶେଷ କରି ଆଦିବାସୀ ଅଧୁଷିତ ଅଞ୍ଚଳଗୁଡିକରେ ଥିବା ଆଶ୍ରମ ସ୍କୁଲ/ଆବାସିକ ସ୍କୁଲଗୁଡିକର ଛାତ୍ରଛାତ୍ରୀମାନେ ଅକଥ୍ୟ ଶୋଷଣର ଶିକାର ହେଉଛନ୍ତି ସତେ ଯେମିତି ସେମାନେ ଜଣେ ଜଣେ ଉପଭୋଗର ସାମଗ୍ରୀ ପାଲଟି ଯାଇଛନ୍ତି ବୋଲି ମନେହୁଏ।

ବର୍ତ୍ତମାନ କଥା ଉଠୁଛି ଯେ, ଏହି ଅବାଞ୍ଛିତ ମାତୃତ୍ୱ ବା କୁମାରୀ ମାତୃତ୍ୱକୁ ଆମେ କେମିତି ନିୟନ୍ତ୍ରଣ ମଧ୍ୟକୁ ଆଣିପାରିବା ? ପରିବାରର ସଦସ୍ୟମାନେ ନିଜ ସନ୍ତାନମାନଙ୍କୁ ସଂସ୍କାର ଶିଖାଇବା ସହିତ ଟିନ୍ ଏଜ୍/କୈଶୋର ସମ୍ପର୍କରେ ଉପଯୁକ୍ତ ଶିକ୍ଷା ଦେବା ଉଚିତ, ସେହି ସମୟରେ କେଉଁଟା ଭଲ କେଉଁଟା ମନ୍ଦ, ଶୃଙ୍ଖଳିତ ସମାଜରେ ଅବସ୍ଥାନ କରିବାକୁ ହେଲେ କ'ଣ ଗ୍ରହଣୀୟ ତଥା କ'ଣ ବର୍ଜନୀୟ, ଅସମୟ ବା ନିର୍ଦ୍ଧାରିତ ବୟସ ପୂର୍ବରୁ ଯୌନ ସମ୍ପର୍କର ସକାରାତ୍ମକ ତଥା ନକାରାତ୍ମକ ଦିଗଗୁଡିକ ଉପରେ ନିଜର କିଶୋର ସନ୍ତାନମାନଙ୍କୁ ବନ୍ଧୁ ତୁଲ୍ୟ ଉପଦେଶ ଦେବା, ନିଶାଦ୍ରବ୍ୟ, କୁସଙ୍ଗ ଠାରୁ ଦୂରେଇ ରହିବା ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା କରିବା ଉଚିତ, ଏଠାରେ ବାପାମାନଙ୍କ ଠାରୁ ମା'ଙ୍କର ଭୂମିକା ବେଶୀ ଥାଏ ବୋଲି ହୃଦୟଙ୍ଗମ ହୁଏ। ଅଭିଭାବକମାନେ ବାଲ୍ୟ ବିବାହରୁ ନିବୃତ ରହିବା ଉଚିତ, ୨୦୦୬ ମସିହାରେ ସରକାର ନିୟମ ଦ୍ୱାରା କିଶୋରୀମାନଙ୍କ ଗର୍ଭଧାରଣକୁ ରୋକିବା ଲାଗି ବାଲ୍ୟ ବିବାହ ଆଇନ ଆଣିଛନ୍ତି। ଜାତୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା କିଶୋରୀମାନଙ୍କ ସ୍ୱାସ୍ଥ୍ୟସେବା ତଥା ଯୌନଶିକ୍ଷା ଦ୍ୱାରା ଅବାଞ୍ଛିତ କୁମାରୀ ମାତୃତ୍ୱକୁ ଅନେକାଂଶରେ କମ୍ କରିବାରେ ସାହାଯ୍ୟ କରୁଛି। କୁମାରୀ ମାତୃତ୍ୱ ସମ୍ପୂର୍ଣ୍ଣ ବନ୍ଦ ହୋଇ ନ'ପାରେ ତଥାପି ସରକାରଙ୍କ ଆନ୍ତରିକତା, ସମସ୍ତଙ୍କର ସହଯୋଗ ତଥା ଏନ୍‌ଜିଓ ମାନଙ୍କ କାର୍ଯ୍ୟଦକ୍ଷତା ଦ୍ୱାରା ଏହାକୁ ନିୟନ୍ତ୍ରିତ କରାଯାଇ ପାରେ।



ବ୍ୟାସନଗର(ଭାସ୍କର ନ୍ୟୁଜ): ସ୍ଥାନୀୟ ଏନସି ହାଇସ୍କୁଲ ପ୍ରାଙ୍ଗଣରେ ଯାଜପୁର ଜିଲ୍ଲା ଯୁବ ମହୋତ୍ସବ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ଆନୁକୁଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଯୁବ ମହୋତ୍ସବ ୭ରୁ ୧୨ ଯାଏ ଏନସି ହାଇସ୍କୁଲ ପଡ଼ିଆରେ ଚାଲିବ ବୋଲି ଫାଉଣ୍ଡେସନ ସଭାପତି ଡ଼ଃ ଦୁଷ୍ମନ୍ତ କୁମାର ନାୟକ, ଆବାହକ ଅଯୋଧ୍ୟା ଜେନା, ସଂଗଠନ ସମ୍ପାଦକ ନିରଞ୍ଜନ ଘଡାଇ, ସମ୍ପାଦକ ଅଶ୍ୱିନୀ ଦାସ, ମିଡ଼ିଆ ସେଲ୍ ସମ୍ପାଦକ ହେମନ୍ତ ଧୀର ଓ ଉପସଭାପତି ହୃଷିକେଶ ସାହୁ ସୂଚନା ଦେଇଥିଲା । ମହୋତ୍ସବରେ ଜିଲ୍ଲାର ୧୦ ବ୍ଲକ ଓ ୨ ମ୍ୟୁନିସିପାଲିଟିର ଯୁବ ପ୍ରତିଭାଙ୍କୁ ନେଇ କଳା, ସାହିତ୍ୟ, ସଂସ୍କୃତି, ସଂଗୀତ, ଲୋକନୃତ୍ୟ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ପଲ୍ଲୀଶ୍ରୀ ମେଳା, ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସବରେ ଯାଜପୁର ଜିଲ୍ଲାର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟିକ ଆକାଶ ଦାସ ନାୟକ ଏବଂ ବ୍ୟାସନଗର ପୌରପାଳିକା ସଂଗୀତା ପିଙ୍ଗୁଆ ଅତିଥି ଭାବେ ଯୋଗଦେବେ । ସମାଜସେବୀ ଓ ଯୁବ ପ୍ରତିଭାଙ୍କୁ ଫାଉଣ୍ଡେସନ ତରଫରୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର କର୍ମକର୍ତ୍ତା ଶିକ୍ଷାବିତ୍ ବିଭୂତି ଭୂଷଣ ପାଳ, ମୋହନ ଚରଣ ମଲ୍ଲିକ, ବ୍ରଜେଶ୍ୱରୀ ସିଂ, ଜ୍ଞାନରଞ୍ଜନ ରାଉତ, ସରୋଜ ଦେ, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବଢୁଛି ମା' ଶାଳଗ୍ରାହୀଙ୍କ ମହିମା, ଜମୁଛି ଭକ୍ତଙ୍କ ଭିଡ଼

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତର ଶାଳପଡ଼ା ଗ୍ରାମର ଗ୍ରାମ ଦେବତୀ ମା' ଶାଳଗ୍ରାହୀଙ୍କ ମହିମା ଦିନକୁ ଦିନ ବଢ଼ିବାକୁ ଲାଗିଛି । ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପ୍ରତିଦିନ ବିଲ ଗହିରରେ ପ୍ରତିଷ୍ଠିତ ମା'ଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ପାଖରେ ନାନା ମାନସିକ କରି ମାନସିକ ପୂରଣ ପାଇଁ ଗୁହାରି କରନ୍ତି । ମାନସିକ ପୂରଣ ହେଲେ ସପରିବାର ଆସି ମା'ଙ୍କ ନିକଟରେ କରିଥିବା ମାନସିକ ପୂରଣ କରନ୍ତି । ଭାବ ଭକ୍ତିର ସହ ମା'ଙ୍କ ପାଖରେ ସମର୍ପିତ ହେଲେ ଚର୍ତୁବର୍ଗର ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକକଥା ରହିଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଗ୍ରାମଦେବତୀ ମା' ଶାଳଗ୍ରାହୀ ବିଲ ଗହିର ମଝିରେ ଥିବା ଏକ ପୁରୁଣା ତେନ୍ତୁଳି ଗଛ ମୂଳେ ବହୁଦିନ ଧରି ବିରାଜମାନ ଥିଲେ । ଲୋକ ଲୋଚନକୁ ଆସି ନଥିବାରୁ ପୀଠରେ ପୂଜାର୍ଚ୍ଚନା ଓ ଜନସମାଗମ ହେଉନଥିଲା । ପରବର୍ତ୍ତି ସମୟରେ ଏହି ଗ୍ରାମର ରମେଶ ମଙ୍ଗୁଆଳଙ୍କୁ ସ୍ୱପ୍ନାଦେଶ ପରେ ମଙ୍ଗୁଆଳ ମା'ଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା ଆରମ୍ଭ କଲେ । ପରେ ଧିରେ ଧିରେ ସ୍ଥାନୀୟ ବାସିନ୍ଦା ଓ ଆଖପାଖ ଗ୍ରାମର ଲୋକମାନେ



ପୀଠକୁ ଆସି ମା'ଙ୍କର ପୂଜାର୍ଚ୍ଚନା କଲେ । ବିବାହ, ବ୍ରତ, ମାଙ୍ଗଳିକ କର୍ମ ଆଦି ଶୁଭକର୍ମରେ ମା'ଙ୍କୁ ମଙ୍ଗୁଳାଯିବା କାର୍ଯ୍ୟ ଆରମ୍ଭ କରାଗଲା । ଏବେ ଦେବୀ ଶାଳଗ୍ରାହୀ ଶାଳପଡ଼ା ସମେତ ଆଖପାଖ ଗ୍ରାମ ଗୁଡ଼ିକର ରକ୍ଷାକର୍ତ୍ତୀ ଓ ତ୍ରାଣକର୍ତ୍ତୀ ଭାବେ ଉଭା ହୋଇଛନ୍ତି । ସଦା ଚଳଚଞ୍ଚଳ ଏହି ପୀଠକୁ ସଂଯୋଗ ରାସ୍ତା ନଥିବା ଓ ପୀଠରେ ଆଲୋକ ବ୍ୟବସ୍ଥା ନଥିବା ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରାଯାଇ ସରକାରୀସ୍ତରରେ ପୀଠରେ ଉପଯୁକ୍ତ ବ୍ୟବସ୍ଥା କରାଯିବା ପାଇଁ ଦାବି ହେଉଛି ।

# ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ନିର୍ବାଚନମଣ୍ଡଳୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ପଂଚାୟତକୁ ଗସ୍ତ କରିଥିବା ବେଳେ ହଜାର ହଜାର ସଂଖ୍ୟକ କର୍ମୀ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ପଂଚାୟତ ଗସ୍ତ କରିଥିଲେ । ୯ମାସ ବିଜେପି ସରକାର ଶାସନରେ ରହିବା ଭିତରେ ନିମାପଡା ନିର୍ବାଚନମଣ୍ଡଳୀରେ ଅନେକ ଜନହିତକାର କାର୍ଯ୍ୟ ହୋଇଥିବା ଜନସାଧାରଣଙ୍କ ପକ୍ଷରୁ କୁହାଯାଉଛି । ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ହରିଶପୁର ଚିଙ୍ଗୁଡ଼ିଆକଂଟା ଠାରେ ଗୋଶାଳା ଉଦଘାଟନ କରିଛନ୍ତି । ଖେଲାର ମହାବୀର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା



ରାମଚରିତ ମାନସରେ ଯୋଗଦେଇ ପ୍ରଭୁଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି । ପରେ ଭିଳିଗ୍ରାମ ପଞ୍ଚାୟତରେ ଅଷ୍ଟପ୍ରହର ନାମ ଯଜ୍ଞରେ ଯୋଗଦେଇଥିବା ବେଳେ ନିମଗରସ୍ଥିତ ଅଚ୍ୟୁତାନନ୍ଦଙ୍କ ଗାଦିରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାପଡ଼ିଛି । ପରେ ନିମାପଡା ଫେରି ଆସନ୍ତା ୭ତାରିଖ ସନ୍ଧ୍ୟାରେ ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀମାନଙ୍କୁ ଦୀପ ଦାନ କରିବା ପାଇଁ କହିବା ସହ ମା' ସୁଭଦ୍ରାଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ମା'ମାନଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପୁରସ୍କାର ରାଶି ଘୋଷଣା ମଧ୍ୟ କରିଛନ୍ତି । ସରକାରଙ୍କ ଏପରି ଜନହିତକର କାର୍ଯ୍ୟକୁ ନେଇ ଲୋକମାନେ ବେଶ୍ ଉତ୍ସାହିତ ଥିବା ଜଣାପଡିଛି ।

# ସୁଭଦ୍ରା ଯୋଜନାର ପଥପ୍ରାନ୍ତ ସଭା



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ମହିଳା ଓ ଶିଶୁକାଶ ବିଭାଗ ପକ୍ଷରୁ ନୂଆ ବସନ୍ତଖଣ୍ଡଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଡ଼ିଓ ବିଷ୍ଣୁଗୋବିନ୍ଦ ଅତିଥି ଭାବେ ଯୋଗଦେଇ ସୁଭଦ୍ରାଯୋଜନାରେ ମହିଳାମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରତିଭା ଉପଯୋଗ କରିପାରିଲେ ସେମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ଓ ମା'ମାନେ ସ୍ୱାବଲମ୍ବୀ, ସଶକ୍ତ ହୋଇପାରିଲେ ଓଡିଶା ସମୃଦ୍ଧିର ଶୀର୍ଷରେ ପହଞ୍ଚି ପାରିବ ବୋଲି କହିଥିଲେ । ସୁଭଦ୍ରାର ଦ୍ୱିତୀୟ କିସ୍ତି ପୂର୍ବରୁ ପ୍ରଚାର ଓ ପ୍ରସାର ମାଧ୍ୟମରେ ମା'ମାନେ କିଭଳି ଅଧିକରୁ ଅଧିକ ଏଥିରେ ସାମିଲ ହୋଇପାରିବେ ଏହି ଲକ୍ଷ୍ୟ ନେଇ କାକଟପୁର ବ୍ଲକ ମହିଳା ଓ ଶିଶୁକାଶ ବିଭାଗ ପକ୍ଷରୁ ଅଙ୍ଗନବାଡି କର୍ମୀ, ସହାୟିକା ଓ ଏସଏଚଜି ମା'ମାନଙ୍କ ସହଯୋଗରେ ଏହି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅସ୍ମିତା ଦୀକ୍ଷିତ, ମିନାକ୍ଷୀ ପଣ୍ଡା, ରାଜଲକ୍ଷ୍ମୀ ଦେଈ, ବିପ୍ରିୟାସୀ ବିଶ୍ୱାଳ, ସୁମିତ୍ରା କାଣ୍ଡି, ଅଳକା ସ୍ୱାଇଁ ଦେଈ, ସୁକାନ୍ତି ବିଶ୍ୱାଳ, ରଶ୍ମିରେଖା ଶତପଥୀ, ଜ୍ୟୋତ୍ସ୍ନା ପରିଡା, ମମତା କାର୍ତ୍ତିକ ସହିତ କାକଟପୁର ଓ କଣ୍ଡାପଡ଼ା ଗ୍ରାମ ପଞ୍ଚାୟତର ଅଙ୍ଗନବାଡି କର୍ମୀ, ସହାୟିକା ଓ ଏସଏଚଜି ଗୋଷ୍ଠୀ ମା'ମାନେ ଯୋଗ ଦେଇଥିଲେ । ଶେଷରେ ଦୁଇଜଣ କିଶୋରୀ ବାଳିକା ନାଚ ଗୀତ ମାଧ୍ୟମରେ ସୁଭଦ୍ରା ଯୋଜନାର ଗୁଣବତ୍ତା ବିଷୟରେ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ ।

# ୧୦ରେ ଜିଲ୍ଲାପାଳଙ୍କ ଅଫିସ୍ ଘେରିବ କଂଗ୍ରେସ: ନାରୀ ନିର୍ଯାତନା ମୁଖ୍ୟ ପ୍ରସଙ୍ଗ



ଯାଜପୁର(ଭାସ୍କର ନ୍ୟୁଜ): ରାଜ୍ୟରେ ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଦରଦାମ ବୃଦ୍ଧିକୁ ନେଇ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଆଗାମୀ ୧୦ରେ ରାଜ୍ୟର ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉର ଆହ୍ୱାନ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସାଂସଦ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ଉପସଭାପତି ଶ୍ରଦ୍ଧାଞ୍ଜଳି ମହାନ୍ତି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ । ବିଜେପି ସରକାର କ୍ଷମତାସୀନ ହେବା ଦିନଠାରୁ ସମଗ୍ର ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଅତ୍ୟନ୍ତ ଉଦବେଗଜନକ । ଏଥି ସହିତ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ନ୍ୟାୟ ପାଇଁ ଲୋକେ ହଟହଟା ହେଉଛନ୍ତି । ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବର୍ତ୍ତମାନର ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୧୦ରେ ସ୍ଥାନୀୟ କିଆନାଳୀ ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହିତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ତେବେ ଆଜିର ବୈଠକରେ ବରିଷ୍ଠ ନେତା ଅଜୟ ସାମଲ, ଧର୍ମଶାଳା ନେତା କିଷାନ ପଣ୍ଡା, ଯାଜପୁର ନେତା ସୁଦୀପ ଦାସ, ବିଂଝାରପୁରର କନକଲତା ମଲ୍ଲିକ, ସୁକିନ୍ଦାର ବିନୁ ରାଉତ, ବରିଷ୍ଠ ନେତା ସରୋଜ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ସାଂସଦ ଅଚ୍ୟୁତ ଦାସ, ମହିଳା ସଭାନେତ୍ରୀ ଆରତି ଦେଓ, ଭୁପେନ୍ଦ୍ର ବେହେରା, ଗଦାଧର ଦାସ, ନାରାୟଣ ସାମନ୍ତ, ମିହିର ମିଶ୍ର, ସ୍ୱରେଶ ସାହାଣୀ, ରଣଜିତ ରାଜ, ମନୋଜ ଦାଶ, ଶ୍ୟାମସୁନ୍ଦର କର, ହରିହର ସାହୁ, ଦେବେନ୍ଦ୍ର ପଣ୍ଡା, ବିଜୟ ଦାସ, ଭାସ୍କର ମହାନ୍ତି, ପ୍ରତିମା କର, ବିଳାସ ରାଉତରାୟ, ନରେଶ ମହାନ୍ତି, ଆଲୋକ ବେହେରା, ସଂଗ୍ରାମ ସାହାଣୀ, କୁମାର ଆଶୁତୋଷ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, ମାଗୁଣୀ ଜେନା, ରବି ଜେନା, ଭରତ ପରିଡା, ଚକ୍ର ଶେଖର ସାହୁ, ଅଜୟ ଶତପଥୀ, ଅନିଲ ମହାନ୍ତି, ହୃଷିକେଶ ପାଠ, ଅନନ୍ତ ଜେନା, ବିନୋଦ ଆଚାର୍ଯ୍ୟ, ଶ୍ରୀକାନ୍ତ ମଲ୍ଲିକ, ବସନ୍ତ ପରିଡା, ମାନସ ପଣ୍ଡା, କାଳୁଆ ରାଉତ, ସୁରେନ୍ଦ୍ର ପଣ୍ଡା, ନିକୁଞ୍ଜ ସାମଲ, ଏକାଦଶ ତ୍ରିପାଠୀ, ଗୋବିନ୍ଦ ସାହୁ, ଅନୁପମ ମଲ୍ଲିକ, ସତ୍ୟ ପ୍ରକାଶ ନାୟକ ଓ ଅଜିତ ମଲ୍ଲିକ ପ୍ରମୁଖ ବିଭିନ୍ନ ବ୍ଲକରୁ ଶତାଧିକ ନେତୃବୃନ୍ଦ ଯୋଗ ଦେଇଥିଲେ । ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ କାର୍ଯ୍ୟକ୍ରମ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ରାଉତ ନିବେଦନ କରିଛନ୍ତି ।

# ଠାକୁରଙ୍କ ଆଳରେ ନଦୀପଠାରୁ ଶହ ଶହ ଟ୍ରିପ୍ ମାଟି ଚୋରି



କଣ୍ଡାପଡ଼ା(ଭାସ୍କର ନ୍ୟୁଜ): ମାତିଛନ୍ତି ମାଟି ମାଫିଆ । ଲଘୁ ଖଣିଜ ଉପରେ ପଡ଼ିଛି ଲୋଲୁପ ଦୃଷ୍ଟି । କଟକ ଜିଲ୍ଲା କଣ୍ଡାପଡ଼ା ତହସିଲ୍ ସ୍ଥିତ ତିଗିରି ପଞ୍ଚାୟତ ଅଧିନରେ ଥିବା କୁସୁପୁର ନଦୀ ପଠାରୁ ଦିନ ଦ୍ୱିପ୍ରହରରେ ଜେସିବି ସେଟିଂ ଲଗାଇ ଶହ ଶହ ଟ୍ରିପ୍ ମାଟି ଚାଲିଛି ବେପରୁଆ ଚୋରା ଚାଲାଣ । ବିଗତ ଦିନରେ ଉକ୍ତ ମାଟି ଉଠାଇବା ସ୍ଥାନଟି ବନ୍ୟା ସମୟରେ ଘାଇର କେନ୍ଦ୍ରବିନ୍ଦୁ ପାଲଟିଥାଏ, ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମନରେ କୋହ୍ଲା ଭୟ ସୃଷ୍ଟି ହୁଏ । ମାଟି ଗୁଡିକ କୁସୁପୁର ନଦୀ ପଠାରେ ଥିବା ବଡବୋଗାରେ ଅବସ୍ଥିତ ଯାହାର ନାମ ନେଇ ଏଞ୍ଚ ସହ ଚାଟିଯାଉଥିବା କିଛି ମାଟି ପକାଇ ତାହା ମାଟି ଗୁଡିକ ଅନିର୍ଦ୍ଦିଷ୍ଟ ଗ୍ରାମକୁ ଚାଲିଛି ଟ୍ରାକ୍ଟର ସାହାଯ୍ୟରେ ବୁହା । ନଦୀପଠାରୁ ମାଟି ଉଠୁଥିବା ସ୍ଥାନଟି ୪ରୁ ୫ଫୁଟ୍ ଗର୍ତ୍ତରେ ପରିଣତ ହେଲାଣି । ସୂଚନା ମୁତାବକ ମାଟିମାଫିଆ ଠାକୁରଙ୍କ ଆଳରେ ଟ୍ରାକ୍ଟର ଟ୍ରିପ୍ ପିଛା ୪୦୦ଟଙ୍କାରେ ଚାଲିଛି ବିକ୍ରି । ମାଟି ଉପରେ ନିୟୋଜିତ ଅଛନ୍ତି ୫ ଟ୍ରାକ୍ଟର । ଅଞ୍ଚଳବାସୀ ଅତସପୁର ରାଜସ୍ୱ ନିରୀକ୍ଷକ ଜ୍ଞାନ ରଞ୍ଜନ ମଲ୍ଲିକଙ୍କୁ ଫୋନ ଜରିଆରେ ଜଣାଇଥିଲେ ମଧ୍ୟ ନିଦ୍ରାବସ୍ଥା ସାଜିଛନ୍ତି ଆର.ଆଇ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଏନେଇ କଣ୍ଡାପଡ଼ା ତହସିଲଦାର ଓ ଗୋବିନ୍ଦପୁର ପୋଲିସ ମାଟି ମାଫିଆଙ୍କୁ ରିଗ୍ ସହ ମାଟିବୋଝେଇ କରୁଥିବା ଜେସିବି ଓ ମାଟି ବୋହୁଥିବା ଟ୍ରାକ୍ଟରକୁ ଜବତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ ନେଇ ବିଜେଡିର ବିକ୍ଷୋଭ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳନକୁ ନେଇ ବିବାଦ ଉପୁଜିଥିବା ବେଳେ ବିଜେଡି ହରତାଳ କରିବା ସହ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ତଳେ ବସି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛି । କାର୍ଯ୍ୟକ୍ରମରେ ଅନେକ କର୍ମୀ ଯୋଗ ଦେଇଥିବା ବେଳେ ବର୍ତ୍ତମାନ ବିଜୁବାବୁଙ୍କୁ ନେଇ ରାଜନୀତି ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ ଓଡିଶାରେ ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଆସୁଥିବା ବେଳେ ପୂର୍ବରୁ ବିଜେଡି ସରକାର ଓ କଂଗ୍ରେସ ସରକାର ଏହି ନିୟମମାନ ପାଳନ କରିଆସୁଥିଲେ । ମାତ୍ର ଭାରତ ସାରା ଏପ୍ରେଲ ୨୪ ତାରିଖ ପଂଚାୟତରାଜ ଦିବସ ପାଳନ ହେଉଥିବା ବେଳେ ଓଡିଶାରେ ମାର୍ଚ୍ଚ ୫ତାରିଖରେ ପାଳନ ହୋଇଆସୁଥିଲା । ବିଜେପି ସରକାର ଓଡିଶାରେ ଗାଦିରେ ବସିବା ପରେ ମାର୍ଚ୍ଚ ୫ତାରିଖ ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ସମସ୍ତ ଅନୁଷ୍ଠାନରେ ଏହାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏପ୍ରେଲ ୨୪ତାରିଖ ଦେଶ ସହ ଓଡିଶାରେ ପଂଚାୟତରାଜ ଦିବସ ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି । ମାତ୍ର କାହିଁକି ଏପରି ପରିବର୍ତ୍ତନ କରାଗଲା କହି ବିଜେଡି ପ୍ରତିବାଦ କରିବା ସହ ନିମାପଡା ବ୍ଲକ ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀସ୍ଥଳରେ ଧାରଣା ଦେଇ ବିକ୍ଷୋଭ କରିଛନ୍ତି । କାର୍ଯ୍ୟକ୍ରମରେ ବିଜେଡି ନେତା ଦିଲିପ ନାୟକ, ଯୁବ ସଂଗଠକ ଦିଲିପ ପାତ୍ର, ମାନସ ପ୍ରଧାନ, କାଉନସିଲର ଧନୁର୍ଦ୍ଧର ଦାସ ପ୍ରମୁଖ କର୍ମୀମାନେ ଧାରଣାରେ ବସିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ।

## ଅଗ୍ନିଶମ ନିୟମକୁ ଫୁଁ', ଅବାଧରେ ଗଢି ଉଠିଛି ମାଳ ମାଳ ଅଟ୍ଟାଳିକା


# ନୋଟିସ୍ ଦେଇ ଚୁପ୍ ବସିଛି ବିଭାଗ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବଜାର ଓ ଏହାର ଆଖପାଖ ଅଞ୍ଚଳ ତଥା ନୂଆ ଗାଁ, ମଝିଖଣ୍ଡ, ଜଳାରପୁରରେ ଦିନକୁ ଦିନ ବଡ଼ ବଡ଼ କୋଠା ନିର୍ମାଣ ଚାଲିଥିଲେ ମଧ୍ୟ ଅଗ୍ନି ମୁକାବିଲା ପାଇଁ ସେଭଳି କୌଣସି ବ୍ୟବସ୍ଥା କରାଯାଉ ନଥିବା ଅଭିଯୋଗ ହେଉଛି । ନିଆଁ ଲାଗିଲେ କ୍ଷଣକରେ ସବୁ ଧ୍ୱଂସ ହେବ । ନିଆଳି ବଜାର ଓ ଏହାର ଆଖପାଖରେ ମାଳ ମାଳ ସୋ ରୁମ୍,



ବିଦ୍ୟାଳୟ, କୋଚିଂ ସେଣ୍ଟର, ଟିଉଟୋରିଆଲ, ଜିମ ସେଣ୍ଟର, ସୁନା ଦୋକାନ ଓ ଅଟାଳିକା ରହିଥିବା ବେଳେ ଅଗ୍ନି ସୁରକ୍ଷା ସାର୍ଟିଫିକେଟ ପ୍ରାୟତଃ ସମସ୍ତଙ୍କ ପାଖରେ ନଥିବା ଚର୍ଚ୍ଚା ହେଉଛି । ସବୁ ଅଟାଳିକାରେ ଅଗ୍ନି ସୁରକ୍ଷା ନିୟମ ପାଳନ କରିବା ଅତ୍ୟନ୍ତ ଜରୁରି ହୋଇପଡ଼ିଥିଲେ ମଧ୍ୟ ସରକାରୀ ଗାଇଡଲାଇନ କୁ ଫୁ କରିଦିଆଯାଉଛି । ଏପରିକି ଅନେକ ଆପାର୍ଟମେଣ୍ଟ ନିକଟକୁ ଅଗ୍ନିସେବା ଗାଡି ପହଂଚିବାକୁ ବି କଷ୍ଟକର ବ୍ୟାପାର ହୋଇଛି । ପୂର୍ବରୁ ନ୍ୟାସନାଲ ବିଲଡିଂ କୋର୍ଡ ଅନୁସାରେ ଅଗ୍ନି ସୁରକ୍ଷା ଗାଇଡ଼ ଲାଇନ ଜାରି ହୋଇଛି । କଣ୍ଟ୍ରାକ୍ଟର ଏବଂ ମାଲିକ ମାନେ ସରକାରୀ ଗାଇଡ଼ ଲାଇନକୁ ଖୋଲାଖୋଲି ଉଲଂଘନ କରୁଥିବା ଅଭିଯୋଗ ହେଉଛି । କୋଠା ଓ ସପିଂମଲରେ ଫାୟାର ଆଲାରାମ ଓ ଅଗ୍ନି ନିର୍ବାପକ ଯନ୍ତ୍ର ସ୍ୱୟଂଚାଳିତ ସ୍ପ୍ରିଙ୍କଲର ବ୍ୟବସ୍ଥା, ହାଇଡ୍ରାଣ୍ଡ ପଏଣ୍ଟ ବ୍ୟବସ୍ଥା ରହିବା ଆବଶ୍ୟକ । ଏପରି କୋଠା ଉଚ୍ଚତା ଅନୁସାରେ ପାଣି ଟାଙ୍କି ରଖାଯିବା, (ହାଇଡ୍ରାଣ୍ଟ ପଏଣ୍ଟ) ନିୟମ ରହିଛି । କିନ୍ତୁ କୋଠା ନିର୍ମାଣ ବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ସରକାରଙ୍କ ଓଡ଼ିଶା ଅଗ୍ନିସେବା ଆଇନ ଧାରା ୨୬ ଅଧି ନିୟମ ଅନୁସାରେ ଓଡିଶା ଅଗ୍ନିନିର୍ବାପନ ଏବଂ ଅଗ୍ନି ନିରାପତ୍ତା ନିୟମ ଉଲଂଘନକାରିଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବୃହତ ଅଟାଳିକା, ସ୍ୱାସ୍ଥ୍ୟକେନ୍ଦ୍ର, ହୋଟେଲ ଓ ହସ୍ପିଟାଲ ଆଦି ପାଇଁ ଅଗ୍ନିସେବା ଆଇନ ଅନୁସାରେ ଅଗ୍ନିଶମ ନିରାପତ୍ତା ପ୍ରମାଣ ପତ୍ର ଆଦି ଅନିବାର୍ଯ୍ୟ ହୋଇଥିଲେ ମଧ୍ୟ ନିଆଳି ଅଞ୍ଚଳ ରେ ଅନେକ ଅନୁଷ୍ଠାନ ଏହି ନିୟମକୁ ବର୍ତ୍ତମାନ ସୁଦ୍ଧା ଉଲଂଘନ କରୁଥିବା ଏକ ସର୍ଭେରୁ ଜଣାପଡିଛି । କଟକ ଜିଲ୍ଲାର ଅନ୍ୟତମ ବାଣିଜିକ କେନ୍ଦ୍ର ରୂପେ ପରିଚିତ ଥିବା ଅଞ୍ଚଳର ଅଧିକାଂଶ ଅଟାଳିକା ଓ ସୋ ରୁମରେ ଅଗ୍ନିଶମ ନିରାପତ୍ତା ନଥିବା ଜଣାପଡିଛି । ଏ ନେଇ ନିଆଳି ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେମାନଙ୍କୁ ନୋଟିସ ଜାରି କରାଯାଇଛି, ଖୁବଶୀଘ୍ର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ




ବାରିପଦା(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ମୟୂରଭଞ୍ଜ ଦ୍ୱାରା ଆୟୋଜିତ ତିନିଦିନିଆ ଅଣଆବାସିକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ମହାରାଣୀ ଟକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୦୪ ମହିଳା ଆଂଶିକ ସମୟ ଶିକ୍ଷକ (ଶାରୀରିକ), ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ୮ ପ୍ରଶିକ୍ଷାର୍ଥୀ ୧୫ରୁ ଅଧିକ ଆତ୍ମରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ । ଉଦଜାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଅଂଶଗ୍ରହଣକାରୀଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଓ ଏହାଦ୍ୱାରା ନିଜକୁ କୌଣସି ବିପତ୍ତିରୁ ରକ୍ଷା କରିପାରିବେ ତାହା ଆଲୋକପାତ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ଓ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ଏହି ଆତ୍ମରକ୍ଷା ତାଲିମ ବିଦ୍ୟାଳୟ ସ୍ତରରେ ଛାତ୍ରୀଙ୍କୁ ଉନ୍ନତ କୌଶଳ ମାଧ୍ୟମରେ ଦିଆଯାଇପାରିବ ଏବଂ ପ୍ରଶିକ୍ଷଣ ଲାଭ କରିଥିବା ଶିକ୍ଷକ ମାନେ ବିଦ୍ୟାଳୟ ସ୍ତରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କର୍ମଚାରୀ ଏବଂ ମହାରାଣୀ ଟକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଉତ୍ପାତ୍ କରୁଛି ଦନ୍ତା, ଅଞ୍ଚଳବାସୀ ଆତଙ୍କିତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଏକ ଦନ୍ତା ହାତୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ଉତ୍ପାତ ଆରମ୍ଭ କରିଛି । ଦନ୍ତା ଭୟରେ ସ୍ଥାନୀୟ ବାସିନ୍ଦା ଅତଙ୍କିତ ଅବସ୍ଥାରେ ରହିବା



ସହିତ ତାକୁ ଘଉଡ଼େଇବା ପାଇଁ ବନ କର୍ମଚାରୀ ମାନେ ନାକେଦମ ହେଉଥିଲେହେଁ ଏଦିଗରେ କିଛି ସୁଫଳ ମିଳି ପାରୁନାହିଁ । ପ୍ରାପ୍ତ ବିବରଣୀ ଅନୁସାରେ ଦନ୍ତା ହାତୀଟି ଗତ ମାସକ ତଳେ କପିଳାସ ଜଙ୍ଗଲରୁ ବାହାରି ଯାଜପୁର ଜିଲ୍ଲାର ସୁକିନ୍ଦା ଓ ପରେ କେନ୍ଦୁଝର ଦେଇ ଭଦ୍ରକ, ଯାଜପୁରର ଧର୍ମଶାଳା ଆଦି ଅଞ୍ଚଳରେ ଉତ୍ପାତ ମଚେଇ ଏବେ କଟକ ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ପ୍ରବେଶ କରିଛି । ହାତୀଟି କେତେବେଳେ ବିଲ ଗହିରରେ ଓ କେତେବେଳେ ଗ୍ରାମ ବଜାରକୁ ଆସି ଯାଉଛି । ହାତୀକୁ ଦେଖି ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡ଼ିବା ସହିତ ଘରେ ତାଟି କବାଟ ପକାଇଦେଉଛନ୍ତି । ଖବରପାଇ ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଘଉଡ଼େଇବା ପାଇଁ ଯେତେ ଚେଷ୍ଟା କଲେସୁଦ୍ଧା ହାତୀଟି ଏଣେତେଣେ ଦୌଡ଼ିବା ଆରମ୍ଭ କରୁଛି । ହେଲେ ଅଞ୍ଚଳ ଛାଡ଼ି ଯାଉନାହିଁ । ସ୍ଥାନୀୟ ଯୁବବର୍ଗ ଗଦାହୋଇ ମୋବାଇଲରେ ହାତୀଟିର ଫଟୋ ନେଉଥିବାରୁ ହାତୀଟି ତରକି ଯାଉ ଥିବାରୁ ତାକୁ ଘଉଡ଼େଇବା ସମ୍ଭବପର ହୋଇପରୁ ନଥିବା ବନ କର୍ମଚାରୀ ମାନେ ପ୍ରକାଶ କରିଛନ୍ତି । ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିବା ଓ ଆଜି ରାତିରେ ତାକୁ ଅନ୍ୟତ୍ର ଘଉଡ଼େଇ ଦିଆଯିବ ବୋଲି କଟକ ସହକାରୀ ବନ ସଂରକ୍ଷକ ଅନୀଲ କୁମାର ରାଓ ସୂଚନା ଦେଇଛନ୍ତି ।

# ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର କୃଷକ ମେଳା ପ୍ରଦର୍ଶନୀ, ଭାଗନେଲେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ

କାଳିଆପାଣି(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହଭାଗିତାରେ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଏକ କୃଷକ ମେଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏଥିରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗ ନଗର ଅଞ୍ଚଳର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗ ଦେଇଥିଲେକ୍ଷ ପଶୁପାଳନରେ ଯାନ୍ତ୍ରିକରଣ, ଅମଳ ପରବର୍ତ୍ତୀ ଯନ୍ତ୍ରପାତି ଓ ପ୍ରକ୍ରିୟାକରଣ ତଥା ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ



ଉପରେ ମେଳାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ମେଳାରେ ଓୟୁଏଟିର ପ୍ରଫେସର ଅଜୟ କୁମାର ଦାଶ, ଡ଼. ନିହାର ରଞ୍ଜନ ସାହୁ, ଡ଼. ପାର୍ଥସାରଥୀ ସ୍ୱାଇଁ, ଗଙ୍ଗେଶ୍ୱର ସ୍ୱାଇଁ ଓ ନବ କିଶୋର ସାହୁ ଯୋଗ ଦେଇ ଚାଷୀମାନଙ୍କ ସହ କୃଷି ସମ୍ପର୍କିତ ଆଲୋଚନା କରିବା ସହ ଚାଷରେ କିପରି ଯାନ୍ତ୍ରିକ ଉପକରଣ ବ୍ୟବହାର କରି ଅଧିକ ଅମଳ କରାଯାଇ ପାରିବ ସେନେଇ ସେମାନଙ୍କ ମତ ରଖିଥିଲେ । ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ । ଏହି ଅବସରରେ ଚାଷରେ ବ୍ୟବହୃତ ହେଉଥିବା ଅନେକ ଯାନ୍ତ୍ରିକ ଉପକରଣର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଏଫ୍ଏମ୍‌ଡିର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଶିଷ କୁମାର ବଞ୍ଚୋ, ରଜତ କୁମାର ଶତପଥୀ ଓ ସୌଭାଗ୍ୟ ରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପ୍ରେସ୍ ମିଡିଆ ଛାଟରେ ସ୍କୁଲ ଅଧ୍ୟକ୍ଷା ହଲଚଲ

# ପରିଚାଳନା କମିଟି ଦାୟିତ୍ୱ ଜିଲ୍ଲାପାଳଙ୍କୁ ଦେବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୀର୍ଘଦିନ ପରେ ୬ ମାର୍ଚ୍ଚରେ ବିଜେଇଏମ୍ ସ୍କୁଲ ଅଧ୍ୟକ୍ଷା ସଂଧ୍ୟା ଜେନା ପ୍ରେସ୍ ମିଡିଆମାନଙ୍କୁ ଡାକିଥିଲେ । ସେ ଏହି ପ୍ରେସ୍ ମିଡିଆମାନଙ୍କୁ ଡାକିଥିଲେ ପ୍ରତ୍ୟେକ ଦିନ ସ୍କୁଲ ବିରୁଦ୍ଧରେ ଯେଉଁ ସତ୍ୟ ସମ୍ବାଦ ପ୍ରକାଶ ପାଉଥିଲା ତାହାର ପ୍ରତ୍ୟୁତର ଦେବା ପାଇଁ । ମାର୍ଚ୍ଚ ୨ ତାରିଖ ଦିନ ସ୍କୁଲ କର୍ତ୍ତୃପକ୍ଷ (ଚେୟାରମ୍ୟାନ, ମ୍ୟାନେଜର ଓ ପ୍ରିନ୍ସିପାଲ)ଙ୍କ ସହିତ ୬ଜଣ ଅଭିଭାବକ ଓ ବରଗଡ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହିଦିନ ଅଭିଭାବକ ସଂଘ ପକ୍ଷରୁ ସ୍କୁଲ ଫି ବୃଦ୍ଧିକୁ ପୁନର୍ବାର ବିଚାର କରିବାକୁ ସିଏମ୍‌ସି କମିଟି ଡାକିବା ପାଇଁ ଅନୁରୋଧ କରାଯାଇଥିଲା ଏବଂ ଫାଇନାନ୍ସର କିଛି ହିସାବ ମଗାଯାଇଥିଲା । ସେଗୁଡିକ ହେଲା ଆର୍ଥିକ ରିପୋର୍ଟ, ବାଲାନ୍ସ ସିଟ୍, ଆୟଖର୍ଚ୍ଚ ହିସାବ, ପ୍ରାପ୍ତି ଦେୟ ହିସାବ ସହିତ ୨୦୧୪ ୨୦୧୫ରୁ ୨୦୨୩-୨୦୨୪ ପର୍ଯ୍ୟନ୍ତ ଅନୁବନ୍ଧ ସହିତ ସୂଚୀ । ସ୍କୁଲ ମ୍ୟାନେଜର ପ୍ରତାପ ଜେନା ଏସବୁ ଦେବେ ନାହିଁ ବୋଲି ରୋକଠୋକ ମନା କରିଥିଲେ ଏବଂ କହିଥିଲେ ଯେତିକି ୱେବସାଇଟ୍‌ରେ ଦେଇହେବ ଆମେ ସେତିକି ଅପଲୋଡ୍ କରିବୁ । ଏଥିରୁ ସ୍କୁଲର ଅନିୟମିତତା ବାରି ହୋଇପଡୁଥିବା ଦେଖି ଅଭିଭାବକ ସଂଘ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ଦେଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହିତ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ୬ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ସଚିବଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଥିଲା । ଏହି ସମ୍ବାଦ ପ୍ରତ୍ୟେକ ସମ୍ବାଦ ପତ୍ରରେ ପରିବେଶିତ ହୋଇଥିଲା । ତାହା ଜାଣିବା ସତ୍ତ୍ୱେ ବି ହଠାତ୍ ୬ ମାର୍ଚ୍ଚ ପ୍ରେସ ବନ୍ଧୁମାନଙ୍କୁ ଡାକିବାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ଉଠିଛି ? ଉଚ୍ଚସ୍ତରୀୟ ତଦନ୍ତକୁ ସାମନା କରିବା ପାଇଁ ଏତେ ଡର କାହିଁକି ? ସୂତ୍ରରୁ ଜଣାଯାଇଛି ଯେ ସ୍କୁଲ ପକ୍ଷରୁ ୫ ମାର୍ଚ୍ଚରେ କିଛି ଆୟ ବ୍ୟୟ ରିପୋର୍ଟ ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି । ସେଥିରେ ସ୍କୁଲର ପ୍ରତ୍ୟେକ ବର୍ଷ କୋଟିକୋଟି ଟଙ୍କା ସରପ୍ଲସ୍ ଅଛି ବୋଲି ଦର୍ଶାଯାଇଛି । ତେଣୁ ସେ ଟଙ୍କା ବିଜେଇଏମ୍ କ୍ୟାମ୍ପସ-୨ ତିଆରି କରିବା ପାଇଁ ନା ବିଜେଇଏମ୍ କ୍ୟାମ୍ପସ-୩ର ଜାଗା କିଣିବା ପାଇଁ, ଏହା ତଦନ୍ତ ସାପେକ୍ଷ । ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଠିତ ଜଷ୍ଟିସ୍ କେ.ପି. ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍-କମିଟି ରିପୋର୍ଟକୁ ଦେଖାଇ ପ୍ରିନ୍ସିପାଲ ସଂଧ୍ୟା ଜେନା ଓ ମ୍ୟାନେଜର ପ୍ରତାପ ଜେନା ଚାରିହଜାର ଅଭିଭାବକମାନଙ୍କୁ ମିଛ କହି ପ୍ରତ୍ୟେକ ବର୍ଷ ଶତକଡା ବନ୍ଧିତ ୨୦% ଅର୍ଥ ଆଦାୟ କରିଚାଲିଛନ୍ତି । ମାତ୍ର ଜଷ୍ଟିସ କେ.ପି ମହାପାତ୍ରଙ୍କ ଦ୍ୱାରା ଗଠିତ ସବ୍-କମିଟ ରିପୋର୍ଟକୁ ଅନୁଧ୍ୟାନ କରି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତିଙ୍କ କୋର୍ଟରେ ଜଷ୍ଟିସ କେ.ପି ମହାପାତ୍ରଙ୍କ ଫାଇନାଲ ରିପୋର୍ଟ ପ୍ରଦାନ କରିଥିଲେ ଯାହାକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ଡବ୍ଲୁ.ପି.(ସି) ନଂ.୮୯/୨୦୧୫ରେ ତାଙ୍କର ରାୟ ପ୍ରଦାନ କରିଛନ୍ତି । ମାତ୍ର ଉକ୍ତ ରାୟର ପ୍ରକୃତ ତଥ୍ୟକୁ ସ୍କୁଲ କର୍ତ୍ତୃପକ୍ଷ ଲୁଚାଇ ଚାଲିଛନ୍ତି । ସବ୍ କମିଟି ରିପୋର୍ଟକୁ ଫାଇନାଲ ରିପୋର୍ଟ ବୋଲି କହୁଛନ୍ତି, ଯାହା ବରଗଡ ଥାନା ଅଧିକାରୀଙ୍କ ସାମ୍ନାରେ ଅଭିଭାବକ ସଂଘ ପକ୍ଷରୁ ପ୍ରମାଣିତ ହୋଇସାରିଛି । ଚଳିତ ବର୍ଷ ୧୦ମ ପରୀକ୍ଷା ଚାଲୁଥିବା ବେଳେ ଏକାଦଶ ଶ୍ରେଣୀର ଆଡମିଶନ କରିବା କେତେ ଦୂର ଯଥାର୍ଥ । ୧୦ମ ଶ୍ରେଣୀର ଇଣ୍ଟରନାଲ ପରୀକ୍ଷାରେ ୭୦% ନମ୍ବର ରଖୁଥିବା ପିଲାମାନେ ଏକାଦଶ ଶ୍ରେଣୀର ବିଜ୍ଞାନ ସିଟ୍‌ରେ ନାମ ଲେଖାଇବାକୁ ସୁଯୋଗ ପାଇନାହାଁନ୍ତି । ସେହି ପିଲାମାନେ ସିବିଏସଇ ବୋର୍ଡରେ ୯୦% ନମ୍ବର ରଖିବେ ନାହିଁ ବୋଲି ଗ୍ୟାରେଣ୍ଟି କିଏ ଦେବ ? ତେଣୁ ଜାଣିଶୁଣି ସ୍କୁଲ କର୍ତ୍ତୃପକ୍ଷ ପରୀକ୍ଷା ପୂର୍ବରୁ ୧୦ମ ଶ୍ରେଣୀର ଛାତ୍ର ଓ ଅଭିଭାବକଙ୍କୁ ମାନସିକ ଚାପ ଦେଇ ଚାଲିଛନ୍ତି ଏଥିପାଇଁ ଯଦି କୌଣସି ପିଲା ଆତ୍ମହତ୍ୟା କରେ ସେଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ଦାୟୀ ରହିବେ । ତୁରନ୍ତ ୨୦% ସ୍କୁଲ ଫି ବୃଦ୍ଧିକୁ ବନ୍ଦ, ସ୍କୁଲର ନିକମା ପରିଚାଳନା ବୋର୍ଡକୁ ହଟାଇ ରାଜ୍ୟ ସରକାର ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେବା ସଙ୍ଗେ ସଙ୍ଗେ ୧୦ବର୍ଷର ଆୟବ୍ୟୟର ଖର୍ଚ୍ଚକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ତଦନ୍ତ ପାଇଁ ଅଭିଭାବକ ସଂଘ ପକ୍ଷରୁ ସଭାପତି ରଞ୍ଜନ କୁମାର ଦାସ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ଗୋପନଗର ନଦୀ ଘାଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ନଦୀ ବନ୍ଧକୁ ଉଠୁଥିବା ଟ୍ରାକ୍ଟର ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଥିବା ୨ଯୁବକଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଟାୟାର୍ ଜାଳି ରାସ୍ତାରୋକ କରିବା ସହ ଉତ୍ତେଜନା ଦେଖାଦେଇଥିଲା । କୋଟପୁର ପଞ୍ଚାୟତ ଭଗବାନପୁର ଗ୍ରାମର ରବିନ୍ଦ୍ର ମଲିକଙ୍କ ପୁଅ ଦେବାଶିଷ ମଲିକ(୨୫) ଓ ନୂଆପାଟଣା ଗ୍ରାମର ନିଧି ମଲିକଙ୍କ ପୁଅ ସାଗର ମଲିକ (୨୫) ଗୁରୁବାର ଓଡ଼ି୦୫ୟୁ ୩୫୯୦ ବାଇକ୍‌ରେ ଜାରକା ଆସୁଥିବା ବେଳେ ଗୋପନଗରରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ଧକ୍କା ହୋଇଥିଲା । ଏଥିରେ ଦେବାଶିଷ ମୃତ୍ୟୁବରଣ କରିଥିବା ବେଳେ ଆହତ ସାଗରକୁ ସ୍ଥାନୀୟ ଲୋକ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି । ଖବରପାଇ ଧର୍ମଶାଳା ପୋଲିସ୍ ଲୋକଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଏନେଇ ଧର୍ମାଳା ପୋଲିସ୍ ୧୨୪/୨୫ରେ ଏକ କେଶ ରୁଜୁକରି ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର ଓ ବାଇକକୁ ଜବତ କରିବା ସହ ଘଟଣା ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଉନ୍ନତିକରଣ ଏବଂ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଉଦ୍‌ଘାଟନ

ବାରିପଦା(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବାରିପଦା ସ୍ଥିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିସରରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଉନ୍ନତିକରଣ ଏବଂ ନୂତନ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କ୍ୟାବିନେଟ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ଉଦ୍ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶିକା ନିୟତୀ ପଟ୍ଟନାୟକ, ବିଭାଗର ଅତିରିକ୍ତ ସଚିବ ସୋନିଆ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି କାହ୍ନରା ସୋରେନ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଂଜିତ କୁମାର ସୋରେନଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭରେ ବିଭାଗର ନିର୍ଦ୍ଦେଶିକା ଉକ୍ତ କେନ୍ଦ୍ରର ଆଭିମୁଖ୍ୟ ଓ ବର୍ତ୍ତମାନ ସମୟରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ରେ କହିଥିଲେ ଯେ ଏହି କେନ୍ଦ୍ର ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାଶକ୍ତିକରଣ ବିଭାଗର ଏକ ଅଭିନବ ପ୍ରୟାସ । ଏହି ଚିକିତ୍ସା ରୋବୋଟିକ ପ୍ରଯୁକ୍ତି ବିଦ୍ୟା ଆଧାରିତ



ଏବଂ ଏଠାରେ ରୋଗୀଙ୍କୁ ଶାରୀରିକ, ମାନସିକ, ଭୌତିକ ଚିକିତ୍ସା ଜରିଆରେ ପକ୍ଷାଘାତ, ଅସ୍ଥିଶଲ୍ୟ ଜନିତ ସମସ୍ୟା ତଥା ସ୍ନାୟୁ ଜନିତ ଯନ୍ତ୍ରଣା ଭୋଗୁଥିବା ରୋଗୀମାନଙ୍କୁ ରୋବୋଟିକ ଜ୍ଞାନ କୌଶଳରେ ଫିଜିଓଥେରାପି ପ୍ରଦାନ କରାଯାଇଥାଏ । ଏତଦ ବ୍ୟତୀତ ଏହି କେନ୍ଦ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ନିର୍ମାଣ କରାଯାଇ ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଏ ଯାହାକି ନିଃଶୁଳ୍କ ଓ ଉନ୍ନତ ବିଶ୍ୱସ୍ତରୀୟ ଏତଦ ବ୍ୟତୀତ ଉକ୍ତ ଅତ୍ୟାଧୁନିକ କେନ୍ଦ୍ର ଜନ୍ମଜାତ ଭିନ୍ନକ୍ଷମ ଶିଶୁଙ୍କୁ ଚିକିତ୍ସା ପ୍ରଦାନରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କେନ୍ଦ୍ରର କାର୍ଯ୍ୟରତ ଥେରାପିଷ୍ଟ ମାନେ ଇଟାଲୀ, ଜର୍ମାନୀ ଓ ଇସ୍ରାଏଲ ଇତ୍ୟାଦି ବିଦେଶର ବିଶେଷଜ୍ଞଙ୍କଠାରୁ ପ୍ରଶିକ୍ଷିତ ଏବଂ ଫିଜିଓ ଥେରାପି ବିଭାଗର ଅଧିକାଂଶ ଯନ୍ତ୍ରାଂଶ ସ୍ୱୟଂ ଚାଳିତ । ୨୦୨୪ଡିସେମ୍ବରଠାରୁ ଆଜି ପର୍ଯ୍ୟନ୍ତ ୪୦୦ ରୁ ଅଧିକ ରୋଗୀ ବିଭିନ୍ନ ସେବା ପାଇ ଉପକୃତ ହେଲେଣି । ପଡୋଶୀ ଜିଲ୍ଲା ବାଲେଶ୍ୱର, କେଉଁଝର ତଥା ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ରୋଗୀମାନେ ମଧ୍ୟ ଆସି ଏଠାରୁ ଚିକିତ୍ସା ପାଇଁ ଉପକୃତ ହେଉଛନ୍ତି । ଅନ୍ୟାନ୍ୟ ଅତିଥି ମାନେ ମଧ୍ୟ ନିଜ ନିଜ ବକ୍ତବ୍ୟରେ ଏହି କେନ୍ଦ୍ରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଡିଡିଆରସିରେ କାର୍ଯ୍ୟରତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ପ୍ରକାଶ କରିବା ସହ ମାର୍ଚ୍ଚ ମାସ ଶେଷ ସୁଦ୍ଧା କଳାହାଣ୍ଡି, ସମ୍ବଲପୁର, ନବରଙ୍ଗପୁର, କୋରାପୁଟ, କନ୍ଧମାଳ ଓ ଗଞ୍ଜାମରେ ମଧ୍ୟ ଏହିପରି କେନ୍ଦ୍ର ଖୋଲାଯାଇ କାର୍ଯ୍ୟକ୍ଷମ ହେବ ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥି ମାନେ କିଛି ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର ଇତ୍ୟାଦି ପ୍ରଦାନ କରିବା ସହ ୬ଗୋଟି ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ବିଜୟ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।




ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ): ନିକଟସ୍ଥ ମୁଜାଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ଭଞ୍ଜନଗର ପୋଲିସ ପକ୍ଷରୁ ନୂତନ ଆଇନ, ସାଇବର କ୍ରାଇମ, ଜିରୋ ଏଫଆଇଆର୍ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବୈଜୟନ୍ତୀ ମାଳା ପ୍ରିୟଦର୍ଶିନୀ, ଶିକ୍ଷାବିତ୍ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଫେସର କୃତିବାସ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏଥିରେ ଭଞ୍ଜନଗର ଥାନା ଆମ ପୋଲିସ ସମିତିର ବହୁ ସଦସ୍ୟ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ସଚେତନ କରାଇଥିଲେ । ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଜେନା, ଓଡିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ଜଗଦୀଶ ପାଣିଗ୍ରାହୀ, ସୁଶାନ୍ତ ମହାପାତ୍ର ପ୍ରମୁଖ ବିଭିନ୍ନ ବିଷୟର ପ୍ରାଞ୍ଜଳ ଉପସ୍ଥାପନ କରିଥିଲେ । ଶେଷରେ ଥାନା ଅଧିକାରୀ ଜେନା ବର୍ତ୍ତମାନ ସଂଶୋଧିତ ଭାରତୀୟ ନ୍ୟାୟ ସଂହିତାର ବହୁ ଗୁରୁତ୍ୱପୂର୍ଣ୍ଣ ଧାରା ଉପରେ ଆଲୋଚନା କରିଥିଲେ । ଶେଷରେ ଆମ ପୋଲିସ ସମିତିର ସଦସ୍ୟା ପି ଗୀତା ସୁବୁଦ୍ଧି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭଞ୍ଜନଗର ଥାନା ଷ୍ଟାଫ୍‌ଙ୍କ ସମେତ ଆମ ପୋଲିସ ସମିତିର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ ।

# ସୁସ୍ଥ ଆହାର ସୁସ୍ଥ ଜୀବନ ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର,(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଗତ ଫେବୃଆରୀ ୨୭ତାରିଖରୁ ଆରମ୍ଭ ହୋଇଥିବା ସୁସ୍ଥ ଆହାର, ସୁସ୍ଥ ଜୀବନ ଓ ସୁସ୍ଥ ଭାରତ କାର୍ଯ୍ୟକ୍ରମ ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୋଷ୍ଟର ଓ ଲିଫ୍ଲେଟ ମାଧ୍ୟମରେ ଜୀବନଶୈଳି ପରିବର୍ତ୍ତନ କରି କିପରି ସଂକ୍ରାମକ ରୋଗରୁ ରକ୍ଷା ପାଇବା, ତମାଖୁ ସେବନର ଭୟାବହତା ଓ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ଆଦି ବିଷୟ ପ୍ରଦର୍ଶିତ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ଡିନ ଏବଂ ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ଚିନ୍ମୟୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବାବେଳେ ଡାକ୍ତରଖାନା ନିରୀକ୍ଷକ ପ୍ରଫେସର ଡକ୍ଟର ମହେନ୍ଦ୍ର ନାୟକଙ୍କ ପୂର୍ଣ୍ଣ ସହଯୋଗ ରହିଛି । ଏକାଉଣ୍ଟ ଅଫିସର ରାଜେନ୍ଦ୍ର କୁମାର ଜେନା, ଚିକିତ୍ସାଳୟ ପରିଚାଳକ ରାଜା ପ୍ରଧାନ, କୀର୍ତ୍ତିମାନ ମହାନ୍ତ, ସୁନୀଲ ସିଂ, ଚୈତାଲୀ ମିଶ୍ରଙ୍କ ସମେତ ନର୍ସିଂ ଅଫିସର, ଫାର୍ମାସି ଅଫିସର ଓ ସମସ୍ତ ହେଲ୍ପ ଡେସ୍କ କର୍ମଚାରୀ ମାନେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରୁଛନ୍ତି ।

# କୃଷି ଯନ୍ତ୍ରପାତି ମେଳା: ବଢ଼ୁଛି ଟ୍ରାକ୍ଟର, ପାୱାରଟିଲର୍ ଚାହିଦା

କୋରାପୁଟ, (ଭାସ୍କର ନ୍ୟୁଜ) : କୃଷି କ୍ଷେତ୍ରରେ ବଢ଼ୁଛି ଯନ୍ତ୍ରପାତି ଚାହିଦା । କମ୍ ସମୟ, ପରିଶ୍ରମ ଏବଂ ଅଧିକ ଅମଳ ପାଇଁ ଚାଷୀ ପାୱାର ଚାଳିତ ବିଭିନ୍ନ ଉପକରଣ ଉପରେ ନିର୍ଭର କରୁଛନ୍ତି । ଟ୍ରାକ୍ଟର ଏବଂ ପାୱାରଟିଲର ପ୍ରତି ଚାଷୀଙ୍କ ଅହେତୁକ ଆଗ୍ରହ ରହିଛି । ଆଞ୍ଚଳିକ କୃଷି ମେଳାରେ ବିକ୍ରି ହୋଇଛି ମୋଟ ୮୦ଟ୍ରାକ୍ଟର ଏବଂ ପାୱାରଟିଲର । କାରବାର ହୋଇଛି ୪.୦୪ କୋଟି । ଅର୍ଥାତ୍ ଉପରୋକ୍ତ ୨ମେସିନ ଭାଗ ହେଉଛି ୮୦ ପ୍ରତିଶତରୁ ଅଧିକ ପ୍ରାୟ ୧କୋଟି ଟଙ୍କାର ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବିକ୍ରି ହୋଇଛି । ଆଧୁନିକ ପ୍ରଣାଳୀ ଚାଷରେ ଟ୍ରାକ୍ଟର ବିଶେଷ ଭୂମିକା ରହିଛି । କମ୍ ସମୟରେ ଅଧିକ ଜମି ଚାଷ, ଅନାବନା ଘାସ ନଷ୍ଟ, ଫସଲ ଅମଳ, ପରିବହନ ଏବଂ ବିକ୍ରିବଟାରେ ବ୍ୟବହାର କରାଯାଉଛି । ଏକ୍ଷେତ୍ରରେ ପାୱାରଟିଲରର ଭୂମିକା ବି କିଛି କମ୍ ନୁହେଁ । ସୁବଧା ଦୃଷ୍ଟିରୁ ପାୱାର ଚାଳିତ ଏହି ଯନ୍ତ୍ରକୁ ଜଣେ ବ୍ୟବହାର କରିପାରିବେ । ଚାଷ ଜମି ପ୍ରସ୍ତୁତି, ବିହନ ବୁଣା, ଚାରା ରୋପଣ, ସାର, ଘାସମରା, ପାଣି ସ୍ପ୍ରେ ଭଳି କାମରେ ଏହା ବ୍ୟବହାର ହୋଇପାରିବ । କିଛିଦିନ ତଳେ ୫ଦିନିଆ କୃଷି ଆଞ୍ଚଳିକ ମେଳା ହୋଇଥିଲା । ବିଭାଗୀୟ ତଥ୍ୟ ଅନୁଯାୟୀ, ମେଳାରେ ପାୱାର ଚାଳିତ ୱିଡର, ରୋଟାଭେଟର, ମଲ୍ଟି କ୍ରପ ଥ୍ରେସର, ପଲଭରାଇଜର, ମିନି ଧାନକଳ, ଟାକ୍ରର, ପାୱାରଟିଲର, ପମ୍ପସେଟ, ସେଲ୍ଫ ପ୍ରୋପେଲ୍ଡ ଟୁଲ ବାର୍, ମେଜ ସେଲର ଏବଂ ତେଲ କଳ ବିକ୍ରି ହୋଇଥିଲା । ମୋଟ କାରାବାର ହୋଇଛି ୫କୋଟି ୩ଲକ୍ଷ ୩୧ହଜାର ୨୭୦ଟଙ୍କା । ସବ୍‌ସିଡି ବାବଦରେ ସରକାର ୧କୋଟି ୧୮ଲକ୍ଷ ୬୬ହଜାର ୭୨୦ଟଙ୍କା ପ୍ରଦାନ କରିବେ । ସେ ଭିତରେ ଟ୍ରାକ୍ଟର ୩୯ ଏବଂ ୪୧ ପାୱାର ଟିଲର ବିକ୍ରି ହୋଇଛି । ଟ୍ରାକ୍ଟର ମୋଟ ଦାମ ହେଉଛି ୩କୋଟି ୧୯ଲକ୍ଷ ୪୬ହଜାର ୫୫୫ଟଙ୍କା । ଚାଷୀଙ୍କୁ ସବ୍‌ସିଡି ବାବଦରେ ଡିବିଟିରେ ମିଳିବ ୫୦ଲକ୍ଷ ୪୦ହଜାର । ସେହିପରି ବିକ୍ରି ହୋଇଥିବା ପାୱାରଟିଲରର ଦାମ ହେଉଛି ୮୫ଲକ୍ଷ ୩ହଜାର ୩୭୯ଟଙ୍କା । ସବସିଡି ମିଳିବ ୩୪ଲକ୍ଷ ୬୮ହଜାର । କୋରାପୁଟ ଜିଲ୍ଲାରେ ଗୋଟିଏ ଟ୍ରାକ୍ଟର, ୨୩ପାୱାରଟିଲର ବିକ୍ରି ହୋଇଛି । ମାଲକାନଗିରିରେ ୧୧ଟ୍ରାକ୍ଟର, ୧୪ ପାୱାରଟିଲର, ନବରଙ୍ଗପୁରରେ ୧୮ଟ୍ରାକ୍ଟର, ୩ପାୱାରଟିଲର ଏବଂ ରାୟଗଡା ଜିଲ୍ଲା ଚାଷୀ ୯ ଟ୍ରାକ୍ଟର ଓ ଗୋଟିଏ ପାୱାରଟିଲର ନେଇଛନ୍ତି ।

# ଦୁର୍ଘଟଣାରେ ୪ ଗୁରୁତର ଆହତ



ନାରାୟଣପାଟଣା, ( ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବାଲିପେଟା ରାସ୍ତାରେ ଦେଖିବାକୁ ମିଳିଛି ଏକ ଆଶ୍ଚର୍ଯ୍ୟ ଜନକ ଦୁର୍ଘଟଣା । ଦୁର୍ଘଟଣାରେ ଚାରିଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବିପିନ୍ ମେଲେକା, ରାହୁଲ ମେଲେକା, ବିଜୟ ଶୀରିକା ଏବଂ ଦଶମ ଶ୍ରେଣୀ ଛାତ୍ରୀ ମାମୁନି କୁଲେଶିକା । ଯିଏ କି ମ୍ୟାଟ୍ରିକ ପରୀକ୍ଷା ସାରି ତାଙ୍କ ମାମୁଁଙ୍କ ସହିତ ଘରକୁ ଯାଉଥିଲେ ଠିକ୍ ସେତିକି ବେଳେ ବିକ୍ରମପୁର ମାଟି କଲୋନୀ ରାସ୍ତା ମଝିରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଦୁର୍ଘଟଣାର ଠିକ୍ କିଛି ସମୟ ଭିତରେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଇଥିଲେ । କିନ୍ତୁ ଡାକ୍ତର ବିଜୟ ସିରୀକାଙ୍କ ଅବସ୍ଥା ଅତି ଗୁରୁତର ହେବାରୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର୍ କରିଥିଲେ । ଠିକ୍ ସେତିକି ବେଳେ ନାରାୟଣପାଟଣା କଂଗ୍ରେସ୍ ମହିଳା ସଭାନେତ୍ରୀ ରୋଜୀ କୁମାର ତୁରୁକ୍ ହସ୍ପିଟାଲ୍ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ସମସ୍ତଙ୍କୁ ଦେଖାକରି ତାଙ୍କ ଭଲ ମନ୍ଦ ପଚାରି ବୁଝିବା ସହିତ ଭଲରେ କେମିତି ତାଙ୍କ ଚିକିତ୍ସା ହେବ ସେ ବିଷୟରେ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ ।

# ମାର୍ଚ୍ଚ ୮କୁ ସଂଘର୍ଷ ଦିବସ ଭାବେ ପାଳିବାକୁ ମାଓବାଦୀଙ୍କ ଆହ୍ୱାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଓ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସକୁ ସଂଘର୍ଷ ଦିବସ ଭାବରେ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି । ଏନେଇ ମାଓ ସଙ୍ଗଠନ ପକ୍ଷରୁ ଏକ ପ୍ରେସ ନୋଟ ଜାରି କରାଯାଇଥିବା ଜଣା ପଡିଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବସ୍ତର ଜିଲ୍ଲା ଏବଂ ଅବୁଝମାଡ ଅଞ୍ଚଳରେ ପୋଲିସ ପକ୍ଷରୁ ସାମରିକ ଛାଉଣି କରି ଆଦିବାସୀଙ୍କ ଅସ୍ତିତ୍ୱକୁ ନଷ୍ଟ କରାଯାଉଛି ବୋଲି ମାଓ ସଙ୍ଗଠନ ଅଭିଯୋଗ କରିଛି । ନକ୍ସଲମାନେ ସ୍ୱୀକାର କରିଛନ୍ତି ଯେ ଗୋଟିଏ ବର୍ଷରେ ମୃତ୍ୟୁବରଣ କରିଥିବା ୩୦୦ଜଣ ମାଓବାଦୀଙ୍କ ମଧ୍ୟରୁ ୬୦ ଜଣ ମହିଳା ମାଓବାଦୀ ରହିଛନ୍ତି । ତେଣୁ ମାଓବାଦୀ ମାନେ ମହିଳା ଦିବସକୁ ସଂଘର୍ଷ ଦିବସ ଭାବେ ପାଳନ କରି ମୃତ ମହିଳା ମାଓବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆହ୍ୱାନ ଦେଇଛନ୍ତି । ମାଓ ସଙ୍ଗଠନର ଦକ୍ଷିଣ ଉପ ଜୋନାଲ ବ୍ୟୁରୋ ଅଧୀନରେ ଥିବା ଆଦିବାସୀ ମହିଳା ସଙ୍ଗଠନର ମାଓ ନେତ୍ରୀ ମନିଲା ଏକ ପ୍ରେସ ବିବୃତି ମାଧ୍ୟମରେ ଏହା ଉଲ୍ଲେଖ କରିଛନ୍ତି ।

# ବାରହା ଆକ୍ରମଣରେ ୨ ଜଣ ଗୁରୁତର

## ଜଙ୍ଗଲ ହ୍ରାସ କାରଣରୁ ବନ୍ୟପ୍ରାଣୀ ଜନବସତି ମୁହାଁ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ



ଅଧୀନ ଛୁରିଆନା ପଞ୍ଚାୟତ ସହନ ଗାଁରେ ମଙ୍ଗଳବାର ସନ୍ଧ୍ୟା ସମୟରେ ପୃଥକ ପୃଥକ ସ୍ଥାନରେ ଏକ ବାରହା ଆକ୍ରମଣ କରି ୨ଜଣଙ୍କୁ ଗୁରୁତର ଆହତ କରିଥିବା ଜଣାପଡିଛି । ଆକ୍ରମଣରେ ଶିକାର ହୋଇଥିବା ୨ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସୂଚନା ଅନୁଯାୟୀ, ସହନ ଗ୍ରାମରେ ଦାଶର ବୈକୁଣ୍ଠ ଓ ଅନିଲ ବେହେରା ଗାଁରେ ବୁଲୁଥିବା ବେଳେ ଜଙ୍ଗଲରୁ ଏକ ବାରହା ଅତର୍କିତ ଭାବରେ ଆସି ଶରୀର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ପରେ ଜଙ୍ଗଲ ଆଡକୁ ପଳାଇ ଯାଇଥିଲା । ଗୁରୁତର ଦାଶର ବୈକୁଣ୍ଠ (୩୫)ଓ ଅନିଲ ବେହେରା (୩୦)ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିଲେ । ଉଭୟ ଗୁରୁତରଙ୍କ ଦେହ, ହାତ, ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ ରକ୍ତ ସ୍ରାବ ପ୍ରବଳ ହୋଇଥିବା ଯୋଗୁଁ ତାଙ୍କର ଅବସ୍ଥା ଗୁରୁତର ହୋଇପଡ଼ିଥିଲା । ସୂଚନା ଯୋଗ୍ୟ ଜଙ୍ଗଲହ୍ରାସ ଘଟୁଥିବାରୁ ବନ୍ୟ ପ୍ରାଣୀ ସବୁ ସମୟରେ ଜନବସତି ମୁହାଁ ହେଉଛନ୍ତି ।

# ବହୁଚର୍ଚ୍ଚିତ ଅପହରଣ ମାମଲାରେ ୬ଗିରଫ, ଜଣେ ଫେରାର




ଚିକିଟି, (ଭାସ୍କର ନ୍ୟୁଜ୍ ) : କେ ନୂଆଗାଁ ଥାନା ଅଧିନସ୍ତ ଚିକିଟି ଫାଣ୍ଡି ଅନ୍ତର୍ଗତ ଗଡ଼ରେ ଗତ ୨୬.୧.୨୦୨୫ ରିଖରେ ଚାରିଜଣ ଉପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା । ଏହି ଚାରିଜଣ ବ୍ୟକ୍ତିଙ୍କୁ ଗୁଡିଏ ଦିନ ହେଲା କିଛି ଯୁବକ ବାହାର ଅଞ୍ଚଳରୁ ଅପହରଣ କରି ଆଣି ଚିକିଟି ଗଡ଼ର ଏକ ଗଞ୍ଜେଇ ବାଡ଼ ମଧ୍ୟରେ ରଖି ଏକଥନୀୟ ଭାଷାରେ ଗାଳି ଗୁଲଜ କରି ନିସ୍ତୁକ ମାଡ଼ ମାରି ଆସୁଥିବା ବେଳେ ନାଗସାପ ଦେଖାଇ ୨କୋଟି ଟଙ୍କା ମାଗୁଥିଲେ । ଏଥିରୁ କୌଶଳ କ୍ରମେ ଅମରଜିତ ସାମନ୍ତସିଂହାର ଉକ୍ତ ଗଂଜେଇ ବାଡ଼ରୁ ଖସି ପଳାଇ ଜୀବନ ବିକଳରେ ନିକଟସ୍ଥ ତହସିଲ ପଡିଆରେ ଯାଇ ଛପି ରହିଥିଲେ । ପରେ ପରେ କିଛି ପ୍ରଶାସନିକ ଅଧିକାରୀ ଉକ୍ତ ବ୍ୟକ୍ତିଙ୍କୁ ଧରି ପୋଲିସର ଜିମା ଦେଇଥିଲେ । ଉକ୍ତ ବ୍ୟକ୍ତିଙ୍କ ବୟାନ କ୍ରମେ ଅନ୍ୟ ତିନିଜଣ ବ୍ୟକ୍ତିଙ୍କୁ ବନ୍ଧକ ଅବସ୍ଥାରେ ଉଦ୍ଧାର କରି ରଖିଥିଲେ । କିଛି ଘଣ୍ଟା ପରେ ଉକ୍ତ ଗଂଜେଇ ବାଡ଼କୁ ଅବକାରୀ ବିଭାଗ ଆଉ ପୋଲିସର ମିଳିତ ପ୍ରୟାସରେ ଲଗାଯାଇଥିବା ଗଂଜେଇ ଗଛ ଗୁଡିକୁ ନଷ୍ଟ କରି ସୁନିତା ବେହେରା ନାମକ ଜଣେ ମହିଳାକୁ ଗିରଫ କରିଥିଲେ । ଆଉ ଦୁଇ ଦିନ ପରେ ପୃଥ୍ୱୀରାଜ ସାହୁଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେହି ଦିନ ଠାରୁ ପୋଲିସ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୋଜା ଖୋଜି କରୁଥିବା ବେଳେ ବିଭିନ୍ନ ଜାଗାରୁ ବାକି ଛଅ ଜଣକୁ କାବୁ କରଥିବା ପୋଲିସ କହିଛି । କାବୁ ହୋଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ରାଜେଶ କୁମାର ଗୌଡ଼ ପୋଲିସ ହେପାଜତରୁ ଭଞ୍ଜନଗର ନିକଟସ୍ତ ଗାଙ୍ଗପୁର ଥାନା ଇଲାକାରେ ଖସି ପଳାଇଥିବା ମଧ୍ୟ ସୂଚନା ମିଳୁଛି । ଏହି କ୍ରମରେ ବଳକା ୬ ଜଣକୁ ବିଳମ୍ବିତ ରାତିରେ କାବୁ କରି ଆଣି କୋର୍ଟ ଚାଲାଣ କରିଛି । କାବୁ କରିବା ବେଳେ ଅଭିଯୁକ୍ତ ମାନଙ୍କ ଠାରୁ ଦୁଇ ହଜାର ଟଙ୍କା, ୧୧ ଟି ମୋବାଇଲ, ତିନୋଟି ବିଭିନ୍ନ କମ୍ପାନୀର ଚାରିଚକିଆ ଗାଡି ମଧ୍ୟ ଜବତ କରାଯାଇଛି । ଦୀର୍ଘ ତିନିମାସ ହେଲା ଘଟଣା ଘଟିବା ପରେ ମଧ୍ୟ ପୋଲିସ ତାର ତଦନ୍ତ କିପରି ଶିଥିଳତା କରି ଆସୁଥିଲା ବୋଲି ମଧ୍ୟ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର


ବାରିପଦା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ମୟୁରଭଞ୍ଜ ଜିଲ୍ଲା ଗସ୍ତ ସମୟରେ ଏନ୍‌ପିଏସ ଶିକ୍ଷକ ସଙ୍ଘର ସଭାପତି ଜ୍ଞାନ ରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସର୍କିଟ ହାଉସଠାରେ ଏକ ଦାବିପତ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ମାଧ୍ୟମିକ ଶିକ୍ଷକ ମାନଙ୍କର ବିଶେଷ କରି ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଶିକ୍ଷକ ମାନଙ୍କର ୬ ବର୍ଷର ଠିକା ସମୟକୁ ମୂଳ ଚାକିରୀରେ ମିଶାଇବା ସହିତ ୬ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ମୁଖ୍ୟତଃ ଦାବି ପ୍ରଦାନ କରାଯାଇଛି । ପୂର୍ବରୁ ୨୦୧୦ ମସିହାରେ ଚାକିରୀ କରିଥିବା ଶିକ୍ଷକ ମାନଙ୍କର ୨୦୧୬ ମସିହାରେ ଚାକିରି କରିଥିବା ଶିକ୍ଷକ ମାନଙ୍କର ସମାନ ଦରମା ପାଉଥିବାରୁ ସମସ୍ୟା ଉପୁଜିଥିବା ବେଳେ କିପରି ଭାବରେ ପୂର୍ବରୁ ଚାକିରୀ କରିଥିବା ଶିକ୍ଷକ ମାନଙ୍କର ୬ ଟା ଇନ୍‌କ୍ରିମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚତ ହେବେ ସେଥିପାଇଁ ଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହିତ ଏକ ଆଲୋଚନା କରାଯାଇଥିଲା । ସରକାର ଏଥିପ୍ରତି ଯତ୍ନ ବାନ ହୋଇ ଅତିଶୀଘ୍ର ଏକ ହାଇ ପାୱାର କମିଟି ଗଠନ କରାଯାଇ ଏହାର ସମାଧାନ ହେବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ । ପ୍ରାରମ୍ଭରେ ଏନ୍‌ପିଏସ୍ ସଙ୍ଘ ପକ୍ଷରୁ ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏଥିରେ ସଙ୍ଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ମୃତି ରଞ୍ଜନ ପାଣି, ସଙ୍ଘର ବିଭିନ୍ନ କର୍ମକର୍ତ୍ତା ମନୋଜ କୁମାର ପାତ୍ର, ଭୀଷ୍ମ ଦେବ ମହାନ୍ତ, ଅଜିତ କୁମାର ମହାନ୍ତି, ରବୀନ୍ଦ୍ର ସେଠୀ, ସୁବୋଧ ସାହୁ, ଅନିଲ ମହାପାତ୍ର, ଜୟନ୍ତ ଛାଠିଆ, ଦୀପକ ବେହେରା, ସୁରେଶ ମହାନ୍ତ, ଦୀପକ ରାମ, ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ, କ୍ରିଷ୍ଣା ସେନାପତି, କଳ୍ପନା ନନ୍ଦୀ, ମାନସୀ ସି, ନିହାରିକା ଅଠା, ଗୀତିକୃଷ୍ଣ ମହାପାତ୍ର, ମଧୁସ୍ମିତା ଦେ, ଆରତୀ ବ୍ରହ୍ମା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସୁଭଦ୍ରା ଦ୍ୱିତୀୟ କିସ୍ତି ବଣ୍ଟନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) ୫ତାରିଖ ସକାଳ ୭.୩୦ରୁ ୧୦.୩୦ ମଧ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଦ୍ୱିତୀୟ କିସ୍ତି ବଣ୍ଟନ ଉପଲକ୍ଷେ, ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସ୍ଥିରୀକୃତ ହୋଇଥିବା ପଞ୍ଚାୟତସ୍ତରୀୟ ରାଲି କାର୍ଯ୍ୟକ୍ରମ, ଶିଶୁ ବିକାଶ ଯୋଜନା, ଜଗତସିଂହପୁର ଅନ୍ତର୍ଗତ ସମସ୍ତ ପଞ୍ଚାୟତ ତଥା ପୌରାଞ୍ଚଳରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରପଞ୍ଚ, ଏସ୍‌ଏଚ୍‌ଜି ସଦସ୍ୟ, ସୁଭଦ୍ରା ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଗୋଷ୍ଠୀର ଅନ୍ୟ ସଦସ୍ୟ, ଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ ତଥା ସ୍ଥାନୀୟ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେହିପରି ପୌରାଞ୍ଚଳରେ ପୌର ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରିଣୀ, ଜଗତସିଂହପୁର, ମିଶନ ଶକ୍ତି, ଜଗତସିଂହପୁର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସୁଭଦ୍ରା ହିତାଧିକାରୀ, ଛାତ୍ରୀ ତଥା ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ରାଲି କାର୍ଯ୍ୟକ୍ରମ କରଯାଇଥିଲା । ପୌରାଞ୍ଚଳ କାର୍ଯ୍ୟାଳୟରେ ପୌର ପରିଷଦର ଅଧ୍ୟକ୍ଷା ପତାକା ଦେଖାଇ ରାଲି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ରାଲି କାର୍ଯ୍ୟକ୍ରମରେ ପାଣିସାଳୀଆ ଗ୍ରାମରେ ମହିଳା ସଶକ୍ତିକରଣରେ ସୁଭଦ୍ରା ଯୋଜନାର ଭୂମିକା, ଆନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ, ଲିଙ୍ଗଗତ ସମାନତା ସମ୍ବନ୍ଧରେ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ । ଏହା ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏହି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରଯାଇଥିଲା । ଏହାପରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା ।

# ବିଡେକାର ରକ୍ତ ଦାନ ଶିବିର, ୨୧ ୟୁନିଟ ରକ୍ତ ସଂଗ୍ରହ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଭେଜିପୁଟ ସ୍ଥିତ ବିଡେକା ଭବନ ଠାରେ ଭଞ୍ଜନଗର ଜଳସେଚନ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ୨୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଏହି ଶିବିରକୁ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସଞ୍ଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ବିଡ଼େକା ସମ୍ପାଦକ ଇଂ ସନ୍ତୋଷ କୁମାର ଗେଡଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରକୁ ଇଂ ସନ୍ତୋଷ କୁମାର ପାତ୍ର, ଇଂ ପଞ୍ଚୁ ବେହେରା, ଇଂ.ରଶ୍ମି ରଞ୍ଜନ ରଥ, ଗଣମାଧ୍ୟମ ପ୍ରତିନିଧି ବିଶ୍ୱମ୍ବର ଜେନାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ । ପ୍ରଥମେ ବିଜୁ ବାବୁଙ୍କ ଫୋଟ ଚିତ୍ରରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ରକ୍ତଦାନ ଭଳି ମହତ କାର୍ଯ୍ୟ କରି ଯେଉଁ ଆତ୍ମ ସନ୍ତୁଷ୍ଟି ମିଳିଥାଏ ତାହା ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଏହାପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା । ଏଥିରେ ସ୍ୱେଚ୍ଛାକୃତ ଭାବେ ୨୧ ଜଣ ବ୍ୟକ୍ତି ବିଶେଷ ରକ୍ତଦାନ କରିଥିଲେ । ଭଞ୍ଜନଗର ରକ୍ତ ଭଣ୍ଡାର ପକ୍ଷରୁ ଲକ୍ଷ୍ମୀ ନାରାୟଣ ମାଝି, ବିପିନ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ସେଠୀ, ପ୍ରଭାକର ମହାରଣା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

# ଜେଏମ୍‌ଜେ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ




କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରସ୍ଥିତ ଜେଏମ୍‌ଜେ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ (ମୂଖ୍ୟ ଅତିଥି) ସମ୍ମାନୀତ ଅତିଥୀଭାବେ ଏନ୍‌ଏସି ନଗରପାଳ ବରିୟାମ ସିଂ ସାଲୁଜା ମଞ୍ଚାଶିନ ଥିଲେ । ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଶ୍ରୀବାଗ ବିଦ୍ୟାଳୟ ହିଁ ଉତ୍ତମ ଚରିତ୍ର ଗଠନ ଏବଂ ଦେଶର ଭବିଷ୍ୟତ ଗଠନ କରିଥାଏ । ଏଥିରେ ଶିକ୍ଷକ-ଶିକ୍ଷୟତ୍ରୀ ହିଁ ମୁଖ୍ୟ କର୍ଣ୍ଣଧାର ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ସଭା ପରେ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ, ଢାପ ନାଚ, ମାଇଲାଯାଡୋ, ହିନ୍ଦୀ ସହ ଇଂଲିଶ ଆଧାରିତ ନାଟକ ମଂଚସ୍ଥ ହୋଇଥିଲା ।


# ଅକାମି ହୋଇ ପଡିରହିଛି ୩ଟି ସରକାରୀ ବସ



ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ନେଇ ଅଭିଯୋଗ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାରେ ଅଚଳ ହୋଇ ପଡିରହିଛି ୩ଟି ସରକାରୀ ବସ, ଗୋଟିଏ ବସ ୩ମାସ ଏବଂ ଅନ୍ୟ ଦୁଇଟି ବସ ୧ ମାସ ଓ ୧୫ ଦିନ ଧରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବସଷ୍ଟାଣ୍ଡ ପରିସରରେ ପଡି ରହିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମଧ୍ୟରେ ବିଭିନ୍ନ ବ୍ଲକ ଓ ଗ୍ରାମକୁ ୧୦ଟି ରୁଟରେ ମୋଟ ୧୧ଟି ବସ ଚାଲିଛି । ତେବେ ଏହି ସବୁ ରୁଟରେ ବସ ସେବା ବ୍ୟାହାତ ନହେବା ପାଇଁ ସରକାରଙ୍କ ପକ୍ଷରୁ ୩ଟି ସ୍ପେୟାର ତଥା ଅତିରିକ୍ତ ବସ ଯୋଗାଇ ଦିଆଯାଇଛି । ଆବଶ୍ୟକ ସମୟରେ ଏହି ଅତିରିକ୍ତ ବସ ଗୁଡିକ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ରହିଥିବା ବେଳେ ବର୍ତ୍ତମାନ ଏହି ବସ ଗୁଡିକୁ ଅନାବଶ୍ୟକ ହୋଇପଡିଛି । କାରଣ ଅତିରିକ୍ତ ଭାବେ ରହିଥିବା ୩ଟି ବସ ମଧ୍ୟରୁ ଗୋଟିଏ ବସ ଦୀର୍ଘ ୩ ମାସ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅକାମି ହୋଇ କଳଙ୍କି ଖାଉଥିବ ବେଳେ ଅନ୍ୟ ଦୁଇଟି ବସ ମଧ୍ୟରୁ ଯାନ୍ତ୍ରିକ ତ୍ରୁଟି ପାଇଁ ଗୋଟିଏ ବସ ୧ ମାସ ଓ ଅନ୍ୟ ଗୋଟିଏ ପ୍ରାୟ ୧୫ ଦିନରୁ ଊର୍ଦ୍ଧ୍ୱ ଧରି ଅକାମି ହୋଇ ପଡିରହିଛି । ଖରାପ ହୋଇ ରହିଥିବା ବସ ଗୁଡିକୁ ମାସ ମାସ ଧରି ସଜଡା ଯାଇ ପାରୁନଥିବା ବେଳେ ଏହାରି ମଧ୍ୟରେ ଯଦି ଚଳାଚଳ କରୁଥିବା ବସ ଗୁଡିକ ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଅକାମି ହୁଏ ତେବେ ୧୦ଟି ରୁଟରେ ଚାଲୁଥିବା ବସ ସେବାରେ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏପରି ସ୍ଥିତିରେ ସରକାର ଓ ବିଭାଗ କିପରି ଦୀର୍ଘ ଦିନ ଧରି ଖରାପ ହୋଇ ରହିଥିବା ବସ ଗୁଡିକୁ ସଜାଡିବା ପାଇଁ ପଦକ୍ଷେପ ନେଉନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟ ପକ୍ଷରେ ଜିଲ୍ଲାର ୧୦ଟି ରୁଟରେ ଚାଲିଥିବା ବସ ମଧ୍ୟରୁ ଅନେକ ଦଦରା ଓ ପୁରୁଣା ହେବାକୁ ବସିଥିବା ବେଳେ ଅତିରିକ୍ତ ବସ ଗୁଡିକ କାର୍ଯ୍ୟକ୍ଷମ ହୋଇ ରହିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି । ବସ ସେବା ସଠିକ ଭାବେ ଚଳାଇବା ପାଇଁ ଅତିରିକ୍ତ ବସର ଆବଶ୍ୟକତା ନିତାନ୍ତ ଜରୁରୀ ହୋଇଥିବା ବେଳେ ଏହି ବସ ଗୁଡିକ ଅକାମି ହୋଇ ରହିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳାକୁ ଦର୍ଶାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି । ତେବେ ଏନେଇ ଆମେ ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି ଆମେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଜଣାଇଛୁ । ସମସ୍ତ ବସ ଗୁଡ଼ିକୁ ସଜାଡ଼ିବା ପାଇଁ, ଆଦେଶ ଆସିଲେ ସମସ୍ତ ବସ ଠିକ୍ ଠାକ୍ କରାଯିବ ବୋଲି ପ୍ରକାଶ କରିଛନ୍ତି । ହେଲେ ଏଇଠି ଏକ ପ୍ରଶ୍ନ ଉଠିଛି ମାଲକାନାଗିରି ସରକାରି ବସ ବିଭାଗର ମୁଖ୍ୟ ବାବୁ ଜଣକ ଠିକ୍ ଭାବେ କାର୍ଯ୍ୟ ତୁଲାଇ ପାରୁ ନାହାନ୍ତି । ତେଣୁ ଉପରିସ୍ଥ ଅଧିକାର ଯା ପ୍ରତି ଧ୍ୟାନ ଦେଲେ ଜିଲ୍ଲାରେ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କର କୌଣସି ଅସୁବିଧା ହେଇ ନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ଅଧାରେ ଅଟକିଛି ରାସ୍ତା ନିର୍ମାଣ କାମ : ହନ୍ତସନ୍ତ ହେଉଛନ୍ତି ଚିତାପାରିବାସୀ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ଗତ ୨୦୧୪-୧୫ ମସିହାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା ବାଲିମେଳା ସହର ସୀମାନ୍ତ ଚିତାପାରି -୪ ଠାରୁ ପୁରୁଣା ଚିତାପାରି ପର୍ଯ୍ୟନ୍ତ ପ୍ରାୟ ୨ ରୁ ୫ କି.ମି ରାସ୍ତା ନିର୍ମାଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପ୍ରାୟ ୧ କୋଟି ୩୦ଲକ୍ଷ୍ୟ ୧୩ ହଜାର ଟଙ୍କା ବ୍ୟୟରେ ଠିକାଦାର ରବୀନ୍ଦ୍ର ଭୋଳଙ୍କ ଦ୍ୱାରା ରାସ୍ତା ନିର୍ମାଣ କରାଯାଇଥିଲା । ଆସନ୍ତା ୫ ବର୍ଷ ମଧ୍ୟରେ ଉକ୍ତ ରାସ୍ତାକୁ ରକ୍ଷଣା ବେକ୍ଷଣ ନିମନ୍ତେ ବିଭାଗ ପକ୍ଷରୁ ୭ ଲକ୍ଷ୍ୟ ୨୨ ହଜାର ଟଙ୍କାର ବ୍ୟବସ୍ଥା ମଧ୍ୟ ରହିଥିଲା । ତେବେ ସେଠାରେ ହୋଇଥିବା ନିମ୍ନ ମାନର କାର୍ଯ୍ୟ ଓ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଏହି ରାସ୍ତା ଯାତ୍ରୀଙ୍କ ପାଇଁ ମାରାଣଯନ୍ତା ପାଲଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ରାସ୍ତା କାମକୁ ନେଇ ବାରମ୍ବାର ବିଭିନ୍ନ ଗଣ ମାଧ୍ୟମରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇବା ପରେ ବିଭାଗ ଏହି ରାସ୍ତାକୁ ପୁନର୍ବାର ନିର୍ମାଣ କରିବା ଦିଗରେ ତତ୍ପରତା ଦେଖାଇଛି । ତେବେ ଏନେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ନୂତନ ଭାବେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୪ ଲକ୍ଷ୍ୟ ୫୨ ହଜାର ଟଙ୍କା ବ୍ୟୟ ଅଟକଳରେ ବିଭାଗ ପକ୍ଷରୁ ଗତ ୨୦୨୩ ମସିହାରେ ଟେଣ୍ଡର ହୋଇଥିଲା । ଟେଣ୍ଡର ପ୍ରକ୍ରିୟା ସରିବା ପରେ କୋରାପୁଟ ଜିଲ୍ଲା ସିମିଳିଗୁଡା ଅଞ୍ଚଳରେ ରହୁଥିବା ସସ୍ମିତା ବେହେରା ନାମକ ଜଣେ ମହିଳା ଠିକାଦାରଙ୍କୁ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୧୯-୧୦-୨୦୨୩ ଆରମ୍ଭ କରି ଗତ ୧୮-୪-୨୦୨୪ରେ ଶେଷ କରିବାକୁ ବିଭାଗ ସହ ଚୁକ୍ତି ହୋଇଥିବା ଜଣା ପଡିଛି । ତେବେ କାର୍ଯ୍ୟ ଶେଷ ହେବା ତାରିଖର ଅବଧି ଶେଷ ହୋଇ ପ୍ରାୟ ବର୍ଷେ ହେବାକୁ ଯାଉଛି । ଠିକାଦାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ନାହିଁ । ଏନେଇ ବିଭାଗ ପକ୍ଷରୁ ଠିକାଦାରଙ୍କ ନିକଟକୁ ବାରମ୍ବାର ଚିଠି ପଠା ଯାଇଥିବା ଜଣାପଡିଛି । ବିଡମ୍ବନାର ବିଷୟ ମାସେ ପୂର୍ବେ ଠିକାଦାରଙ୍କ ପକ୍ଷରୁ ଉକ୍ତ ରାସ୍ତାରେ କିଛି ଗାଡି ମେଟାଲ ମିଶିଥିବା କ୍ରସରଡଷ୍ଟ ଖାଲ ଗୁଡିକରେ ଲେବରଙ୍କ ଦ୍ୱାରା ବିଛାଯାଇଥିଲା । ଏହାର ଦିନେ ଦୁଇଦିନ ପରଠାରୁ ଆଜି ପର୍ଯ୍ୟନ୍ତ ଆଉ ଠିକାଦାରଙ୍କ ଦର୍ଶନ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଉକ୍ତ ରାସ୍ତାର କିଛି ସ୍ଥାନରେ ତଥା ରାସ୍ତା ମଝିରେ ଟ୍ରାକ୍ଟର ଓ ଟ୍ରକରେ ଢଳା ଯାଇଥିବା ମେଟାଲ ମିଶ୍ରିତ ଡଷ୍ଟ ଜମା ହୋଇ ରହିଛି । ଫଳରେ ଲୋକେ ଉକ୍ତ ରାସ୍ତା ଦେଇ ଯାତାୟତ କରିବା ସମୟରେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କୁ ମତାମତ ଜାଣିବାକୁ ଫୋନ କରିଥିଲୁ । ଠିକାଦାରଙ୍କ ସ୍ୱାମୀ କହିଥିଲେ ଯେ ମୁଁ ପୂର୍ବରୁ ଯେତିକି କାମ କରି ସରିଛି ତାହାର ବିଲ ମୋତେ ମିଳିନାହିଁ । ୭/୮ ଦିନ ମଧ୍ୟରେ କାମ ଆରମ୍ଭ କରିବି ବୋଲି କହିଥିଲେ । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ଲୋକନାଥ ଭୋଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ତାଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି । ଯଦି ଠିକାଦାର ଜଣକ କୌଣସି ବିଲ ପାଇନାହାନ୍ତି ତେବେ ସେ କେଉଁ କାରଣରୁ ପାଇନାହାନ୍ତି ସେଥିପାଇଁ ସେ ବଭାଗ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାନ୍ତୁ ବୋଲି କହିଛନ୍ତି ।



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ପୌରପରିଷଦ ବିଜୁପଟ୍ଟନାୟକ ଛକ ଠାରେ ବିଜେଡ଼ି ପରିବାର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୧୯୯୩ ମସିହା ଠାରୁ ମାର୍ଚ୍ଚ ୫ ତାରିଖ କୁ ପଞ୍ଚାୟତରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଭାବେ ପାଳନ କରାଯାଉଛି। ତେବେ ମାର୍ଚ୍ଚ ୫ରେ ହେବନି ପଞ୍ଚାୟତିରାଜ ଦିବସ ବୋଲି ଘୋଷଣାର ପ୍ରତିବାଦରେ ଗୁରୁବାର ଦିନ ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବିଜୁପଟ୍ଟନାୟକ ଛକ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର କୁମାର ମହାନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି , ବରିଷ୍ଠ ନେତା ଜିଲ୍ଲା ପାରିଷଦ ସଭ୍ୟ ସନତ ସିଂହ, ବେଲପାହାଡ଼ ପୌର ପରିଷଦ ଉପ ନଗରପାଳ ରିନା ସୁନା, ଶମ୍ଭୁ ମହାନ୍ତି, ଦେବୀ ମିଶ୍ର, ପୂର୍ବତନ ନଗରପାଳ ପର୍ଶୁରାମ ସାହୁ, ଚିନ୍ତାମଣି ଦାଶ, ବାବୁଲାଲ ରୁଙ୍ଗଟା, ପ୍ରମୋଦ ଗର୍ତିଆ, ଯୁଧିଷ୍ଠିର ମୁଖୀ, ବିଭୀଷଣ ରାଉତ, ନୃପ ତାଣ୍ଡିଆ, ଭାନୁ ସିଂହ, ଦୟାସାଗର ବଡାଇ, ରଞ୍ଜନ ଭୋଇ, ସରସ୍ୱତୀ ନାୟକ, ଗଣେଶ ରାମ ବାଗ, ହରି କଣ୍ଡା, ଗୋବିନ୍ଦ ସାହୁ, ରାମ ନାରାୟଣ ରାଏ, ପ୍ରମିଳା ଚୌଧୁରୀ, ଆକାଶ ବଡାଇ, ସୁନିଲ ଭୋଇ, ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ



ବଡ଼ଚଣା/ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଆଜି ବଡଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ଶିଶୁ ମଙ୍ଗଳ ଅଧିକାରୀ ଭାରତୀ ମାଳା ଭୁୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଭାରତୀୟ ଜନତା ପାର୍ଟିର ସଭାପତି ଦେବଯାନୀ ପ୍ରଧାନ ଯୋଗଦେଇ ସୁଭଦ୍ରା ଯୋଜନା ରାଜ୍ୟ ସରକାର ଙ୍କ ଏକ ଅଭିନବ ଯୋଜନା। ଏହି ଯୋଜନା ମାଧ୍ୟମରେ ସମାଜରେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆର୍ଥିକ, ସାମାଜିକ ଓ ସଂସ୍କୃତିକ କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। ମୁଖ୍ୟବକ୍ତା ଭାବେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଗ୍ରାମାଞ୍ଚଳରେ ଥିବା ମହିଳାମାନଙ୍କ ମଧ୍ୟରେ ସୁଭଦ୍ରା ଯୋଜନା ପ୍ରତି ସଚେତନତା ସୃଷ୍ଟି କରିବା ସହିତ ସରକାରଙ୍କ ପକ୍ଷରୁ ବର୍ଷକୁ ଦୁଇଟି କିସ୍ତିରେ ଦିଆ ଯାଉଥିବା ଆର୍ଥିକ ସହାୟତାକୁ ସଠିକ ଭାବରେ ବିନିଯୋଗ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କର ଉନ୍ନତି ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଙ୍ଗଳ ଅଧିକାରୀ ସୁମିତ୍ରା ସାହୁ, ମମତା ଯୋଜନା ସଂଯୋଜକ ରମାକାନ୍ତ ଦାସ, ସୁଭଦ୍ରା ସଚେତନତା ସଂଯୋଜିକା ରୋଜାଲିନ ସାହୁ, ବରିଷ୍ଠ କିରାଣୀ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀକା ବିନୋଦିନୀ ଦାସ, ଚିନ୍ମୟୀ ସାହୁ, ଗାୟତ୍ରୀ ରାଉତ, ଅଙ୍ଗନବାଡି କର୍ମୀ ଅନିତା ନାୟକ, ସଂଯୁକ୍ତା ବିଶ୍ୱାଳ, ଆରତି ରାଉତ, ସ୍ୱର୍ଣ୍ଣପ୍ରଭା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଆଜି କୁନ୍ଦଳ, ସମିଆଁ ବଡଚଣା ସମେତ ୬ଟି ସ୍ଥାନରେ ସୁଭଦ୍ରା ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ପାଲା, ଦାସକାଠିଆ ଘୋଡାନାଚ, ପଥପ୍ରାନ୍ତ ନାଟକ ମଧ୍ୟମରେ ମହିଳାମାନଙ୍କ ମଧ୍ୟରେ ସୁଭଦ୍ରା ଯୋଜନାର ପ୍ରଚାର ପ୍ରସାର କରାଯାଇଥିଲା।

# ଶହଶହ ଟୋକନ୍ ଲ୍ୟାପ୍ସ : ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

## ୭ଦିନ ମଧ୍ୟରେ ଧାନ ନକିଣିଲେ ଆନ୍ଦୋଳନ



ଯାଜପୁର (ଭାସ୍କର ନ୍ୟୁଜ୍) : ଚଳିତ ଥର ଧାନମଣ୍ଡିରେ ୩୧୦୦ ଟଙ୍କାରେ ଧାନ ବିକ୍ରି କରିବେ ଚାଷୀ। ରାଜ୍ୟ ସରକାର ଏନେଇ ଘୋଷଣା କରିବା ପରେ ଚାଷୀମାନେ ପୂର୍ବବର୍ଷ ଠାରୁ ଅଧିକ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନଚାଷ ବ୍ୟାପକ କରାଯାଇଛି। କିନ୍ତୁ ବାତ୍ୟା, ବନ୍ୟା ଓ ଲଗାଣ ବର୍ଷାରୁ ଧାନକୁ ଅମଳ କରି ଚାଷୀ ଖଳାରେ ରଖିଥିବା ବେଳେ ବିକ୍ରି କରିବାରେ ଅହେତୁକ ବିଳମ୍ବ ଘଟୁଛି। ମିଲର ଓ ଯୋଗଣ ବିଭାଗର ମଧୁ ଚନ୍ଦ୍ରିକା ଯୋଗୁଁ ଚାଷୀମାନେ ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ଅଭାବୀ ବିକ୍ରି କରୁଥିବା ଜିଲ୍ଲାର ଦଶରଥପୁର ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏହି ବ୍ଲକରେ ଏଥର ମୋଟ ୨୩ଟି ମଣ୍ଡିରୁ ଧାନ ସଂଗ୍ରହ ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ସେଥିରୁ ୧୧ଟି ସମବାୟ ସମିତି ଜରିଆରେ ଏବଂ ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଚାଷୀଙ୍କ ଠାରୁ ସର୍ବ ମୋଟ ୧ ଲକ୍ଷ ୯୮ ହଜାର ୯୫୩ କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ସ୍ଥିରୀକୃତ ହୋଇଛି। କିନ୍ତୁ ନୂଆ ସରକାର ଆସିବା ପରେ ଅତି ଉଚ୍ଚକୋଟୀର ଏଫଏକ୍ୟୁ ମାନର ଧାନରୁ ମଧ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୫/୬ କିଲୋ ଧାନ କଟିନିଛଟିନ କରାଯାଉଛି। ଧାନ ଓଜନ ଏବଂ ବୋହିବା ବାବଦକୁ ପ୍ରତି କ୍ୱିଣ୍ଟାଲରେ ୩୦ ଟଙ୍କା ଦେବାକୁ ବ୍ୟବସ୍ଥା ରହିଛି। ଏହି ଟଙ୍କା ଚାଷୀ ଆଗ ନଦେଲେ ଧାନ ଉଠୁନାହିଁ। ଏହାଛଡା ଚାଷୀ ମଣ୍ଡିକୁ ଆଣିବାକୁ ଗାଡି ଭଡା, ଅଖା ଆଦି ଦେବାକୁ ପଡୁଛି। ଏମିତି ଏହି ଜିଲ୍ଲାରେ ଚାଲିଛି ମଣ୍ଡି ବ୍ୟବସ୍ଥା। ଧାନ କିଣାରେ ଜାଣିଶୁଣି ଅହେତୁକ ବିଳମ୍ବ ମଧ୍ୟ କରାଯାଉଛି। ଏଣୁ କିଛି ଚାଷୀ ଉପାୟହୀନ ହୋଇ ଅଭାବୀ ଧାନ ବିକ୍ରିକୁ ଆପଣେଇ ନେଇଛନ୍ତି। ମାତ୍ର ୧୮୦୦ରୁ ୧୯୦୦ ଟଙ୍କା କ୍ୱିଣ୍ଟାଲ ପିଛା ଧାନ ବାଧ୍ୟ ହୋଇ ଦଲାଲମାନଙ୍କୁ ବିକ୍ରୟ କରୁଛନ୍ତି। ଅନ୍ୟପକ୍ଷରେ ସମୟସୀମାରେ ଧାନ କ୍ରୟ ନହେବା ଯୋଗୁଁ ଟୋକନ୍ ମଧ୍ୟ ଲ୍ୟାପ୍ସ ହେଉଛି। ମିଳିଥିବା ସୂଚନା ଅନୁସାରେ ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ବିଶ୍ୱ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ଅଧୀନରେ ଧାନ ବିକ୍ରି କରିବା ପାଇ ପଞ୍ଜିକରଣ କରିଥିବା ମୁରାରୀପୁର ଏବଂ ନୀଳକଣ୍ଠପୁର ଗ୍ରାମର ୪୧ ଜଣ ଚାଷୀଙ୍କ ଟୋକନ୍ ଏକ ମାସ ହେବ ଲ୍ୟାପ୍ସ କରିସାରିଛି। ନୀଳକଣ୍ଠପୁର ଗ୍ରାମର ୧୬ ଚାଷୀଙ୍କର ୬୭୬.୬୩ କ୍ୱିଣ୍ଟାଲ ଧାନ ଏବଂ ମୁରାରୀପୁର ଗ୍ରାମର ୨୫ ଚାଷୀମାନଙ୍କର ୧୭୩୭. ୫ କ୍ୱିଣ୍ଟାଲ ଧାନ ଗତ ୧୦ ଜାନୁୟାରୀ ଠାରୁ ୯ ଫେବୃଆରୀ ପର୍ଯ୍ୟନ୍ତ ଟୋକନ୍ ସୀମା ଥିବାବେଳେ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ମଣ୍ଡି କିମ୍ବା ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗୁରୁବାର ଦିନ ଅନେକ ଚାଷୀ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ୭ଦିନ ମଧ୍ୟରେ ଏହି ସମସ୍ୟାର ଯଦି ସମାଧାନ କରାନଯାଏ ତେବେ ଚାଷୀମାନେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏହି ବ୍ଲକର ଉକ୍ତ ଘଟଣାକୁ ଏକ ନମୁନା ଭାବେ ବିବେଚନା କରାଯାଇ ପାରେ। ବ୍ଲକ ଏବଂ ସମଗ୍ର ଜିଲ୍ଲାରେ ଏହିପରି ସମସ୍ୟା ଲାଗିରହିଛି ବୋଲି ଅଭିଯୋଗ ହେଉଛି। ଦଶରଥପୁର ବ୍ଲକର ପାଲଟପୁର ସମବାୟ ସମିତି, ତଳିହା ସମବାୟ ସମିତି, ଦଶରଥପୁର, ମାଳିକାପୁର, ଆସନପୁର, ଚଷାଖଣ୍ଡ, ମଙ୍ଗଳପୁର, ଗ୍ରାମ ନନ୍ଦିପୁର ଭଳି ମହିଳା ଗୋଷ୍ଠୀମାନଙ୍କରେ ସମାନ ସମସ୍ୟା ଦେଖିବାକୁ ମିଳିଛି। ଏହି ବ୍ଲକ ଅଧୀନରେ ଧାନ ବିକ୍ରି କରିବାକୁ ଅପେକ୍ଷାରେ ଥିବା ୨୩ ମଣ୍ଡିର ଗତ ଜନୁୟାରୀ ୧୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଧାନ ବିକ୍ରି କରିବାକୁ ଧାର୍ଯ୍ୟ ସମୟ ଥିବା ୬୫୭ ଜଣ ଚାଷୀଙ୍କ ଟୋକନ ଲ୍ୟାପ୍ସ କରିସାରିଛି। କିଛି ମଣ୍ଡିରେ ଚାଷୀଙ୍କ ଆଖି ସ୍କାନ କରିସାରିବା ପରେ ମଧ୍ୟ ମଣ୍ଡିକୁ ଧାନ ଆଣି ୮/୧୦ ଦିନ ଜଗିକି ରହିବାକୁ ପଡୁଥିବା ଦେଖିବାକୁ ମିଳିଛି। ସରକାରୀ ମଣ୍ଡିରେ ଧାନ ବିକ୍ରି ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ୫୦ ପ୍ରତିଶତ ଚାଷୀ ବିକ୍ରି କରିନାହାନ୍ତି ଚାଷୀ। ଏଣେ କିନ୍ତୁ ଜିଲ୍ଲା ପ୍ରଶାସନର ମିଛ ରିପୋର୍ଟରେ ହେଉ କି ନିଜ ଆଡୁ ବାଃ ବାଃ ନେବା ଲାଗି ସରକାର କହୁଛନ୍ତି ୯୦ ପ୍ରତିଶତ ଧାନ କିଣା ସରିଲାଣି ବୋଲି ମିଛ କଥା କହୁଛନ୍ତି ବୋଲି ଚାଷୀ ନେତା ସୁବାଷ ଚନ୍ଦ୍ର ସାମଲ କହିଛନ୍ତି। ତେବେ ଚଳିତ ମାସ ସୁଦ୍ଧା ଅବଶିଷ୍ଟ ଧାନ ସରକାର ଯଦି କ୍ରୟ ନକରିବେ ତେବେ ବହୁ ସଂଖ୍ୟକ ଚାଷୀ ଏହିପରି ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ସାମଲ, ଚିନ୍ତାମଣି ପଣ୍ଡା, ଧୀରେନ୍ଦ୍ର ପଣ୍ଡା, ବିଜ୍ଞାନ ରାୟଙ୍କ ସମେତ ବହୁ ଚାଷୀ କହିଛନ୍ତି। ସମସ୍ୟାର ସମାଧାନ ନହେଲେ ବ୍ଲକର ଚାଷୀମାନେ ଆନ୍ଦୋଳନ ରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ରାଜନଗର (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୯ତମ ଜୟନ୍ତୀ ବିଜେଡିର ବ୍ଲକ ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁଙ୍କ ସମେତ ଶତାଧିକ ବିଜୁପ୍ରେମୀ ବିଭିନ୍ନ ଗ୍ରାମାଞ୍ଚଳରୁ ଆସି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରେ ଏକ ସଭା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଅରୁଣ ସାହୁ, ବିଜୟ ନାୟକ, ପ୍ରଦୀପ ଲେଙ୍କା, ରଞ୍ଜନ ମହାନ୍ତିଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ବହୁ ସଂଖ୍ୟାରେ ବିଜୁପ୍ରେମୀ ଯୋଗ ଦେଇଥିଲେ।

# ବିଜୁ ଜୟନ୍ତୀରେ ଗଣଦୌଡ଼ ଓ ଫଳ ବଣ୍ଟନ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜୁ ଯୁବ ଜନତା ଦଳର ସଭାପତି ପାର୍ଥ ସାରଥି ରାଉତଙ୍କ ନେତୃତ୍ୱରେ ବିଜୁ ଯୁବ ଜନତାଦଳ ତରଫରୁ ଗଣଦୌଡ ପ୍ରତିଯୋଗିତା ସହିତ ଏରସମା ମେଡିକାଲରେ ବିଜୁ ଜନତା ଦଳ ଛାତ୍ର ସଭାପତି ବରୋଦା ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ସଫେଇ କରିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କୋଠିଛକ ନିକଟରୁ ଏରସମା ବିଜୁଜନତା ଦଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ ପ୍ରତିଯୋଗିତା କରାଯାଇଥିଲା। ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜଗତସିଂହପୁର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦନ ଦାସ, ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଚ୍ଛାୟତ , ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତିସଭ୍ୟା ଦେବଜାନୀ ସେଠୀ, ବିଜୁଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦିପ୍ତିରଞ୍ଜନ କୁଅଁର, ଜଗତସିଂହପୁର ଜିଲ୍ଲା ବିଜୁଜନତା ଦଳର ବରିଷ୍ଠ ଉପ ସଭାପତି ବିଜୟ କୁମାର ପାଲ୍, ଯୁବ ସମାଜସେବୀ ଗଣେଷ ରାଉତ, ଏରସମା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ବିଭୂତି ଭୂଷଣ ରାୟ, ଉପସଭାପତି ଲୋକନାଥ ରାଉତ, ସୁବ୍ରତ ଦାସ, ଚନ୍ଦନ ମଲ୍ଲିକ, ରାକେଶ ସ୍ୱାଇଁ ଓ ଛାତ୍ର ସଭାପତି ଅନିତ୍ ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

# ସରିଲା ମାଟ୍ରିକ ପରୀକ୍ଷା

## ଅସ୍ତରଙ୍ଗ ବ୍ଲକର ୫ଟି କେନ୍ଦ୍ରରେ ୨ଜଣ ଅନୁପସ୍ଥିତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସରିଲା ମାଟ୍ରିକ ପରୀକ୍ଷା। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିବାବେଳେ ୯୨୦ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରଲ ରୋକିବା ପାଇଁ କ୍ୟୁଆର୍ କୋର୍ଡ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ସିସି କ୍ୟାମେରା ଲାଗିଥିଲା।

# ବିନା ଫଳକ ଓ ଟେଣ୍ଡରରେ ଚାଲିଛି ଉନ୍ନୟନ କାମ !




ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍) : ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ବିଭିନ୍ନ ଯୋଜନା ପ୍ରଣୟନ କରି ଅର୍ଥ ବ୍ୟୟବରାଦ କରୁଛନ୍ତି। ମାତ୍ର ବାସ୍ତବରେ ତାହା କେତେ ଫଳପ୍ରଦ ହେଉଛି, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଏକାଧିକ ଗ୍ରାମରୁ ତାହା ପ୍ରତୀୟମାନ ହେଉଛି। ବିକାଶ ପାଇଁ ଆସୁଥିବା ଅର୍ଥକୁ ଠିକ୍ ଭାବେ ବ୍ଲକ୍ ବିଭାଗର ପ୍ରଶାସନ ଅଧିକାରୀ ବଡ଼ବଡ଼ିଆଙ୍କ ଚାପରେ ତଦାରଖ କରୁନଥିବାରୁ ସମସ୍ତେ ମିଳିମିଶି ଅର୍ଥକୁ ବାଟମାରଣା କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବାସ୍ତବରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ନା ଭାଙ୍ଗିଗଲାଣି, ଏହି ଖବର ଜିଲ୍ଲା ପ୍ରଶାସନ ପାଖରେ ମଧ୍ୟ ନାହିଁ। ସମୀକ୍ଷା ତ ଦୂରର କଥା, ତଦାରଖ ବି ହେଉନାହିଁ। ହେଲେ ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରଶାସନ ବଡ଼ବଡ଼ିଆଙ୍କ ଚାପରେ ଆନ୍ତରିକତା ଓ ଦୂରଦୃଷ୍ଟି ଅଭାବରୁ ବ୍ଲକ ଅଞ୍ଚଳବାସୀଙ୍କ ଭାଗ୍ୟ ଯେମିତି ସେମିତିରେ ରହିଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ୩୧ ପଞ୍ଚାୟତ ଥିବାବେଳେ ଅନେକ ଗ୍ରାମର ଜନସାଧାରଣ ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ରାସ୍ତା ନିର୍ମାଣ ଓ ଆଲୋକୀକରଣ ପ୍ରସ୍ତାବ ସରକାରୀ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନଥିବାବେଳେ, ବିକାଶରେ ସବୁଆଡ଼େ ନିମ୍ନମାନର କାମ ଏଭଳି ବିକଳ ଚିତ୍ର ପ୍ରଶାସନିକ ଅଧିକାରୀମାନଙ୍କ ନଜରକୁ ଆସୁଥିଲେ ମଧ୍ୟ ଜାଣି ନଜାଣିଲା ଭଳି ନୀରବଦ୍ରଷ୍ଟା ହୋଇ ରହୁଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ନିର୍ବାଚନ ସମୟ ଆସିଲେ ନେତାମାନେ ଗ୍ରାମର ବିକାଶ ପାଇଁ ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ନିର୍ବାଚନ ସରିବା ପରେ ଆଉ ସେହି ପ୍ରତିଶ୍ରୁତି କାର୍ଯ୍ୟ କରନ୍ତି ନାହିଁ। ପରେ ଗ୍ରାମକୁ ମଧ୍ୟ ଯାଆନ୍ତି ନାହିଁ। କିଛି ଜାଗାରେ ଏହି ବିଭାଗର ବିଭିନ୍ନ ପକ୍କା ସଡ଼କ ନିର୍ମାଣ, ସ୍ୱାସ୍ଥ୍ୟ, ମଣ୍ଡପ ଗୃହ, ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନର ଗୃହ ନିର୍ମାଣରେ ନିମ୍ନମାନର କାମ ହେଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଯେତେ ରାସ୍ତାକାମରେ ପ୍ୟାଚିଂ ହେଉଛି ତାକୁ ପଟ୍ଟାମୁଣ୍ଡାଇ ବ୍ଲକ ବିନା ଟେଣ୍ଡରରେ କାମ କରି ଟଙ୍କା ଲୁଟୁଛି। ପଟ୍ଟାମୁଣ୍ଡାଇ ବ୍ଲକରେ ଯେଉଁସବୁ କାମ ହେଉଛି ସେନେଇ ଫଳକ ନମାରି କାମକରି ବିନା ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କା ପଟ୍ଟାମୁଣ୍ଡାଇ ରଜକୋଷରୁ ଲୁଟି ଫଲ୍ସ ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଏହି ମନମାନି ପାଇଁ ଠିକାଦାର ନିମ୍ନମାନର କାମ କରି ଟଙ୍କା ନେଇ ଛୁ ମାରୁଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ନେତାଙ୍କ ଚାପରେ ତଦାରଖ କରୁନାହାନ୍ତି। ଠିକାଦାର ଜାଣିଶୁଣି ନିମ୍ନମାନର କାମ କରିବା ଦ୍ୱାରା ଖୁବ୍ କମ୍ ଦିନ ଭିତରେ ଭୁଶୁଡ଼ି ପଡୁଛି। ପଟ୍ଟାମୁଣ୍ଡାଇ ଜନସାଧାରଣ ଏ ନେଇ ଅଭିଯୋଗ କଲେ ମଧ୍ୟ ବଡ଼ବଡ଼ିଆଙ୍କ ଭୟରେ ବ୍ଲକ ଉନ୍ନୟନ ଅଧିକାରୀ ଲୋକଙ୍କ କଥାକୁ ଶୁଣୁ ନାହାଁନ୍ତି। ଲାଞ୍ଚ ନେଇ ନିମ୍ନମାନର କାମକୁ ପ୍ରୋତ୍ସାହନ ଦିଆଯାଉଥିବାରୁ କାମ ଶେଷ ହେବାର ତିନିମାସ ନପୁରୁଣୁ ଭାଙ୍ଗି ରୁଜି ଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକର ଏହିପରି ନିମ୍ନମାନର କାମ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରପାଳିକାର ଜନସାଧାରଣଙ୍କ ମନରେ ଅସନ୍ତୋଷ ବଢିବାରେ ଲାଗିଛି। ଯଦି ଏହିପରି ପଟ୍ଟାମୁଣ୍ଡାଇ ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ଲାଗି ରହେ ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏକ ଜନଆନ୍ଦୋଳନ ଦେଖାଯିବ। ଏହିପରି ଦୁର୍ନୀତି ଯଦି ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଲାଗି ରହେ ଆଗାମୀ ଦିନରେ ଆସୁଥିବା ପଞ୍ଚାୟତ ନିର୍ବାଚନରେ ପଟ୍ଟାମୁଣ୍ଡାଇ ବ୍ଲକର ଜନସାଧାରଣ ଉଚିତ୍ ଜବାବ ଦେବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଅଚିହ୍ନା ଯୁବକଙ୍କ ମିଳିଲା ପରିଚୟ


# ମା' ଆଣିଲେ ହତ୍ୟା ଅଭିଯୋଗ




ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଥାନା ଅଧୀନସ୍ତ ଜଲାରପୁର ପଞ୍ଚାୟତ ଲୁଣି ଗାଁ ସାଧୁ ଗୋସେଇଁଙ୍କ କାଜୁ ଜଙ୍ଗଲରେ ଅଚିହ୍ନା ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହଟି ପଚି ଯାଇଥିବା ବେଳେ ପାଖରେ ଏକ ବିଷ ବୋତଲ ଥୁଆ ହୋଇଥିଲା। ମୃତ ଯୁବକ ଜଣଙ୍କ ନୀଳ ରଙ୍ଗର ସାର୍ଟ ଓ କଳା ରଙ୍ଗର ହାଫ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଶବଟି ପଚିଯାଇ ଦୁର୍ଗନ୍ଧ ହେଉଛି। ଘଟଣାସ୍ଥଳରେ ନିଆଳି ପୋଲିସ ବିଜୟ କୁମାର ମାଲିକ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡିଲା ପଡୋଶୀ ଗାଁ କପାଶି ପଞ୍ଚାୟତ ପୋଦନା ବାଲି ସାହି ଗ୍ରାମର ସ୍ୱର୍ଗତ ପ୍ରସନ୍ନ ସେନାପତିଙ୍କ ପୁଅ ଦେବେନ୍ଦ୍ର ସେନାପତି (୨୬) ଗତ ୨୪.୨.୨୦୨୫ରୁ ନିଖୋଜ ଥିଲେ। ତାଙ୍କ ମା' ଓ ପରିବାର ପକ୍ଷରୁ ଶବ ଚିହ୍ନଟ କରି ପୁଅ ଦେବେନ୍ଦ୍ର ସେନାପତି ବୋଲି କହିଥିଲେ। ମା' ସୁରମା ସେନାପତି ପୁଅକୁ ହତ୍ୟା କରାଯାଇଥିବା ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଆଳି ଥାନା ପୋଲିସ ୮୫/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍, ସଦର ଏସ୍‌ଡ଼ିପିଓ କିରଣ ହେମରମ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ପହଞ୍ଚି ତଦନ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ କରିବା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହେବ।

# ରାଶିଫଳ

**ଶୁକ୍ରବାର, ୦୭ ମାର୍ଚ୍ଚ ୨୦୨୫**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖନ୍ତୁ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ୍ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ। ଆଧ୍ୟାତ୍ମିକ ସିଦ୍ଧି ପ୍ରାପ୍ତ କରିବା ପାଇଁ ବହୁତ ଭଲ ଯୋଗ ଅଛି।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କ ଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।




**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ। ଆପଣ ସଚେତନ ରୁହନ୍ତୁ।




**କର୍କଟ:** ଭୁଲ୍ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ଅନୈତିକ ପ୍ରବୃତ୍ତିଗୁଡ଼ିକର ସୃଷ୍ଟି ହେଲେ ମନକୁ ନିୟନ୍ତ୍ରଣରେ ରଖିବାପାଇଁ ଉପଦେଶ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।



**କନ୍ୟା:** ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ । ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ।




**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ରମାନଙ୍କ ସହିତ ଖୁସି ରହିବେ। ଆନନ୍ଦଦାୟକ ପର୍ଯ୍ୟଟନ ହେବ।




**ବିଛା:** ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସମ୍ପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରୀ ଏବଂ ବରିଷ୍ଠ ନାଗରିକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।




**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରୀମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଙ୍କା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ (ଭାସ୍କର ନ୍ୟୁଜ): ବୁଧବାର ଦିନ ସକାଳ ୯.୩୦ ରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଏକ ଦିବସୀୟ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ଚିନ୍ତନ ଶିବିର ଓ ଆଗାମୀ ପଞ୍ଚାୟତି ରାଜ ନିର୍ବାଚନ ପ୍ରସ୍ତୁତି ଶିବିର ମହାନଦୀ ବଞ୍ଚାଅ ଆବାହକ ତଥା ଓଡ଼ିଶା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ମୁଖ୍ୟ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ସମ୍ମାନିତ ଅତିଥି ସଚିନ୍ ନାଇକ (ଅଖିଳ ଭାରତୀୟ ଆର୍‌ଜୀପିଆର୍‌ଏସ୍) ଉପ ସଭାପତି, କୁଣାଲ ବାନାର୍ଜୀ ସଧାରଣ ସମ୍ପାଦକ, ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ନିରଞ୍ଜନ ପଟ୍ଟନାୟକଙ୍କ ସହ ବହୁ ନେତୃମଣ୍ଡଳୀ ଓ ପ୍ରାୟ ଓଡ଼ିଶାର ୩୦ଟି ଜିଲ୍ଲା ସଂଯୋଜକ, କର୍ମକର୍ତ୍ତା ଯୋଗଦାନ କରି ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲା, ବ୍ଲକ୍, ଜୋନସ୍ତରୀୟ ସର୍ବୋଦୟ ଶିବିରମାନ ଆୟୋଜନ କରି ସଂଗଠନକୁ ତୃଣ ମୂଳସ୍ତରରେ ମଜଭୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

# ୨୪ ଘଣ୍ଟିଆ ପେଟ୍ରୋଲ ପମ୍ପ ସେବା ପ୍ରଦାନ ପାଇଁ ସାଂସଦଙ୍କୁ ଦାବିପତ୍ର



ମାଲକାନଗିର(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ଲୟର୍ସ ଆସୋସିଏସନ ପକ୍ଷରୁ ଜିଲ୍ଲାରେ ୨୪ ଘଣ୍ଟିଆ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ଗସ୍ତରେ ଆସିଥିବା ନବରଙ୍ଗପୁର ସାଂସଦ ବଳଭଦ୍ର ମାଝିଙ୍କୁ ଜିଲ୍ଲା ଲୟର୍ସ ଆସୋସିଏସନ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ନମ୍ବର ଜାତୀୟ ରାଜପଥର ୧୭୦ କିମି ରାସ୍ତା ଯାଇଛି । ତେବେ ଏହି ରାସ୍ତା କଡରେ ରହିଥିବା ପେଟ୍ରୋଲ ପମ୍ପ ଗୁଡିକ ୨୪ ଘଣ୍ଟିଆ ସେବା ଯୋଗାଉ ନଥିବାବେଳେ ରାତି ସମୟରେ ଯାଉଥିବା ଗାଡି ଗୁଡିକ ପେଟ୍ରୋଲ ଡିଜେଲ ପାଇଁ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଉଛନ୍ତି । ଏହି ରାସ୍ତା ଦେଇ ନିତିଦିନ ଛତିଶଗଡ, ଆନ୍ଧ୍ର, ତେଲେଙ୍ଗନା ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାନବାହାନ ଯାତାୟତ କରୁଛି । କିନ୍ତୁ ଜିଲ୍ଲା ମଧ୍ୟରେ ରହିଥିବା ପେଟ୍ରୋଲ ପମ୍ପ ଗୁଡିକ ରାତି ୧୦ପରେ ବନ୍ଦ ହୋଇଯାଉଛି । କୋରପୁଟ ଜିଲ୍ଲାର ଜୟପୁରରେ ହିଁ ୨୪ ଘଣ୍ଟିଆ ସେବା ଯୋଗଉଥିବା ପେଟ୍ରୋଲ ପମ୍ପ ରହିଥିବା ବେଳେ ଲୋକେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କିଲୋମିଟର ଯାଏଁ ରାତି ୧୦ ପରେ ତେଲ ପାଇବା କଷ୍ଟକର ହୋଇ ପଡୁଛି । ଫଳରେ ଜରୁରୀ କାର୍ଯ୍ୟରେ ଯାଉଥିବା ବାହାର ଲୋକେ ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଜିଲ୍ଲା ବାହାରକୁ ଯାଉଥିବା ଯାନଗୁଡିକ ପେଟ୍ରୋଲ ଓ ଡିଜେଲ ପାଇଁ ନାନା ସମସ୍ୟା ଭୋଗ କରୁଛନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ରାସ୍ତାକଡରେ ରହି ରହିଥିବା କିଛି ପେଟ୍ରୋଲ ପମ୍ପ ଗୁଡିକୁ ୨୪ଘଣ୍ଟିଆ ସେବା ଯୋଗାଇବା ପାଇଁ ଲୟର୍ସ ଆସୋସିଏସନ ପକ୍ଷରୁ ଏହି ଦାବିପତ୍ର ଦିଆଯାଇଥିଲା ।ଏହି ଦାବିପତ୍ର ଗ୍ରହଣ କରି ସାଂସଦ ଶ୍ରୀ ମାଝି ଏହାକୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ଏନେଇ ପେଟ୍ରୋଲିୟମ ବିଭାଗକୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ । ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଯେହେତୁ ମାଲକାନଗିରି ଜିଲ୍ଲା ଏକ ମାଓ ପ୍ରବଣ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପେଟ୍ରୋଲ ପମ୍ପ ଗୁଡିକୁ ୨୪ ଘଣ୍ଟିଆ ସେବା ପାଇଁ ଅନୁମତି ଦିଆଯାଇ ନାହି । ତେବେ ସାଂସଦ ଶ୍ରୀ ମାଝି ପ୍ରତିଶ୍ରୁତି ଦେଇଥିଲେ ଯେ, ଏହି ବିଷୟରେ ବିଭାଗ ସହ ଆଲୋଚନା କରି କିଛି ସେବା ଯୋଗାଇ ପେଟ୍ରୋଲ ପମ୍ପ ଗୁଡିକୁ ୨୪ ଘଣ୍ଟିଆ ସେବା ପାଇଁ ବ୍ୟବସ୍ଥା କରିବି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଲୟର୍ସ ଆସୋସିଏନର ସଭାପତି ନୃସିଂହ ଚରଣ ମହାନ୍ତି, ଜିଲ୍ଲା ଓକିଲ ସଂଘର ସମ୍ପାଦକ ବିଜୁ ସରକାର, ବରିଷ୍ଠ ଆଇନଜୀବୀ ରଞ୍ଜିତ ସାନା, ଏସ ମହେଶ୍ୱର, ବିଭୁତି ଭୂଷଣ ଉପସ୍ଥିତ ଥିଲେ । ତେବେ ଏଭଳି ଲୟର୍ସ ଭୂଷଣ ବେହେରା, ଭବତୋଷ ବିଶ୍ୱାସ ପ୍ରମୁଖ ଆସୋସିଏସନର ଏଭଳି ପଦକ୍ଷେପକୁ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ଓ ସମର୍ଥନ କରାଯାଇଛି ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସର ତଥ୍ୟ ଅନୁଧାନ କମିଟି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକରେ ଗଣ ଦୁଷ୍କର୍ମର ଶିକାର ହେଇଥିବା ଜଣେ ନାବାଳିକାର ଗ୍ରାମକୁ ରାଜ୍ୟ କଂଗ୍ରେସର ଏକ ତଥ୍ୟ ଅନୁଧ୍ୟାନ କମିଟି ଗସ୍ତ କରିଛି । ଉକ୍ତ ଗ୍ରାମକୁ ଯାଇ କମିଟି ସଦସ୍ୟମାନେ ପୀଡ଼ିତା ପରିବାରକୁ ଭେଟି ତାଙ୍କ ମା ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଗସ୍ତ ସମୟରେ ପୀଡ଼ିତାର ପରିବାରକୁ ଭେଟି କିଛି ଆର୍ଥିକ ସହାୟତା ଦେବା ସହ ପରିବାରକୁ ନ୍ୟାୟ ଦେବା ନିମନ୍ତେ ସରକାରଙ୍କୁ ଦାବି କରିବେ ବୋଲି ପ୍ରତିଶୃତି ଦେଇ ଫେରିଆସିଛନ୍ତି । ବିଗୁଡୁଥିବା ଆଇନଶୃଙ୍ଖଳା ଏବଂ ପ୍ରଶାସନିକ ଅବହେଳାକୁ କମିଟି ଦାୟୀ କରିଛି ।ଏହି ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ନଗେନ୍ଦ୍ର ପ୍ରଧାନ ପୂର୍ବତନ ବିଧାୟକ ତଥା କମିଟି ସଦସ୍ୟ ସୁଜିତ କୁମାର ପାଢ଼ୀ, ମାନସ ମଲ୍ଲିକ, ଲକ୍ଷ୍ମୀପୁର ଯୁବ ବିଧାୟକପବିତ୍ର ସାଉଁନ୍ତା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମିରିକା, ସାଂସଦ ପ୍ରତିନିଧି କୈଳାସ ଖୋସଲା ଓ ଯୁବ କଂଗ୍ରେସ ସଭାପତି ମଣ୍ଟି ଖରା ପ୍ରଭୃତି ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଗତ ମାସ ଆଠ ତାରିଖ ରାତିରେ ପୀଡ଼ିତା ନିଜର କିଛି ସାଙ୍ଗମାନଙ୍କ ସହ ବିରିଗୁଡ଼ା ଗ୍ରାମକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯାଇ ଗଣଦୁଷ୍କର୍ମର ଶିକାର ହୋଇଥିଲା । ତହିଁ ଆରଦିନ ପରିବାର ପକ୍ଷରୁ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ ପରେ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ତୁଳସିଛପର ଗାଁ ରୁ ଚାରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା ।

# ମହାବନ୍ଧରେ ବ୍ୟାପକ ଦୁର୍ନୀତି

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ରାୟଗଡା ବ୍ଲକରେ ସବୁବେଳେ ଚର୍ଚ୍ଚା ଲାଗି ରହୁଛି ।

## ଭିଜିଲାନ୍ସ ତଦନ୍ତ ଦାବି



କେତେବେଳେ ଚାଉଳ ତ ପୁଣି ରାସ୍ତାକୁ ନେଇ ଅନେକ ଅଭିଯୋଗ ଆସିଥାଏ । ରାୟଗଡ଼ ବ୍ଲକ ପୁତାର ପଞ୍ଚାୟତର ମହାବନ୍ଧର ଦୁର୍ନୀତି ୫ ଏସ୍‌ଏପ୍‌ସିରେ ୬ ଲକ୍ଷ ୬୩ ହଜାର ଅତି ହରିଲୁଟ୍ ହୋଇଛି ବୋଲି ସ୍ଥାନୀୟ ସରପଞ୍ଚ ଅମ୍ବିକା ନାୟକ ଓ ସମିତି ସଭ୍ୟ ଲୋକନାଥ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ତିତିଲି ମହାବାତ୍ୟା ୧୭-୧୮ମସିହା ସମୟରେ ୧୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା । ପରେ ୨୩୦୨୪ ମସିହାରେ ଅଭୁତ ସରାବର ନାମରେ ଖର୍ଚ୍ଚ ହୋଇଛି । ସେହିପରୀ ୨୩-୨୪ ର ଆର୍ଥିକ ବର୍ଷରେ ୬ ଲକ୍ଷ ୬୩ ହଜାର ୩୭୫ ଖର୍ଚ୍ଚ ହୋଇଛି କହି ମିଥ୍ୟା ବିଲ୍ କରି ବ୍ଲକରେ ଟଙ୍କା ଉଠାଣ ହୋଇଛି । ଜିଲ୍ଲାରେ କାମ ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଶ୍ରମିକ ମାନେ ଯାଉଛନ୍ତି , ମାତ୍ର ଏଠାରେ ଗରିବ ଲୋକମାନଙ୍କୁ କାମ ମିଳୁନାହିଁ । ଏ ନେଇ ସ୍ଥାନୀୟ ବିଧାୟକ ଦାଶରଥି ଗମାଙ୍ଗଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଅଭିଯୋଗକୁ ବିଧାନସଭାରେ ଉଠାଇବେ ବୋଲି କହିଛନ୍ତି ।

# ରାଧାକାନ୍ତ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା



ଗୁଣୁପୁର(ଭାସ୍କର ନ୍ୟୁଜ) : ଗୁଣପୁର ବ୍ଲକ ଅନ୍ତର୍ଗତ ପ୍ରଧାନିଗୁଡା ଠାରେ ଥିବା ବହୁ ପୁରାତନ ମନ୍ଦିର ପ୍ରାସାଦ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ । ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ନିମନ୍ତେ ରୀତିନୀତି ଅନୁଯାୟୀ ପୂଜା ଉତ୍ସବ ପାଳନ କରାଯାଉଛି । ୪ ତାରିଖରେ ଅଧିବାସ, ଅଙ୍କୁରାରୋପଣ, ୫ ତାରିଖରେ କଳସ ଯାତ୍ରା, ଶାଳାସଂସ୍କାର, ମଣ୍ଡଳାଦିପୂଜା, ପାର୍ଶ୍ୱ ଦେବତାଙ୍କ ପ୍ରାସାଦ ଅଧିବାସ, ଅଗ୍ନି ସଂସ୍କାର ୬ ତାରିଖରେ ସୂର୍ଯ୍ୟ ପୂଜା,ପ୍ରାସାଦ ପ୍ରତିଷ୍ଠା, ରତ୍ନକଳସ ପ୍ରତିଷ୍ଠା, ମହାସ୍ନାନ, ଦେବତା ପ୍ରବେଶ, ୭ ତାରିଖରେ ଗୀତାଯଜ୍ଞ, ପୂର୍ଣ୍ଣାହୂତି, ୮ ଓ ୯ ତାରିଖରେ ଷୋହଳ ପ୍ରହର ସଂକୀର୍ତ୍ତନ, ୧୦ ତାରିଖରେ ନଗର ସଂକୀର୍ତ୍ତନ ହେବା ର କାର୍ଯ୍ୟକ୍ରମ ରହିଛି । ପ୍ରତିଷ୍ଠା ଉପଲକ୍ଷେ ବୁଧବାର ସକାଳରେ ଶତାଧିକ ମହିଳା କଳସଯାତ୍ରା କରିଥିଲେ । ବଂଶଧାରା ନଦୀ ରେ ଜଳକୁ ଗଙ୍ଗା ଆବାହାନ କରି ପୂଜାଅର୍ଚ୍ଚନା କରିବାପରେ ଜଳକୁ ନେଇ ମହିଳାମାନେ ବାଦ୍ୟ ବାଜଣା, ସଂକୀର୍ତ୍ତନରେ କଳସଯାତ୍ରା କରି ମନ୍ଦିରକୁ ଆସିଥିଲେ । ରାଧାକାନ୍ତ ମନ୍ଦିର ଅଞ୍ଚଳର ସର୍ବପୁରାତନ ମନ୍ଦିର । ରାଜାରାଜୁଡା ସମୟରୁ ଏହ ମନ୍ଦିରରେ ରାଧାକାନ୍ତ ପୂଜା ପାଉଛନ୍ତି । ମନ୍ଦିରଟି ବହୁପୁରାତନ ହୋଇଥିବାରୁ କାରୁକାର୍ଯ୍ୟ ନଷ୍ଟ ହେବାରେ ଲାଗିଥିଲା । ଏହି ମନ୍ଦିର ମରାମତି କରାଯିବା ସହ ପ୍ରାସାଦ ନିର୍ମାଣ କରି ସୁନ୍ଦର କାରୁକାର୍ଯ୍ୟ କରାଯାଇଛି । ଏହାର ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ମନ୍ଦିର ପରିଚାଳନା କମିଟି ଦାୟିତ୍ୱ ନେଇ ସୁଚାରୁ ରୁପେ ପାଳନ କରୁଛି । ପୂଜକ ନବୀନ ରଥ ପୂଜା କାର୍ଯ୍ୟ କରୁଥିବା ବେଳେ କୈଳାସ ଦାସ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି ।

## ସୁଭଦ୍ରା ସଚେତନତା ରାଲି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ମହିଳା ଓ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ପାର୍ବତୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ଶୋଭା ଯାତ୍ରାରେ ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ ଓ ଉପଧ୍ୟକ୍ଷା ଆରତୀ କୁଲଦୀପ ଯୋଗଦାନ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ସୁଭଦ୍ରା ଯୋଜନାରୁ କୌଣସି ମହିଳା ଯେପରି ବାଦ୍ ନପଡ଼ନ୍ତି ସେ ଉପରେ ବିଡ଼ିଓ ଶ୍ରୀଯୁକ୍ତ ଭୋଇ ଆଲୋକପାତ କରିଥିଲେ । ଏହାପରେ ଅଙ୍ଗନବାଡି କର୍ମୀମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ । ସେହିପରି ବ୍ଲକରେ ଥିବା ସମସ୍ତ ପଞ୍ଚାୟତରେ ମଧ ଅଙ୍ଗନବାଡି କର୍ମୀ ମାନେ ସୁଭଦ୍ରା ଯୋଜନା ସଚେତନ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା ।।



# ଜଳ ବିଭାଜିକା ସଚେତନତା ଯାତ୍ରା



ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନୂଆ ପାରା ଠାରେ ଜଳ ବିଭାଜିକା ପ୍ରକଳ୍ପର ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ସମ୍ମାନନୀୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ବ୍ଲକ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଏହି ସଚେତନତା ଶିବିରର ଉଦ୍ଘାଟନ କରିଥିଲେ । ସଚେତନତା ରଥ ଉଦ୍‌ଘାଟନ ଏ ଅବସରରେ ଜଳ ବିଭାଜିକାକ୍ଷେତ୍ର ରେ ଆଗାମୀ ପିଢ଼ି ପାଇଁ ବର୍ଷା ଜଳକୁ ସୁରକ୍ଷିତ କରି ରଖିବା ମୃତ୍ତିକା କ୍ଷୟକୁ ରୋକିବା ଏବଂ ନୂତନ ପିଢ଼ିଙ୍କ ପାଇଁ ପରିବେଶ କିପରି ସୁରକ୍ଷିତ ରହିବ ତାହା ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା, ସ୍ଥାନୀୟ ଅଧିକାରୀ ପ୍ରତୀକ ଦେ, ଏସସିଇବ୍ଲୁ ସୁରେନ୍ଦ୍ର ନାଥ ଚୁଡୁଙ୍କ ଶହ ସମସ୍ତ କର୍ମଚାରୀ ଓ ବହୁ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

# ମିଶନ ଶକ୍ତି ଖୁଚୁରା ବ୍ୟବସାୟ କେନ୍ଦ୍ର ଉଦ୍‌ଘାଟିତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ବୁଧବାର ଅପରାହ୍ନରେ କୋଷାଗୁମୁଡ଼ା ବ୍ଲକର ରାଜୋଡା ପଞ୍ଚାୟତ ସଦର ପଞ୍ଚାୟତ ଦୋକାନ ଗୃହରେ ମିଶନସକ୍ତି ଖୁଚୁରା ବ୍ୟବସାୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ ନବରଙ୍ଗପୁର ବିଧାୟକଙ୍କ କରକମଳରେ ହୋଇଯାଇଛି । ଏହି ମିଶନ ଶକ୍ତି ଖୁଚୁରା ବ୍ୟବସାୟ କେନ୍ଦ୍ରରେ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ଦୁଇଚକିଆ ଓ ତିନି ଚକିଆ ଯାନର ସାମଗ୍ରୀ କିମ୍ବା ବେକେରି ସାମଗ୍ରୀ ଗୁଡ଼ିକ ଅତି ସୁଲଭ ମୂଲ୍ୟରେ ମିଳିବ ବୋଲି ପରିଚାଳକ କମିଟି ସଦସ୍ୟାମାନେ ସୂଚନା ଦେଇଛନ୍ତି । କୋଷାଗୁମୁଡ଼ା ବିଡିଓଙ୍କ ତତ୍ପରତାରେ ଏହି ଖୁଚୁରା ବ୍ୟବସାୟ କେନ୍ଦ୍ରଟି ଖୋଲା ହୋଇଥିବାବେଳେ ଏହା ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବ୍ୟୟ ରେ ପ୍ରସ୍ତୁତ ହୋଇଛି । ଆଗକୁ ଅନ୍ୟ ପଞ୍ଚାୟତ ଗୁଡିକରେ ମଧ୍ୟ ଖୋଲାଯିବ ବୋଲି ବିଡ଼ିଓ ଶ୍ରୀ ତ୍ରିପାଠୀ କହିଛନ୍ତି । ସେଭଳି ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ କହିବା ଅନୁସାରେ ପ୍ରଧାନମନ୍ତ୍ରୀଙ୍କ ଲକ୍ଷପତି ଦିଦି ଯୋଜନା ରେ ଏଭଳି ମହିଳା ସ୍ୱାବଲମ୍ବୀ ହେବା ପାଇଁ ଏଭଳି ବିଭିନ୍ନ ଯୋଜନା ଗୁଡିକ ଆରମ୍ଭ ହୋଇଛି ଯାହା ଦ୍ୱାରା ମହିଳାଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ସଂଗେ ସଂଗେ ଆତ୍ମନିର୍ଭରଶୀଳ ହେବେ ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସୋମନାଥ ପୂଜାରୀ- ଡ଼ାବୁଗାଁ, ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ସରପଞ୍ଚ ବନମାଳୀ ଭତ୍ରା, ବିଡ଼ିଓ ଆଶିଷ ତ୍ରିପାଠୀ, ପିଇଓ ଟିକିଚାନ୍ଦ କାଉଡୋଲା,ଅଜିତ କୁମାର ନନ୍ଦ,ସମିତି ସଭ୍ୟା ରତ୍ନା ପୂଜାରୀ, ୱାର୍ଡମେମ୍ବର ପଦ୍ମା ଚଲାଣ, ମଣ୍ଡଳ ପ୍ରତିନିଧି ପିଣ୍ଟୁମିଶ୍ର,ମଣ୍ଡଳ ସଭାପତି ମନୋଜ ବିଶୋଇ, ପୂର୍ବତନ ସଭାପତି ସୁରଜ ବିଶୋଇ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅନନ୍ତ ପଣ୍ଡା, ବିରେନ୍ଦ୍ର ପୂଜାରୀ,ପ୍ରକାଶ ରାଓ ପ୍ରମୁଖଙ୍କ ସହ ସ୍ଥାନୀୟ ଏମ୍‌ବିକେ, ସିଆର୍‌ପି, ମହିଳା ସ୍ୱୟଂ ସହାୟକ ଗ୍ରୁପ ସଦସ୍ୟ ଉପସ୍ଥିତ ଥିଲେ ।

# ସୁଭଦ୍ରା ସଚେତନତା ରାଲି



ଖଇରପୁଟ (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଠାରେ ସୁଭଦ୍ରା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ରାଲିରେ ପଞ୍ଚାୟତର ସମସ୍ତ ଏସଏଚଜି ଗ୍ରୁପର ମହିଳା, ଏମ୍‌ବିକେ, ଅଙ୍ଗନୱାଡି ଦିଦି ଅଂଶ ଗ୍ରହଣ କରି ଗ୍ରାମ ପରିକ୍ରମା କରି ସୁଭଦ୍ରା ସମ୍ପର୍କିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଏହି ରାଲିକୁ ପି ଇ ଓ ବାଳକୃଷ୍ଣ ଦେହୁରୀ ସଂଯୋଜନା କରିଥିବା ବେଳେ ନାଏବ ସରପଞ୍ଚ ଶାନ୍ତିମଣି ତୁରୁକଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ ।

# ।।। ବିଜୁ ଜୟନ୍ତୀ ପାଳିତ ।।।



ମାଲକାନଗିରି (ଭାସ୍କର ନ୍ୟୁଜ) : ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନୋତର ଓଡ଼ିଶା ନିର୍ମାଣର ସ୍ଥପତି ବିଜୁ ପଟ୍ଟନାୟକଙ୍କର ୧୦୯ ତମ ଜନ୍ମ ଦିବସ । ଏହା ବିଜୁ ଜନତା ଦଳର ପ୍ରତ୍ୟେକଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ପ୍ରାରମ୍ଭରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ପଣ୍ଡା ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ,ପୌର ଉପାଧ୍ୟକ୍ଷା କବିତା ମହନ୍ତ, ସଦର ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ଜିଲ୍ଲା ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ , ଜିଲ୍ଲା ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ବିଜେଡି ନେତା ତଥା ବରିଷ୍ଠ ଆଇନଜୀବୀ ଲମ୍ବୋଧର ତୁରୁକ, ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ ବରିଷ୍ଠ ନେତା ପ୍ରଫୁଲ ପଣ୍ଡା, ସର୍ବ ବିଶୋଇ ଏବଂ କେ ରାହୁଲଙ୍କ ସମେତ ବିଜୁ ଜନତାଦଳର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବରଗଡ(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳ ଆନୁକୂଲ୍ୟରେ ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ବିଜେଡି କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର , ଭୀଷ୍ମ ଦେବ ସରାଫ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ,ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ଜିଲ୍ଲା ଛାତ୍ର ବିଜେଡି ସଭାପତି କରନ୍ ସିକନ୍ଦର ଜିତୁ ଭୋଇ ଅରୁଣ ପ୍ରଧାନ ରବି ସାହୁ ସୁଶାନ୍ତ ମିଶ୍ର ସୁରୁ ପଧାନ ବେଲାର ମେହେର ନିରଂଜନ ମଲ୍ଲିକ ଭରତ ମହାନ୍ତି ଲୁଲୁ ଦଲେଇଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ବୃନ୍ଦ ଓ ବିଜେଡିର ସାଂଗଠନିକ ନେତୃମଣ୍ଡଳୀ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତିଚାରଣ କରି ତାଙ୍କୁ ଓଡ଼ିଆ ଜାତିର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ । ପଞ୍ଚାୟତି ରାଜ ବ୍ୟବସ୍ଥାକୁ ଓଡ଼ିଶାରେ ସୁଦୃଢ଼ କରିବାରେ ବିଜୁ ବାବୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଓଡ଼ିଶାରେ ୧୯୯୩ ମସିହାରୁ ତାଙ୍କ ଜନ୍ମ ଦିବସକୁ ପଞ୍ଚାୟତି ରାଜ ଦିବସ ଭାବେ ପାଳିତ ହୋଇ ଆସୁଥିବା ବେଳେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖ ବିଜୁ ବାବୁଙ୍କ ଜନ୍ମ ଦିନରେ ପାଳିତ ହେଉଥିବା ପଞ୍ଚାୟତି ରାଜ ଦିବସ କୁ ବାତିଲ କରିବା ଅତ୍ୟନ୍ତ ହୀନ ମାନସିକତା ବୋଲି ବିଜେଡି ନେତୃମଣ୍ଡଳୀ ରାଜ୍ୟ ବିଜେପି ସରକାର କୁ କଟୁ ସମାଲୋଚନା କରିବା ସହ ବିଜେଡି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ପ୍ରଦାନ କରିଥିଲେ ।ଏହି ଅବସର ରେ ବିଜେଡି ନେତୃମଣ୍ଡଳୀ ଓ ଦଳୀୟ କର୍ମୀ ଏକ ଶୋଭାଯାତ୍ରା ରେ ବାହାରି ସ୍ଥାନୀୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଉମରକୋଟ(ଭାସ୍କର ନ୍ୟୁଜ): ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଉମରକୋଟ ମ୍ୟୁନିସିପାଲଟି ତରଫରୁ ସହରରେ ଥିବା ଶିଶୁ ଉଦ୍ୟାନ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଠାରେ ମୁନିସିପଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ତତ୍ତ୍ୱାବଧାନରେ ବିଜୁ ବାବୁଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୌର ଅଧ୍ୟକ୍ଷା ରାଧା ଭତ୍ରା ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଅଶୋକ ପାଢ଼ୀ ଓ ସାଂସଦଙ୍କ ପ୍ରତିନିଧି ରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ ଓ ରାଇଘର ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ନବିନା ନାୟକ ଓ ବରିଷ୍ଠ ଓକିଲ ତପନ ଦେବନାଥ ଯୋଗ ଦେଇ ପ୍ରଥମେ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟିର ସମସ୍ତ କାଉନସିଲରମାନେ ଓ ବରିଷ୍ଠ ନାଗରିକ କାଳୁ ପଣ୍ଡା, ବୁଜି ରାଓ,ଶରତ ବେହେରା,କୈଳାଶ ନାୟକ, ସାନ ନାୟକ,ଛନ୍ଦା ଜେନା ଯୋଗ ଦେଇ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ଏହାପରେ ଯୋଗ ଦେଇଥିବା ଅତିଥିମାନେମାନେ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବୁଦ୍ଧିଜୀବୀମାନଙ୍କ ସହ ମ୍ୟୁନିସିପାଲଟିର କାର୍ଯ୍ୟରତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ ।



## ଚିନ୍ତନ ଓ ପଞ୍ଚାୟତିରାଜ ନିର୍ବାଚନ ପ୍ରସ୍ତୁତି ଶିବିର

ବରଗଡ (ଭାସ୍କର ନ୍ୟୁଜ) : ବୁଧବାର ଦିନ ସକାଳ ୯.୩୦ ରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଏକ ଦିବସୀୟ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ଚିନ୍ତନ ଶିବିର ଓ ଆଗାମୀ ପଞ୍ଚାୟତି ରାଜ ନିର୍ବାଚନ ପ୍ରସ୍ତୁତି ଶିବିର ମହାନଦୀ ବଞ୍ଚାଅ ଆବାହକ ତଥା ଓଡ଼ିଶା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ମୁଖ୍ୟ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ସମ୍ମାନିତ ଅତିଥି ସଚିନ୍ ନାଇକ (ଅଖିଳ ଭାରତୀୟ ଆର୍‌ଜିପି ଆର୍‌ଏସ୍) ଉପସଭାପତି, କୁନାଲ ବାନାର୍ଜୀ ସାଧାରଣ ସମ୍ପାଦକ, ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ନିରଞ୍ଜନ ପଟ୍ଟନାୟକଙ୍କ ସହ ବହୁ ନେତୃମଣ୍ଡଳୀ ଓ ପ୍ରାୟ ଓଡ଼ିଶାର ୩୦ଟି ଜିଲ୍ଲା ସଂଯୋଜକ, କର୍ମକର୍ତ୍ତା ଯୋଗଦାନ କରି ଆଗାମୀ ଦୀନରେ ପ୍ରତ୍ୟେକ ଜିଲ୍ଲା, ବ୍ଲକ୍, ଜୋନ ସ୍ତରୀୟ ସର୍ବୋଦୟ ଶିବିର ମାନ ଆୟୋଜନ କରି ସଂଗଠନକୁ ତୃଣ ମୂଳସ୍ତରରେ ମଜଭୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷୟତ୍ରୀ ମନୋରମା ମହାପାତ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମନୋରମା ମହାପାତ୍ର ୧୯୮୯ ମସିହାରେ ରାଇଘର ବ୍ଲକ ମାରଙ୍ଗପାଲି, ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ତାପରେ ସଦର ମହକୁମା ସ୍ଥିତ ଏକ୍ସ ବୋର୍ଡ ସ୍କୁଲ, ବ୍ଲକ କଲୋନୀ ସ୍କୁଲ ଆଦି ସ୍ଥାନରେ ଶିକ୍ଷକତା କରିଥଲେ । ଦୀର୍ଘ ୩୫ ବର୍ଷ ଶିକ୍ଷକତା ପରେ ଗତ ଫେବୃଆରୀ ୨୮ ତାରିଖ ରେ ଅବସର ଗ୍ରହଣ କରିଥିଲେ । ଶିକ୍ଷକତା ସହ ଜଣେ ସାହିତ୍ୟିକ, କବି, ହସ ମିଜାକ, ଛାତ୍ର ବତ୍ସଳ ଓ ଉତ୍ତମ ବ୍ୟବହାର ସକାଶେ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ । ଅବସର ଜୀବନ ସୁଖ ଶାନ୍ତି ନିରାମୟ ରହୁବୋଲି ଉପସ୍ଥିତ ମନ୍ୟଗଣ ବ୍ୟକ୍ତି କାମନା କରିଥିଲେ । ସିଆରସିସି, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲର ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଜଣେ ଛାତ୍ର ମୃତ, ଜଣେ ଆହତ

ମାଲକାନଗିରି(ଭାସ୍କର ନ୍ୟୁଜ) : ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯିବାବେଳେ ସଡ଼କ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ । ଆଜି ଦଶମ ଶ୍ରେଣୀ ପରୀକ୍ଷାର ଶେଷ ଦିନ ଥିବା ବେଳେ ପଦ୍ମଗିରି ଠାରୁ ସେରପାଲି ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ ଚନ୍ଦନଗୁଡ଼ା ନିକଟରେ ଏକ ପିକ୍-ଅପ୍ ଭ୍ୟାନ୍ ବାଇକକୁ ଧକ୍କା ଦେବାରୁ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି । ମୃତକଙ୍କ ନାମ ବିକ୍ରମ ସର୍ଦ୍ଦାର, ସେ ପଦ୍ମଗିରି ହାଇସ୍କୁଲର ଛାତ୍ର ବୋଲି ଜଣାପଡିଛି । ଉଭୟ ଛାତ୍ର ହାଇସ୍କୁଲ ସାର୍ଟିଫିକେଟ୍ (ଏଚ୍‌ଏସ୍ସି) ପରୀକ୍ଷା ଦେବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ତେବେ ବିକ୍ରମଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିଲା ଏବଂ ଅନ୍ୟ ଜଣେ ଛାତ୍ର ତାପସ ସର୍ଦ୍ଦାର ଗୁରୁତର ଆହତ ହୋଇଥିଲେ ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ସମିତି ସମ୍ମିଳନୀ




ଫୁଲବାଣୀ (ଭାସ୍କର ନ୍ୟୁଜ) : କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ୨୦୨୫ ସମ୍ମିଳନୀ ଫୁଲବାଣୀ ସ୍ଥିତ ଗାନ୍ଧି ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପାଢ଼ୀ, ଏଡିପିଏଚ୍‌ଓ, ଡିପିଏମ ମନୋରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ ଓ ଉକ୍ତ ସମ୍ମିଳନୀରେ ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳ ରେ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବା ସହିତ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେମାନଙ୍କ ସୁବିଧା ଯୋଗାଇବା ସମ୍ବନ୍ଧରେ ଉପସ୍ଥିତ ଆଶା କର୍ମୀ ଓ ସମିତିର ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ଅତିଥିମାନଙ୍କ ଦ୍ୱାରା ଜିଲ୍ଲାର ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟସମିତି ବନ୍ଧ୍ୟାକରଣରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି କୋଟଗଡ଼, ତୁମୁଡ଼ିବନ୍ଧ, ରାଇକିଆ ସମେତ ବିଭିନ୍ନ ସମିତିର କର୍ମୀମାନଙ୍କୁ ମଧ ତାଙ୍କର ଦାୟିତ୍ୱବାନ ସେବା ପାଇଁ ପୁରସ୍କୃତ କରାଯାଇଛି । ଉକ୍ତ ସମ୍ମିଳନୀରେ ଜିଲ୍ଲାର ବାରଟି ବ୍ଲକର ଶତାଧିକ ସମିତିର ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଡି ପି ଏମ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) :ମହିଳା ମାନଙ୍କୁ ସଶକ୍ତ, ଆତ୍ମନିର୍ଭରଶୀଳ ଓ ଆର୍ଥିକ ସମୃଦ୍ଧ କରିବା ପାଇଁ ସରକାର ବିବିଧ ପଦକ୍ଷେପ ନେଇଛନ୍ତି।ତେବେ ବୈଷୟିକ ଦକ୍ଷତା ଅଭାବ ଏବଂ ସାଇବର ଅପରାଧ ର ଭୟ ସେମାନଙ୍କ ପାଇଁ ବାଧକ ସାଜୁଛି।ଏ ସମ୍ପର୍କରେ ସେମାନ ଙ୍କୁ ସଚେତନ କରାଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଦେବାକୁ ଏକ ଦିନିକିଆ କର୍ମଶାଳା ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁରାଣ ଓ ଇତିହାସ ରେ ମହିଳା ସଶକ୍ତିକରଣ ର ଉଦାହରଣ ଦେବା ସହ ବର୍ତ୍ତମାନ ଦେଶର ଅର୍ଥନୀତି କୁ ମଧ୍ୟ ଜଣେ ମହିଳା ସୁନ୍ଦର ଭାବେ ସମ୍ଭାଳିଛନ୍ତି ବୋଲି କହି ସଚେତନ ହେବା, ଆର୍ଥିକ ନିୟମ ସମ୍ପର୍କରେ ଅବଗତ ହେବା ଓ ଆବଶ୍ୟକ ହେଲେ ବ୍ୟାଙ୍କର ଓ ଅନ୍ୟ ଆର୍ଥିକ ବିଶାରଦ ମାନଙ୍କ ସହଯୋଗ ନେଇ ନିଜକୁ ସମୃଦ୍ଧ କରିବାକୁ ଅନୁରୋଧ କରିଥିଲେ।ବିଜିନେସ ମ୍ୟାନେଜର ସୂର୍ଯ୍ୟ କାନ୍ତ ମହାରଣା, ଆଇସିଆଇସିଆଇ ବ୍ୟାଙ୍କ ର ଶାଖା ପରିଚାଳକ ଦେବବ୍ରତ ଆଚାର୍ଯ୍ୟ,ରିଜିଓନାଲ ମ୍ୟାନେଜର ସୌରଭ ମିଶ୍ର ଆର୍ଥିକ ଅନ୍ତର୍ଭୁକ୍ତି,ନେଣ ଦେଣ,ବ୍ୟାଙ୍କ ଋଣ,ଆର୍ଥିକ ନିୟମ, ସାଇବର ସୁରକ୍ଷା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ରମ, ଚନ୍ଦ୍ରପ୍ରଭା ଦେବୀ,ଆକ୍ସନଏଡ ସଂଗଠନ ର ଜିଲ୍ଲା ସଂଯୋଜକ ରଞ୍ଜିତା ଦାଶ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ସମୃଦ୍ଧି, ସୁରକ୍ଷା,ବାଲ୍ୟ ବିବାହ ଆଇନ,ମହିଳା ଓ ଶିଶୁ ଚାଲଣ, ଘରୋଇ ହିଂସା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ।

# ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲା ଉନ୍ନୟନ ସମ୍ପର୍କିତ ସମୀକ୍ଷା ବୈଠକ




ଛତ୍ରପୁର(ଭାସ୍କର ନ୍ୟୁଜ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗୀୟ ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଜିଲ୍ଲାର ଉନ୍ନୟନ ସମ୍ପର୍କିତ କିଛି ବିଭାଗର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମଞ୍ଚାସୀନ ଥିବା ବେଳେ ଗଞ୍ଜାମ ଜିଲ୍ଲାର ସମସ୍ତ ବିଭାଗର ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ନିଜ ବକ୍ତବ୍ୟରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ ଯେ, ଜିଲ୍ଲାର ଉନ୍ନତିକଳ୍ପେ ଯାହା କାର୍ଯ୍ୟ ହେଉଛି ସେଗୁଡିକୁ ସ୍ଥାନୀୟ ବିଧାୟକଗଣଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପ୍ରାଥମିକତା ଭିତ୍ତିରେ ଗୋଟିଏ ଟିମ୍ ଭାବେ କାମ କଲେ କୋଉଠି କେମିତି ସମସ୍ୟା ରହୁଛି ତାହା ତର୍ଜମା କରି ସେଗୁଡିକର ସରଳ ସମାଧାନ ହୋଇ ଉନ୍ନୟନ କାର୍ଯ୍ୟର ସୁସମ୍ପାଦନ ହୋଇ ଜିଲ୍ଲା ଆଗକୁ ବଢିବ ଏବଂ ଜିଲ୍ଲାର ସୁନାମ ହେବ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଞ୍ଚାୟତ ବିଭାଗର ପ୍ରତିଟି ନିର୍ଦ୍ଦେଶ ଗୁଡିକ ଲୋକ ପ୍ରତିନିଧିଙ୍କୁ ଅବଗତ କରାଇବା ସହିତ ସର୍ବ ସାଧାରଣଙ୍କ ଅବଗତି ସକାଶେ ପଞ୍ଚାୟତ କାନ୍ଥରେ ଦର୍ଶାଇବାକୁ ପରାମର୍ଶ ଦେଇଥିଲେ । ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଜଣାଇଥିଲେ ଯେ, ଚାଷୀ ମାନଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି ବ୍ୟାଙ୍କ ଗୁଡିକ ଚାଷୀ ମାନଙ୍କୁ ପ୍ରଦାନ ନକରି ସ୍ଥଗିତ କରି ରଖୁଛନ୍ତି ଏହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତ ଦେଇ ସଂପୃକ୍ତ ବ୍ୟାଙ୍କ ଗୁଡିକ ଠାରୁ ଚାଷୀଙ୍କ ଟଙ୍କା ବାହାର କରି ଅନ୍ୟ ଜାତୀୟ ବ୍ୟାଙ୍କରେ ଜମାଖାତା ଖୋଲି ରଖିବାକୁ ମତ ଦେଇଥିଲେ ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦୋଷ ଲଦୁଛି ବିଜେଡି: ଯୁବମୋର୍ଚ୍ଚା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ବିଜେଡ଼ି ନିଜେ ଭାଙ୍ଗି ଅନ୍ୟକୁ ଦୋଷ ଦେବା ଅତ୍ୟନ୍ତ ଲଜ୍ଜା ଜନକ। ଏହା ବିରୁଦ୍ଧରେ ଆଜି ଭୁବନେଶ୍ୱର ବିମାନ ବନ୍ଦର ନିକଟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଦ୍ୱିତୀୟ ଜନନେତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ପାଇଲଟ୍, ସୁପ୍ରସିଦ୍ଧ ଉଦ୍ୟୋଗୀ ତଥା ଶିଳ୍ପପତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ରାଜନୀତି ଆରମ୍ଭ କରି ଦେଇଛି ବିଜୁ ଜନତା ଦଳ। ନିଜ କର୍ମୀଙ୍କ ଦ୍ୱାରା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଛନ୍ତି ନବୀନ ବାବୁ। ଏପରି ସାଂଘାତିକ ଅଭିଯୋଗ ଆଣିଛି ଭୁବନେଶ୍ୱର ବିଜେପି ଯୁବମୋର୍ଚ୍ଚା। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ବିଜେପି ବରିଷ୍ଠ ନେତା ହିମାଂଶୁ ଛୋଟରାୟ, ସୁରୀୟକାନ୍ତ ସାହୁ, ରାମଚନ୍ଦ୍ର ରଣସିଂହ, ମନୋଜ ପାତ୍ର, ତାପସ ଦଳାଇ, ସୁନିଲ ପ୍ରଧାନ, ମନୋଜ ପଶ୍ଚିମକବାଟ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ବହିଷ୍କୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ମନ୍ଦାକିନୀ କର ଏବଂ ୫ ଜଣ ସଦସ୍ୟ ଯଥା – ସସ୍ମିତା ନନ୍ଦ, ରୁବି ବିଶ୍ୱାଳ, ସୁଶ୍ରୀ ଜାଲିନା ପ୍ରିୟଦର୍ଶିନୀ, ଛବି ମହାଲି ଓ ଅନିତା ବେହେରାଙ୍କୁ ବହିଷ୍କୃତ କରାଯାଇଛି । ୨୦୨୪ ନଭେମ୍ବର ୧୬ ତାରିଖରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଆଧାରରେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହା ବିରୁଦ୍ଧରେ ଶ୍ରୀମତୀ କର ଏବଂ ଅନ୍ୟ ସଦସ୍ୟମାନେ ମାନ୍ୟବର ଉଚ୍ଚନ୍ୟାୟାଳର ଦ୍ୱାରସ୍ଥ ହୋଇଥିଲେ । ସମସ୍ତ ତଥ୍ୟକୁ ବିଚାରକୁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆବେଦନକୁ ଖାରଜ କରିବା ପରେ ଆଜି ସମସ୍ତଙ୍କ ବହିଷ୍କାର ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଦେଶନାମା ଜାରି କରାଯାଇଛି।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ରାଷ୍ଟ୍ର ଶାଖା ନିର୍ଦ୍ଦେଶକ ଏଲିଜାବେଥ ଫୋରେ ସାକ୍ଷାତ କରି ରାଜ୍ୟରେ ଖାଦ୍ୟ ନିରାପତା ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଜ୍ୟରେ ଉତ୍ତମ ପୋଷଣ ଓ ଖାଦ୍ୟ ନିରାପତା ବ୍ୟବସ୍ଥା ସୁଦୃଢ କରିବା ସମ୍ପର୍କରେ ଉକ୍ତ ସାକ୍ଷାତ ବୈଠକରେ ଆଲୋଚନା ହୋଇଛି । ସେହିଭଳି ଖାଦ୍ୟ ନିରାପତା ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଅନେକ ଅଗ୍ରଣୀ ପଦକ୍ଷେପ ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଅବଗତ କରାଇଥିଲେ। ସେହିଭଳି ଜନ ପୋଷଣ କେନ୍ଦ୍ର ମାଧ୍ୟମରେ ପୁଷ୍ଟିଯୁକ୍ତ ଶସ୍ୟ ଯୋଗାଣ, ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡିକର ସୁଦୃଢ଼ୀକରଣ ଏବଂ ହିତାଧିକାରୀ ମାନଙ୍କ ସୁବିଧା ପାଇଁ ଅଧିକରୁ ଅଧିକ ଅନ୍ନପୂର୍ତି ତଥା ଶସ୍ୟ ଏଟିଏମ୍ ଖୋଲିବା ଦିଗରେ ମଧ୍ୟ ଆଲୋଚନା ହୋଇଛି ।

# ଜବରଦଖଲ ଉଚ୍ଛେଦକୁ ନେଇ ଜଟଣୀରେ ଉତ୍ତେଜନା
# ପ୍ରଶ୍ନ କରିବାରୁ ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ



ଜଟଣୀ(ଭାସ୍କର ନ୍ୟୁଜ): ଜଟଣୀରେ ସୀମା ଟପିଛି ଜିଲ୍ଲା ପ୍ରଶାସନ। ଜବରଦଖଲ ଉଚ୍ଛେଦକୁ ନେଇ ପ୍ରଶ୍ନ କରିବାରୁ ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିବାକୁ ମଧ୍ୟ ପଛାଇନି ପ୍ରଶାସନ। ଏପରିକି ଜଟଣୀ ତହସିଲଦାର ଓ ଶ୍ରୀମନ୍ଦିର ପ୍ରଶାସନ ତହସିଲଦାରଙ୍କ ଉପସ୍ଥିତିରେ ସାମ୍ବାଦିକଙ୍କ ଉପରେ ଜେସିବି ଚଢ଼ାଇ ଦେବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସାମ୍ବାଦିକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁବାର ମଧ୍ୟାହ୍ନରେ ଜଟଣୀ କୁସୁମାଟି ମୌଜାରେ ଏପରି ଘଟଣା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଉଭୟ ତହସିଲଦାର ସେଠାରୁ ଫେରିଆସିଛନ୍ତି। ଘଟଣାରୁ ପ୍ରକାଶ ଯେ, ବିନା କୌଣସି ସୂଚନା ଆଧାରରେ ଗୁରୁବାର ସକାଳେ ଜଟଣୀ ତହସିଲଦାର ଓ ଶ୍ରୀ ମନ୍ଦିର ପ୍ରଶାସନ ତହସିଲଦାର ଜେସିବି ଧରି କୁସୁମାଟି ମୌଜାରେ ପହଞ୍ଚି ସେଠାରେ ଲୋକେ ରହୁଥିବା ଘର ଭାଙ୍ଗିବା ଆରମ୍ଭ କରିଥିଲେ। ବିନା ଆଲୋଚନା କିମ୍ବା ପୂର୍ବ ସୂଚନା ନଥାଇ ଉଚ୍ଛେଦକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଲୋକମାନଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ନିଜ ଜିଦ୍‌ରେ ଅଟଳ ରହିବା ସହ ଉଚ୍ଛେଦ ପୂର୍ବରୁ ଘରୁ ଆସବାବପତ୍ର ବାହାର କରିବାକୁ ମଧ୍ୟ ଲୋକମାନଙ୍କୁ ସମୟ ଦେଇ ନ ଥିଲେ। ଏପରିକି ଲୋକମାନେ କିଛି ସମୟ ମାଗିଥିଲେ ମଧ୍ୟ ଉଭୟ ତହସିଲଦାର ସେଥିପ୍ରତି ଦୃଷ୍ଟି ନ ଦେଇ ଜେସିବି ଡ୍ରାଇଭରକୁ ଘର ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ଘର କରି ରହୁଥିବା କୃଷ୍ଣଚନ୍ଦ୍ର ପାଢୀ ନାମକ ଜନୈକ ବ୍ୟକ୍ତି ସରକାରଙ୍କ ଏହି ଉଚ୍ଛେଦକୁ ବିରୋଧ କରି ନିଜ ଦେହରେ ପେଟ୍ରୋଲି ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏଥିସହ ଘଟଣା ସମ୍ପର୍କରେ ଖବର ପାଇଁ ସେଠାରେ ପହଞ୍ଚିଥିବା ସାମ୍ବାଦିକ ଶେଖ୍ ରିଆଜ ମହମ୍ମଦ ତହସିଲଦାରଙ୍କୁ ଉଚ୍ଛେଦ ସମ୍ପର୍କରେ ପ୍ରଶ୍ନ କରିଥିଲେ। କାହା ଆଦେଶରେ ଉଚ୍ଛେଦ କରାଯାଉଛି ବୋଲି ପଚାରିବାରୁ ଅଧିକାରୀ ଜଣକ କ୍ରୋଧିତ ହୋଇ ଉଚ୍ଛେଦ ହେବ ବୋଲି କହିଥିଲେ।

# ଡିସିପି ତପନ ମହାନ୍ତିଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଡିସିପି (ଟ୍ରାଫିକ ) ତପନ କୁମାର ମହାନ୍ତି ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ନୀଳାଦ୍ରି ବିହାର ଯୁବ ସାଂସ୍କୃତିକ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ସୁନ୍ଦରଗଡ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ସଂପାଦକ ରଞ୍ଜିତ କୁମାର ବିଶ୍ୱାଳ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଶ୍ରୀ ମହାନ୍ତି ବିଭିନ୍ନ ସ୍ଥାନରେ ପୁଲିସ୍ ଅଧିକାରୀ ଭାବରେ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଞ୍ଝାରପୁର , ଯାଜପୁର ରୋଡ , ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ଅପରାଧ, ଅପରାଧୀ ଓ ଅସାମାଜିକ ବ୍ୟକ୍ତିଙ୍କ ସହ ସେ ଦୃଢତାର ସହ ମୁକାବିଲା କରୁଥିଲେ। ତେବେ ସାମାଜିକ ଜୀବନରେ ସେ ଜଣେ ସ୍ନେହୀ , ଉଦାର ହୃଦୟର ମଣିଷ ଥିଲେ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ଏସ ଟି ଏଫ୍ ରେ ତାଙ୍କ କାର୍ଯ୍ୟ ଶୈଳୀ ପ୍ରଶଂସା ଜନକ ଥିଲା। ଆରକ୍ଷୀ ଅଧିକାରୀ ଭାବେ ଯେତିକି ଦୃଢ଼ମନା , ସଧାରଣ ମଣିଷ ଭାବେ ସେତିକି ମାନବିକତାରେ ପରିପୂର୍ଣ୍ଣ। ଶ୍ରୀ ମହାନ୍ତି ଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ତାଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ ଉଭୟ ସଂଗଠନର ପଦାଧିକାରୀ । ସାମ୍ବାଦିକ ଦେବେନ୍ଦ୍ର ସାମଲ, ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ରୁ ଭୁବନେଶ୍ୱରରୁ ଆଣ୍ଡାମାନକୁ ବିମାନସେବା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରୁ ଆଣ୍ଡାମାନକୁ ଚାଲିବ ବିମାନ। ଆସନ୍ତା ମାର୍ଚ୍ଚ ୩୦ରୁ ଭୁବନେଶ୍ୱରରୁ ଆଣ୍ଡାମାନକୁ ବିମାନସେବା ଆରମ୍ଭ ହେବ। ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦର ବିମାନ ବନ୍ଦରରୁ ବୀର ସାବରକର ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ସିଧା ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

# ଗୋଇଠା ମାରି ବିଷ୍ଣୁ କରିଛନ୍ତି ମୁଖ୍ୟମନ୍ତ୍ରୀ: ଗଣେଶ୍ୱର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବୀନ ପାପ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦେଇଥିବା ବୟାନ ଉପରେ ଜବାବ ରଖିଛନ୍ତି ବରିଷ୍ଠ ବିଜେଡି ନେତା ଗଣେଶ୍ୱର ବେହେରା । ସେ କହିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହାପାପ କରିଛନ୍ତି । ଗୋଇଠା ମାରି ବିଷ୍ଣୁ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ପାପର ବିଚାର ଓଡ଼ିଶାବାସୀ କରିବେ । ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳିଲେ ନାହିଁ। ମହିଳା ଦିବସରେ କିପରି ସୁଭଦ୍ରା ଦିବସ ପାଳନ କରୁଛନ୍ତି ।


## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଇଲେକ୍ଟ୍ରିକ୍ ଲୋକୋସେଡ୍, ରାଉରକେଲା-୭୭୦୦୩୨, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କ୍ରମିକ ନଂ: ୦୧ ଜିଇଏମ୍, ବିଡ୍ ନଂ: ଜିଇଏମ୍/୨୦୨୫/ବି/୬୦୨୧୪୫୨. ତାରିଖ: ୦୪.୦୩.୨୦୨୫, କାର୍ଯ୍ୟର ବିବରଣୀ: ଇଏଲ୍ଏସ୍ ରାଉରକେଲା ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ସ୍ଥାପିତ ହୋଇଥିବା ୬୧ଟି ଏୟାରକଣ୍ଡିସନର ବାର୍ଷିକ ରକ୍ଷଣାବେକ୍ଷଣ ଓ ସେବା କାର୍ଯ୍ୟ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୨୩,୨୩,୪୧୦.୦୦/-, ଅମାନତ ଜମା: ଟ. ୪୬,୫୦୦.୦୦/-। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୦୩.୦୪.୨୦୨୫ ପୂର୍ବାହ୍ନ ୧୧ଟା। ୱେବସାଇଟ୍ ବିବରଣୀ ଏବଂ ସଂପୂର୍ଣ୍ଣ ବିବରଣୀ: http://www.gem.gov.in । ଉପରୋକ୍ତ ୱେବସାଇଟରେ ଏହି ଇ-ଟେଣ୍ଡରର ସଂପୂର୍ଣ୍ଣ ବିବରଣୀ ମିଳିପାରିବ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣଯୋଗ୍ୟ ନୁହେଁ। ଯଦି ବି ଆସେ ତେବେ ଅଗ୍ରାହ୍ୟ କରାଯିବ।

(PR-1208)



## ପୂର୍ବ ତଟ ରେଳପଥ
## 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/ 2024-25/131, ତା.03.03.2025ରିଖ

କ୍ରମ ସଂ. 01 : ଟେଣ୍ଡର ନଂ. 07251001, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ ପରଫର୍ମାନ୍ସ କଳଙ୍କି-ନିରୋଧକ (Anti-corrosion) ଏପୋକ୍ସି କୋଟିଙ୍ଗ, ପରିମାଣ : 38860 ଲିଟର ।

କ୍ରମ ସଂ. 02 : ଟେଣ୍ଡର ନଂ. 06255005, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 6400 MM ଓଭର-ରାଇଡିଙ୍ଗ କର୍ଭଡ୍ ସ୍ୱିଚ୍ 8.5 ରେ 60 KG, ପରିମାଣ : TS ଅନୁସାରେ ।

କ୍ରମ ସଂ. 03 : ଟେଣ୍ଡର ନଂ. 06255004, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 10125 MM ଓଭର-ରାଇଡିଙ୍ଗ କର୍ଭଡ୍ ସ୍ୱିଚ୍ 60 KG, 12 ରେ 1, ପରିମାଣ : TS ଅନୁସାରେ ।

କ୍ରମ ସଂ. 04 : ଟେଣ୍ଡର ନଂ. 06245035, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରିଷ୍ଟ୍ରେସ୍ଡ (Prestressed) କଂକ୍ରିଟ୍ ସ୍ଲିପର, ପରିମାଣ : TS ଅନୁସାରେ ।

କ୍ରମ ସଂ. 05 : ଟେଣ୍ଡର ନଂ. 06255007, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଗ୍ଲୁଡ୍ ଇନ୍ସୁଲେଟେଡ୍ ଅଲ୍ ଜଏଣ୍ଟ, ପରିମାଣ : TS ଅନୁସାରେ ।

କ୍ରମ ସଂ. 06 : ଟେଣ୍ଡର ନଂ. 03251990A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କ୍ୟାସନବ୍ ବଗି ନିମନ୍ତେ କି (Key) ସାଇଡ୍, ପରିମାଣ: TS ଅନୁସାରେ ।

କ୍ରମ ସଂ. 07 : ଟେଣ୍ଡର ନଂ. 08251080, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଶେଲଗଡ୍ସ (Shellgadus) S5, ପରିମାଣ : TS ଅନୁସାରେ ।

କ୍ରମ ସଂ. 08 : ଟେଣ୍ଡର ନଂ. 03252058, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସେଣ୍ଟର ପିଭୋଟ୍ ନିମନ୍ତେ ଶାକେଲ୍ ଲକ୍ (Shackle Lock), ପରିମାଣ : 79684 ସଂଖ୍ୟକ ।

କ୍ରମ ସଂ. 09 : ଟେଣ୍ଡର ନଂ. 03253925, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର୍ ୟୁନିଟ୍, ପରିମାଣ : 34 ସଂଖ୍ୟକ ।

କ୍ରମ ସଂ. 10 : ଟେଣ୍ଡର ନଂ. 03241065A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନଟ୍ ସ୍ପ୍ରିଙ୍ଗ୍ ୱାଶର ଏବଂ ସ୍ପ୍ଲିଟ୍ ପିନ୍ ସହିତ କି (Key) ବୋଲ୍ଟ, ପରିମାଣ : TS ଅନୁସାରେ ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01 ପାଇଁ 19.03.2025, କ୍ରମ ସଂ. 02, 08 ପାଇଁ 31.03.2025, କ୍ରମ ସଂ. 03, 06 ଏବଂ 07 ପାଇଁ 24.03.2025, କ୍ରମ ସଂ. 04 ପାଇଁ 10.04.2025, କ୍ରମ ସଂ. 05 ପାଇଁ 28.03.2025, କ୍ରମ ସଂ. 09 ପାଇଁ 11.04.2025 ଏବଂ କ୍ରମ ସଂ. 10 ପାଇଁ 09.04.2025.

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-1046/P/24-25



Office of the Superintending Engineer,
Anandapur Canal Division, Salapada,
At/PO: Salapada, Dist: Keonjhar Pin-758020
Email: eeacd2018@gmail.com

A-1170

e-PROCUREMENT NOTICE NO- SEACD-07 of 2024-25.

| Sl. No | Name of the work | Amount Put to Tender in Lakh (Appx) | E.M.D in Rupees (online) | Cost of Tender Paper in Rupees. (online) | Class of Contractor | Period Of Completion | Available of tender From | Available of tender To. | Date of Opening of Tender. |
|---|---|---|---|---|---|---|---|---|---|
| 1 | Engagement of Man Power day to day official works under different division and Chief Construction Engineer office on out sourcing basis through service provider for the period from 1st April 2025 to 30th Septembert 2025 (6 months) | 5.86 | 5900 | 4000 | Service Provider | 06(Six) calendar months | 09.03.2025 at 10.30 A.M | 20.03.2025 up to 5.00 P.M | 21.03.2025 at 11.00 A.M |

Further details can be seen from the Govt. Website www.tendersodisha.gov.in/www.dowr.odisha.gov.in.
Addendum/corrigendum/cancellation if any required will be published in Govt.website only.
The authority reserves the right to reject any or all the tenders without assigning any reason thereof.

Sd/-
Superintending Engineer
Anandapur Canal Division
Salapada

OIPR 32408/11/0009/2425



GOVERNMENT OF ODISHA
e-Procurement Notice, Aska NAC

C-

Bid Identification No.02 of 2024-25
e-mail ID- askanac@gmail.com
Letter No. 753 Date. 04.03.2025

1. Number of Works : 01 No.( Preparationof Comprehensive Drainage Master Plan and DPR for Storm Water Drainage System of Aska NAC).
2. Approximate estimated cost : Rs. 73.40 lakh (Inclusive GST)
3. Period of completion :06 (Six) Calendar months
4. Date & Time of availability of bid document In the portal : Dt. 05.03.2025 at 11.00 A.M.
5. Last date / Time for receipt of bid in the portal: Dt. 18.03.2025 up to 5.30 P.M.
6. Date of opening Bid : Dt. 19.03.2025 at 12.00 Noon.
7. Name and address of the Office Inviting Bid : Executive Officer, Aska NAC, Aska, Ganjam
8. The bidders have to participate in ONLINE bidding only.

Further details can be seen from the e-procurement portal https://tendersodisha.gov.in

Sd/-Executive Officer,
Aska NAC.Ganjam

OIPR 13181/11/0010/2425



Forest Department Odisha
OFFICE OF THE DIVISIONAL FOREST OFFICER
REDHAKHOL FOREST DIVISION
Email – dfo.redhakhol@odisha.gov.in

MM-520

TENDER CALL NOTICE

Tender Call Notice No.05 Dated. 04.03.2025

Tender Call Notice for Supply of **Precision Mobile workstation, Precision fixed workstation and Laser Jet A3 Printer** for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25.

Sealed Tenders are invited from reputed Manufacturer / Distributorship / Authorized dealership for supply of Precision Mobile workstation, Precision fixed workstation and Laser Jet A3 Printer for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25 **on or before 17.03.2025 up to 05.00 PM.**

The application form of Tender containing Technical Bid & Financial Bid information and Supply and of Precision Mobile workstation, Precision fixed workstation and Laser Jet A3 Printer for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25 will be available from **07.03.2025 to 17.03.2025 in the website http://Sambalpur.odisha.gov.in / www.odishaforest.in on deposit of Rs.6,000/- (Rupees Six Thousand Only) only deposit** in Account No. 11739037258 IFSC Code SBIN0002105 of State Bank of India, Redhakhol Branch in favour of "Divisional Forest Officer, Redhakhol Forest Division, Redhakhol" **which is non-refundable** towards Tender Paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand is **17.03.2025 upto 05.00 PM.** The **Technical bids & Financial Bid will be opened on 18.03.2025 at 12.30 PM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

Sd/-Divisional Forest Officer,
Redhakhol Forest Division.

OIPR 08146/11/0005/2425



OFFICE OF THE DIVISIONAL FOREST OFFICER: RAYAGADA DIVISION
ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ: ରାୟଗଡା ବନଖଣ୍ଡ, ରାୟଗଡା
(E-mail: dforgda17@gmail.com & dfo.rayagada@odisha.gov.in)

MM-524

QUOTATION CALL NOTICE FOR THE YEAR 2024-25

The Divisional Forest Officer, Rayagada Division (Purchaser) invites sealed quotations for the supply of the following items in respect of Raygada Forest Division for the financial year 2024-25.

The quotations should be accompanied by copy of (1) valid PAN Card (2) GST Certificate. Please refer to the table below for the required specifications for the camera. You are kindly requested to specify each feature in your quotation, marking whether your product meets the criteria or not.

1. **Body Wearable Cameras for Forest Personnel** – Rugged, high-definition cameras with GPS, LTE, motion detection, and long battery life
2. **Sony Alpha 7R IV 35 mm full-frame camera with 61.0 MP or other Camera with Similar Specifications** - A high-resolution, professional-grade camera with advanced imaging and connectivity features.
3. **GPS Trackers for Patrolling vehicles**
4. **Camping Tents**
5. **Camping Chairs**

**Key Details:**

- Submission Deadline: **12.03.2025, 11:00 AM**
- Mode of Submission: **Sealed envelope via postal mail or drop box at Division Office, Rayagada**
- Delivery: **Within 10 days of work order issuance**
- Selection Based On: **Price, quality, and durability**

The detailed specifications, terms & conditions, and other requirements are available on the official website *https://rayagada.odisha.gov.in/tender* The Purchase Committee reserves the right to accept or reject any quotation without assigning any reason.

Sd/- Divisional Forest Officer,
Rayagada Division.

OIPR 08062/11/0009/2425



Forest Department Odisha
OFFICE OF THE DIVISIONAL FOREST OFFICER
REDHAKHOL FOREST DIVISION
Email – dfo.redhakhol@odisha.gov.in

MM-523

TENDER CALL NOTICE

Tender Call Notice No. 05 Dated. 04.03.2025

Tender Call Notice for Supply of **Precision Mobile workstation, Precision fixed workstation and Laser Jet A3 Printer** for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25.

Sealed Tenders are invited from reputed Manufacturer / Distributorship / Authorized dealership for supply of Precision Mobile workstation, Precision fixed workstation and Laser Jet A3 Printer for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25 **on or before 17.03.2025 up to 05.00 PM.**

The application form of Tender containing Technical Bid & Financial Bid information and Supply and of Precision Mobile workstation, Precision fixed workstation and Laser Jet A3 Printer for GIS Lab in O/o the DFO, Redhakhol, Redhakhol Forest Division under CAMPA APO 2024-25 will be available from **07.03.2025 to 17.03.2025 in the website http://Sambalpur.odisha.gov.in / www.odishaforest.in on deposit of Rs.6,000/- (Rupees Six Thousand Only) only deposit** in Account No. 11739037258 IFSC Code SBIN0002105 of State Bank of India, Redhakhol Branch in favour of "Divisional Forest Officer, Redhakhol Forest Division, Redhakhol" **which is non-refundable** towards Tender Paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand is **17.03.2025 upto 05.00 PM.** The **Technical bids & Financial Bid will be opened on 18.03.2025 at 12.30 PM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

Sd/-Divisional Forest Officer,
Redhakhol Forest Division.

OIPR 08146/11/0009/2425


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ବିଧାନସଭା...

ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଗତ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅଧିବେଶନରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ।

### ଭିଜିଲାନ୍ସ ଜାଲରେ...

ସେହିପରି ବ୍ୟାଙ୍କ ପାସବୁକ,ପାସପୋର୍ଟ ସହ ବୀମା କାଗଜପତ୍ର ଯାଞ୍ଚ କରୁଛି ଭିଜିଲାନ୍ସ । ଘର ଇଣ୍ଟେରିଅରରେ ଦାମୀ କାଠ ବ୍ୟବହାର କରାଯାଇଥିବା ଅନୁମାନ କରାଯାଉଛି । ଏହି ଚଢାଉରେ ୨ଜଣ ଅତିରିକ୍ତ ଏସପି, ୧୩ଜଣ ଡିଏସପି, ୧୨ଜଣ ଇନସପେକ୍ଟର, ୨୫ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫ୍ ସାମିଲ ହୋଇଛନ୍ତି । ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ ଓ କଟକର ୯ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଛି ।

### ନୂତନ ସରକାର...

ଅନେକ ସମ୍ମିଳନୀ କକ୍ଷ, ୱାଚ୍ ଟାୱାର ଏବଂ ଘର ସାମ୍ନାରେ ଏକ ବଡ଼ ବଗିଚା ରହିଛି। ଗତ ୮ମାସ ଧରି ଏହି କ୍ୱାର୍ଟରର ନବୀକରଣ କାର୍ଯ୍ୟ ଚାଲୁ ରହିଥିଲା। ଦୀର୍ଘ ୨୬ବର୍ଷ ଧରି ଏହା ଅବ୍ୟବହୃତ ହୋଇ ପଡ଼ି ରହିଥିଲା। ଏହାକୁ ଶେଷଥର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଗିରିଧର ଗମାଙ୍ଗ ବ୍ୟବହାର କରିଥିଲେ।

### ଆସିଲା ପ୍ରଥମ...

ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରିବେ। ବ୍ରହ୍ମପୁରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ଏଥିସହ ଏହି ଯୋଜନାକୁ ସଫଳତାର ସହ ସମ୍ପନ୍ନ କରିଥିବାରୁ ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀଙ୍କୁ ୧୫ଶହ ଟଙ୍କା ଏବଂ ସହାୟିକାଙ୍କୁ ୫ଶହ ଟଙ୍କାର ସହାୟତା ମିଳିବ ବୋଲି ଶ୍ରୀମତୀ ପରିଡ଼ା ଘୋଷଣା କରିଛନ୍ତି। ଏଥିସହ ସେ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ ଶୁକ୍ରବାର ଦେବୀ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ ମହିଳା ହିତାଧିକାରୀ ଘର ମୁଖ୍ୟଦ୍ୱାର ସମ୍ମୁଖରେ ଦୀପ ଜାଳନ୍ତୁ।

### ମଇ ପ୍ରଥମ...

ଦେଇଥିଲେ ଛାତ୍ରଛାତ୍ରୀ। ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ ଖାତା ମୂଲ୍ୟାୟନ। ମଇମାସ ପ୍ରଥମ ସପ୍ତାହରେ ଫଳାଫଳ ପ୍ରକାଶ ପାଇବାର ସମ୍ଭାବନା ଥିବା ନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ସେ କହିଛନ୍ତି, ଶେଷ ଦିନରେ ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ପରୀକ୍ଷା ସରିବା ପରେ ଛାତ୍ରଛାତ୍ରୀମାନେ ଖୁସିରେ କେନ୍ଦ୍ରରୁ ବାହାରିଥିଲେ। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ଏଥିପାଇଁ ୩୧୩୩ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଥିଲା। ସୁରୁଖୁରୁରେ ପରୀକ୍ଷା ଶେଷପାଇଁ ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଥମ ଥରପାଇଁ କପି ରୋକିବାକୁ ପ୍ରଶ୍ନପତ୍ର ଉପରେ କ୍ୟୁଆର କୋଡ୍‌ର ବ୍ୟବସ୍ଥା ରଖାଯାଇଥିଲା। ପରୀକ୍ଷା କେନ୍ଦ୍ରରେ ଅନିୟମିତତା ରୋକିବାକୁ ଫ୍ଲାଇଂ ସ୍କ୍ୱାଡ୍, ସେଣ୍ଟ୍ରାଲ ଅବଜରଭର ଓ ଜିଲ୍ଲାସ୍ତରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ।

### ଭାରତର ପ୍ରତିବାଦ...

ଅଧିକାରକୁ ସମର୍ଥନ କରେ। କିନ୍ତୁ ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକୁ ଭୟଭୀତ କରିବା, ଧମକ ଦେବା କିମ୍ବା ବିପର୍ଯ୍ୟୟ କରିବାର କୌଣସି ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ବ୍ରିଟେନ ପକ୍ଷରୁ ଆହୁରି କୁହାଯାଇଛି ଯେ ପରିସ୍ଥିତିର ମୁକାବିଲା ପାଇଁ ମେଟ୍ରୋପଲିଟାନ ପୋଲିସ ତ୍ୱରିତ ପଦକ୍ଷେପ ନେଇଛି। ଆମେ ଆମର ସମସ୍ତ କୂଟନୈତିକ ପରିଦର୍ଶକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି।




ନୂଆଦିଲ୍ଲୀ: ୨୦୨୬ ମସିହା ଏପ୍ରିଲ ୧ ତାରିଖରୁ ଆୟକର ଅଧିକାରୀମାନେ ଯେକୌଣସି ବ୍ୟକ୍ତିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ, ବ୍ୟକ୍ତିଗତ ଇମେଲ୍, ବ୍ୟାଙ୍କ, ଅନଲାଇନ୍ ନିବେଶ, ବିଜନେସ୍ ଆକାଉଣ୍ଟକୁ ଯାଞ୍ଚ କରିବା ସହିତ ଏହାର ତଦନ୍ତ କରିପାରିବେ। ମିଳିଥିବା ସୂଚନା ଅନୁସାରେ, ଯଦି କୌଣସି କର୍ତ୍ତୃପକ୍ଷ ସନ୍ଦେହ କରନ୍ତି ଯେ, କୌଣସି ବ୍ୟକ୍ତି ଆୟକର ଫାଙ୍କି ଦେଉଛନ୍ତି ଏବଂ ସେହି ବ୍ୟକ୍ତିଙ୍କ ପାଖରେ କୌଣସି ଅଘୋଷିତ ଆୟ, ଟଙ୍କା, ସୁନା, ଅଳଙ୍କାର କିମ୍ବା ମୂଲ୍ୟବାନ ଜିନିଷ କିମ୍ବା ସମ୍ପତ୍ତି ଅଛି, ଯେଉଁଥିରେ କି ଆୟକର ଆଇନ-୧୯୬୧ ଅନୁଯାୟୀ ପ୍ରଯୁଜ୍ୟ ଆୟକର ପୈଠ କରାଯାଇ ନାହିଁ, ତେବେ ସେମାନେ ଡିଜିଟାଲ୍ ପ୍ଲାଟଫର୍ମର ପ୍ରବେଶକୁ ଓଭରରାଇଡ୍ କରିପାରିବେ। ବର୍ତ୍ତମାନ ପ୍ରଚଳିତ ଆଇଟି ଆଇନ, ୧୯୬୧ର ଧାରା ୧୩୨ ଅନୁଯାୟୀ, ଏଯାଏଁ ଆୟକର କର୍ତ୍ତୃପକ୍ଷଙ୍କ ପାଖରେ ତଲାସି କରିବା ଏବଂ ସମ୍ପତ୍ତି ଏବଂ ଆକାଉଣ୍ଟ ବହି ଜବତ କରିବାର କ୍ଷମତା ଥିଲା ।

## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହର ନେତୃତ୍ୱ ନେବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ମାର୍ଚ୍ଚ ୮ରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହେବାକୁ ଥିବା ବେଳେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ 'ମହିଳା ଶକ୍ତି ମାଧ୍ୟମରେ ବିକଶିତ ଭାରତ' ଶୀର୍ଷକ ଏକ ଜାତୀୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଜାତୀୟ ସମ୍ମିଳନୀକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସମ୍ମାନିତ ଅତିଥିମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ଅର୍ଦ୍ଧସାମରିକ ବାହିନୀ ଏବଂ ଦିଲ୍ଲୀ ପୁଲିସର ମହିଳା ଅଧିକାରୀଙ୍କ ସମେତ 'ମୋ ଭାରତ'ର ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଇତ୍ୟାଦି ସାମିଲ ହେବେ। ଏହାବ୍ୟତୀତ ବିଭିନ୍ନ ମନ୍ତ୍ରଣାଳୟ/ବିଭାଗର ମହିଳା ଅଧିକାରୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱବ୍ୟାଙ୍କ, ୟୁନିସେଫ୍, ୟୁଏନ୍ ଓମେନ୍, ୟୁଏନଡିପି ଓ ୟୁଏନ୍‌ଏଫପିଏ ଭଳି ଆନ୍ତର୍ଜାତିକ ସଂଗଠନର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

## କୋଇଲା ଖଣିରେ ଦୁର୍ଘଟଣା: ୩ ମୃତ

ବୈତୁଲ : ମଧ୍ୟପ୍ରଦେଶ ବୈତୁଲ ଜିଲ୍ଲା ପାଥାଖେଡାସ୍ଥିତ ୱେଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ (ଡବ୍ଲୁସିଏଲ)ର ଛତରପୁର -୧ କୋଇଲା ଖଣିରେ ଗୁରୁବାର ଗୋଟିଏ ଫେଜ ସ୍ଲାବ ଅଚାନକ ଧସିପଡିବା ଫଳରେ ଅନେକ ଶ୍ରମିକ ଓ କର୍ମଚାରୀ କୋଇଲା ତଳେ ପୋତି ହୋଇ ଯାଇଛନ୍ତି। ଏହି ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ୩ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ ବାକି ଶ୍ରମିକ କର୍ମଚାରୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ଖଣିରେ ଦୁର୍ଘଟଣା ସୂଚନା ପାଇ ଏସଡିଆରଏଫ, ଉଦ୍ଧାରକାରୀ ଟିମ ଓ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଉଦ୍ଧାରକାରୀ ଦଳ ଖଣିକୁ ଓହ୍ଲାଇ ପୋତି ହୋଇପଡିଥିବା ଶ୍ରମିକ କର୍ମଚାରୀଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ବୈତୁଲ ଏସପି ନିଶ୍ଚଳ ଏନ.ଝାରିଆ ନିଜେ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖି ରହିଛି। ଖଣିତଳେ ଫଶି ରହିଥିବା ଶ୍ରମିକଙ୍କ ସହାୟତା ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ଖଣି ତଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଜଣା ପଡି ନାହିଁ। ତେବେ ପ୍ରାଥମିକ ସୂଚନା ଅନୁସାରେ ଖଣିରେ ଏକ କୋଇଲା ସ୍ଲାବ ଧସି ପଡିବାରୁ ଏହି ଦୁର୍ଘଟଣା ଘଟିଛି। ସ୍ଲାବ ଧସିପଡିବାରୁ ଘଟଣାସ୍ଥଳରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଚିହ୍ନଟ ହୋଇଛି, ବୈତୁଲ ଏସପି କହିଛନ୍ତି ଯେ ଦୁର୍ଘଟଣାରେ ସିଫ୍ଟ ଇନଚାର୍ଜ ଗୋବିନ୍ଦ, ଓଭରମ୍ୟାନ ହରି ଚୌଧୁରୀ ଓ ମାଇନିଂ ସର୍ଦ୍ଦାର ରାମଦେବ ପଣ୍ଡୋଲଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଶ୍ରମିକମାନଙ୍କୁ ଖଣି ତଳେ ଖୋଜା ଯାଉଛି। ଦୁର୍ଘଟଣା କାଳରେ ଖଣିରେ ୨୫-୨୬ ଜଣ ଶ୍ରମିକ ଓ କର୍ମଚାରୀ ଥିଲେ। ତେବେ ସେମାନେ ଅନ୍ୟ ସେକ୍ଟରରେ କାମ କରୁଥିଲେ। କୁହାଯାଉଛି ଖଣି ଛାତର ଉଚ୍ଚତା ପ୍ରାୟ ୧୦ ମିଟର ଥିଲା ଓ ଅପରାହ୍ନ ୩ଟା ବେଳେ ଅଚାନକ ଗଳି ପଡିଥିଲା। ଖଣିରେ ସ୍ଲାବ ଧସିବା ଖବର ମିଳିବାମାତ୍ରେ ଉଦ୍ଧାରକାରୀ ଦଳ ଓ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଦୁର୍ଘଟଣାରେ ମୃତ ୩ କର୍ମଚାରୀଙ୍କ ଶବ ଖଣି ବାହାରକୁ ଅଣାଯାଇଛି। ଖଣିରେ ଦୁର୍ଘଟଣା ସୂଚନା ମିଳିବା ପରେ ୟୁନିୟନ ନେତା କର୍ମଚାରୀମାନେ ହସ୍ପିଟାଲରେ ପହଞ୍ଚିଛନ୍ତି।

### ଉତ୍ତରାଖଣ୍ଡର ହର୍ଷିଲରେ ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମ

## ଉତ୍ତରାଖଣ୍ଡକୁ ପୁଣି ଆସିବା ମୋର ପରମ ସୌଭାଗ୍ୟ: ମୋଦୀ

ନୂଆଦିଲ୍ଲୀ: ଉତ୍ତରାଖଣ୍ଡର ହର୍ଷିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରମସାଧ ଯାତ୍ରା ଓ ବାଇକ ରାଲି ଉଦଘାଟନ କରିବା ପରେ ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମୁଖବାରେ ମା ଗଙ୍ଗାଙ୍କ ସେ ପୂଜା ଓ ଦର୍ଶନ କରିଥିଲେ । ସମବେତ ଜନତାକୁ ଉଦବୋଧନ ଦେଇ ମାନା ଗାଁରେ ହୋଇଥିବା ଦୁଃଖଦ ଘଟଣା ପ୍ରତି ସେ ସମବେଦନା ଜଣାଇଥିଲେ ଓ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ । ଏପରି ସଂକଟ ସମୟରେ ସାରା ଦେଶ ସେମାନଙ୍କ ସହ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ହର୍ଷିଲ ଗାଁକୁ ଆସି ସ୍ଥାନୀୟ ମହିଳା ବା ଦିଦି-ଭୂଲିୟାମାନଙ୍କ ଆତିଥ୍ୟକୁ ପ୍ରଧାନମନ୍ତ୍ରୀ ଭୂରିଭୂରି ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ହର୍ଷିଲ ରାଜମା ପ୍ରଦାନ କରିଥିବାରୁ ସେ ସ୍ଥାନୀୟ



ମହିଳାମାନଙ୍କୁ ଧନ୍ୟବାଦ ଦେଇଥିଲେ। ବାବା କେଦାରନାଥଙ୍କ ପୀଠ ଗସ୍ତ କରିଥିବା ସ୍ମୃତିକୁ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ। ରାଜ୍ୟରେ ବର୍ଷ ସାରା ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟକ୍ରମ ଚାଲୁ ରହିଲେ ରାଜ୍ୟର ଅର୍ଥନୀତିରେ ବିକାଶ ଘଟିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରତିଟି ଋତୁରେ ପର୍ଯ୍ୟଟନ ଭିତିକ କାର୍ଯ୍ୟକ୍ରମ ଚାଲୁ ରହିବା ଉଚିତ ବୋଲି ସେ କହିଥିଲେ। ଶୀତ ଦିନରେ ଉତରାଖଣ୍ଡ ପରିଦର୍ଶନ କଲେ ଏହି ଦେବଭୂମିର ସୁନ୍ଦରତାକୁ ଅନୁଭବ କରିହେବ । ଏହି ଅଂଚଳରେ ଉପଲବ୍ଧ ଟ୍ରେକିଂ ଓ ସ୍କାଇଂର ଭରପୂର ମଜା ନେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଉତରାଖଣ୍ଡକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ମିଳିତ ଭାବେ କାମ କରୁଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ବାତାନୁକୂଳ କୁଡିଆ, କନଭେନସନ ସେଂଟର, ହେଲିପ୍ୟାଡ ଭିତିଭୂମି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରିଥିଲେ। ୨୦୧୪ ପୂର୍ବରୁ ଚାରି ଧାମ ଯାତ୍ରା ଅବସରରେ ଏଠାକୁ ଆନୁମାନିକ ୧୮ ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ପ୍ରତିବର୍ଷ ଏଠାକୁ ୫୦ ଲକ୍ଷ ପର୍ଯ୍ୟଟକ ଆସୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ଉତରାଖଣ୍ଡ ସୀମାବର୍ତୀ ଅଂଚଳରୁ ବି ପର୍ଯ୍ୟଟନ ବିକଶିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ଶୀତ ଦିନେ ଏହି ଦେବଭୂମିକୁ ପର୍ଯ୍ୟଟକ ଆସିଲେ ହିଲ ଷ୍ଟେସନର ମଜା ନେଇପାରିବେ । ଘରବାଲିରେ 'ଘମ ଟାପୋ ଟୁରିଜିମ' ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ସାରା ଦେଶରୁ ପର୍ଯ୍ୟଟକମାନେ ଏହାର ଭରପୁର ମଜା ନେବାକୁ କହିଥିଲେ। ଉତ୍ତରାଖଣ୍ଡର ଶୀତ କାଳୀନ ପର୍ଯ୍ୟଟନ ବିକାଶ ପାଇଁ ଦେଶର ଯୁବ କଣ୍ଟେଟ ଲେଖକମାନେ ଆଗେଇ ଆସିବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଛୋଟ ଛୋଟ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତା ଆୟୋଜନ କରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, କେନ୍ଦ୍ର ସଡକ ପରିବହନ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମତା ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ମହୋତ୍ସବ ୨୦୨୫ର ଆୟୋଜନ କରିବ ସାହିତ୍ୟ ଏକାଡେମୀ

ନୂଆଦିଲ୍ଲୀ: ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଭାରତର ପ୍ରମୁଖ ସାହିତ୍ୟିକ ଅନୁଷ୍ଠାନ, ସାହିତ୍ୟ ଏକାଡେମୀ ଏହାର ବାର୍ଷିକ ସାହିତ୍ୟ ମହୋତ୍ସବ (ଫେଷ୍ଟିଭାଲ ଅଫ ଲେଟର୍ସ ୨୦୨୫) ୭ ମାର୍ଚ୍ଚ ୨୦୨୫ରୁ ୧୨ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀର ରବିନ୍ଦ୍ର ଭବନରେ ଆୟୋଜନ କରିବ। ଭାରତ ସରକାରଙ୍କ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏହି ମହୋତ୍ସବକୁ ଉଦଘାଟନ କରିବେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଖ୍ୟାତ ଇଂରାଜୀ ନାଟ୍ୟକାର ମହେଶ ଦତ୍ତାନୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ, ଯେଉଁଠାରେ ୨୩ଟି ଭାଷାରେ ପ୍ରତିଷ୍ଠିତ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ପ୍ରଖ୍ୟାତ ଲେଖକ ଏବଂ ବିଦ୍ୱାନ ଉପମନ୍ୟୁ ଚାଟାର୍ଜୀ ଚଳିତ ବର୍ଷର ସମ୍ବତ୍ସର ବକ୍ତୃତା ପ୍ରଦାନ କରିବେ। ଏହା ଏସିଆର ସବୁଠାରୁ ବଡ଼ ସାହିତ୍ୟ ମହୋତ୍ସବ। ଦେଶର ବିଭିନ୍ନ ସ୍ଥାନରୁ ୫୦ରୁ ଅଧିକ ଭାଷାର ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୭୦୦ ଲେଖକ ଏହି ମହୋତ୍ସବରେ ଅଂଶଗ୍ରହଣ କରନ୍ତି। ଏଥିରେ ୧୦୦ରୁ ଅଧିକ ଅଧିବେଶନ ରହିଛି। ମହୋତ୍ସବର ବିଷୟବସ୍ତୁ ଭାରତୀୟ ସାହିତ୍ୟ ପରମ୍ପରା ରହିବ ଏବଂ ମହୋତ୍ସବର ଶେଷ ତିନି ଦିନ ମଧ୍ୟରେ ଏହି ବିଷୟବସ୍ତୁ ଉପରେ ବିଶିଷ୍ଟ ଚିନ୍ତାନାୟକ ଏବଂ ଲେଖକମାନଙ୍କର ଏକ ଜାତୀୟ ଆଲୋଚନାଚକ୍ର ଆୟୋଜନ କରାଯିବ। ମହୋତ୍ସବର ଶେଷ ଦିନରେ ପିଲାମାନଙ୍କ ପାଇଁ ଏକ ଦିନିକିଆ କାର୍ଯ୍ୟକ୍ରମ 'ସ୍ପିନ୍ ଏ ଟେଲ୍' ଆୟୋଜନ କରାଯିବ। ମହୋତ୍ସବରେ ବିଭିନ୍ନ ବିଷୟ ଉପରେ ବିଶିଷ୍ଟ ଲେଖକ, କବି, ଅନୁବାଦକ, ପ୍ରକାଶକ ଏବଂ ସମାଲୋଚକଙ୍କ ଦ୍ୱାରା ଆଲୋଚନା ହେବ। ତିନି ଦିନର ସନ୍ଧ୍ୟାରେ, ରାକେଶ ଚୌରାସିଆ (ବଂଶୀ), ନଳିନୀ ଜୋଶୀ (ହିନ୍ଦୁସ୍ତାନୀ ଗାୟିକା) ଏବଂ ଫୌଜିଆ ଦାସ୍ତାଙ୍ଗୋ ଏବଂ ରିତେଶ ଯାଦବ (ଦାସ୍ତାନ-ଏ-ମହାଭାରତ)ଙ୍କ ପରି ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

## ଶ୍ରୀଲଙ୍କା ବିଦ୍ୟୁତ୍ ବୋର୍ଡ କ୍ଷତି ୮୮କୋଟି ପାର୍

ନୂଆଦିଲ୍ଲୀ: ଶ୍ରୀଲଙ୍କାର ଶକ୍ତି କ୍ଷେତ୍ର ପାଇଁ ସ୍ଥାୟୀ ଦୀର୍ଘମିଆଦୀ ରଣନୀତି ସମ୍ପର୍କରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଏବଂ ସିଲୋନ୍ ଇଲେକ୍ଟ୍ରିସିଟି ବୋର୍ଡର ଅଧିକାରୀମାନେ ଆଲୋଚନା କରିଛନ୍ତି। ଶକ୍ତି ସଂରକ୍ଷଣ ସହିତ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ରକ୍ଷଣାବେକ୍ଷଣ ଏବଂ ଶ୍ରୀଲଙ୍କାର ଶକ୍ତି କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ସେହିପରି ଡିସେମ୍ବର ୨୦୨୪ ତ୍ରୟମାସରେ ସିଇବି ୩ ବିଲିୟନ ଶ୍ରୀଲଙ୍କା ଟଙ୍କା ଅପରେଟିଂ କ୍ଷତି ସହିଛି। ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ଅନ୍ତରୀଣ ଆର୍ଥିକ ବିବରଣୀ ଅନୁଯାୟୀ, ରାଜସ୍ୱ ବାର୍ଷିକ ୨୮% ହ୍ରାସ ପାଇ ପ୍ରାୟ ୧୧୨ ବିଲିୟନ ଟଙ୍କାରେ ପହଞ୍ଚିଥିବା ବେଳେ ବିକ୍ରି ଖର୍ଚ୍ଚ ୪୯% ବୃଦ୍ଧି ପାଇ ୧୧୬ ବିଲିୟନ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ୨୦୨୩ରେ ସମାନ ଅବଧିରେ ସିଇବି ୭୮ ବିଲିୟନ ଟଙ୍କାର କ୍ଷତି ସହିଥିଲା। ଅନ୍ୟପକ୍ଷରେ ମୁଖ୍ୟତଃ ବିଦେଶୀ ମୁଦ୍ରା ଲାଭ ଓ ଏଲଟିଏଲ୍ ହୋଲ୍ଡିଂର ଅଂଶଧନ ବିକ୍ରି ଯୋଗୁଁ ବୋର୍ଡ ୧୧୬ ବିଲିୟନ ଟଙ୍କାର ଲାଭରେ ବର୍ଷ ଶେଷ କରିବାରେ ସଫଳ ହୋଇଛି। ଆର୍ଥିକ ସଂଘର୍ଷରୁ ଉଭା ହୋଇଥିବା ସିଇବି ଶ୍ରୀଲଙ୍କାର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସମ୍ମୁଖୀନ ହେଉଥିବା ବ୍ୟାପକ ଆହ୍ୱାନକୁ ପ୍ରତିଫଳିତ କରୁଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷତିରେ କାର୍ଯ୍ୟ କରୁଛନ୍ତି।

## ଇ-ରିକ୍ସା, ଅଟୋ ଚଳାଚଳ ଯୋଗୁଁ ସୃଷ୍ଟି ସମସ୍ୟାର ସମାଧାନ ପାଇଁ ବୈଠକ

ରାୟପୁର: ଇ-ରିକ୍ସା ଏବଂ ଅଟୋ ପ୍ରଚଳନ ଯୋଗୁଁ ଯାତାୟତରେ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ ଗୁରୁବାର ଛତିଶଗଡ ସରକାରଙ୍କ ପରିବହନ ସଚିବଙ୍କ ସହ କମିଶନର ଏସ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟପୁର, ବିଳାସପୁର, ଦୁର୍ଗ, ଅମ୍ବିକାପୁର ଏବଂ ଜଗଦଲପୁର ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ସାମିଲ ହୋଇ ବୈଠକରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ପରିବହନ କମିଶନର ଭି ଶିବଶଙ୍କର ମଧ୍ୟ ଉପସ୍ଥିତ ରହିଥିଲେ। ଇ-ରିକ୍ସା ଏବଂ ଅଟୋ ସଂଖ୍ୟା ଛତିଶଗଡରେ ନିରନ୍ତରଭାବେ ବୃଦ୍ଧି ପାଉଥିବା ଯୋଗୁଁ ଲୋକଙ୍କ ଯାତାୟାତରେ ଏହା ଗଭୀର



ପ୍ରଭାବ ପକାଉଛି। ଏଣୁ ଲୋକଙ୍କ ଯାତାୟାତକୁ ସୁଗମ ତଥା ବ୍ୟବସ୍ଥିତ କରିବା ପାଇଁ ସୁନିଶ୍ଚିତ କରିବା ନିମନ୍ତେ ଏହି ବୈଠକରେ ବିଚାର ବିମର୍ଶ କରାଯାଇଥିଲା। ପରିବହନ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଥିବା ଇ-ରିକ୍ସାର ସଂଖ୍ୟା କ୍ରମଶ ରାୟପୁରରେ ୧୩୩୭୪ ରହିଥିବା ବେଳେ ବିଳାସପୁରରେ ୪୪୯୩, ଦୁର୍ଗରେ ୪୦୩୮, ଅମ୍ବିକାପୁରରେ ୧୩୧୧, ଜଗଦଲପୁରରେ ୪୧ ଚାଲୁଥିବା ଜଣାଯାଇଛି। ତେବେ ଏହି ସଂଖ୍ୟା ଏବେ ବୃଦ୍ଧି ପାଇ ରାୟପୁରରେ ୨୦୩୦୬, ବିଳାସପୁରରେ ୧୪୮୬୭, ଦୁର୍ଗରେ ୯୬୦୨, ଅମ୍ବିକାପୁରରେ ୪୪୨୯ ଏବଂ ଜଗଦଲପୁରରେ ୩୪୩୧ରେ ପହଞ୍ଚିଛି। ତେବେ ଏଥିପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ଲେନୋଭୋ ପିସି(ପର୍ସନାଲ୍ କମ୍ପ୍ୟୁଟର) ଉତ୍ପାଦନର ହବ୍ ଭାରତ। ଆସନ୍ତା ୩ ବର୍ଷରେ ଲିନୋଭ ଭାରତରେ ୧୦୦ ପ୍ରତିଶତ କମ୍ପ୍ୟୁଟର ଉତ୍ପାଦନ କରିବ। ଏନେଇ ଲେନୋଭୋ କମ୍ପାନୀର ବରିଷ୍ଠକାର୍ଯ୍ୟକାରୀ ଅଧିକାରୀମାନେ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ଏଆଇ ଟେକ୍ନୋଲୋଜୀ ଥିବା କମ୍ପ୍ୟୁଟର ମଧ୍ୟ ଏଠାରେ ଉତ୍ପାଦନ ହେବ ବୋଲି କମ୍ପାନୀ କହିଛି। ବୁଧବାର ଲେନୋଭୋ ଭାରତରେ ବ୍ୟବସାୟ କରିବାର ୨୦ ବର୍ଷ ପୂର୍ତ୍ତି ହୋଇଛି। ତେଣୁ ଜନ୍ମଦିନ ପାଳନ ଅବସରରେ କମ୍ପାନୀର ଏଠାରେ ଏହାର କମ୍ପ୍ୟୁଟର ବ୍ୟବସାୟ ସମ୍ପୂର୍ଣ୍ଣ ପରିଚାଳନା କରିବ ବୋଲି ଘୋଷଣା କରିଛି। ଲେନୋଭୋ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶୈଳେନ୍ଦ୍ର କଟିଆଲ କହିଛନ୍ତି ଯେ ଭାରତରେ ମୋଟ ପିସି ବିକ୍ରୟର ୩୦ ପ୍ରତିଶତ କମ୍ପାନୀ ଦେଶରେ ଉତ୍ପାଦନ କରୁଛି, ଆସନ୍ତା ବର୍ଷ ଏହା ୫୦ ପ୍ରତିଶତରେ ପହଞ୍ଚିବ, ଏବଂ ଶେଷ ତିନି ବର୍ଷ ମଧ୍ୟରେ ୧୦୦ ପ୍ରତିଶତରେ ଉତ୍ପାଦନ ଭାରତରେ କରାଯିବ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ, ପ୍ରଥମ ଏଆଇ-ଚାଳିତ ସର୍ଭରଗୁଡ଼ିକ ଭାରତୀୟ ଉତ୍ପାଦନ କେନ୍ଦ୍ରରୁ ଏପ୍ରିଲ ୧ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଓଡିଶାରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଛଅ ଶାଖା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉତ୍କର୍ଷ ଏସ୍‌ଏଫ୍‌ବିଏଲ) ଓଡିଶାର ଲେଫ୍ରିପଡା (ସୁନ୍ଦରଗଡ), ପାପଡାହାଣ୍ଡି (ନବରଙ୍ଗପୁର), ଏରସମା (ଜଗତସିଂହପୁର), ବେତନଟି (ମୟୁରଭଞ୍ଜ), ବୁଗୁଡା (ଗାମ) ଓ କୋଟପାଡ (କୋରାପୁଟ)ରେ ଏହାର ୬ଟି ନୂତନ ବ୍ୟାଙ୍କିଙ୍ଗ ଶାଖାର ଉଦ୍‌ଘାଟନ କରିଛି। ଏହି ନୂଆ ଶାଖାଗୁଡିକ ସହିତ ବ୍ୟାଙ୍କର ଏବେ ଓଡିଶାରେ ୧୦୧ଟି ଓ ଦେଶବ୍ୟାପୀ ୧୦୭୬ଟି ବ୍ୟାଙ୍କିଙ୍ଗ୍ ଆଉଟଲେଟ ରହିଛି। ଏହି ଶାଖାଗୁଡିକର ଶୁଭାରମ୍ଭ ପରେ ଏବେ ଲେଫ୍ରିପଡା, ଏରସମା, ପାପଡାହାଣ୍ଡି, ବେତନଟି, ବୁଗୁଡା ଓ କୋଟପାଡର ଲୋକମାନେ ସେଭିଙ୍ଗ୍ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ ଓ ରିକରିଂ ଡିପୋଜିଟ ସମେତ ଏକ ବିସ୍ତୃତ ଶୃଙ୍ଖଳାର ବ୍ୟାଙ୍କିଙ୍ଗ ଉତ୍ପାଦଗୁଡିକୁ ଉପକୃତ ହୋଇପାରିବେ। ଏହି ସମ୍ପ୍ରସାରଣ ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମ୍‌ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, 'ଲେଫ୍ରିପଡା,



ପାପଡାହାଣ୍ଡି, ବେତନଟି, ଏରସମା, ବୁଗୁଡା ଓ କୋଟପାଡଠାରେ ଆମର ନୂତନ ଶାଖାଗୁଡିକର ଉଦ୍‌ଘାଟନ ଓଡିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହି ନୂଆ ବ୍ୟାଙ୍କିଙ୍ଗ ଆଉଟଲେଟଗୁଡିକ ଅଣସଂଗଠିତ ଓ କମ୍ ଆୟ ବର୍ଗର ଲୋକମାନଙ୍କ ପାଇଁ ବ୍ୟବସାୟ ବିକାଶ ଲାଗି ମାଇକ୍ରୋ-ବ୍ୟାଙ୍କିଙ୍ଗ ଋଣ ପ୍ରଦାନ କରିବ ଯେଉଁମାନଙ୍କ ପାଖରେ ଆର୍ଥିକ ସେବାଗୁଡିକ ପାଇଁ ସୀମିତ ପହଂଚ ରହିଛି। ଗ୍ରାହକମାନେ ବ୍ୟାଙ୍କିଙ୍ଗ ଶାଖା, ମାଇକ୍ରୋ ଏଟିଏମ (ବ୍ୟାଙ୍କିଂ ଅବଧି ସମୟରେ), ଇଂଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, ୟୁପିଆଇ ଓ କଲ ସେଂଟର ମାଧ୍ୟମରେ ବ୍ୟାଙ୍କ ସେବାଗୁଡିକୁ ହାସଲ କରିପାରିବେ। ଏହାଛଡା ବ୍ୟାଙ୍କ ଗ୍ରାହକଙ୍କୁ ଏକ ଟାବଲେଟ-ଆଧାରିତ ଆପ୍ଲିକେଶନ-ଆସିଷ୍ଟେଡ ମଡେଲ 'ଡିଜି ଅନ-ବୋର୍ଡିଙ୍ଗ' ମାଧ୍ୟମରେ ବ୍ୟାଙ୍କିଙ୍ଗ ଶାଖା ପରିଦର୍ଶନ ନକରି ଏକ ବ୍ୟାଙ୍କ ଆକାଉଂଟ ଖୋଲିବା ପାଇଁ ସୁବିଧା ପ୍ରଦାନ କରୁଛି।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନୂତନ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ କଂଷ୍ଟାଂଟ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ 'ବନ୍ଧନ କ୍ରିସିଲ-ଆଇବିଏକ୍ସ ଫାଇନାନ୍ସିଆଲ ସର୍ଭିସେସ ୩-୬ ମନ୍ଥସ ଡେବ୍ଟ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ଘୋଷଣା କରାଯାଇଛି । ନିବେଶକମାନଙ୍କୁ ଏକ ସୁସଂଗଠିତ ସ୍ୱଳ୍ପକାଳିନ ସ୍ଥାୟୀ ଆୟ ନିବେଶ ସୁଯୋଗ ପ୍ରଦାନ କରିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ୬ ମାସରୁ ୩ ମାସ ପର୍ଯ୍ୟନ୍ତ ଏକ ସିଷ୍ଟମାଟିକ ରୋଲ୍-ଡାଉନ ରଣନୀତି ସହିତ ଏହି ଫଣ୍ଡ ତରଳତା ବଜାୟ ରଖି ଓ ସୁଧ ହାର ବିପଦକୁ ହ୍ରାସ କରି ସ୍ୱଳ୍ପାବଧିର ଫଳାଫଳ ଲାଭକୁ କ୍ୟାପଚର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ନୂଆ ଫଣ୍ଡ ଅଫର (ଏନଏଫ୍‌ଓ) ୬ ରୁ ଖୋଲି ୧୧ ତାରିଖରେ ବନ୍ଦ ହେବ। ଏହି ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, 'ବିଶେଷ କରି ସ୍ୱଳ୍ପ ଅବଧି ଋଣ କ୍ଷେତ୍ରରେ ସ୍ଥାୟୀ-ଆୟ (ଏଫ୍‌ଡି) ନିବେଶ, ପୁଞ୍ଜିକୁ ସରଂକ୍ଷିତ ରଖିବା ସହ ବଜାର ଅସ୍ଥିରତାର ମୁକାବିଲା କରିବା ପାଇଁ ଏକ ଢାଂଚାଗତ ଦୃଷ୍ଟିକୋଣ ପ୍ରଦାନ କରିଥାଏ। ବ୍ୟାଙ୍କ, ଏନ୍‌ବିଏଫ୍‌ସି ଓ ଆର୍ଥିକ ଅନୁଷ୍ଠାନଗୁଡିକ ଅନ୍ତର୍ଭୁକ୍ତ ଥିବା ଆର୍ଥିକ ସେବା କ୍ଷେତ୍ର ସ୍ଥିର ରହିଛି ଯାହାକି ମଜବୁତ କ୍ୟାପିଟାଲ ବଫର, କମ୍ ଏନ୍‌ପିଲ ଓ ସ୍ଥିର ଋଣ ଅଭିବୃଦ୍ଧି ଦ୍ୱାରା ସମର୍ଥିତ ଅଟେ। ଏହା ଆକର୍ଷଣୀୟ ରିଟର୍ଣ୍ଣ ସହ ଉଚ୍ଚମାନର, ଏଏଏ-ରେଟେଡ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟଗୁଡିକୁ ଆକ୍‌ସେସ କରିବା ଲାଗି ଏକ ଚମତ୍କାର ସୁଯୋଗ ସୃଷ୍ଟି କରୁଛି। ଏହି ଫଣ୍ଡ ଏକ ସ୍ୱଚ୍ଛ, ମୂଲ୍ୟ ସାପେକ୍ଷ ଓ ନମନୀୟ ନିବେଶ ସମାଧାନ ପ୍ରଦାନ କରୁଛି ଯାହା ଆଜିର ବଜାର ସ୍ଥିତି ସହ ଉନ୍ନତ ଭାବେ ମେଳ ଖାଉଛି।' ବନ୍ଧନ କ୍ରିସିଲ-ଆଇବିଏକ୍ସ ଫାଇନାନ୍ସିଆଲ ସର୍ଭିସେସ ୩-୬ ମନ୍ଥସ ଡେବ୍ଟ ଇଣ୍ଡେକ୍ସ ଫଣ୍ଡ ୩ରୁ ୬ ମାସର ମାଚ୍ୟୁରିଟି ମଧ୍ୟରେ ସିଡି, ସିପି ଓ ବଣ୍ଡଗୁଡିକରେ ନିବେଶ କରି, ସ୍ୱଳ୍ପାବଧି ସିକ୍ୟୁରିଟି ପାଇଁ ମଜବୁତ ଚାହିଦାକୁ ପୁଞ୍ଜିକୃତ କରି ରୋଲ-ଡାଉନ ରଣନୀତିର ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏହି ଆଭିମୁଖ୍ୟ ଏହାକୁ ୟିଲ୍ଡ କର୍ଭରେ ସ୍ୱଳ୍ପାବଧି ମାଚ୍ୟୁରିଟି ଇନ୍‌ଷ୍ଟ୍ରୁମେଣ୍ଟ ପାଇଁ ଏକ୍ସପୋଜର ମାଧ୍ୟମରେ ସମ୍ଭାବ୍ୟ ଆୟ ସୃଷ୍ଟି କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପରେ ପରିଣତ କରୁଛି।


## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

ବୁର୍ଲା (ଭାସ୍କର ନ୍ୟୁଜ୍): କର୍ମକ୍ଷେତ୍ରରେ ନିରାପଦ ପରିବେଶ ଓ ସମସ୍ତ ପ୍ରକାର ଦୁର୍ଘଟଣା ପ୍ରସଙ୍ଗରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲକ୍ଷ୍ୟ ନେଇ ପ୍ରତିଥର ପରି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚ ୪ ତାରିଖରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଉଅଛି । ଚଳିତ ବର୍ଷ ପାଇଁ ଜାତୀୟ ସୁରକ୍ଷା ସପ୍ତାହର ପ୍ରସଙ୍ଗ ରହିଛି- 'ନିରାପତ୍ତା ଏବଂ ସ୍ୱାସ୍ଥ୍ୟ-ଏକ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ'। ଏହି ସୁରକ୍ଷା ସପ୍ତାହର ଉଦଘାଟନୀ ଦିବସ ଅସବସରରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଅଭାବନୀୟ ବିଦ୍ୟୁତ ଦୁର୍ଘଟଣାକୁ ରୋକିବା ଲାଗି ୨୪ ଘଣ୍ଟା ନିରବଚ୍ଛିନ୍ନ ଓ ନିଃସ୍ୱାର୍ଥପର ଭାବେ କାର୍ଯ୍ୟରତ ଥିବା ବିଦ୍ୟୁତ୍ ସେବାର ବୀର ଯୋଦ୍ଧାଙ୍କ ସମ୍ମାନାର୍ଥେ 'ଲାଇନମେନ୍ ଦିବସ' ପାଳନ କରାଯାଇଅଛି । ଏ ନେଇ



କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ବିରାଟ ସମାବେଶ ଆୟୋଜନ କରାଇଅଛି । ଏହି ସଭାରେ କମ୍ପାନୀର ଅପରେସନ୍ ବିଭାଗର ମୁଖ୍ୟ ଆଶିଷ କୁମାର ପାଙ୍ଗଯୋଶୀ, ବାଣିଜ୍ୟ ବିଭାଗର ମୁଖ୍ୟ ପି.ପି ତେନ୍ଦୁଲକର, ସୁରକ୍ଷା ବିଭାଗର ମୁଖ୍ୟ ଗୋପବନ୍ଧୁ ଶତପଥି, ଅର୍ଥ ବିଭାଗର ମୁଖ୍ୟ ସତିଶ୍ କୁମାରଙ୍କ ସମେତ କମ୍ପାନୀରେ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ। ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଟାଟା ସମୂହ ସଂସ୍ଥାର ଏକ ଅଂଶୀଦାର ଭାବେ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ପ୍ରଦାନ ସ୍ୱରୂପ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ଏହାର କର୍ମଚାରୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଥାଏ । ଏହି ପ୍ରସଙ୍ଗରେ କମ୍ପାନୀ ବରିଷ୍ଠ ଅଧିକାରୀମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ସେହିପରି କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ବ୍ୟତିତ ସମସ୍ତ ମଣ୍ଡଳ ଏବଂ ବିଭାଗୀୟ କାର୍ଯ୍ୟାଳୟରେ ମଧ୍ୟ 'ଲାଇନମେନ୍ ଦିବସ' ପାଳନ କରାଯାଇଅଛି ।

## ନାଗପୁରରେ ଖୁବ୍ ଶୀଘ୍ର ପତଞ୍ଜଳି ମେଗା ଫୁଡ୍ ଏବଂ ହର୍ବାଲ ପାର୍କ



ପତଂଜଲି® ପ୍ରକୃତି କା ଆଶୀର୍ୱାଦ

ନାଗପୁର: ନାଗପୁରର ନିହାନ ମଲ୍ଟି ମଡେଲ ଇଣ୍ଟରନ୍ୟାସ୍‌ନାଲ କାର୍ଗୋ ହବ୍ ଏବଂ ଏୟାରପୋର୍ଟ କ୍ଷେତ୍ରରେ ପତଞ୍ଜଳିର ଏକ ମେଗା ଫୁଡ୍ ଏବଂ ହର୍ବାଲ ପାର୍କ ଆସନ୍ତା ୯ ତାରିଖରୁ ଆରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୨୦୨୬ ଡିସେମ୍ବରରେ ଏହି ମେଗା ଫୁଡ୍ ପ୍ରୋସେସିଂ ୟୁନିଟ୍‌ର ଭୂମିପୂଜନ କାର୍ଯ୍ୟ କରାଯାଇଥିଲା। ଏହି ଫୁଡ୍‌ସ ଏବଂ ଭେଜିଟେବୁଲ ପ୍ରୋସେସିଂ ପ୍ଲାଣ୍ଟରେ ୧୦ହଜାରରୁ ଅଧିକ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସହ କୃଷକମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଏଥିରେ ବର୍ତ୍ତମାନ ସୁଦ୍ଧା ୭୦୦କୋଟିର ନିବେଶ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ୧୫୦୦କୋଟିକୁ ବୃଦ୍ଧି କରାଯିବା ନେଇ ଯୋଜନା ରହିଛି। ଏଥିରେ ବିଭିନ୍ନ ପ୍ରକାର ଜୁସ୍, ପେଷ୍ଟ ଉତ୍ପାଦନ କରାଯିବ। ନାଗପୁର ସାରା ବିଶ୍ୱରେ ଅରେଞ୍ଜ ସିଟି ଭାବେ ପ୍ରସିଦ୍ଧି ଲାଭ କରିଛି। ଏଥିସହିତ ଟପିକଲ୍ ଫୁଡ୍ସ ପ୍ରଶସ୍ତିକରଣର କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ। ଯେଉଁଥିରେ ପ୍ରତିଦିନ ଅଁଳା ୬ଶହ ଟନ୍, ଆମ୍ବ ୪ଶହ ଟନ୍, ଅମରୁଦ ୨୦୦ଟନ୍, ପପିତା ୨୦୦ଟନ୍, ସେବ ପ୍ରତିଦିନ ୨୦୦ଟନ୍, ଅନାର ପ୍ରତିଦିନ ୨୦୦ଟନ୍, ଷ୍ଟ୍ରବେରୀ ପ୍ରତିଦିନ ୨୦୦ଟନ୍, ନାସ୍‌ପତି ପ୍ରତିଦିନ ୨୦୦ଟନ୍, ବିଲାତି ୪୦୦ଟନ୍, ଏଲୋବୋରା ୧୦୦ଟନ୍ ବିନିଯୋଗ କରାଯିବ। ସେହି ଅନୁସାରେ ଜୁସ୍, ଜୁସ୍ କନ୍‌ସେଟ୍ରେଟ୍, ପଲ, ପେଷ୍ଟ ଆଦି ଉତ୍ପାଦନ କରାଯିବ।

## ଆଦିତ୍ୟ ବିର୍ଲା ପକ୍ଷରୁ 'ମୁଡ୍‌ସ ଅଫ୍ ସମର' କଲେକସନ୍‌ର ଶୁଭାରମ୍ଭ

ବେଙ୍ଗାଲୁରୁ : ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡର ପ୍ରିମିୟମ ପୁରୁଷ ପରିଧାନ ଲୁଇ ଫିଲିପ, 'ମୁଡସ ଅଫ ସମର କଲେକ୍ସନ' ଉପସ୍ଥାପନ କରୁଛି। ଯାହା ନିରଳସ ସୌନ୍ଦର୍ଯ୍ୟ ଏବଂ ମାର୍ଜିତ ଗ୍ରୀଷ୍ମକାଳୀନ ପୋଷାକ ପ୍ରତି ଏକ ଛନ୍ଦମୟ କବିତା ସଦୃଶ ହୋଇଛି। ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଫରିଦା କାଲିୟାଦାନ, ଚିଫ ଅପରେଟିଂ ଅଫିସର, ଲୁଇ ଫିଲିପ କହିଥିଲେ, 'ଏହି କଲେକ୍ସନ ଗ୍ରୀଷ୍ମର ମୂଳ ତତ୍ତ୍ୱକୁ ଧରି ରଖିବା ସମ୍ପର୍କରେ- ତାହା ତଟବର୍ତ୍ତୀ ରିଟ୍ରିଟର ନିରବତା ହେଉ ଅଥବା ଗହଳିପୂର୍ଣ୍ଣ ୟୁରୋପୀୟ ସହରର ଶକ୍ତି ହେଉ। 'ମୁଡସ ଅଫ ସମର' ସେହି ପୁରୁଷମାନଙ୍କ ନିମନ୍ତେ ଡିଜାଇନ କରାଯାଇଛି ଯେଉଁମାନେ ସ୍ୱାଚ୍ଛନ୍ଦ୍ୟ ସହିତ ବର୍ଗର ତ୍ରୁଟିଶୂନ୍ୟ ସମ୍ମିଶ୍ରଣ ଚାହାନ୍ତି, ତେଣିକି ଋତୁ ସେମାନଙ୍କୁ ଯେଉଁ ସ୍ଥାନକୁ



ନେଲେ ବି ସେମାନଙ୍କୁ ଫରକ ପଡେନାହିଁ। ପ୍ରିମିୟମ ଫାବ୍ରିକ୍ସ, ନିଖୁଣ କାରିଗରୀ ଏବଂ ବିଶ୍ୱର ସର୍ବାଧୁନିକ ସୁନ୍ଦର ସ୍ଥାନଗୁଡିକ ଦ୍ୱାରା ପ୍ରେରିତ ରଙ୍ଗର ସମାହାରକୁ ନେଇ ଏହି କଲେକ୍ସନ ଗ୍ରୀଷ୍ମ ପାଇଁ ନିଜେ ପ୍ରେମର ଏକ ଚିଠି ଭଳି ହୋଇଛି।' ପ୍ରତ୍ୟେକ ଗ୍ରୀଷ୍ମକାଳୀନ ଛାୟା ନିମନ୍ତେ ଏକ ୱାର୍ଡରୋବ ପ୍ରତ୍ୟେକ କଲେକ୍ସନ ଷ୍ଟାଇଲ ଜରିଆରେ ଏକ ଯାତ୍ରା, ଯାହା ଉଭୟ ସୌନ୍ଦର୍ଯ୍ୟ ଏବଂ ରୋମାଞ୍ଚକତାକୁ ବହନ କରୁଥିବା ଏକ ୱାର୍ଡରୋବ ସୃଷ୍ଟି କରିବାକୁ ବିବିଧ ସ୍ଥଳ ଏବଂ ସାଂସ୍କୃତିକ ପ୍ରେରଣାଗୁଡିକର ମୂଳ ତତ୍ତ୍ୱକୁ ଧରିରଖୁଛି। କାର୍ନିଭାଲ ଲିନେନସ- ରଙ୍ଗ ଓ ଖିଆଲର ଏକ ଦମଦାର ପାଳନ, ଯେଉଁଥିରେ ମଜାଦାର ପ୍ରିଣ୍ଟସ ଏବଂ ବ୍ରିଜି ରଙ୍ଗ ରହିଛି, ଯାହା ଦୀର୍ଘ ଗ୍ରୀଷ୍ମକାଳୀନ ଅପରାହ୍ନ ଏବଂ ଶାନ୍ତ ସଂଧ୍ୟାର ଏକ ପଦଚିହ୍ନ ହୋଇଛି। କାସିନୋ କୁଟର- ଅଭିବ୍ୟକ୍ତିପୂର୍ଣ୍ଣ ପୋଷାକ ନିମନ୍ତେ ଆହ୍ୱାନ ଦେଉଥିବା ରାତିଗୁଡିକ ପାଇଁ ଏଥିରେ ହାଇ-ଗ୍ଲସ ସାଟିନ, ବାରୋକ-ପ୍ରେରିତ ମୋଟିଫ ଏବଂ ଷ୍ଟ୍ରାଇକିଂ ବିବରଣୀର ସମ୍ମିଶ୍ରଣ ଘଟିଛି ଯାହା ପୁରାତନ-ଦୁନିଆର ସୌନ୍ଦର୍ଯ୍ୟର ଏକ ସ୍ପର୍ଶ ଦେଉଛି।

## ୧୦୦ କୋଟି ଅତିକ୍ରମ କଲା ଅମୃତାନର ଋତୁସ୍ରାବ ସ୍ୱଚ୍ଛତା ବ୍ରାଣ୍ଡ୍



ନୂଆଦିଲ୍ଲୀ: ଅମୃତାନ ହେଲ୍‌ଥକେୟାର ପକ୍ଷରୁ ୨୦୧୧ରେ କି ବ୍ରାଣ୍ଡର ଶୁଭାରମ୍ଭ କରାଯାଇଥିଲା, ଯାହା ଏବେ ୧୦୦ କୋଟି ଟଙ୍କାର ବ୍ରାଣ୍ଡରେ ପରିଣତ ହୋଇଛି। ସାନିଟାରି ନାପ୍‌କିନ୍, ଟାମ୍ପୁନ୍‌ସ, ଋତୁସ୍ରାବ କପ୍ ଓ ପିରିଅଡ୍ ଯନ୍ତ୍ରଣା ରୋଲ୍ ଅନ୍ ସହିତ ଏହା ଋତୁସ୍ରାବ ପାଇଁ ସମ୍ପୂର୍ଣ୍ଣ ସମାଧାନ ପ୍ରଦାନ କରୁଛି। ଭାରତରେ ୪୫.୫ ନିୟୁତ ଋତୁସ୍ରାବ ହେଉଥିବା ମହିଳାଙ୍କ ମଧ୍ୟରୁ ମାତ୍ର ୩୬ ପ୍ରତିଶତ ସାନିଟାରି ନାପ୍‌କିନ୍ ବ୍ୟବହାର କରୁଟର୍ଁ। ଗ୍ରାମାଂଚଳରେ ବାସ କରୁଥିବା ମହିଳାମାନଙ୍କ ପାଖରେ ଗୁଣାତ୍ମକ ଋତୁସ୍ରାବ ପରିଚାଳନା ଉତ୍ପାଦନ ପହଂଚିବା କଷ୍ଟକର ରହୁଛି। ସେହି କାହାଣୀଗୁଡ଼ିକରୁ ଅନୁପ୍ରାଣିତ ହୋଇ ଓ ସେମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି କି ଏହାର ଉତ୍ପାଦ ବିକାଶ କରୁଛି। ଅମୃତାନ ହେଲ୍‌ଥକେୟାର ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍ ଶମ୍ଭୁ ପ୍ରସାଦ କହିଛନ୍ତି ଯେ, 'କି ଏବେ ହେଉଛି ଏକ ବିଲିଅନ ଟଙ୍କା (୧୦୦ କୋଟି)ର ବ୍ରାଣ୍ଡ୍। ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ସାନିଟାରି ପ୍ୟାଡ୍‌ର ଗ୍ରହଣୀୟତା ପାଇଁ ଆମର ମହିଳା ସ୍ୱଚ୍ଛତା ବ୍ୟବସାୟ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ଆଗକୁ ବଢୁଛି। ସାନିଟାରି ନାପ୍‌କିନ୍ ବ୍ୟବସାୟକୁ ବଢ଼ାଇବା ପାଇଁ ରହିଥିବା ରଣନୀତି ଅନୁସାରେ ଆମେ ଏକ ବିଶ୍ୱସ୍ତରୀୟ ସାନିଟାରି ନାପ୍‌କିନ୍ ଉତ୍ପାଦନ କାରଖାନା ସ୍ଥାପନରେ ନିବେଶ କରୁଛୁ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଦୁବାଇରେ ମାର୍ଚ୍ଚ ୯ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ଖେଳାଯିବ । ତେବେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଭାରତର ବିଜୟରେ ମହମ୍ମଦ ଶାମିଙ୍କ ବଡ଼ ଭୂମିକା ଥିଲା । ଏହି ମ୍ୟାଚ୍‌ରେ ଶାମି ୧୦ ଓଭରରେ ୪୮ ରନ୍ ଦେଇ ତିନୋଟି ୱିକେଟ୍ ନେଇଥିଲେ । କିନ୍ତୁ ଶାମିଙ୍କ ଖେଳକୁ ପ୍ରଶଂସା କରିବା ପରିବର୍ତ୍ତେ, ତାଙ୍କର ଏକ ଫଟୋକୁ ନେଇ ମୌଲବାଦୀମାନେ ବିବାଦ ଆରମ୍ଭ କରିଛନ୍ତି । ମ୍ୟାଚ୍‌ରେ ଶାମି ଏନର୍ଜି ଡ୍ରିଙ୍କ୍ ପିଇବାର ଦେଖିବାକୁ ମିଳିଥିଲା । ରମଜାନ ସମୟରେ ଶାମି ଏନର୍ଜି ଡ୍ରିଙ୍କ ପିଉଥିବାର ଫଟୋ ସାମ୍ନାକୁ ଆସିବା ପରେ ଏବେ ଅନେକ ମୌଲବାଦୀ ତାଙ୍କୁ ବିବାଦ ଘେରକୁ ଟାଣୁଛନ୍ତି । ଅଲ୍ ଇଣ୍ଡିଆ ମୁସଲିମ୍ ଜମାତର ଅଧ୍ୟକ୍ଷ ମୌଲାନା ଶାହାବୁଦ୍ଦିନ୍ ରଜଭି ବରେଲଭି ଶାମିଙ୍କ ରୋଜା ଭାଙ୍ଗିବାକୁ ଏକ ବଡ଼ ପାପ ବୋଲି କହିଛନ୍ତି । ଅନ୍ୟପଟେ ସୋସିଆଲ୍ ମିଡିଆରେ ଅନେକ ମିଛ ଖବର ମଧ୍ୟ ସେୟାର କରାଯାଉଛି । ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର ହାସିମ ଆମଲା ରୋଜା ରଖି ଇଂଲଣ୍ଡ ବିପକ୍ଷରେ ୩୧୧ ରନ୍ କରିଥିବା ଦାବି କରି ଶାମିଙ୍କୁ କିଛି ଜଣ ସମାଲୋଚନା କରୁଛନ୍ତି । ତେବେ ଏଥିରେ କୌଣସି ସତ୍ୟତା ନଥିବା ଜଣାପଡ଼ିଛି । ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ ହାସିମ ଆମଲା ନିଜେ ଘୋଷଣା କରିଥିଲେ ୩୧୧ ରନ୍ କରିବା ଦିନ ସେ ରୋଜା ରଖିନଥିଲେ । ୨୦୧୨ ଜୁଲାଇ ୧୯ରେ ଓଭାଲରେ ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା ।

## ସନରାଇଜର୍ସ ହାଇଦ୍ରାବାଦକୁ ଝଟ୍‌କା
# ବାଦ୍ ପଡ଼ିଲେ ବ୍ରାଇଡନ କାର୍ସେ

ନୂଆଦିଲ୍ଲୀ: ଆଉ କିଛିଦିନ ପରେ ଆରମ୍ଭ ହୋଇଯିବ ଆଇପିଏଲ୍ ମହାକୁମ୍ଭ । ଏହାପୂର୍ବରୁ ସନରାଇଜର୍ସ ହାଇଦ୍ରାବବାଦକୁ ବଡ଼ ଝଟ୍‌କା ଲାଗିଛି । ଇଂଲଣ୍ଡର ବ୍ରାଇଡନ କାର୍ସେ ଆଘାତ ଯୋଗୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି, ତାଙ୍କ ସ୍ଥାନରେ ଦଳରେ ଭିଆନ ମୁଲଡରଙ୍କୁ ସାମିଲ କରିଛି । ମୁଲଡର ଜଣେ ଦକ୍ଷିଣ ଆଫ୍ରିକା ଖେଳାଳି ଏବଂ ଜଣେ ଦ୍ରୁତ ବୋଲିଂ ଅଲରାଉଣ୍ଡର । ଆଗାମୀ ସିଜିନରେ ଖେଳିବା ପାଇଁ ଭିଆନ ମୁଲଡରଙ୍କୁ ୭୫ ଲକ୍ଷ ଟଙ୍କା ଦରମା ଦିଆଯିବ । ସୂଚନାଯୋଗ୍ୟ ଯେ ବ୍ରାଇଡନ କାର୍ସେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟ ସମୟରେ ଆହତ ହୋଇଥିଲେ । ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ପାଦରେ ଆଘାତ ଲାଗିଥିଲା, ଯାହା ପରେ ତାଙ୍କୁ ଟୁର୍ନାମେଣ୍ଟରୁ ବାଦ୍ ଦିଆଯାଇଛି । ପୂର୍ବରୁ ଭାରତ ବିପକ୍ଷ ଧଳା ବଲ ସିରିଜ ସମୟରେ ମଧ୍ୟ



ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ମଧ୍ୟ ସେ ତାଙ୍କର ସର୍ବୋତ୍ତମ ଫର୍ମରେ ଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ମାତ୍ର ୭ ଓଭରରେ ୬୯ ରନ ଦେଇଥିଲେ । ଆଇପିଏଲ୍ ୨୦୨୫ର ମେଗା ନିଲାମରେ, ସନରାଇଜର୍ସ ହାଇଦ୍ରାବାଦ ୧ କୋଟିରେ ବ୍ରାଇଡନଙ୍କୁ କିଣିଥିଲା । ବ୍ରାଇଡନ ଟି-୨୦ ରେକର୍ଡ ବହୁତ ଭଲ ରହିଛି । ଜଣେ ବୋଲିଂ ଅଲରାଉଣ୍ଡର ଭାବେ ସେ ଏପର୍ଯ୍ୟନ୍ତ ତାଙ୍କ ଟି-୨୦ କ୍ୟାରିୟରରେ ୫୩ଟି ଉଇକେଟ୍ ନେବା ସହିତ ୭୮୩ ରନ କରିଛନ୍ତି, ଯେଉଁଥିରେ ୨ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ।

# ଅଲିମ୍ପିକ୍ ପ୍ରସ୍ତୁତି ଏବଂ କ୍ରୀଡା ପ୍ରଶାସନର ଚିନ୍ତନ ଶିବିରର ନେତୃତ୍ୱ ନେବେ କ୍ରୀଡ଼ା ମନ୍ତ୍ରୀ

ନୂଆଦିଲ୍ଲୀ : ୭ ଓ ୮ତାରିଖରେ ହାଇଦ୍ରାବାଦରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ଚିନ୍ତନ ଶିବିରରେ ଅଧ୍ୟକ୍ଷତା କରିବେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ । ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଏବଂ ୨୦୩୬ ଗ୍ରୀଷ୍ମକାଳୀନ ଗେମ୍ସ ଆୟୋଜନ ନେଇ ବିଡିଂ ପାଇଁ ଶିବିରରେ ଏକ ରଣନୀତି ପ୍ରସ୍ତୁତ କରାଯିବ । କାହ୍ନା ଶାନ୍ତି ବନମରେ ଆୟୋଜିତ ଏହି ଦୁଇ ଦିନିଆ ମାନସ ମନ୍ଥନ ଅଧିବେଶନରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡା ମନ୍ତ୍ରୀ, ବରିଷ୍ଠ କ୍ରୀଡା ପ୍ରଶାସକ, ପ୍ରମୁଖ ସରକାରୀ ଅଧିକାରୀ ଏବଂ କ୍ରୀଡା କ୍ଷେତ୍ରର ବିଶେଷଜ୍ଞମାନେ ନିଜ ନିଜର ଚିନ୍ତାଧାରା ଆଦାନପ୍ରଦାନ କରିବେ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡା ମହାଶକ୍ତି ଭାବରେ ପ୍ରତିଷ୍ଠା କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବେ । କ୍ରୀଡ଼ା ପ୍ରଶାସନକୁ ସୁଦୃଢ଼ କରିବା, ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ କରିବା, ଭିତ୍ତିଭୂମି ବିକାଶ କରିବା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରାଯିବ । ଦେଶରେ କ୍ରୀଡା ପରିବେଶକୁ ଉନ୍ନତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ନେତୃତ୍ୱ ଦେଉଥିବା ଡକ୍ଟର ମାଣ୍ଡଭିୟ ଭାରତର ଅଲିମ୍ପିକ୍ ମହତ୍ୱାକାଂକ୍ଷା ଏବଂ କ୍ରୀଡା ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଅଂଶୀଦାରମାନଙ୍କ ସହିତ ରଣନୈତିକ ଆଲୋଚନା କରିବେ । ଚିନ୍ତନ ଶିବିର ସମୟରେ, ରାଜ୍ୟ ପ୍ରତିନିଧିମାନେ ସେମାନଙ୍କର ସର୍ବୋତ୍ତମ ନିୟମ ଏବଂ ଅଭିନବ ମଡେଲଗୁଡ଼ିକ ଉପସ୍ଥାପନ କରିବେ । ଏଥିରେ ମୁଖ୍ୟତ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସହିତ ସମନ୍ୱୟ କର୍ପୋରେଟ୍ କ୍ଷେତ୍ର ସହିତ କ୍ରୀଡା ବିକାଶ ଏବଂ କ୍ରୀଡା ଭିତ୍ତିଭୂମି ସହଭାଗୀତା ପ୍ରତିଭା ଅନୁସନ୍ଧାନ ଏବଂ ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ କରିବା, କ୍ରୀଡାରେ ଅନୁଶାସନକୁ ଅଧିକ ଗୁରୁତ୍ୱ ଦେବ. ଖେଲୋ ଇଣ୍ଡିଆ ଏବଂ ଫିଟ୍ ଇଣ୍ଡିଆର ସମ୍ପ୍ରସାରଣ ଉପରେ ଆଲୋଚନା ହେବ । ଏକ ସହଯୋଗପୂର୍ଣ୍ଣ ଏବଂ ଫଳାଫଳ-କେନ୍ଦ୍ରିକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ଡକ୍ଟର ମାଣ୍ଡଭିୟ କହିଥିଲେ ଯେ ସମ୍ପ୍ରତି ଉତ୍ତରାଖଣ୍ଡ ଜାତୀୟ କ୍ରୀଡାରେ ଭାରତୀୟ ଖେଳାଳିମାନଙ୍କ ସଫଳତା ଆମର ଅପାର ଶକ୍ତିକୁ ପ୍ରମାଣିତ କରୁଛି । ଅଲିମ୍ପିକରେ ଉତ୍କର୍ଷତା ହାସଲ କରିବା ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡା ଶକ୍ତି ଲକ୍ଷ୍ୟ ସ୍ପଷ୍ଟ । ଚିନ୍ତାଧାରା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଆଦାନ ପ୍ରଦାନ କରି



ଆମେ ଏକ ସଂଗଠିତ ଏବଂ ସ୍ଥାୟୀ କ୍ରୀଡ଼ା ଢାଞ୍ଚା ସୁନିଶ୍ଚିତ କରିପାରିବା । ଅଲିମ୍ପିକ୍ସ ଆୟୋଜନ ଏକ ଜାତୀୟ ମିଶନ ଏବଂ ଆମକୁ ଏହି କ୍ଷେତ୍ରରେ ଏକାଠି ଆଗକୁ ବଢ଼ିବା ଉଚିତ । ପୂର୍ବତନ କ୍ରୀଡ଼ାବିତଙ୍କ ଅଭିଜ୍ଞତାକୁ ଉପଯୋଗ କରିବା ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେବ । ଡକ୍ଟର ମାଣ୍ଡଭିୟ ରାଜ୍ୟଗୁଡ଼ିକୁ ଏପରି ଶ୍ରେଷ୍ଠ କ୍ରୀଡାବିତଙ୍କୁ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି, ଯେଉଁମାନେ ପ୍ରଶିକ୍ଷକ ଭୂମିକା ଗ୍ରହଣ କରିପାରିବେ, କ୍ରୀଡା ବ୍ୟବସ୍ଥାରେ ଥିବା ବ୍ୟବଧାନକୁ ପୂରଣ କରିପାରିବେ ଏବଂ ପ୍ରତିଭା ବିକାଶକୁ ଶଶକ୍ତ କରିପାରିବେ । ଏହି ମାନସ ମନ୍ଥନ ଶିବିର ଭାରତୀୟ କ୍ରୀଡା ବ୍ୟବସ୍ଥାରେ ପରିବର୍ତ୍ତନମୂଳକ ପରିବର୍ତ୍ତନ ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିବ ଏବଂ ବିଶ୍ୱ ସ୍ତରରେ ଦୀର୍ଘକାଳୀନ ସଫଳତାର ମୂଳଦୁଆ ସ୍ଥାପନ କରିବ ।


**JHARKHAND BIJLI VITRAN NIGAM LIMITED**
(CIN: U40108JH2013SGC001702)
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com

**Notice inviting tender for procurement through rate contract**

JBVNL invites online e-tender from reputed, technically experienced and financially sound manufacturers/ authorized supplier only for supply of following Material through rate contract :-

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 348/PR/JBVNL/2024-25 ISI Marked 11 kV XLPE UG/ Power Cable 300sqmm | Rs 10000/- + GST | 07/03/2025 from 13:00 Hrs. | 07/03/2025 from 13:10 Hrs. | 07/03/2025 from 13:20 Hrs. | 27/03/2025 upto 18:00 Hrs. | 28/03/2025 at 18: 00 Hrs. |
| 2 | 349/PR/JBVNL/2024-25 ISI Marked 33 kV XLPE UG/ Power Cable 400sqmm | Rs 10000/- + GST | 07/03/2025 from 13:00 Hrs. | 07/03/2025 from 13:10 Hrs. | 07/03/2025 from 13:20 Hrs. | 27/03/2025 upto 18:00 Hrs. | 28/03/2025 at 18: 00 Hrs. |
| 3 | 350/PR/JBVNL/2024-25 ISI Marked ACSR Dog Conductor | Rs 10000/- + GST | 07/03/2025 from 13:00 Hrs. | 07/03/2025 from 13:10 Hrs. | 07/03/2025 from 13:20 Hrs. | 27/03/2025 upto 18:00 Hrs. | 28/03/2025 at 18: 00 Hrs. |
| 4 | 351/PR/JBVNL/2024-25 ISI Marked ACSR Rabbit Conductor | Rs 10000/- + GST | 10/03/2025 from 13:00 Hrs. | 10/03/2025 from 13:10 Hrs. | 10/03/2025 from 13:20 Hrs. | 02/04/2025 upto 18:00 Hrs. | 03/04/2025 at 18: 00 Hrs. |
| 5 | 352/PR/JBVNL/2024-25 11 KV metering unit of different capacity | Rs 10000/- + GST | 10/03/2025 from 13:00 Hrs. | 10/03/2025 from 13:10 Hrs. | 10/03/2025 from 13:20 Hrs. | 02/04/2025 upto 18:00 Hrs. | 03/04/2025 at 18: 00 Hrs. |
| 6 | 353/PR/JBVNL/2024-25 33 KV metering unit of different capacity | Rs 10000/- + GST | 10/03/2025 from 13:00 Hrs. | 10/03/2025 from 13:10 Hrs. | 10/03/2025 from 13:20 Hrs. | 02/04/2025 upto 18:00 Hrs. | 03/04/2025 at 18: 00 Hrs. |
| 7 | 354/PR/JBVNL/2024-25 HT & LT winding machine | Rs 10000/- + GST | 10/03/2025 from 13:00 Hrs. | 10/03/2025 from 13:10 Hrs. | 10/03/2025 from 13:20 Hrs. | 02/04/2025 upto 18:00 Hrs. | 03/04/2025 at 18: 00 Hrs. |

NOTE:- (i) Only e-tenders will be accepted. Further details can be seen on website http:jharkhandtenders.gov.in and may be contacted on Mobile No. 9431135523/ 9430348596, NIC helpline No. 0651-2400178
(ii) Tender fee & EMD must be paid through online mode.
(iii) Tender fee is non-refundable.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR.NO.347965 Jharkhand Bijlee Vitran Nigam Ltd(24-25):D



# ଲାହୋରରେ ପ୍ରାଚୀନ ସମାଧିରେ ପ୍ରାର୍ଥନା କଲେ ରାଜୀବ ଶୁକ୍ଲା



ତାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି, ଲାହୋରର ପୌର ରେକର୍ଡ ଅନୁଯାୟୀ ଏହି ସହର ପ୍ରଭୁ ରାମଙ୍କ ପୁଅ ଲଭଙ୍କ ନାମରେ ପ୍ରତିଷ୍ଠିତ ହୋଇଥିଲା, ଯେତେବେଳେ କସୁର ସହର ତାଙ୍କ ଅନ୍ୟ ପୁଅ କୁଶଙ୍କ ନାମରେ ନାମିତ ହୋଇଥିଲା । ବୁଧବାର, ଶୁକ୍ଲା କହିଥିଲେ ଯେ ଏହା ଅତ୍ୟନ୍ତ ସ୍ପଷ୍ଟ ଏବଂ ସ୍ପଷ୍ଟ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ପୁନଃଆରମ୍ଭ ଭାରତ ସରକାରଙ୍କ ଅନୁମତି ଉପରେ ନିର୍ଭର କରେ ।

ନୂଆଦିଲ୍ଲୀ: ୨୦୨୫ ଚାମ୍ପିଅନ୍ସ ଟ୍ରଫି ନିମନ୍ତେ ପାକିସ୍ତାନ ଗସ୍ତରେ ଅଛନ୍ତି ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା । ଏହି ସମୟରେ ସେ ଲାହୋରର ଏକ ପ୍ରାଚୀନ ଦୁର୍ଗ ପରିଦର୍ଶନ କରିଥିଲେ, ଯେଉଁଠାରେ ଭଗବାନ ରାମଙ୍କ ପୁତ୍ର ଲବଙ୍କ ଏକ ପ୍ରାଚୀନ ସମାଧି ଅଛି । ସୋସିଆଲ ମିଡିଆରେ ତାଙ୍କ ଗସ୍ତର ଫଟୋ ସେୟାର କରି ରାଜୀବ ଶୁକ୍ଲା କହିଛନ୍ତି, 'ଲାହୋର' ନାମ ମଧ୍ୟ ତାଙ୍କ (ଲବ) ରୁ ଆସିଛି । ମୋତେ ସେଠାରେ ପ୍ରାର୍ଥନା କରିବାର ସୁଯୋଗ ମିଳିଥିଲା । ମୋ ସହିତ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ଥିଲେ, ଯିଏ ଏହି ସମାଧିର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି । ମୋହସିନ ପାକିସ୍ତାନରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶୁକ୍ଲା ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶର (ଭାରତ ଏବଂ ପାକିସ୍ତାନ) ପ୍ରଶଂସକମାନେ ପରସ୍ପରର ମାଟିରେ ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବାକୁ ଚାହାଁନ୍ତି, ଏକ ନିରପେକ୍ଷ ସ୍ଥାନରେ ନୁହେଁ । ଆମେ (ବିସିସିଆଇ) ସରକାରଙ୍କ ସମ୍ମୁଖରେ ଆମର ମତ ରଖୁ କିନ୍ତୁ ସେମାନେ ବିଚାର ବିମର୍ଶ ପରେ ନିଷ୍ପତ୍ତି ନିଅନ୍ତି । ଯେତେବେଳେ ସରକାର ନିଷ୍ପତ୍ତି ନିଅନ୍ତି, ଏହା ଅନେକ ଦିଗ ଉପରେ ବିଚାର କରିବା ପରେ ହୋଇଥାଏ । ଏହା ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ସେ କହିଛନ୍ତି ।

# ମା' ହେବେ ଭିନେଶ ଫୋଗଟ୍



ନୂଆଦିଲ୍ଲୀ: ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଗୁରୁବାର ମା' ହେବା ନେଇ ସୂଚନା ଦେଇଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପରେ କୁସ୍ତିରୁ ଅବସର ନେଇଥିବା ଭିନେଶ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଘୋଷଣା କରିଛନ୍ତି । ଭିନେଶ ଏବଂ ରାଠି ୨୦୧୮ରେ ବିବାହ କରିଥିଲେ । ଗୁରୁବାର ଏକ ପୋଷ୍ଟରେ, ଭିନେଶ ଏବଂ ତାଙ୍କ ସ୍ୱାମୀଙ୍କ ଏକ ଫଟୋ ପୋଷ୍ଟ କରିଛନ୍ତି ଯେଉଁଥିରେ ଏକ କ୍ୟାପସନ ରହିଛି । ଏଥିରେ ସେ କହିଛନ୍ତି ଯେ ସେମାନଙ୍କ ପ୍ରେମ କାହାଣୀ ଏଥିରେ ଏକ ନୂତନ ଅଧ୍ୟାୟ ଯୋଡି ହେବା ସହିତ ଜାରି ରହିଛି । କ୍ୟାପସନରେ ଏକ ପାଦ ଏବଂ ହୃଦୟ ଇମୋଜି ମଧ୍ୟ ରହିଛି । ପ୍ରଶଂସକ ଏବଂ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଏବଂ ସାକ୍ଷୀ ମଲିକ ଆଦି ଇନଷ୍ଟାଗ୍ରାମରେ ଦମ୍ପତିଙ୍କୁ ସେମାନଙ୍କର ଶୁଭେଚ୍ଛା ପୋଷ୍ଟ କରିଥିଲେ । ଭିନେଶ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ରେ ଇତିହାସ ରଚିଥିଲେ ଯେତେବେଳେ ସେ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହୋଇଥିଲେ । ତଥାପି, ବିବାଦ ଉପୁଜିବ କାରଣ ଫାଇନାଲ ଦିନ ୩୦ ବର୍ଷୀୟ ଖେଳାଳିଙ୍କ ଓଜନ ୧୦୦ ଗ୍ରାମ ଅଧିକ ବୋଲି ଜଣାପଡିଥିଲା ଏବଂ ତାଙ୍କୁ ସମଗ୍ର ଇଭେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ।


**कार्यपालक कार्यपालक अभियंता का कार्यालय,**
**लघु सिंचाई प्रमण्डल,चाईबासा।**
अल्पकालीन ई०–निविदा आमंत्रण सूचना संख्या–MID/CHAIBASA/ F2-15/2024-25
(Untied Fund)

1.कार्य का नाम :–

| ग्रुप संख्या | योजना का नाम | जिला | प्रखण्ड | प्राक्कलित राशि (लाख में) | परिमाण विपत्र का मूल्य (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | सियालजोड़ा ग्राम देवगांव में मुख्य सड़क से रामतीर्थ तक पी०सी०सी० पथ निर्माण। | पश्चिमी सिंहभूम। | जगन्नाथपुर | 90.470 | 10,000.00 | 181000.00 | 5 माह |
| 2. | सियालजोड़ा पंचायत अन्तर्गत ग्राम देवगांव में रामतीर्थ मंदिर से वैतरणी पुल तक सीढ़ीनुमा स्नानघाट एवं मुख्य घाट का विस्तारीकरण निर्माण एवं श्मशान घाट का निर्माण। | पश्चिमी सिंहभूम। | जगन्नाथपुर | 99.970 | 10,000.00 | 200000.00 | 7 माह |

नोट :– केवल ई०–निविदा(**Online Mode**) ही स्वीकार होगा।
2. विस्तृत जानकारी के लिए वेबसाईट **WWW.jharkhandtenders.gov.in** पर देखें।
3. बेवसाईट पर निविदा प्रकाशन की तिथि एवं समय :– 12.03.2025 के 11:00 बजे पूर्वाहन् से।
4. ई०–निविदा में भाग लेने की अंतिम तिथि एवं समय :– 26.03.2025 अपराह्न 05:00 बजे तक।
5. ई०–निविदा खोलने की तिथि एवं समय :– 28.03.2025 को 11:00 बजे पूर्वाहन् ।
6. परिमाण विपत्र का मूल्य एवं अग्रधन की राशि सूचना प्रौद्योगिकी एवं ई–गवर्नेस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120, दिनांक 03.10.2023 के अनुरूप (**Online**) प्राप्त की जायेगी।
7. निविदा आमंत्रित करनेवाले पदाधिकारी का नाम, पता , दूरभाष सं0 एवं ई0मेल आई डी0– कार्यपालक अभियंता , लघु सिंचाई प्रमण्डल, चाईबासा/**9471742851** ई0मेल & eemidchaibasa@gmail.com, eemidchai-cemr-jhr@nic.in
8. निविदा के **B.O.Q** की राशि घट–बढ़ सकती है तदानुसार **B.O.Q** के मूल्य एवं अग्रधन की राशि में बदलाव होगा ।
9. प्राक्कलित राशि का 10 प्रतिशत से नीचे के दर से निविदित **¼Quoted rate is more than 10% below the schedule rate½** के परिपेक्ष में पथ निर्माण विभाग झारखण्ड रॉंची के पत्रांक 2146(S) दिनांक 09.09.2020 के शर्तावली के अनुसार अतिरिक्त जमानत की राशि एकरारनामा करने के समय जमा करना अनिवार्य होगा ।
10. उपायुक्त, पश्चिमी सिंहभूम का पत्रांक 1679, दिनांक 23.12.2022 के आलोक में निविदा डालने के समय चाईबासा जिलान्तर्गत किसी भी ize.My@foHkkx द्वारा आवंटित कार्य एकरारित अवधि बीत जाने के बाद लंबित नही होने संबंधी शपथ–पत्र **Affidavit** देना होगा। निविदा के एक **NIT** में एक निबंधन पर दो से अधिक कार्य आवंटित नहीं किया जाएगा। वैसे संवेदक जो एकरारनामा में अंकित कार्य पूर्ण करने की तिथि तक योजनाओं का कार्य अधूरा रखे हुए हैं। उन्हें जिला अन्तर्गत चलने वाली किसी भी योजना में तब तक कार्य आबंटित नहीं किया जाएगा जब तक अपने पूर्व के कार्य को समाप्त न कर दें। जिला अन्तर्गत किसी भी विभाग का कार्य लम्बित होने की सूचना यदि इस कार्यालय को प्राप्त होती है तो संबंधित संवेदक को कार्य आवंटित नहीं किया जाएगा।
11. **Technical Bid** में **Qualify** करने वाले संवेदकों/फर्म का ही **Financial Bid** खोला जाएगा।
12. निविदा शुल्क एवं अग्रधन की राशि का ई०–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।

ह०/–
कार्यपालक अभियंता
लघु सिंचाई प्रमण्डल, चाईबासा।

PR 348004 East Singhbhum(24-25)D


## ଦିନିକିଆ କ୍ରିକେଟରୁ ଅବସର ନେଲେ ମୁଶଫିକୁର ରହିମ


ନୂଆଦିଲ୍ଲୀ: ବାଂଲାଦେଶର ଅଭିଜ୍ଞ କ୍ରିକେଟର ମୁଶଫିକୁର ରହିମ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ୩୭ ବର୍ଷୀୟ ୱିକେଟକିପର ବ୍ୟାଟ୍ସମ୍ୟାନ୍ ବୁଧବାର ରାତିରେ ନିଜ ଅଫିସିଆଲ୍ ଫେସବୁକ୍ ପେଜରେ ଏକ ହୃଦୟସ୍ପର୍ଶୀ ପୋଷ୍ଟ ଜରିଆରେ ଅବସର ଘୋଷଣା କରିଛନ୍ତି । ତେବେ ଟେଷ୍ଟ କ୍ରିକେଟରେ ସେ ବାଂଲାଦେଶର ପ୍ରତିନିଧିତ୍ୱ ଜାରି ରଖିବେ ବୋଲି ନିଶ୍ଚିତ କରିଛନ୍ତି । ୨୦୨୨ ସେପ୍ଟେମ୍ବରରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ବାଂଲାଦେଶ ପକ୍ଷରୁ ସର୍ବାଧିକ ଦିନିକିଆ ଖେଳିବାର ରେକର୍ଡ ମୁଶଫିକୁରଙ୍କ ନାମରେ ରହିଛି । ୫୦ ଓଭର ଫର୍ମାଟରେ ୯ଟି ଶତକ ଓ ୪୯ଟି ଅର୍ଦ୍ଧଶତକ ସହ ୭ ହଜାର ୭୯୫ ରନ୍ କରି ୩୭ ବର୍ଷୀୟ ଏହି ଖେଳାଳି ଦେଶ ପାଇଁ ସର୍ବାଧିକ ରନ୍ ସ୍କୋରର୍ ହୋଇଛନ୍ତି । କେବଳ ତାଙ୍କ ବ୍ୟାଟିଂ ନୁହେଁ; ଦିନିକିଆରେ ୨୯୭ ରନ୍ କରିଥିବା ମୁଶଫିକୁରଙ୍କ ୱିକେଟ୍ କିପିଂ କ୍ୟାରିୟରରେ କୁମାର ସାଙ୍ଗାକାରା, ଆଡାମ ଗିଲକ୍ରିଷ୍ଟ, ମହେନ୍ଦ୍ର ସିଂହ ଧୋନି ଓ ମାର୍କ ବାଉଚରଙ୍କ ଭଳି ଖେଳାଳିଙ୍କ ପଛକୁ ତାଲିକାରେ ପଞ୍ଚମ ସ୍ଥାନରେ ରହିଛନ୍ତି ।

## ଅଲ୍ ଇଣ୍ଡିଆ ରେଲ୍‌ୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନଶିପ୍
# ମେଟ୍ରୋ, ପଶ୍ଚିମ ମଧ୍ୟ ଓ ଉତ୍ତର ମଧ୍ୟ ରେଲୱେ ବିଜୟୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଗୁରୁବାର ପ୍ରଥମ ଲିଗ୍ ମ୍ୟାଚ୍, ପୂର୍ବ ତଟ ରେଲୱେ ଏବଂ ମେଟ୍ରୋ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମେଟ୍ରୋ ରେଲୱେ ଏହି ମ୍ୟାଚକୁ ୭ ୱିକେଟ୍‌ରେ ଜିତି ନେଇଛି । ମେଟ୍ରୋ ରେଲୱେର, ଅଭିଜିତ ସିଂ, ୫୮ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ମନିସ୍ କୁମାର ମୀନା, ଅତିରିକ୍ତ କ୍ରୀଡା ଅଧିକାରୀ ତଥା ଖୋର୍ଦ୍ଧା ରୋଡ଼ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ । ପୂର୍ବ ତଟ ରେଲୱେ - ୧୦୪/୧୦ (୧୯.୧ ଓଭର), ମେଟ୍ରୋ ରେଲୱେ - ୧୦୭/୩ (୧୮.୪ ଓଭର) । ସେହିପରି ଆଜିର ଦ୍ୱିତୀୟ ଲିଗ୍ ମ୍ୟାଚ୍, ପଶ୍ଚିମ ମଧ୍ୟ ରେଲୱେ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚକୁ ପଶ୍ଚିମ ମଧ୍ୟ ରେଲୱେ ୨୦ ରନ ରେ ଜିତିଥିଲା । ପଶ୍ଚିମ ମଧ୍ୟ ରେଲୱେର ସୁଶିଲ ଏସ୍. ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼ ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ଉପସ୍ଥିତିରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡଃ ଶରଥ ବାବୁ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନକରିଥିଲେ । ପଶ୍ଚିମ ମଧ୍ୟ ରେଲୱେ- ୧୩୧/୨ (୨୦ ଓଭର), ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ - ୧୧୧/୧୦ (୨୦ ଓଭର) । ସେହିପରି ତୃତୀୟ ଲିଗ୍ ମ୍ୟାଚ୍, ଉତ୍ତର ମଧ୍ୟ ରେଲୱେ ଏବଂ ପୂର୍ବ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚକୁ ଉତ୍ତର ମଧ୍ୟ ରେଲୱେ ରନରେ ଜିତିଥିଲା । ଉତ୍ତର ମଧ୍ୟ ରେଲୱେର, ଅକ୍ଷତ ପାଣ୍ଡେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ପଙ୍କଜ କୁମାର ନାଗ୍ୱାନି, ଖୋର୍ଦ୍ଧା ରୋଡ଼ ମଣ୍ଡଳ ବିତ୍ତ ପ୍ରବନ୍ଧକ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ । ଉତ୍ତର ମଧ୍ୟ ରେଲୱେ - ୧୧୮/୭ (୨୦ ଓଭର), ପୂର୍ବ ରେଲୱେ - ୧୦୫/୧୦ (୧୯.୪ ଓଭର) । ଶୁକ୍ରବାର ମ୍ୟାଚ୍, ପଶ୍ଚିମ ମଧ୍ୟ ରେଳ ଏବଂ ପୂର୍ବତଟ ରେଳ ଓ ମେଟ୍ରୋ ଏବଂ ପୂର୍ବ ରେଳ ମଧ୍ୟରେ ୨ଟି ମ୍ୟାଚ୍ ଖେଳାଯିବ ।




# ପରଲୋକରେ ଟେନିସ୍ ଖେଳାଳି ଫ୍ରେଡ୍ ଷ୍ଟୋଲ୍



ବେଲବୋର୍ନ: ଦୁଇ ଥରର ଗ୍ରାଣ୍ଡସ୍ଲାମ ଖେଳାଳି ଓ ୩ ଥରର ଡେଭିସ କପ ବିଜୟୀ ଦଳର ସଦସ୍ୟ ଫ୍ରେଡ ଷ୍ଟୋଲଙ୍କ ପରଲୋକ ଘଟିଛି । ଏ ନେଇ ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ସେ କୋଚ ଓ ଅଷ୍ଟ୍ରେଲିଆର ନାଇନ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ । ଟେନିସ ଅଷ୍ଟ୍ରେଲିଆର ସିଇଓ କ୍ରେଗ ଟିଲେ ତାଙ୍କ ସମ୍ପର୍କରେ କହିଛନ୍ତି ଯେ, ଟେନିସ ଉପରେ ତାଙ୍କର ପ୍ରଭାବ ସର୍ବଦା ମନେ ରହିବ । ତାଙ୍କ ଅବଦାନ ଦେଖିବାକୁ ସୌଭାଗ୍ୟ ପାଇଥିବା ଲୋକେ ତାଙ୍କୁ ସର୍ବଦା ମନେ ରଖିବେ । ଅଷ୍ଟ୍ରେଲିଆ ଡେଭିସ କପ ଦଳର ଜଣେ ଷ୍ଟାର ସଦସ୍ୟ ଭାବେ ଫ୍ରେଡ ପେସାଦାର ଟେନିସରୁ ଅବସର ନେବା ପରେ ଜଣେ କୋଚ ଓ କମେଣ୍ଟେଟର ଭାବେ ଟେନିସ ସହ ଯୋଡ଼ି ହୋଇ ରହିଥିଲେ । ଷ୍ଟୋଲ ତାଙ୍କ କ୍ୟାରିୟରର ପ୍ରଥମ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ । ଏଥିରୁ ୪ ଥର ତାଙ୍କୁ ନିଜ ଦେଶର ରୟ ଏମରସନଙ୍କ ପରାସ୍ତ କରିଥିଲେ । ସେ ଟୋନି ରୋଚେଙ୍କୁ ପରାସ୍ତ କରି ୧୯୬୫ ଫ୍ରେଞ୍ଚ ଓପନ ଜିତିଥିଲେ । ଏପରିକି ସେ ୟୁଏସ ଓପନ ଟାଇଟଲ ଜିତିବା ସହ ୱାଲ୍ଡ ର‌୍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, खूँटी**

**निविदा रद्द सूचना**

एतत् द्वारा सर्वसाधारण को सूचित किया जाता है कि इस प्रमंडल द्वारा आमंत्रित अल्पकालीन निविदा आमंत्रण सूचना सं0– RDD/SD/KHUNTI/06/2024-25 जिसका पी0आर0 संख्या 346265 RURAL DEVELOPMENT (2024-25)_D अपरिहार्य कारणों से रद्द किया जाता है।

यह आदेश तत्काल प्रभाव से लागू समझा जाय।

कार्यपालक अभियंता
ग्रामीण विकास विशेष प्रमंडल, खूँटी

PR 347997 Rural Development(24-25)#D



**छत्तीसगढ़ शासन पर्यावरण वन एवं जलवायु परिवर्तन विभाग सामान्य वनमंडल, महासमुन्द (छत्तीसगढ़ )**

**नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथौरा काष्ठागार में ईमारती काष्ठ का निवर्तन ई-ऑक्शन द्वारा दिनांक 17.03.2025 को किया गया जावेंगा । इच्छुक बोलीदारों से अनुरोध है कि वे नीलाम में भाग लेवें। ई-ऑक्शन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/ पिथौरा काष्ठागार से प्राप्त की जा सकती है।

**नीलाम स्थल का नाम- पिथौरा नीलाम दिनांक- 17.03.2025 नीलाम समय- 9:00 बजे प्रात: से**
**नीलाम दिनांक 17.03.2025 को रखे जाने वाले वनोपज का अनुमानित मात्रा काष्ठागार पिथौरा**

| क्रं. | प्रजाति | नया वनोपज | | | अन्सोल्ड (पुराना) वनोपज | | | कुल वनोपज | | |
|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | घ.मी. | बल्ली | डेंगरी |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | सागौन | 277.313 | 6030 | 1265 | 1948.342 | 14933 | 64551 | 2225.655 | 20963 | 65816 |
| 2 | साल | 21.209 | 0 | 0 | 16.262 | 88 | 0 | 37.471 | 88 | 0 |
| 3 | शीशम | 0.000 | 0 | 0 | 2.846 | 0 | 0 | 2.846 | 0 | 0 |
| 4 | तिन्सा | 0.000 | 0 | 0 | 0.000 | 0 | 0 | 0.000 | 0 | 0 |
| 5 | बीजा | 17.250 | 0 | 0 | 37.468 | 0 | 0 | 54.718 | 0 | 0 |
| 6 | साजा | 12.771 | 0 | 0 | 11.149 | 515 | 0 | 23.920 | 515 | 0 |
| 7 | हल्दु मुड़ी | 32.093 | 28 | 0 | 49.585 | 0 | 0 | 81.678 | 28 | 0 |
| 8 | धावड़ा | 20.862 | 0 | 0 | 3.566 | 0 | 0 | 24.428 | 0 | 0 |
| 9 | सलिहा मोदे | 4.313 | 0 | 0 | 2.870 | 0 | 0 | 7.183 | 0 | 0 |
| 10 | खम्हार | 0.000 | 0 | 0 | 11.119 | 1182 | 0 | 11.119 | 1182 | 0 |
| 11 | पापड़ा | 0.000 | 0 | 0 | 1.659 | 0 | 0 | 1.659 | 0 | 0 |
| 12 | खैर | 0.000 | 0 | 0 | 1.396 | 0 | 0 | 1.396 | 0 | 0 |
| | अन्य | 93.672 | 0 | 0 | 82.216 | 247 | 0 | 175.888 | 247 | 0 |
| **योग** | | **479.483** | **6058** | **1265** | **2168.478** | **16965** | **64551** | **2647.961** | **23023** | **65816** |

**बलौदाबाजार वनमण्डल अंतर्गत निस्तार / उपभोक्ता / अस्थाई पड़ाव डिपो में संग्रहित बांस की मात्रा**

| | |
|---|---|
| बरपाली- 233 चट्टा पुराना जलाऊ एवं 4699 नग पुराना व्यापारिक बांस | अ.प. नवागांव - 136 चट्टा पुराना जलाऊ एवं 422 नग पुराना औद्योगिक बांस |
| थरगांव डिपो 2690 नग पुराना व्यापारिक बांस | भाटापारा- 144 चट्टा पुराना जलाऊ |
| निस्तार डिपो महराजी - 330 नग पुराना व्यापारिक बांस | सिमगा - 19 चट्टा नया जलाऊ एवं 28 चट्टा पुराना जलाऊ |
| सण्डी-11 चट्टा पुराना जलाऊ एवं 355 नग पुराना व्यापारिक बांस | पलारी- 404 नग पुराना व्यापारिक बांस |


टीप :- 1/ क्रेताओं को ई-ऑक्शन के पूर्व एम. एस. टी. सी. ईकॉमर्स में रजिस्ट्रेशन कराना अनिवार्य है। 2/ क्रेताओं को ई-ऑक्शन के पूर्व क्रय लाटों के अपसेट प्राईस मूल्य के 10 प्रतिशत की राशि अपने ई-वॉलेट में रखना अनिर्वाय है। सफल बोलीदार को एक सप्ताह के भीतर शेष 15 प्रतिशत ईएमडी की राशि जमा करना अनिवार्य है। 3/ लॉट की थप्पी सूची एवं फोटो एम. एस. टी. सी. ई-कॉमर्स पोर्टल में अपने आईडी से लॉग-इन करके देख सकते है। 4/ ई-ऑक्शन में लॉट क्रय के पश्चात प्रथम क्रेता को 40 सेकण्ड का समय प्राप्त होगा। उसी लॉट में अन्य क्रेताओं द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा । **दूरभाष क्रमांक 07723-222084 (कार्यालय)**

वनमण्डलाधिकारी
सामान्य वनमण्डल महासमुंद (छ.ग.)

G-242505744/ 7



ଅନେକ ଲୋକ ବିଶ୍ୱାସ କରନ୍ତି ସନ୍ଧ୍ୟାରେ କିମ୍ବା ଥଣ୍ଡା କାଶ ହେଲେ କମଳା ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ମାତ୍ର ଏଥିରେ କେତେ ସତ୍ୟତା ଗୁରୁଗାଓଁର ସିକେ ବିର୍ଲା ହସ୍ପିଟାଲର ଇଣ୍ଟରନାଲ ମେଡିସିନର ମୁଖ୍ୟ ପରାମର୍ଶଦାତା ଡାକ୍ତର ତୁଷାର କୁହନ୍ତି, ଥଣ୍ଡା ଏବଂ କାଶ ସମୟରେ କମଳା ଖାଇବା ସ୍ୱାସ୍ଥ୍ୟ ପାଇଁ ପ୍ରକୃତରେ କ୍ଷତିକାରକ କି ନାହିଁ ଆସନ୍ତୁ ଜାଣିବା...। ଡାକ୍ତର କହିଛନ୍ତି, କମଳା ଖାଇବା ଦ୍ୱାରା ଥଣ୍ଡା ହୁଏ ନାହିଁ। ଏହା ଏକ ସାଧାରଣ ପୌରାଣିକ କଥା, କିନ୍ତୁ ଏହାକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। କମଳାରେ ଭିଟାମିନ ସି ଭରପୂର ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ ଏବଂ ଥଣ୍ଡାର ତୀବ୍ରତା (ଥଣ୍ଡା ସୁସ୍ଥତା ପାଇଁ ସର୍ବୋତ୍ତମ ଖାଦ୍ୟ) ଏବଂ ଏହାର ଅବଧିକୁ ମଧ୍ୟ ହ୍ରାସ କରିପାରେ। ଡାକ୍ତର କହିଛନ୍ତି ଯେ, ଥଣ୍ଡା ଏବଂ କାଶ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ଦ୍ୱାରା ନୁହେଁ ବରଂ ଭାଇରସ ଯୋଗୁହୁଏ। ଏହି ଭାଇରସଗୁଡ଼ିକ ଦୂଷିତ ବାୟୁ, ଶ୍ୱାସକ୍ରିୟା ସୂତ୍ର କିମ୍ବା ରୋଗୀଙ୍କ ନିକଟ ସମ୍ପର୍କ ମାଧ୍ୟମରେ ବ୍ୟାପିଥାଏ। ପ୍ରକୃତରେ ଆପଣଙ୍କ ଖାଦ୍ୟରେ କମଳା ସାମିଲ କରିବା ଲାଭଦାୟକ ହୋଇପାରେ। କାରଣ ଏହା ଆବଶ୍ୟକୀୟ ପୋଷକ ତତ୍ତ୍ୱ, ଆଣ୍ଟିଅକ୍ସିଡାଣ୍ଟ ଏବଂ ହାଇଡ୍ରେସନ ପ୍ରଦାନ କରେ ଯାହା ସାମଗ୍ରିକ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ। ଏହା କୁହାଯାଇପାରେ ଯେ, କମଳା ଥଣ୍ଡା ସୃଷ୍ଟି କରିବା ପରିବର୍ତ୍ତେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ରୋଗକୁ ରୋକିବାରେ ସାହାଯ୍ୟ କରିପାରେ।



# ଲିଫ୍ଟରେ କାହିଁକି ଲଗାଯାଏ ଦର୍ପଣ ? ଜାଣନ୍ତୁ....

ବଡ଼ ବଡ଼ ବିଲ୍ଡିଂରେ ଲୋକମାନଙ୍କ ଯିବା ଆସିବା ପାଇଁ ଲିଫ୍ଟର ବ୍ୟବସ୍ଥା ଥାଏ । ଅନେକ ଲୋକଙ୍କ ପାଇଁ ପାହାଚ ଚଢିବା ସମ୍ଭବ ନୁହେଁ, ତେଣୁ ଲୋକମାନେ ପ୍ରାୟତଃ ଲିଫ୍ଟର ସାହାଯ୍ୟ ନିଅନ୍ତି । କିଛି ଲୋକଙ୍କର ଆଣ୍ଠୁ ଗଣ୍ଠିର ସମସ୍ୟା ରହିଥିବାରୁ ସେମାନେ ଲିଫ୍ଟ ବ୍ୟବହାର କରନ୍ତି । ଆପଣମାନେ ମଧ୍ୟ ଲିଫ୍ଟ ନିଶ୍ଚୟ ବ୍ୟବହାର କରିଥିବେ । ଲିଫ୍ଟରେ ଯିବା ସମୟରେ ସେଥିରେ ଲାଗିଥିବା ଦର୍ପଣ କେବେ ଦେଖିଛନ୍ତି କି ? ଆପଣ ଭାବିଛନ୍ତି କି ଲିଫ୍ଟରେ କାହିଁକି ଦର୍ପଣ ଲଗାଯାଇଥାଏ ? ଏହା ପଛରେ ଏକ ମଜାଦାର କାରଣ ରହିଛି । ଆସନ୍ତୁ ଜାଣିବା।

■ ବାସ୍ତବରେ, ଲିଫ୍ଟରେ ଦର୍ପଣଗୁଡ଼ିକ ଆପଣଙ୍କ ସୁରକ୍ଷା ପାଇଁ ଲଗାଯାଇଥାଏ।

■ ଲିଫ୍ଟରେ ଦର୍ପଣ ଲଗାଇବାର କାରଣ କେବଳ ସାଜସଜ୍ଜା ପାଇଁ ନୁହେଁ ବରଂ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦେବା ।

■ ଲିଫ୍ଟରେ ଦର୍ପଣ ଲଗାଇବା ଦ୍ୱାରା ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଏହା ପ୍ରଭାବ ପକାଇଥାଏ।

■ ଆପଣ ନିଶ୍ଚୟ କ୍ଲାଷ୍ଟ୍ରୋଫୋବିୟା ଶବ୍ଦ ଶୁଣିଥିବେ। କ୍ଲାଷ୍ଟ୍ରୋଫୋବିୟାରେ ପୀଡିତ ଲୋକମାନେ ଲିଫ୍ଟ, ଟନେଲ୍, ଏବଂ ମେଟ୍ରୋ ଟ୍ରେନରେ ଯାତ୍ରା କରିବା ପାଇଁ ଭୟ କରନ୍ତି। କାରଣ ଏପରି କରିବା ଦ୍ୱାରା ସେମାନଙ୍କୁ ଭୟ ଲାଗେ ଓ ସେମାନେ ହୃଦଘାତର ଶିକାର ହୋଇପାରନ୍ତି ।

■ ମାତ୍ର ଲିଫ୍ଟରେ ଦର୍ପଣ ଲଗାଇବା ଦ୍ୱାରା ଏହା ଛୋଟ ଲିଫ୍ଟକୁ ଅତି ବଡ଼ କରିଦେଖାଏ ଓ ଏହାଦ୍ୱାରା ଭିତରେ ଥିବା ଲୋକ ଭୟ କରନ୍ତି ନାହିଁ।

■ ଦର୍ପଣ ସ୍ଥାପନ କରିବାର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ।

■ ଏମିତି କିଛି ବଡ଼ ବଡ଼ କୋଠା ରହିଛି ଯେଉଁଠି ୫୦ରୁ ଊର୍ଦ୍ଧ୍ୱ ମହଲା ତିଆରି କରାଯାଇଛି । ତେବେ ଏତେ ଉଚ୍ଚକୁ ଯିବା ପାଇଁ ଯେ କେହି ଲିଫ୍ଟର ବ୍ୟବହାର କରିଥାନ୍ତି । କିନ୍ତୁ ଉପରକୁ ଯିବା ସମୟରେ ଅଧିକ ସମୟ ଲାଗୁଥିବାରୁ ଲୋକମାନେ ପ୍ରାୟତଃ ବିରକ୍ତ ହୋଇ ଯାଇଥାନ୍ତି । ଅଧିକ ସମୟ ଠିଆ ହୋଇ ରହି ସେମାନେ ବିରକ୍ତ ହେବା ସହ ବାହାରିବାର ବାଟକୁ ଅନାଇ ବସିଥାନ୍ତି । ସେମାନେ ନିଜ ଆଡକୁ ଚାହିଁ ସମୟ ଅତିବାହିତ କରନ୍ତି ।

■ ଏଥି ସହିତ, ଅନ୍ୟ ଏକ କାରଣ ହେଉଛି ଲିଫ୍ଟରେ ଉପସ୍ଥିତ ଥିବା ଲୋକମାନେ କେବଳ ଲିଫ୍ଟର ଉପରକୁ ଯିବା ଏବଂ ତଳକୁ ଗତି ଉପରେ ଧ୍ୟାନ ଦେଇଥାଆନ୍ତି। ଲୋକମାନେ ଅନୁଭବ କଲେ ଯେ ଲିଫ୍ଟ ବହୁତ ସମୟ ନେଉଛି। ଏହି ସମସ୍ୟାକୁ ଧ୍ୟାନରେ ରଖି ଲିଫ୍ଟରେ ଦର୍ପଣ ଲଗାଇବାର କଳ୍ପନା ଆସିଲା ।

■ ଆହୁରି ମଧ୍ୟ, ସୁରକ୍ଷା ଦୃଷ୍ଟିରୁ ଲିଫ୍ଟରେ ଦର୍ପଣ ସ୍ଥାପିତ ହୋଇଛି। ଯେତେବେଳେ ଲିଫ୍ଟରେ ଅନେକ ଲୋକ ଥାଆନ୍ତି, ଆପଣ ଦର୍ପଣ ମାଧ୍ୟମରେ ଦେଖି ପାରିବ କିଏ କଣ କରୁଛି । ଏପରି ପରିସ୍ଥିତିରେ, ଯଦି ଆପଣ ଅନୁଭବ କରୁଛନ୍ତି ଯେ କେହି ଆପଣଙ୍କୁ କ୍ଷତି ପହଞ୍ଚାଇ ପାରନ୍ତି, ତେବେ ଆପଣ ତାଙ୍କୁ ଦର୍ପଣ ମାଧ୍ୟମରେ ଦେଖିପାରିବେ ଏବଂ ସତର୍କ ରହିପାରିବେ ।



# ହୃଦ୍‌ଘାତ ହେବାର ୩୦ ଦିନ ପୂର୍ବରୁ ମିଳେ ଏହି ସଙ୍କେତ ଓ ଲକ୍ଷଣ...

ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ଭୁଲ୍ ଖାଦ୍ୟପେୟ କାରଣରୁ ଅଧିକାଂଶ ଲୋକେ ହୃଦୟ ଜନିତ ସମସ୍ୟା ସହ ହୃଦଘାତର ଶିକାର ହେଉଛନ୍ତି । ଗତ କିଛି ବର୍ଷ ମଧ୍ୟରେ ହୃଦଘାତର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବ ସମୟରେ କେବଳ ବୟସ୍କ ଲୋକେ ହୃଦଘାତର ଶିକାର ହେଉଥିଲେ । ମାତ୍ର ବର୍ତ୍ତମାନ ସମୟରେ ଯୁବପିଢି ହୃଦଘାତର ଅଧିକ ଶିକାର ହେଉଛନ୍ତି । ତେବେ ହୃଦଘାତ ହେବାର କିଛି ମାସ ପୂର୍ବରୁ ଶରୀରରେ କିଛି ପରିବର୍ତ୍ତନ ସହ ଏହାର ସଙ୍କେତ ମିଳିଥାଏ । ସମୟ ପୂର୍ବରୁ ଏହି ସଙ୍କେତକୁ ଅଣଦେଖା ନକରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଜାଣନ୍ତୁ ହୃଦଘାତ ହେବାର ୩୦ ଦିନ ପୂର୍ବରୁ କେଉଁ କେଉଁ ଲକ୍ଷଣ ଓ ସଙ୍କେତ ମିଳିଥାଏ..

## ଛାତିରେ ଯନ୍ତ୍ରଣା..

ହୃଦଘାତ ହେବାର କିଛି ଦିନ ପୂର୍ବରୁ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଛାତି ଭାରି ଭାରି ଅନୁଭବ ହୋଇଥାଏ। ଅନେକ ଥର ହାତ, କାନ୍ଧ, ପାଟିରେ ମଧ୍ୟ ଯନ୍ତ୍ରଣା ଅନୁଭବ ହୋଇଥାଏ । ଯଦି ଆପଣଙ୍କ ଛାତିରେ, କାନ୍ଧରେ ଓ ପାଟିରେ କଷ୍ଟ ଅନୁଭବ ହେଲେ ଏହାକୁ ଅଣଦେଖା ନକରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

## ଥକ୍କାପଣ ଓ ଦୁର୍ବଳ ଅନୁଭବ

ହୃଦଘାତ ଆସିବା ପୂର୍ବରୁ ଥକ୍କାପଣ ଓ ଦୁର୍ବଳ ଅଧିକ ଅନୁଭବ ହୋଇଥାଏ । କାମ ନକରି ମଧ୍ୟ ପ୍ରତ୍ୟେକ ସମୟରେ ଥକ୍କାପଣ ଓ ଦୁର୍ବଳ ଲାଗିଲେ ଏହାକୁ ମଧ୍ୟ ଅଣଦେଖା କରନ୍ତୁ ନାହିଁ । ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

## ମୁଣ୍ଡ ବୁଲାଇବା

ହୃଦଘାତ ହେବାର ୩୦ ଦିନ ପୂର୍ବରୁ ବାରମ୍ବାର ମୁଣ୍ଡ ବୁଲାଇଥାଏ । ଏଭଳି କି ଚେତାଶୂନ୍ୟ ହେବା ଭଳି ମଧ୍ୟ ଅନୁଭବ ହୋଇଥାଏ। ଏହି ସମୟରେ ନିଶ୍ୱାସ-ପ୍ରଶ୍ୱାସରେ ସମସ୍ୟା, ମୁଣ୍ଡ ବିନ୍ଧା ଆଦି ହୋଇଥାଏ ।

## ନିଶ୍ୱାସ-ପ୍ରଶ୍ୱାସରେ ସମସ୍ୟା

ହୃଦଘାତ ହେବାର କିଛି ଦିନ ପୂର୍ବରୁ ନିଶ୍ୱାସ-ପ୍ରଶ୍ୱାସ ନେବାରେ ସମସ୍ୟା ହୋଇଥାଏ। ଏସବୁ ଲକ୍ଷଣ ଓ ସଙ୍କେତ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ଅଭିନୟ ଛାଡ଼ିଲେ କିଆରା

ଅଭିନେତ୍ରୀ କିଆରା ଆଡ଼ଭାନୀ ଫିଲ୍ମ ଛାଡ଼ିଛନ୍ତି। ପ୍ରକୃତରେ କହିବାକୁ ଗଲେ କିଆରା ଫିଲ୍ମ ଦୁନିଆ ପୂରା ଛାଡ଼ି ନାହାନ୍ତି। କିଛିଦିନ ପାଇଁ ଛାଡ଼ିଛନ୍ତି। କାରଣ ତାଙ୍କ ଜୀବନ ଏବେ ଖୁସିରେ ପରିପୂର୍ଣ୍ଣ। ନିକଟରେ ଅଭିନେତ୍ରୀ ତାଙ୍କ ଗର୍ଭବତୀ ହେବାର ଖବର ଗଣମାଧ୍ୟମ ଏବଂ ପ୍ରଶଂସକଙ୍କ ସହ ଶେୟାର କରିଥିଲେ। ଆଜିକାଲି ସେ 'ଟକ୍ସିକ' ଏବଂ 'ୱାର-୨' ଫିଲ୍ମର ମଧ୍ୟ ଶୁଟିଂ କରୁଛନ୍ତି। କିନ୍ତୁ କିଆରା କୌଣସି ବଡ଼ ଫ୍ରାଞ୍ଚାଇଜ ଫିଲ୍ମର ଅଂଶ ନୁହନ୍ତି। ସେ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି। କିଆରା ଡନ୍-୩ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି। ଫରହାନ ଅଖତର ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏହି ଫିଲ୍ମରେ ରଣବୀର ସିଂହ ମୁଖ୍ୟ ଭୂମିକାରେ ରହିବେ। କିଆରା ଏବେ ତାଙ୍କ ପ୍ରେଗନାନ୍ସି ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ସ୍ୱାମୀ ତଥା ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଆଜିକାଲି କିଆରାଙ୍କର ଭଲ ଯତ୍ନ ନେଉଛନ୍ତି। କିଆରା 'ଡନ୍-୩' ଫିଲ୍ମ ଛାଡ଼ିବା ପରେ ଏହାର ନିର୍ମାତା ଏବେ ନୂଆ ନାୟିକା ଖୋଜିବା ଆରମ୍ଭ କରିଛନ୍ତି। ଫିଲ୍ମରେ କିଆରାଙ୍କ ସ୍ଥାନ ନେଇ ରଣବୀର ସିଂହଙ୍କ ବିପକ୍ଷରେ କେଉଁ ନାୟିକାଙ୍କୁ କାଷ୍ଟ କରାଯିବ ତାହା କିଛି ଦିନ ମଧ୍ୟରେ ଜଣାପଡ଼ିବ। ଏହି ଫିଲ୍ମରେ ବିକ୍ରାନ୍ତ ମେସି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। 'ଡନ୍' ସିରିଜର ଫିଲ୍ମଗୁଡ଼ିକୁ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ଯଦି ଆମେ ଡନ୍ ସିରିଜର ଫିଲ୍ମ ବିଷୟରେ କଥା ହେବା, ତେବେ ଶାହରୁଖ ଖାନ ପ୍ରଥମ ଦୁଇଟି ଭାଗରେ ଡନ ଭୂମିକାରେ ଅଭିନୟ କରିଥିଲେ। ଏବେ ରଣବୀର ସିଂହ 'ଡନ - ୩'ରେ ଡନ୍ ଭୂମିକାରେ ନଜର ଆସିବେ। ରଣବୀର ସିଂହଙ୍କୁ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ କରାଯାଇଥିଲା କାରଣ ସେ କହୁଥିଲେ ଯେ, ସେ ଶାହରୁଖଙ୍କ ପରି ଡନ ଭୂମିକାରେ ଅଭିନୟ କରିପାରିବେ ନାହିଁ।



# ଚମକେଇଲେ ରିଦ୍ଧିମା

ରିଦ୍ଧିମା ପଣ୍ଡିତ ମାର୍ଚ୍ଚ ୪ ରାତିରେ ଇନଷ୍ଟାଗ୍ରାମରେ ତାଙ୍କ ଘାତକ ଲୁକର ସୁନ୍ଦର ଫଟୋ ଶେୟାର କରିଛନ୍ତି। ପ୍ରଶଂସକମାନେ ଏହି ଫଟୋଗୁଡ଼ିକରୁ ନଜର ହଟେଇ ପାରୁ ନାହାନ୍ତି। କଳା ରଙ୍ଗର ଅଫ୍ ସୋଲଡର୍ ଡିପ୍‌ନେକ୍ ବଡିକନ୍‌ରେ ରିଦ୍ଧିମା ଖୁବ୍ ଗ୍ଲାମରସ୍ ଦେଖାଯାଉଛନ୍ତି। ତାଙ୍କର ସୌନ୍ଦର୍ଯ୍ୟ ତାଙ୍କ ପ୍ରତ୍ୟେକ ଫଟୋରୁ ବାରି ହୋଇପଡୁଛି। ତାଙ୍କ ପୋଷାକର ଲାଗିଥିବା ମୋତି ତାଙ୍କ ଲୁକ୍‌କୁ ଆହୁରି ଆକର୍ଷିତ କରିଛି। ହାଲୁକା ମେକଅପ୍ ନେଇ ଅଭିନେତ୍ରୀ ନିଜକୁ ଖୁବ ଭଲଭାବେ ସଜେଇଛନ୍ତି। ରିଦ୍ଧିମା ତାଙ୍କ ପୋଷାକ ସହିତ ମେଳ ଖାଉଥିବା ହାର ଏବଂ କାନଫୁଲ ପିନ୍ଧିଛନ୍ତି। ସେ ତାଙ୍କ ଚୁଟିକୁ ଉପରେ ଠେକା କରି ବାନ୍ଧିଛନ୍ତି। ଏହି ପୋଷାକରେ ରିଦ୍ଧିମା ଗୋଟିଏ ପରେ ଗୋଟିଏ ଦମଦାର ପୋଜ୍ ଦେଉଛନ୍ତି। ଏହି ଫଟୋରେ ଥିବା ତାଙ୍କ ହସ ସମସ୍ତଙ୍କୁ ପାଗଳ କରିଛି। ଏହି ଫଟୋଗୁଡିକ ସେୟାର କରି ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି - 'କାମନାରେ ଭରା, ବିପଦରେ ଭରା।' ଏବେ ପ୍ରଶଂସକମାନେ ତାଙ୍କ ପୋଷ୍ଟରେ ମତ ଦେଇ ରିଦ୍ଧିମାଙ୍କୁ ବହୁତ ପ୍ରଶଂସା କରୁଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି - 'ବ୍ଲାକ୍ ବିୟୁଟି। ଅନ୍ୟ ଜଣେ ଲେଖିଛନ୍ତି - 'ସୁନ୍ଦର। ଆଉ 'ଚମତ୍କାର ଲୁକ୍' ବୋଲି କହିଛନ୍ତି।



# ତମନ୍ନା-ବିଜୟଙ୍କ ବ୍ରେକଅପ

ବଲିଉଡ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ଅଭିନେତା ବିଜୟ ବର୍ମା ପୁଣି ଥରେ ଚର୍ଚ୍ଚାରେ। ୨୦୨୨ରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ବେଳେ ଏବେ ଦୁହେଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ବ୍ରେକଅପ ଖବର ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ରେକଅପ୍ ଖବର ମଧ୍ୟରେ ତମନ୍ନା ଏବଂ ବିଜୟ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କୁହାଯାଉଛି ଯେ, ତମନ୍ନା ଏବଂ ବିଜୟ କିଛି ସପ୍ତାହ ପୂର୍ବରୁ ଅଲଗା ହୋଇଯାଇଥିଲେ। ସେମାନେ ବର୍ତ୍ତମାନ ବ୍ରେକଅପକୁ ନେଇ ନୀରବତା ବଜାୟ ରଖିଛନ୍ତି। ତେବେ ଏହି ଖବର ଶୁଣି ଉଭୟଙ୍କ ପ୍ରଶଂସକମାନେ ବହୁତ ଦୁଃଖିତ, କାରଣ ସେମାନେ ତମନ୍ନା ଏବଂ ବିଜୟଙ୍କ ବିବାହକୁ ଅପେକ୍ଷା କରିଥିଲେ। ଯେଉଁଠାରେ ଦୁହେଁ ଏକାଠି ନଜର ଆସୁଥିଲେ, ସମସ୍ତେ ସେମାନଙ୍କୁ ସେମାନଙ୍କ ବିବାହ ଯୋଜନା ବିଷୟରେ ପଚାରୁଥିଲେ। ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସମ୍ପର୍କ ଭାଙ୍ଗିବା ପରେ ବି ଦୁହେଁ ଭଲ ବନ୍ଧୁ ହୋଇ ରହିବାକୁ ଯୋଜନା କରିଥିବା କୁହାଯାଉଛି।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବିଜୁ ଜନତା ଦଳ ୧୦୯ ତମ ବିଜୁ ପଟ୍ଟନାୟକ ଜନ୍ମ ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ ଜାତୀୟ ଡାକବଙ୍ଗଳା ଠାରେ ବିଜୁ ଜନତା ଦଳର କର୍ମୀମାନେ ଏକତ୍ରିତ ହୋଇ ବିଜୁ ବାବୁଙ୍କ ଫଟୋରେ ପୁଷ୍ପ ପ୍ରଦାନ କରିଥିଲେ। ପରେ ବେତନଟୀ ଡାକ୍ତରଖାନାକୁ ଯାଇ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସନ୍ତୋଷ ଲେଙ୍କା, ବିଜୁ ପ୍ରେମୀ ଛତିଶ ପାତ୍ର, ଜିଲ୍ଲା ପରିଷଦ ଧାନୀ କିସ୍କୁ, ବିଶ୍ୱନାଥ ହେମ୍ବ୍ରମ, ସମିତି ସଭ୍ୟ ଶ୍ରୀଧର ପଣ୍ଡିତ, କିଶୋର ନାୟକ, ମନୋଜ ମୁର୍ମୁ,ସରପଞ୍ଚ ପାନମଣି ମୁର୍ମୁ, ସୁନ୍ଦର ମହୋନ ମହାନ୍ତ, ଲଲାଟେନ୍ଦୁ ବେହେରା, ସନ୍ତୋଷ ଜେନା, ଜ୍ୟୋତି ସାମଲ, ପରେଶ ବେହେରା, ଜ୍ୟୋତିରଞ୍ଜନ ନାୟକ, ରାଜୀବ ସେନାପତି, ଛାତ୍ର ସଭାପତି ମନିସ ଗିରି, ସୌରଭ ପରିଡ଼ା, ଅମର ପଞ୍ଚା, ଡମ୍ବରୁ ମହାନ୍ତ, ଆଶିଷ ବେହେରା, ପବିତ୍ର ପୃଷ୍ଟି, ଚିତ୍ତେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାରକା ବଜାରରେ ବୁଲୁଛି ବଣୁଆ ଦନ୍ତାହାତୀ




ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଏକ ବଣୁଆ ଦନ୍ତାହାତୀ ବିଭିନ୍ନ ବଜାରରେ ପ୍ରବେଶ କରି ଦିନ ତମାମ୍ ବୁଲି ଆତଙ୍କ ସୃଷ୍ଟି କରିଥିଲା। ଏହି ଦନ୍ତାହାତୀଟିକୁ ଘୋଉଡ଼ାଇବା ପାଇଁ ବନ ବିଭାଗ, ଧର୍ମଶାଳା ପୋଲିସ୍ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନାହାନ୍ତି। ଖବର ଲେଖା ହେବା ଯାଏଁ ଏହି ଦନ୍ତା ହାତୀଟି ବ୍ରାହ୍ମଣୀ ନଦୀ ପଠାରେ ଥିବା ବନବିଭାଗ ସୂତ୍ରରୁ ଜଣାଯାଇଛି। ଦନ୍ତା ହାତୀ ଦ୍ୱାରା ବିଶେଷ କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି। ଏହି ହାତୀଟି ଆଜି ସକାଳ ୯ଟା ସମୟରେ ବ୍ରାହ୍ମଣୀ ନଦୀ ପାର ହୋଇ ଭୁବନ ଠାରୁ ଗୋକର୍ଣ୍ଣେଶ୍ୱର ପର୍ଯ୍ୟନ୍ତ ଆସିଥିଲା। ଗୋକର୍ଣ୍ଣେଶ୍ୱର ଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ଜାରକା ବଜାର ଯାଏଁ ଆସି ଶାନ୍ତ ବଜାର ଯାଏଁ ଯାଇଥିଲା। ପୁନଶ୍ଚ ଶାନ୍ତ ବଜାରରୁ ଫେରି କୁମାରୀ ପୋଖରୀରୁ ପାଣି ପିଇ ଚହାଟା ମୌଜା ଦେଇ ବ୍ରାହ୍ମଣି ନଦୀ ପଠା ପଳେଇ ଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ହାତୀଟି ଗତକାଲି ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଅଞ୍ଚଳରୁ ଆସି ଯାଜପୁର ଜିଲ୍ଲାରେ ପ୍ରବେଶ କରି ଆଜି ସକାଳେ ଧର୍ମଶାଳା ଅଞ୍ଚଳର ଭୁବନ ନିକଟରେ ପହଞ୍ଚିଥିଲା। କଟକ ଡ଼ିଏଫ୍ଓ ପି. ଅର୍ଥନ୍ ଓ ବୈରୀ ରେଞ୍ଜର ଅଦୈତ୍ୟ ପ୍ରସାଦ, ଗଡ଼ମଧୁପୁର ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ଓ ଅନ୍ୟାନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖି ହାତୀକୁ ନିକଟକୁ ନଯିବା ପାଇଁ ମାଇକ୍ ଲଗାଇ ପ୍ରଚାର କରିଥିଲେ। ଏହି ବଣୁଆ ହାତୀଟି ୩/୪ଟି ମଟରସାଇକେଲ ତଳେ ପକେଇ ଦେଇଥିବା ବେଳେ ୨/୩ଟି ଦୋକାନକୁ ଟାଣି ଆଣିଥିଲା। ଏଥିରେ ସାଧାରଣ ଜନତାଙ୍କ ବିଶେଷ କ୍ଷୟକ୍ଷତି ହୋଇ ନଥିବା ଜଣାଯାଇଛି। ଏନେଇ ଗତକାଲି ସକାଳ ୯ଟା ଠାରୁ ଆଜି ସକାଳ ୯ଟା ଯାଏଁ ବିଦ୍ୟୁତ୍ ସର୍ବରାହ ବନ୍ଦ ରହିବା ସହ ଜାତୀୟ ରାଜପଥ ମଧ୍ୟ କିଛି ସମୟ ପାଇଁ ବନ୍ଦ କରିଦିଆଯାଇଥିଲା। ଏହି ବଣୁଆ ହାତୀକୁ ଦେଖିବା ପାଇଁ ଶହଶହ ଲୋକଙ୍କ ଗହଳି ଲାଗିରହିଥିଲା। ବ୍ରାହ୍ମଣୀ ନଦୀ ପଠାରେ କିଛି ସମୟ ରହିବା ପରେ ଏହି ହାତୀଟି ରସୁଲପୁର ବ୍ଲକ୍ ବାରବାଟୀ ପଞ୍ଚାୟତ ଅଭିମୁଖେ ଯାଇଥିବା ସୂଚନା ମିଳିଛି।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସରକାର ଶିକ୍ଷାନୁଷ୍ଠାନଗୁଡିକୁ ଦଣ୍ଡମୁକ୍ତ ଘୋଷଣା କରିଥିଲେ ମଧ୍ୟ ଜଣେ ଶିକ୍ଷକଙ୍କ ମାଡ଼ରେ ଜଣେ ୭'ମ ଶ୍ରେଣୀ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ଛାତ୍ରଙ୍କ ବାପା କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନାଗିରି ଜିଲ୍ଲା କାଲିମେଳା ସରକାରୀ ଉଚ୍ଚବିଦ୍ୟାଳୟରେ। ସୂଚନା ଅନୁସାରେ କାଲିମେଳା ହାଇସ୍କୁଲର ସହକାରୀ ଶିକ୍ଷକ ଏମ୍. ରାବଣା ଜଣେ ୭'ମ ଶ୍ରେଣୀ ଛାତ୍ରକୁ କିଛି ଟାସ୍କ ଦେଇଥିଲେ। ହେଲେ ଛାତ୍ର କୌଣସି ଟାସ୍କ ନ କରିବା ସହିତ ଉକ୍ତ ଶିକ୍ଷକଙ୍କୁ ଆକ୍ଷେପ କରି କିଛି କହିବାରୁ ଶିକ୍ଷକ ଜଣଙ୍କ ରାଗରେ ଏକ ବାଡ଼ିରେ ଛାତ୍ରକୁ ନିସ୍ତୁକ ପିଟିଥିବାର ଅଭିଯୋଗ ହୋଇଛି। ଛାତ୍ରର ଶରୀର ସାରା ମାଡ଼ ଚିହ୍ନ ଥିବାବେଳେ ଏ ସମ୍ପର୍କରେ ଆହତ ଛାତ୍ରଙ୍କ ବାପା ସ୍ଥାନୀୟ ଥାନାରେ ଶିକ୍ଷକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଶିକ୍ଷକଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାର ସୂଚନା ମିଳିଛି।

# ବିକଶିତ ଭାରତ ପାଇଁ ବୁଦ୍ଧିଜୀବୀ ସମ୍ମିଳନୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରର କାଳୀପଡିଆ ନିକଟସ୍ଥ ନଗରଭବନ ଠାରେ ବୁଧବାର ଦିନ ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ପକ୍ଷରୁ ୨୦୨୫-୨୬ର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବଜେଟକୁ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ନାହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ. ଫିକର ମୋହନ ନାଏକ, କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ, ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନା ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ ସାଂସଦ ଅନନ୍ତ ନାୟକ ଅବଗତ କରିଥିଲେ। ସେହିପରି ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର ମୋହନ ସରକାରଙ୍କ ଲୋକାଭିମୁଖୀ ବଜେଟର ବିଭିନ୍ନ ଜନ-କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଉପସ୍ଥିତ ବୁଦ୍ଧିଜୀବୀମାନେ ମଧ୍ୟ ନିଜନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସାମାଜିକ ଏବଂ ସଂସ୍କୃତିକ ତଥା ଅନୁଷ୍ଠାନର ପ୍ରତିନିଧି ତଥା ଶିକ୍ଷାବିତ, ଡାକ୍ତର, ଆଇନଜୀବୀ, ଇଞ୍ଜିନିଅର ତଥା ବିଭିନ୍ନ ପ୍ରତିଷ୍ଠାନର ନେତୃତ୍ୱମାନେ ଯୋଗ ଦେଇଥିଲେ।

# ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସଚେତନତା ସଭା




ମୁରିବାହାଲ, (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସମ୍ମାନିତ ଶିଶୁବିକାଶ ବିଭାଗ ତରଫରୁ ମୁରିବାହାଲ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ଦିନ ସୁଭଦ୍ରା, ଯୋଜନା ସମ୍ବନ୍ଧିୟ ଏକ ସଚେତନତା ସଭା ସହ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଛି। ଏହି ପରିପେକ୍ଷୀରେ ମୁରିବାହାଲ ବ୍ଲକ୍‌ର ସୁଭଦ୍ରା ଭଉଣୀ, ସ୍ୱଂୟ ସହାୟତା ଗୋଷ୍ଠୀର ମହିଳା, ଏମବିକେ/ସିଆରପି ଓ ଅଙ୍ଗନୱାଡ଼ି ଏବଂ କେତେକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ମୁରିବାହାଲ ସିଡିପିଓ ପୂର୍ଣ୍ଣିମା ବୈଠାରୁଙ୍କର ସଭାପତିତ୍ୱ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଉକ୍ତ ଯୋଜନାରେ ଉଚିତ୍ର ଥିବା କୌଣସି ମହିଳା ବାଦ ପଡିବେ ନାହିଁ ବୋଲି କହିଥିଲେ। ଏହି ଯୋଜନାର କୌଣସି ଅନ୍ତ ନାହିଁ, ତଥା ମହିଳାମାନେ ସରକାରଙ୍କର ଯୋଜନାରୁ ଲାଭ ଉଠାଇବା ସହ ଆର୍ଥିକ ବିକାଶ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନନିୟ ଅତିଥି ଭାବେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଟ, ବିଧାୟକଙ୍କର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ପ୍ରମୁଖ ଉପସ୍ଥିତ ରହି ୭ଦିନ ଧରି ଚାଲିଥିବା ସୁଭଦ୍ରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହା ପରେ ମୁରିବାହାଲ କଲ୍ୟାଣ ମଣ୍ଡପ ନିକଟରୁ ଏକ ସଚେତନତା ରାଲି ବ୍ଲକ୍ ସମ୍ମୁଖରେ ଆସିଥିଲା। ଉକ୍ତ କାର୍ଯ୍ୟକ୍ରମ ବିନ୍ଦୁ ବିଳାଶିନୀ ଦାସ, ରଜନୀ ଭୋଇ, ବୃନ୍ଦାବତୀ ଟାକ୍ରୀ ସୁଜାତା ନନ୍ଦ ସତ୍ୟବତୀ ବର୍ଗେ, ପଦ୍ମାବତୀ ପରାଭୋଇ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ କୁନି ନାଏକ ଧନ୍ୟବାଦ ଅର୍ପଣ କାରିଥିଲେ।

# ଥଇଥାନ ପରେ ଉଚ୍ଛେଦ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାର ଉଭୟ ପାର୍ଶ୍ୱରେ ଥିବା ଉଠା ଦୋକାନୀମାନଙ୍କୁ ମାର୍ଚ୍ଚ ୧୦ତାରିଖ ସୁଦ୍ଧା ଜାଗା ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଜାଗା ଛାଡ଼ି ସାରିଲା ପରେ ୧୧ ତାରିଖରେ ଉପଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଅଭିଯୋଗ କରିବାକୁ ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ପରେ ବଜାରର ଉତ୍ତରପାର୍ଶ୍ୱରେ ଥିବା କେତେକ ଉଠା ଦୋକାନୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଥଇଥାନ ପରେ ଉଚ୍ଛେଦ କରିବାକୁ ବୁଧବାର ଦାବି ଜଣାଇଛନ୍ତି। ଗୁରୁବାର ସେମାନେ ଡାକ ଯୋଗେ ଜିଲାପାଳଙ୍କୁ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିବା ଜଣାପଡ଼ିଛି। ଦୀର୍ଘଦିନ ହେବ ରାସ୍ତା ପାର୍ଶ୍ୱର ଉଠା ଦୋକାନୀମାନେ ବ୍ୟବସାୟ କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ଗତ ୨୦୨୧ ମସିହାରେ ପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱର ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ନିଆଯିବା ପରେ ଉଠା ଦୋକାନୀ ନାରାୟଣ ନାଥ, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ପ୍ରଶାନକୁ ପକ୍ଷଭୁକ୍ତ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଉଠା ଦୋକାନୀଙ୍କୁ ଥଇଥାନ କରିବା ପରେ ଉଚ୍ଛେଦ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ସେମାନଙ୍କୁ ଥଇଥାନା କରା ନଯାଇ ଉଚ୍ଛେଦ କରାଯାଉଥିବା ସେମାନେ ଅଭିଯୋଗ କରି ପୁନର୍ବାର ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୨୧ ମସିହାରେ ଭଦ୍ରକ ବଜାର ନିୟନ୍ତ୍ରିତ କମିଟି ପକ୍ଷରୁ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନରେ ସେମାନଙ୍କୁ ଥଇଥାନ କରାଯାଇ ନଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଥଇଥାନ ପରେ ସେମାନଙ୍କୁ ଉଚ୍ଛେଦ କରାଯିବାକୁ ନାରାୟଣ ନାଥ, କୃଷ୍ଣଚନ୍ଦ୍ର ପୃଷ୍ଟି, ଲକ୍ଷ୍ମୀଧର ପୃଷ୍ଟି, ମୃତ୍ୟୁଞ୍ଜୟ ନାୟକ, ଚିତ୍ତରଞ୍ଜନ କର, ରତିକାନ୍ତ କର, ଲକ୍ଷ୍ମୀଧର ନାୟକ, ରଘୁନାଥ ନାୟକ, ଜ୍ୟୋତିପ୍ରକାଶ ବେହେରା, ସୟଦ ବୁନ୍ନୁ, ପୀତବାସ ବାରିକ, ମାନସ ସାହୁ, ଅନିକେତ ନାଥ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହାଇକୋର୍ଟରେ ହୋଇଥିବା ମକଦ୍ଦମାର ପ୍ରଶାସନ ପକ୍ଷରୁ ଜବାବ ରଖାଯାଇଛି। ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଉଠା ଦୋକାନୀ ଜାଗା ଛାଡ଼ିବା ସହିତ ୧୧ ତାରିଖରେ ଉଠା ଦୋକାନୀମାନେ ଯାହାର ଯାହା ଅଭିଯୋଗ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରିପାରିବେ। ମାର୍ଚ୍ଚ ୧୨ ତାରିଖରେ ଉପଜିଲ୍ଲାପାଳଙ୍କ ଶୁଣାଣି ପରେ ଯାହା ନିଷ୍ପତ୍ତି ନିଆଯିବ ସେହି ଅନୁସାରେ ପ୍ରଶାସନ ପଦକ୍ଷେପ ନେବ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ ଡାକରା

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆନ୍ଦୋଳନ ପାଇଁ ସଜବାଜ ଆରମ୍ଭ କରିଦେଇଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ। କୋରାପୁଟ ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୩୪୮ଜଣ କାର୍ଯ୍ୟ କରୁଥିବା ବେଳେ ଲାକ୍ଷ୍ମୀପୁର ବ୍ଲକ୍‌ରେ ଅଛନ୍ତି ଛଅଜଣ। ଗତ କାଲି ୧୧ ଦଫା ଦାବି ନେଇ କୋରାପୁଟ ଜିଲ୍ଲାପାଳଙ୍କୁ ସମୂହ ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ଲକ୍ଷ୍ମୀପୁର ବ୍ଲକ୍‌ର କାର୍ଯ୍ୟରତ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ମାନେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ନବକିଶୋର କୁଣ୍ଡୁଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଏଗାର ଦଫା ଦାବି ମଧ୍ୟରେ ମୁଖ୍ୟତଃ ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଭଳି ଦାବି ରହିଛି। ଏନେଇ କର୍ମଚାରୀମାନେ ଚଳିତ ମାସ ତିନି ତାରିଖରୁ ଆଜି ଯାଏଁ କଳା ବ୍ୟାଚ ପିନ୍ଧି କାର୍ଯ୍ୟକରି ଆସୁଛନ୍ତି। ନଅ ତାରିଖ ପର୍ଯ୍ୟନ୍ତ ଯଦି ରାଜ୍ୟ ସରକାର ଆମ ଦାବି ଉପରେ ଦୃଷ୍ଟି ନଦେବେ ତେବେ ସମୂହ ଭୁବନେଶ୍ୱରରେ ଧାରଣା ଦେବୁ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳନ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ ଭଗବାନ ପଣ୍ଡାଙ୍କ ଅଧକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଉଭୟ ବେଗୁନିଆ ଓ ବୋଲଗଡ଼ ବ୍ଲକ୍‌ର ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ବ୍ଲକ୍ ବିଜେଡ଼ି ସଭାପତି ବାନାମ୍ବର ମାଝୀ, ସରପଂଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ, ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ଲାବଣ୍ୟ ଜୟସିଂହ, ରଞ୍ଜିତା ମହାଭୋଇ, ସତ୍ୟ ନାରାୟଣ ପ୍ରଧାନ ଓ ବିଜୁପ୍ରେମି ଯୋଗଦେଇ ଦେଶ ତଥା ଓଡ଼ିଶା ପ୍ରତି ଅନନ୍ୟ ଅବଦାନ ସମ୍ପର୍କରେ ସ୍ମୃତିକୁ ରୋମନ୍ଥନ କରିଥିଲେ। ପ୍ରତିବର୍ଷ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଓ ପଞ୍ଚାୟତରାଜ ଦିବସ ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ପାଳନ ହୋଇ ଆସୁଥିଲା। ଚଳିତବର୍ଷ ବିଜେପି ସରକାର ବିଜୁବାବୁଙ୍କ ଜନ୍ମ ଜୟନ୍ତୀରେ ପଞ୍ଚାୟତରାଜ ଦିବସକୁ ବନ୍ଦ କରି ବିଜୁ ବାବୁଙ୍କୁ ଅସମ୍ମାନ କରିଛି। ଏହାର ପ୍ରତିବାଦରେ ଗୁରୁବାର ଦିନ ସକାଳ ୧୧ ଘଣ୍ଟିକା ସମୟରେ ଉମରକୋଟ ନୂତନ ବସ ଷ୍ଟାଣ୍ଡ ନିକଟରେ ଥିବା ବିଜୁ ଶିଶୁ ଉଦ୍ୟାନ ଠାରେ ବିଜୁବାବୁଙ୍କ ପ୍ରତି ମୂର୍ତ୍ତି ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବରେଇ, ଉମରକୋଟ ପୌର ଅଧକ୍ଷ ରାଧା ଭତ୍ରା, ଉମରକୋଟ ବ୍ଲକ ଅଧକ୍ଷ ସୁଶୀଳା ମାଝୀ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କାର, ପୂର୍ବତନ ରାଇଘର ବ୍ଲକ ଅଧକ୍ଷ ନବୀନା ନାୟକ, ନଗର ସଭାପତି କୈଳାଶ ନାୟକ, କାଉଁସିଲର ତପନ ଦେବନାଥ, ଯୁବ ସଭାପତି ଭିକି ନାୟକ, ବରିଷ୍ଠ ବିଜେଡି ନେତା କାଲୁ ପଣ୍ଡା, ସଲିମ ରାଠୋର, ଚିନା ବାବୁ, ଅଜିତ ପ୍ରଧାନ, ଦେବି ସିଂ ମାଝୀ ସମେତ ବରିଷ୍ଠ, ଯୁବ, ଛାତ୍ର, ମହିଳା କର୍ମକର୍ତ୍ତାମାନେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବୈଷୟିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ସମାରୋହ




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସ ସମାରୋହରେ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଆଇଜିଆଇଟି ନିର୍ଦ୍ଦେଶକ ବିଦ୍ୟାଧର ସାହୁ, ଆଲମୁନି ସଂସ୍ଥା ଉପ ସଭାପତି ପ୍ରଫୁଲ କୁମାର ମଲ୍ଲିକ୍, ସମ୍ପାଦକ ସୁଜିତ କୁମାର ପ୍ରଧାନ ମଞ୍ଚାସିନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥଲେ। ସରାଙ୍ଗ ଠାରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ପରେ ଆଇଜିଆଇଟି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ପ୍ରକଳ୍ପ ଗୁଡ଼ିକୁ ବୁଲି ଅତିଥିମାନେ ପରିଦର୍ଶନ କରିଥିଲେ। ଦୀର୍ଘ ୪୩ବର୍ଷରୁ ଊର୍ଦ୍ଧ୍ୱଦିନର ଏହି ଗ୍ରାମାଞ୍ଚଳରେ ଗଢିଉଠିଥିବା ମହାନ ବୈଷୟିକ ଅନୁଷ୍ଠାନକୁ ଏବଂ ପିଲାମାନଙ୍କର ଅନ୍ତର୍ନିହିତ ଲୁକାୟିତ କଳାକୁ, ପ୍ରାକ୍ଟିକାଲ ଭାବେ ତିଆରି କରିଥିବା ପ୍ରତ୍ୟେକ ପ୍ରକଳ୍ପକୁ ଦେଖି ସମସ୍ତେ ଜଣେ ଜଣେ ବୈଜ୍ଞାନିକ ବୋଲି କହି ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅନୁଷ୍ଠାନରେ ପନ୍ଦରଗୋଟିରୁ ଊର୍ଦ୍ଧ୍ୱ ବିଷୟରେ ପାଠ୍ୟକ୍ରମ ରହିଥିବା ବେଳେ ଅନ୍ୟ ସବୁପ୍ରକାର ଶିକ୍ଷାର୍ଥୀଙ୍କ ପାଇଁ ସୁବିଧା ସୁଯୋଗ ରହିଅଛି। ଏହା ଏକ ବଡ଼ ଅନୁଷ୍ଠାନ ହୋଇଥିବା ବେଳେ ଏହାର କିଛି ଅଭାବ ଥିବା ଆବଶ୍ୟକତାକୁ ଅନୁଭବ କରି ମନ୍ତ୍ରୀ କହିଥିଲେ କି, ଅନୁଷ୍ଠାନକୁ ୟୁନିଭର୍ସିଟି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଏହାର ସମ୍ପୂର୍ଣ୍ଣ ବିକାଶ ପାଇଁ କାମ କରିବେ। ଜାତୀୟ ସ୍ତରରେ ମାନ୍ୟତା ପାଇଁ, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଜାତୀୟ ଶିକ୍ଷାନୀତି ମାନ୍ୟତା ଉପରେ ଗୁରୁତ୍ୱ ଦିଆଯାଇ ଯୁବକମାନଙ୍କୁ ଉଦ୍ୟୋଗୀ କରାଯିବା ପାଇଁ ଦକ୍ଷତାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ ଦାୟିତ୍ୱ ଅନୁଷ୍ଠାନର ଇଲେକ୍ଟ୍ରିକାଲ ବିଭାଗ ତୃତୀୟ ବର୍ଷ ଛାତ୍ରୀ ଅଭିଲିପ୍ସା ରଥ ନିର୍ବାହ କରିଥିବା ବେଳେ, ପରିଶେଷରେ ଆଲମୁନିର ସମ୍ପାଦକ ସୁଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳକୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣ ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ଶଶିରେଖା ମଲ୍ଲିକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁଚରଣ ପାତ୍ର ମୁଖ୍ୟବକ୍ତା, ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଲାଞ୍ଜିଆ ପ୍ରଧାନ ସମ୍ମାନୀତ ଅତିଥି ରୂପେ, ଶିକ୍ଷୟତ୍ରୀ ନମିତା କୁମାରୀ ମହାରଣା, ଗୁଣ୍ଡବନ୍ଧ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ, ବାଘଝରୀ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ଆଚାରୀ, ବୋଦାଲୁଣ୍ଡି ପ୍ରଧାନ ଶିକ୍ଷୟତ୍ରୀ ମହାଲକ୍ଷ୍ମୀ କର, କୁମ୍ଭଝରି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଙ୍ଗୀତା ପାତ୍ର ଏବଂ ଜୁଗୁଡ଼ି ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମଲ୍ଲିକ, ନବୀନ ପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ମାନେ ନିଜନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଶଶିରେଖା ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ରାମ ମୋହନ ପତି, ରମେଶ ଚନ୍ଦ୍ର ସେନାପତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଟୁନା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମ ଚରଣ ଗୌଡ଼, ସୁଧାକର ସାହୁ, ଦାମୋଦର ପୁଝାରୀ, ଡି ମହେନ୍ଦ୍ର, ଜୟନ୍ତୀ ଗୌଡ଼ ଓ ଜ୍ୟୋତ୍ସ୍ନା ଗୌଡ଼ ସହଯୋଗ କରିବା ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ।

# ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ମୟୂରଭଞ୍ଜ ଦ୍ୱାରା ଆୟୋଜିତ ତିନିଦିନିଆ ଅଣଆବାସିକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ୩ ମାର୍ଚ୍ଚରୁ ଆରମ୍ଭ ହୋଇ ୫ ମାର୍ଚ୍ଚ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମହାରାଣୀ ତକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ମୋଟ ୧୦୪ ଜଣ ମହିଳା ଆଂଶିକ ସମୟ ଶିକ୍ଷକ (ଶାରୀରିକ), ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ୮ଜଣ ପ୍ରଶିକ୍ଷାର୍ଥୀ (ସାଧନ କର୍ମୀ) ୧୫ ରୁ ଅଧିକ ଆତ୍ମରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଯୋଗ ଦେଇ ଅଂଶଗ୍ରହଣକାରୀଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଓ ଏହାଦ୍ୱାରା ନିଜକୁ କୌଣସି ବିପତ୍ତିରୁ ରକ୍ଷା କରିପାରିବେ, ତାହା ଆଲୋକପାତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଓ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ଏହି ଆତ୍ମରକ୍ଷା ତାଲିମ ବିଦ୍ୟାଳୟସ୍ତରରେ ଛାତ୍ରୀମାନଙ୍କୁ ଉନ୍ନତ କୌଶଳ ମାଧ୍ୟମରେ ଦିଆଯାଇପାରିବ ଏବଂ ପ୍ରଶିକ୍ଷଣ ଲାଭ କରିଥିବା ଶିକ୍ଷକମାନେ ବିଦ୍ୟାଳୟ ସ୍ତରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କର୍ମଚାରୀ ଏବଂ ମହାରାଣୀ ତକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସଦର ମହାକୁମା ବୁଧବାର ଦିନ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଣ୍ଟାବାଞ୍ଜି ବିଜେଡି କାର୍ଯ୍ୟାଳୟଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ନିରୁପମା ମାଝୀ ଓ ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା। ପ୍ରଥମେ କଣ୍ଟାବାଞ୍ଜି ହସ୍ପିଟାଲ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିସାରିଲା ପରେ କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାକୁ ଦିଲ୍ଲୀପ ପୃଷ୍ଟି ପରିଚାଳନା କରିଥିଲେ। ମୂଖ୍ୟ ଅତିଥି ରୂପେ ପୂର୍ବତନ ମୁରିବାହାଲ ବ୍ଲକ ଅଧକ୍ଷ ହଂସରାଜ୍ ଜୈନ, ସମ୍ମାନୀତ ଅତିଥି ରୂପେ ମିଥିଳା ମାଝୀ, ଉଦ୍ଧବ ବେହେରା, ଧନଞ୍ଜୟ ମହାନନ୍ଦ, ଉମାକାନ୍ତ ସାହୁ, ଆଶାଦୂଲ୍ଲା ଖାଁ, ସୁମନ ସେଠ୍, କାର୍ତ୍ତିକ ତାଣ୍ଡି, ତ୍ରିନାଥ ମାଝୀ, ପିଣ୍ଟୁ ଦୀପ, ତପନ ଦୀପ, ବରୁଣ ଲୁହା, ତପନ ବୋଏ, ଜଳନ୍ଧର ମହାନନ୍ଦ ଏବଂ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ମହାସମାରୋହରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଗତ ଫେବୃଆରୀ ୨୭ତାରିଖରୁ ଆରମ୍ଭ ହୋଇଥିବା ସୁସ୍ଥ ଆହାର, ସୁସ୍ଥ ଜୀବନ ଓ ସୁସ୍ଥ ଭାରତ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆଜି ଏହା ଉଦ୍‌ଯାପିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୋଷ୍ଟର ଓ ଲିଫ୍ଲେଟ୍ ମାଧ୍ୟମରେ ଜୀବନଶୈଳୀ ପରିବର୍ତ୍ତନ କରି କିପରି ଅଣ ସଂକ୍ରାମକ ରୋଗରୁ ରକ୍ଷା ପାଇବା, ତମାଖୁ ସେବନର ଭୟାବହତା ଓ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ଆଦି ବିଷୟ ପ୍ରଦର୍ଶିତ ହେଉଛି। ଏହି ସଚେତନତା କାର୍ଯ୍ୟକ୍ରମ ଡିନ ଏବଂ ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ଚିନ୍ମୟୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ଡାକ୍ତରଖାନା ନିରୀକ୍ଷକ ପ୍ରଫେସର ଡକ୍ଟର ମହେନ୍ଦ୍ର ନାୟକଙ୍କ ପୂର୍ଣ୍ଣ ସହଯୋଗ ରହିଛି। ଏକାଉଣ୍ଟ ଅଫିସର ରାଜେନ୍ଦ୍ର କୁମାର ଜେନା, ଚିକିତ୍ସାଳୟ ପରିଚାଳକ ରାଜା ପ୍ରଧାନ, କାର୍ଯ୍ୟମାନ ମହାନ୍ତ, ସୁନୀଲ ସିଂ, ଟେଟାଲୀ ମିଶ୍ରଙ୍କ ସମେତ ନର୍ସିଂ ଅଫିସର, ଫାର୍ମାସି ଅଫିସର ଓ ସମସ୍ତ ହେଲ୍ପ ଡେସ୍କ କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରୁଛନ୍ତି।

# ଜିଲ୍ଲା ଦକ୍ଷତା ବିକାଶ ମିଶନ ଏବଂ ଜିଲ୍ଲା ଦକ୍ଷତା କମିଟିର ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଦକ୍ଷତା ବିକାଶ ମିଶନ ଏବଂ ଜିଲ୍ଲା ଦକ୍ଷତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ସିଡିଓ, ଡିଏସଡବ୍ଲ୍ୟୁ, ସିଡିପିଓ, ଡିଏଫଓ, ଡିଆଇପିଆରଓ, ଓରମାସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଆଇଟିଆଇ ଏବଂ ପୋଲିଟେକ୍ନିକ୍ ଅଧ୍ୟକ୍ଷ, ଟ୍ରେନିଂ ପ୍ରଦାନକାରୀ ସଂସ୍ଥା ଗାୟତ୍ରୀ ଏଡୁକେସନ ଏଣ୍ଡ ଚାରିଟେବୁଲ, ଓରିକ୍ସ ସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ ବୈଠକ ୨୦୨୪-୨୫ ଆର୍ଥିକ ବର୍ଷରେ ନିଆଯାଇଥିବା ବିଭିନ୍ନ ନିଯୁକ୍ତି ସମ୍ବନ୍ଧିୟ ପଦକ୍ଷେପ, ତାଲିମ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ତ୍ତମାନ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଥିବା ଯୁବକଯୁବତୀ ଯେଉଁଳି ନିଯୁକ୍ତି ସଂସ୍ଥାରେ ଦୀର୍ଘଦିନ ଧରି କାର୍ଯ୍ୟ କରିବେ, ଜିଲ୍ଲାରୁ ଅଧିକରୁ ଅଧିକ କର୍ମସଂସ୍ଥାନ ପାଇବେ ସେଥିପାଇଁ ଆବଶ୍ୟକ ତାଲିମ ନେବାକୁ ଓ ଯୁବକଯୁବତୀମାନଙ୍କୁ ପ୍ରୋତ୍ସାହନ ମୂଳକ ପରାମର୍ଶ ଓ କାଉନସେଲିଂ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦେଲେ। ଜିଲ୍ଲା ନିଯୋଜନ ଅଧିକାରୀ ପିପିଟି (ଏଲଇଡି ସ୍କ୍ରିନ୍) ମାଧ୍ୟମରେ ନାନୋ ୟୁନିକୋର୍ନ ଏସେସମେଣ୍ଟ, ପିଏଲ୍ ଟିପି, ପିଏମ ଇଣ୍ଟର୍ନସିପ, ନୂଆ ଓଡ଼ିଶା, ୪.୦ସ୍କିଲିଂ ପ୍ରୋଗ୍ରାମ, ଜାପାନରେ ନର୍ସିଂ ନିଯୁକ୍ତି, ୱାର୍ଲ୍ଡ ସ୍କିଲ ସେଣ୍ଟରରେ ତାଲିମ, ଜବ୍ ଡ୍ରାଇଭ୍ ଉପରେ ସବିଶେଷ ତଥ୍ୟ ଦେଇଥିଲେ। ନଭେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ମଧ୍ୟରେ ଜିଲ୍ଲାରେ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଦ୍ୱାରା ୧୬୧ଜଣ ନିଯୁକ୍ତି ପାଇଥିବା ଗୃହରେ ସୂଚନା ଦିଆଯାଇଥିଲା। ଗାୟତ୍ରୀ ଏଡୁକେସନାଲ ଏବଂ ଚାରିଟେବୁଲ ସଂସ୍ଥା ଦ୍ୱାରା ନବରଙ୍ଗପୁର ଓ ଉମରକୋଟ କାରାଗାରରେ ଏଲଇଡି ବେକିଂ, ଜାମ୍, ରାଜଗର ଓ ଉମରକୋଟ ଆଇଟିଆଇ ଠାରେ ସୋଲାର ପ୍ୟାନେଲ ଏବଂ ମୋବାଇଲ ହାର୍ଡୱେର ମରାମତି ଉପରେ ତାଲିମ ଦିଆଯିବ। ସେଭଳି ଓରିକସ୍ ସଂସ୍ଥା ପକ୍ଷରୁ ମଧ୍ୟ ତାଲିମ ପ୍ରଦାନ କରାଯିବ। ଗ୍ଲୋବାଲ ଫ୍ଲାଇଟ୍ ହାଣ୍ଡଲିଁ ସର୍ଭିସ ତରଫରୁ ନବରଙ୍ଗପୁର ଜିଲ୍ଲାର ଜଣେ ଝିଅ ଅଲିଭା ଦୀନବନ୍ଧୁ ମନୋନୀତ ହୋଇ ଚେନ୍ନାଇରେ ତାଲିମ ନେଉଛନ୍ତି ଏବଂ ଅତିଶିଘ୍ର ଏଭିଏସନ କ୍ଷେତ୍ରରେ ନିଯୁକ୍ତି ମିଳିବ। ଆସନ୍ତା ୧୯ ତାରିଖ ଦିନ ସ୍ଥାନୀୟ ଆର୍‌ସିଡି ହାଇସ୍କୁଲ୍ ପଡିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ ଏବଂ ଏଥିରେ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥା ମେଡିପ୍ଲସ, ଜି-୪ ସିକ୍ୟୁରିଟୀ, ମୁଥୁଟ ଫାଇନାନ୍ସ, ଶ୍ରୀରାମ ଫାଇନାନ୍ସ, ଉତ୍କର୍ଷ ଫାଇନାନ୍ସ, ସୁରକ୍ଷା ସ୍ୱାସ୍ଥ୍ୟବୀମା ଏମ ଆର୍ ଏଲ ଜୁଏଲ ଏବଂ ଅନ୍ୟାନ୍ୟ ଘରୋଇ ସଂସ୍ଥା ଯୋଗ ଦେବେ। ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଜିଲ୍ଲାରୁ ପଞ୍ଚାୟତ ସ୍ତରରୁ ଯେଉଁଳି ଅଧିକରୁ ଅଧିକ ଯୁବକଯୁବତୀ ତାଲିମ ପାଇ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥାରେ କର୍ମସଂସ୍ଥାନ ପାଇପାରିବେ ତା ଉପରେ ସମସ୍ତେ ବିଶେଷ କରି ପିଆର୍‌ଆଇ ସଭ୍ୟଙ୍କୁ ଅନ୍ତର୍ଭୁକ୍ତ କରି କାର୍ଯ୍ୟ କରିବାକୁ ମତ ଦେଇଥିଲେ।

# ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଶ୍ରାଦ୍ଧୋତ୍ସବ





ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ନବରସରର ନାୟକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୩୪ତମ ଶ୍ରାଦ୍ଧୋତ୍ସବ ଆଜି ସ୍ଥାନୀୟ ସମଙ୍ଗ ସ୍ଥିତ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ସ୍ମୃତି ପରିଷଦ ପକ୍ଷରୁ କର୍ମକର୍ତ୍ତାମାନେ ସମଙ୍ଗସ୍ଥିତ ଛକଠାରେ ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ଯେଉଁ କେତେଜଣ କଳାକାର ସେମାନଙ୍କ ନିଖୁଣ ଅଭିନୟ ଜରିଆରେ ଦର୍ଶକମାନଙ୍କ ମନରେ ସ୍ମରଣୀୟ ହୋଇ ରହିଛନ୍ତି। ସେମିତି ଜଣେ ଅଭିନେତା ଥିଲେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ। ମୁଖ୍ୟବକ୍ତା ଭାବେ ଇଂ ଆଶୁତୋଷ ମହାପାତ୍ର ଆଲୋଚନାରେ ଭାଗନେଇ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୀତ ନାଟକ ସହିଦ ବୀର, ସାବତମାଆ, ଦଳବେହେରା, ଆଲେକ୍‌ଜାଣ୍ଡର, ଭକ୍ତ ମହିଷାସୁରଓ ଯୋଗଜନ୍ମା ରାବଣରେ ସେ ଯେଉଁ ଉତ୍କୃଷ୍ଟ ଅଭିନୟ କରି ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି ତାହା ସବୁଦିନ ପାଇଁ ମନେରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ରାଉତରାୟ, ଅଜୟ ଗୋଛାୟତ, ଶିକ୍ଷାବିତ୍ ସରୋଜ ମହାପାତ୍ର, ସମ୍ବାଦିକ ଜ୍ୟୋତିରଞ୍ଜନ ପରିଡା, ସାମାଜସେବୀ ବିଜନ ମହାପାତ୍ର, ଶିକ୍ଷକ କଲ୍ୟାଣ ମହାପାତ୍ର ଓ ସ୍ମୃତି ପରିଷଦର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ନାଟ୍ୟଶ୍ରୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ନାଟ୍ୟଶ୍ରୀଙ୍କ ସୁଯୋଗ୍ୟପୁତ୍ର ତପନ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ତଲାସୀ ବେଳେ ମାଓ ସାମଗ୍ରୀ ଜବତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସୂଚନା ଅନୁଯାଇ ଛତିଶଗଡର ଗରୀୟାବନ୍ଦ ଜିଲ୍ଲା ତୋଠାଝରୀୟ ଏବଂ ମନ୍ଦାଗିରି ପାହାଡିଆ ଅଞ୍ଚଳରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏଠାରେ ଏକତ୍ରିତ ହୋଇ ଯୋଜନା କରୁଥିବା ଖବର ମିଳିଥିଲା। ଫଳରେ ଜିଲ୍ଲାରୁ ଏସଟିଏଫ-୩୦, କୋବ୍ରା ୨୦୭ ବାହିନୀ ଏବଂ ଡିଆରଜିର ଏକ ମିଳିତ ଦଳ ତୋଠାଝରୀୟ ଏବଂ ମନ୍ଦାଗିରି ପାହାଡିଆ ଅଞ୍ଚଳରେ ପହଞ୍ଚି ତାଲାସୀ ଅଭିଯାନ ଆରମ୍ଭ କରିଥିଲେ। ମାଓବାଦୀ ମାନେ ସୁରକ୍ଷାକର୍ମୀଙ୍କୁ ଦେଖି ଘଞ୍ଚ ଜଙ୍ଗଲ ଆଡ଼ରେ ମାଓବାଦୀମାନେ ସେଠାରୁ ଲୁଚି ପଳାଇ ଯାଇଥିଲେ। ସୁରକ୍ଷାକର୍ମୀମାନେ ଜଙ୍ଗଲରେ ତଲାସୀ ବେଳେ ମାଓ ସାମଗ୍ରୀ ଜବତ କରିଥିଲେ। ଜବତ ମାଓ ସାମଗ୍ରୀ ମଧ୍ୟରେ ମାଓ ପୋଷାକ, ମାଓ ସାହିତ୍ୟ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରିଥିଲେ ସୁରକ୍ଷାକର୍ମୀ।

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ବୈଠକ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସାଙ୍ଗଠନିକ ବୈଠକ ଢେଙ୍କାନାଳ ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ରାଜ୍ୟ ମହାସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡଃ ନାରାୟଣ ମହାନ୍ତି ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଡ. ଦୀନେଶ ପଟ୍ଟନାୟକ ମୁଖ୍ୟ ଅତିଥି ଓ ପ୍ରଫେସର ଡ. ଦେବରାଜ ପରିଚ୍ଛା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରୁ ଶତାଧିକ ଅଧ୍ୟାପକଅଧ୍ୟାପିକା ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନବର୍ଗର ଶିକ୍ଷକ ଓ ଅଧ୍ୟାପକଙ୍କ ସମସ୍ୟା ଉପରେ ଆଲୋଚନା ହୋଇ ବିଶେଷ ଭାବରେ ୬୬୨ ବର୍ଗ ମହାବିଦ୍ୟାଳୟ ସମୂହର ସମସ୍ୟାକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ସେମାନଙ୍କର ଅବସର କାଳୀନ ପ୍ରାପ୍ୟ ଦାବୀ ଓ ସମାନ କାମକୁ ସମାନ ଦରମା ସମସ୍ୟା ଯୁକ୍ତିର ପ୍ରସଙ୍ଗିକତା ସମସ୍ତେ ଅନୁଭବ କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ସରକାର ତୁରନ୍ତ ଉକ୍ତ ସମସ୍ୟା ସବୁ ସମାଧାନ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରାଯାଇଥିଲା। ସମସ୍ୟା ପୂରଣ ନହେଲେ ସାରା ରାଜ୍ୟରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଅନୁଷ୍ଠିତ ହୋଇଥିବା ବୈଠକରେ ସାଙ୍ଗଠନିକ ଆଲୋଚନା କରାଯାଇ ଜିଲ୍ଲା କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ସାଂନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସମୀର କୁମାର ସାହୁ, ଉପସଭାପତି ଭାବେ ଗୁନେଇବିଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ରାଉତ, ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ସହ ସମ୍ପାଦକ ଭାବେ ପାରିମଳ ମହା-ବିଦ୍ୟାଳୟର ଅଧ୍ୟାପକ ଚିତ ରଞ୍ଜନ ରାଉତ ଓ କୋଷାଧ୍ୟକ୍ଷ ଭାବେ ସାଆନ୍ଦା ମହାବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦେହୁରୀଙ୍କୁ ମନୋନୀତ କରାଯାଇଥିବାବେଳେ ନିକଟ ଭବିଷ୍ୟତରେ ପୂର୍ଣ୍ଣାଙ୍ଗ କମିଟି ତିଆରି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ସିମିନଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ବାରିକ, ଅଧ୍ୟାପକ ପ୍ୟାରୀ ମୋହନ ଖିଲାର, କବିତା ମହାନ୍ତି, ବିନୋଦ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାନ୍ଧ୍ୟ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପକ ଧନ୍ୟବାଦ ଜ୍ଞାପନ କରିବା ସହିତ ସଭାସାଙ୍ଗ ହୋଇଥିଲା।

# ପାନୀୟ ଜଳ ସମସ୍ୟା ନେଇ ଦୁଇଘଣ୍ଟା ରାସ୍ତା ଅବରୋଧ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଯାଇଥିବା ବ୍ଲକ ରାସ୍ତାଟି ହେଉଛି ଜନସାଧାରଣଙ୍କ ପ୍ରମୁଖ ରାସ୍ତା। କାରଣ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ରହିଥିବା ବେଳେ ବ୍ଲକ କାର୍ଯ୍ୟାଳୟ, ମେଡିକାଲ, ସ୍କୁଲ, କଲେଜ, ଅଗ୍ନିଶମ ବିଭାଗ, କୃଷି କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଇଲେକ୍ଟ୍ରି ସମେତ ଅନେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଏହି ରାସ୍ତାରେ ବଜାରକୁ ଲାଗି ହରିଜନ ସାହି ଓ ହନୁମାନ ସାହି ରହିଥିବା ବେଳେ, ବର୍ତ୍ତମାନ ଏହି ସାହିର ବସ୍ତିବାସିନ୍ଦାମାନେ ୮-୧୦ ଧରି ପାନୀୟ ଜଳ ପାଇଁ ତହଳ ବିକଳ ହେଉଛନ୍ତି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହିଥିବା ପାଣି ଟାଙ୍କିରୁ ବିଭିନ୍ନ ସାହି ବସ୍ତିମାନଙ୍କୁ ପାଣି ସପ୍ଲାଇ ଦିଆଯାଇଥିଲେ ମଧ୍ୟ ଶେଷ ମୁଣ୍ଡରେ ସାହି ଦୁଇଟି ରହୁଥିବାରୁ ସଠିକ୍ ଭାବେ ପାଣି ନପାଇ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବାରମ୍ବାର ହରିଜନ ସାହି ବସ୍ତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ଗୁରୁବାର ଗରା, ବାଲଟି ଧରି ସାହିର ମହିଳାମାନେ ବ୍ଲକ୍ ରାସ୍ତାକୁ ସକାଳ ୭ ଟାରୁ ୯ଟା ପର୍ଯ୍ୟନ୍ତ ପ୍ରାୟ ୨ଘଣ୍ଟା ଧରି ଅବରୋଧ କରିଥିଲେ। ଯାହାଫଳରେ ଜନସାଧାରଣ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଖବର ପାଇ ବ୍ଲକ ବିଡ଼ିଓ ସୌଭାଗ୍ୟ ବେହେରା ଓ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବିରଜା ଦାସ ପହଞ୍ଚି ଉତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରିଥିଲେ। ଉଭୟ ସାହିକୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ପାଇବା ପରେ ମହିଳାମାନେ ରାସ୍ତାରୁ ଓହରିଥିଲେ।

# ପଞ୍ଚାୟତିରାଜ ଦିବସ ପାଳିତ ନହେବାରୁ ବିଜେଡିର ପ୍ରତିବାଦ ସଭା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ଛକ ଶନିମନ୍ଦିର ପାର୍ଶ୍ୱରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୫ ତାରିଖ ବିଜୁଜୟନ୍ତୀକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରା ନଯିବା ବିରୋଧରେ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ବିଧାୟକ ସଞ୍ଜିବ ମଲ୍ଲିକ, ଦଳର ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଦଳର ସ୍ଥାନୀୟ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତି ଏଭଳି ନିଷ୍ପତ୍ତି ଅପମାନଜନକ ବୋଲି ମତ ରଖିବା ସହ ସରକାର ଓ ବିଜେପି ଦଳକୁ ଏଥିପାଇଁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ନେତା ବିରେନ୍ଦ୍ର କୁମାର ନାୟକ, ସରପଞ୍ଚ ଅମୂଲ୍ୟ କୁମାର ନାୟକ, ଲାଲା ସ୍ୱାଇଁ, ସତ୍ୟସାଧନ ବେଜ, ଜଗତଜୀବନ ବାରିକ ପ୍ରମୁଖ ଓଡିଶାବାସୀ ବିଜେପିକୁ ଏଥିପାଇଁ ଶିକ୍ଷା ଦେବେ ବୋଲି ଚେତାଇ ଦେଇଥିଲେ। ଦଳୀୟ ନେତା ସତ୍ୟାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଛାମୁଆ ନେତା ଓ କର୍ମୀମାନେ ଏହି ପ୍ରତିବାଦ ସଭାରେ ଯୋଗ ଦେଇଥିଲେ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଥାନା ଘେରାଉ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବିଜେଡି ପକ୍ଷରୁ ଆଳି ଥାନା ଘେରାଉ କରାଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଦେମାଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାହାରି ଥାନା ନିକଟରେ ପହଞ୍ଚି ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ପ୍ରତିବାଦ ସଭା କରିଥିଲେ। ଏଥିରେ ବିଧାୟକ ଦେବଙ୍କ ସହିତ ଆଳି ବ୍ଲକ ଚେୟାରମ୍ୟାନ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଦଶରଥ ମଲିକ, ଦେବେନ୍ଦ୍ର ନାୟକ, ଦୀପକ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ପ୍ରମୁଖ ପୋଲିସକୁ କଟୁ ସମାଲୋଚନା କରିବା ସହିତ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମଲିପଦର ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ବିଡ଼ିଓ ଲକ୍ଷ୍ମୀଧର ସାହୁ,ସମିତି ସଭ୍ୟା ମାମା ନାଏକ, ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା, ସୁବାସ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଭାଇଚାରା ଓ ଐକ୍ୟତାକୁ ସୁଦୃଢ଼ କରିଥାଏ ବୋଲି ମତ ପ୍ରକାଶ କରିବା ସହ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାର ପ୍ରାରମ୍ଭରେ ଶିକ୍ଷକ ଶ୍ରୀକାନ୍ତ ନାୟକ ସଂଯୋଜନା ଓ ସଦସ୍ୟ ମୃତ୍ୟୁଞ୍ଜୟ ପଣ୍ଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏବିସିଡି ଡ୍ୟାନସ ଗ୍ରୁପ, ବରଗଡ଼ ଉପାୟ ସାଂସ୍କୃତିକ ଅନୁଷ୍ଠାନ ଓ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଏସ୍‌ୟୁଜେର ସାଙ୍ଗଠନିକ ବୈଠକ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ରାଜ୍ୟ ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା କମିଟିର ପ୍ରଥମ ସାଙ୍ଗଠନିକ ବୈଠକ ସମଙ୍ଗ ସ୍ଥିତ ଆର୍ତ୍ତବନ୍ଧୁ ସ୍ମୃତି ପରିଷଦ ସଭାଗୃହରେ ଏସୟୁଜେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରୁ କୋଡ଼ିଏରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ଏସୟୁଜେର ଆଭିମୁଖ୍ୟ ଏବଂ ଜଗତସିଂହପୁର ଜିଲ୍ଲାରେ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ବ୍ଲକ କମିଟିକୁ କ୍ରିୟାଶୀଳ କରାଯିବ। ଆସନ୍ତା ମାର୍ଚ୍ଚ ୨୩ ତାରିଖରେ ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ସାଙ୍ଗଠନିକ ସମ୍ମିଳନୀ ଓ ବନ୍ଧୁମିଳନ ଏବଂ ପ୍ରତ୍ୟେକ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଏହି ସାଙ୍ଗଠନିକ ବୈଠକରେ ଲୋକନାଥ ସାହୁ, କଲ୍ୟାଣ ସେନ, ରଞ୍ଜନ କୁମାର ଲେଙ୍କା, ଜମେଶ ଚନ୍ଦ୍ର ଗଛାୟତ, ଈଶ୍ୱର ଚନ୍ଦ୍ର ଦାସ, ଧନଞ୍ଜୟ ମଲ୍ଲିକ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ପ୍ରଭାତ କୁମାର ମହାନ୍ତି, ଅମୁଲ୍ୟ ବେହେରା, ଶିବଦତ୍ତ ଭାରତୀ, ସରୋଜ ପରିଡା, ଚନ୍ଦନ ପରିଜା, ଅକ୍ଷୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଟାଙ୍ଗୀର ଲାଇନ୍‌ମ୍ୟାନ ଦିଲ୍ଲୀରେ ସମ୍ବର୍ଦ୍ଧିତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ବିଦ୍ୟୁତ ବିଭାଗର ଲାଇନ୍-ମ୍ୟାନ ଦିବସରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଡିଭିଜନର ଟାଙ୍ଗୀ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଟାଙ୍ଗୀର ଲାଇନ୍-ମ୍ୟାନ ଲଡୁ କିଶୋର ପ୍ରଧାନଙ୍କୁ ଦିଲ୍ଲୀରେ (କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ) ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଟାଙ୍ଗୀ ବିଦ୍ୟୁତ ବିଭାଗ ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ଲାଇନ୍-ମ୍ୟାନ ଲଡୁ କିଶୋର ପ୍ରଧାନ ନିଜର ଅତ୍ୟାଧୁନିକ ଜ୍ଞାନ କୌଶଳ, କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ କର୍ମଚାରୀମାନଙ୍କ ସୁରକ୍ଷା ସହିତ ଟିପିସିଓଡିଏଲ୍ କମ୍ପାନୀର କ୍ଷତିରେ ରୋକ୍ ଲଗାଇବାରେ ସଫଳତା ଯୋଗୁଁ ତାଙ୍କୁ ଏଭଳି ସମ୍ବର୍ଦ୍ଧନା ଦିଆଯାଇଛି। ବାଲୁଗାଁ ବିଭାଗ ଡିଭିଜନ ତରଫରୁ ଟିପିସିଓଡିଏଲ୍ ର ସୁରକ୍ଷା ମୁଖ୍ୟ ରାଜେଶ ପ୍ରହଲ୍ଲାଦ ଶର୍ମାଙ୍କୁ ଏବଂ ସୁରକ୍ଷାର ସମସ୍ତ ଟିମ୍‌କୁ ଟାଙ୍ଗୀ ବିଦ୍ୟୁତ ବିଭାଗର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଟାଙ୍ଗୀ ବିଦ୍ୟୁତ ବିଭାଗ ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ଲାଇନ୍-ମ୍ୟାନ ଲଡୁ କିଶୋର ପ୍ରଧାନଙ୍କ ଏହି ସଫଳତା ସାରା ଓଡ଼ିଶା ବିଶେଷକରି ଟାଙ୍ଗୀ ବିଦ୍ୟୁତ ବିଭାଗ ଟିପିସିଓଡିଏଲ୍ ଉଚ୍ଚ ପ୍ରଶଂସିତ ହୋଇପାରିଛି। ସେଥିପାଇଁ ବାଲୁଗାଁ ବିଦ୍ୟୁତ ବିଭାଗ ଡିଭିଜନର ଏକ୍ସକ୍ୟୁଟିଭ୍ ଇଂଜିନିୟର ଶିବପ୍ରସାଦ ବଳିଆରସିଂ, ଏସ୍-ଡିଓ (ଟାଙ୍ଗୀ) ଅଜିତ ମହାପାତ୍ର, ଜୁନିୟର ଇଂଜିନିୟର (ଟାଙ୍ଗୀ) ଭୂପେନ କର ଓ ଟାଙ୍ଗୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ସଫଳ ଲାଇନ୍-ମ୍ୟାନ ଲଡୁ କିଶୋର ପ୍ରଧାନଙ୍କୁ ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ଟାଙ୍ଗୀ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ହରିପୁର ଗ୍ରାମର ଶ୍ରୀ ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଯଥାରୀତି ଅନୁସାରେ ଶ୍ରୀ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କୁ ସାହାପୁର ଛକରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ସାହାପୁର ଗ୍ରାମକୁ ନିଆଯାଇଥିଲା। ସେଠାରେ ବିଧାୟକ ଡ. ଶ୍ରୀ ହନୁମାନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାୟକ ଡ.ରାୟଙ୍କ ସହିତ ପୂର୍ବତନ ସରପଞ୍ଚ ଶଶିକାନ୍ତ ବିଶ୍ୱାଳ ଓ ବଳଭଦ୍ର ମାଠ, ଜିଲାପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ଗ୍ରାମବାସୀ ଦୁଃଶାସନ ପାଢ଼ୀ, ଆନନ୍ଦ ପାଢ଼ୀ, ସନାତନ ମଲ୍ଲିକ, ସୁରେନ୍ଦ୍ର ପାଢ଼ୀ, ଅଭୟ ମଲ୍ଲିକ, ସୀତାକାନ୍ତ ରାଉତ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ସଦର ପଞ୍ଚାୟତ ଦକ୍ଷିଣବାଡ ବଣସାହି ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ କହରାପୋଖରୀ ସତସଙ୍ଗବିହାର ପୋଖରୀରୁ ଜଳଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ମା' ଚେକା ସାଆନ୍ତାଣି ମନ୍ଦିର ନିକଟକୁ ଆସିଥିଲେ। ସେଠାରେ ମଣ୍ଡଳ ପ୍ରସ୍ତୁତ କରାଯାଇ ଦେବତା ଆବାହନ, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନିସ୍ଥାପନ, ମହାସ୍ନାନ, ନାମଯଜ୍ଞ, ଘୃତଯଜ୍ଞ ଆଦି ପୂଜାବିଧି ସମାପନ କରାଯାଇଥିଲା। ବିଗ୍ରହକୁ ଗଙ୍ଗାଜଳରେ ଶୁଦ୍ଧପୂତ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ପୁରୋହିତମାନଙ୍କ ଦ୍ୱାରା ମନ୍ତ୍ରଧ୍ୱନୀ ସହ ଯଜ୍ଞ ପୂର୍ଣ୍ଣାହୂତି ଦିଆଯାଇଥିଲା। ସାମୂହିକ ପ୍ରସାଦ ସେବନ କରାଯାଇ ଉତ୍ସବ ସମାପନ କରାଯାଇଥିଲା। ଗ୍ରାମବାସୀମାନେ ଉତ୍ସବ ପରିଚାଳନା କରିଥିଲେ।

# ଆମ ପୋଲିସ ସମିତି ବୈଠକ




ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଗୁରୁବାର ଅପରାହ୍ନରେ ଶୁଳିଆପଦା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଅପରାଧୀକ ଆଇନର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବା ସହିତ ଅଞ୍ଚଳକୁ କିପରି ମଦ, ଜୁଆ ମୁକ୍ତ, ବିଭିନ୍ନ ଛକ ବଜାରରେ ଟ୍ରାଫିକ୍ ନିୟନ୍ତ୍ରଣ ବିଷୟରେ ଆଲୋଚନା ହୋଇଥିଲା। ଶୁଳିଆପଦା ଅଞ୍ଚଳର ଭାତହାଣ୍ଡି କହିଲେ ସବାଇ ଘାସରୁ ଦଉଡି ପ୍ରସ୍ତୁତ। ତେବେ ବିଭିନ୍ନ ସ୍ଥାନରେ ସମ୍ପୂର୍ଣ୍ଣ ରାସ୍ତା ଉପରେ ଦଉଡି ଶୁଖାଯାଉ ଥିବାରୁ ଅନେକ ସମୟରେ ଦୂର୍ଘଟଣା ଘଟୁଥିବାରୁ ସମସ୍ତ ସରପଞ୍ଚ, ୱାର୍ଡ ମେମ୍ବରଙ୍କ ମାଧ୍ୟମରେ ସଚେତନ କରିବା, ବିଭିନ୍ନ ଗ୍ରାମରେ ହେଉଥିବା ଘରୋଇ ସମସ୍ୟା ଗୁଡିକୁ ସିଧାସଳଖ ଥାନାକୁ ନଆଣି ପଞ୍ଚାୟତ ମାଧ୍ୟମରେ ସମାଧାନ କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଜେନାଙ୍କ ସହିତ ଶୁଳିଆପଦା ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ବରିଷ୍ଠ ନାଗରିକ ଅବସର ପ୍ରାପ୍ତ ଶିକ୍ଷକ ତଥା ଶୁଳିଆପଦା ସାର୍ବଜନୀନ ଦୁର୍ଗାପୂଜା କମିଟିର ସମ୍ପାଦକ ଶିରିଷ ଚନ୍ଦ୍ର ବାରିକ୍, ଥାନା ଏଏସଆଇ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିବା ବେଳେ ବରିଷ୍ଠ ନାଗରିକ, ଅବସର ପ୍ରାପ୍ତ ଶିକ୍ଷକ ଶଶିଧର ଟିପିରିଆ, ଏଏସଆଇ ରସାନନ୍ଦ ମହାନ୍ତିଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଦୁର୍ଗାପୂଜା ଶାନ୍ତି କମିଟିର ସଦସ୍ୟ ଓ ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବି ଓ ସମାଜସେବୀ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ପାଇଁ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ




ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକର କେତେକ ପଞ୍ଚାୟତରେ ମହିଳାମାନଙ୍କ ଦ୍ୱାରା ସୁଭଦ୍ରା ସଚେତନତା ଶୋଭାଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ଆଧାରରେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡ଼ିର କର୍ମଚାରୀ ଓ ଛାତ୍ରୀମାନେ ସାମିଲ ହୋଇଛନ୍ତି। ଜାରକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ସଚେତନତା ଶୋଭାଯାତ୍ରା ବାହାରି ଯାଜକା ବଜାର ପରିକ୍ରମା କରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭୟପୁର ପଞ୍ଚାୟତରେ ସରପଞ୍ଚ ସ୍ନେହାଞ୍ଜଳୀ ଗନ୍ତାୟତ ଓ ପିଇଓ ସୁଦେଷ୍ଣା ସାମଲଙ୍କ ନେତୃତ୍ୱରେ ଏମ୍‌ବିକେ, ସିଆରପି, ଅଙ୍ଗନୱାଡ଼ିର କର୍ମଚାରୀ, ଆଶା ଓ ସୁଭଦ୍ରା ହିତାଧିକାରୀମାନେ ସାମିଲ ହୋଇଥିଲେ। ସେହିପରି ଗଙ୍ଗାଧରପୁର ପଞ୍ଚାୟତରେ ସରପଞ୍ଚ ତ୍ରିଲୋଚନ ଜେନାଙ୍କ ନେତୃତ୍ୱରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।




କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଅନ୍ତର୍ଗତ ବଡାଲ ଗ୍ରାମପଞ୍ଚାୟତ ଅଡାଲ ଗ୍ରାମରେ ପ୍ରତିଷ୍ଠିତ ଆଶୀର୍ବାଦ ଶିଶୁ ମନ୍ଦିର ପରିସରରେ ଏକ ସଚେତତା ସଭା ଗଡିଶାଗୋଦା ଥାନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଗଡିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସଆଇ ସରୋଜ ବେହେରା, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଶିକ୍ଷକ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ କୁମାର ସ୍ୱାଇଁ ଓ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ସମ୍ବିଧାନ, ଆଇନ ବ୍ୟବସ୍ଥା, ଶିଶୁ ସୁରକ୍ଷା, ସମ୍ପର୍କରେ ଆଲୋଚନା କରିଥିଲେ । ସୁମିତ୍ରା ମହାପାତ୍ର ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ ।

# ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବନ୍ଦ ନେଇ ସରପଞ୍ଚ ସଂଘର ଧାରଣା



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଶିଶୁ ବିକାଶ ଯୋଜନା ଅଧିକାରୀ ସଂଯୁକ୍ତା ଘଡ଼େଇଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ସରପଞ୍ଚ ଓ ଅଙ୍ଗନବାଡି ୱାର୍କର। ଉଦେଶ୍ୟ ଓ ରାଜନୀତିକ ଚାପରେ ବାହାରଣା ପଂଚାୟତ ବଗଲଗଡ଼ ଅଙ୍ଗନବାଡ଼ି ୱାର୍କର ବନଲତା ମହାନ୍ତିଙ୍କ ଗତ ଜାନୁଆରୀ ୧୭ତାରିଖ ଗୋଟିଏ ଦିନର ଦରମା ନିଆଳି ସିଡ଼ିପିଓ କାଟି ଦେଇଥିଲେ। କାରଣ ଦର୍ଶାଅ ନୋଟିସ ଜାରି ନକରି ଏକ ପକ୍ଷିଆ ଭାବରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଯେଉଁ ତାରିଖରେ ଦରମା ବନ୍ଦ ରହିଛି ସେହି ତାରିଖରେ ଜିଲ୍ଲା ଲେବୁଲର ଅଧିକାରୀମାନେ ପରିଦର୍ଶନ କରିଥିଲେ। ସେଭଳି ନିୟମ ବାହାର କାର୍ଯ୍ୟ ହୋଇନଥିବା କୌଣସି ଲିଖିତ ଦେଇନଥିଲେ, କିନ୍ତୁ କାହା ଚାପରେ ସିଡ଼ିପିଓ ସେହି ତାରିଖରେ ଦରମା ବନ୍ଦ ରଖିଥିଲେ। ଏ ନେଇ ସିଡ଼ିପିଓଙ୍କୁ ସମ୍ପୃକ୍ତ ଅଙ୍ଗନବାଡି ୱାର୍କର ଓ ବାହାରଣା ସରପଞ୍ଚ ବିଜୟ ରାମ ପଣ୍ଡା ଆଲୋଚନା କରି ଦରମା ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ କିନ୍ତୁ ଏହି ୨ ମାସ ବିଳମ୍ବ ହେବା ପରେ ଘଟଣାକୁ ନେଇ ନିଆଳି ସରପଞ୍ଚ ସଂଘ ସଭାପତି ତ୍ରିନାଥ ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ସରପଞ୍ଚଙ୍କ ପ୍ରତିନିଧି ଧାରଣାରେ ବସିଥିଲେ। ୭ ତାରିଖ ଦିନ ବ୍ଲକ କାର୍ଯ୍ୟାଳୟରେ ଏବିଡ଼ିଓ, ସିଡ଼ିପିଓ, ଅଙ୍ଗନବାଡ଼ି ୱାର୍କରଙ୍କ ସହିତ ଆଲୋଚନା ହେବ ବୋଲି ପ୍ରତିଶୃତି ପରେ ଧାରଣା ପ୍ରତିହୃତ ହୋଇଥିଲା। ଧରଣାରେ ବିଜୟ ରାମ ପଣ୍ଡା, ପରୀକ୍ଷିତ ବାରିକ, ପ୍ରଦୀପ ନନ୍ଦ, ସୁରେଶ ପଟନାୟକ, ତୃପ୍ତି ରଞ୍ଜନ ରାଉତ, ବବୁଲ ଦାଶ, ମାନସ ରଂଜନ ସ୍ୱାଇଁ, ନିରଞ୍ଜନ ବେହେରା, ପ୍ରମୋଦ ଭୋଇ, କାଳନ୍ଦୀ ପୁଷ୍ଟି, ଅବିନାଶ ପ୍ରଧାନ, ସମ୍ପଦ ମହାନ୍ତି, ସେକ ହସନଙ୍କ ସମେତ ଅନେକ ସରପଞ୍ଚ ସମିତି ସଭ୍ୟ ଧାରଣାରେ ବସିଥିଲେ।

# ଶାଳକାଠ ବୋଝେଇ ପିକ୍ଅପ୍ ଜବତ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବନାଞ୍ଚଳ କର୍ମଚାରୀଙ୍କ ଦ୍ୱାରା ଗୁରୁବାର ଭୋର ୫.୩୦ରେ ଏକ ଶାଳ କାଠ ବୋଝେଇ ପିକ୍ଅପ୍‌କୁ ଜବତ କରିଛନ୍ତି । ଝାରଖଣ୍ଡରୁ ୧୪୦ ଖଣ୍ଡ ଶାଳ ଚୌକାଠ ବୋଝେଇ ବୋଲେରୋ ପିକଅପ ନଂ ଡବ୍ଲ୍ୟୁବି-୬୭ଏ-୮୭୧୧ ରରୁଆଁ ହୋଇ ଶୁକ୍ରୁଳି ଆଡକୁ ଆସୁଥିଲା । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନିର୍ଦ୍ଦେଶରେ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସଦଳବଳେ ରରୁଆଁ-ଶୁକ୍ରୁଳି ମଧ୍ୟରେ ଥିବା ଭଣ୍ଡନ ନଦୀ ପୋଲ ପାଖରେ ଛକି ରହିଥିଲେ । ପୋଲ ପାଖକୁ ପିକଅପ ଆସିବା କ୍ଷଣି ଚଢ଼ାଉ କରିଥିଲେ । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା । ଗାଡି ସହ କାଠକୁ ଜବତ ପରେ କରଞ୍ଜିଆ ଅଣାଯାଇଥିଲା । ସରକାରୀ ଭାବେ ଜବତ କାଠଗୁଡିକର ମୂଲ୍ୟ ଆନୁମାନିକ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ଚଢ଼ାଉରେ କରଞ୍ଜିଆ ବନପାଳ ସୁରମୋହନ ବେହେରା, ରରୁଆଁ ବନପାଳ ଜୟସିଂ ମହାନ୍ତ, ବନରକ୍ଷୀ ଓ ଟିପିଏଫ କର୍ମଚାରୀ ସାମିଲ ଥିବା ଜଣାଯାଇଛି ।

## ଆଖଣ୍ଡଳମଣିଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ବକୁ ଗ୍ରାମପଞ୍ଚାୟତର ବଣିକୁଦ ଗ୍ରାମର ଆରାର୍ଦ୍ଧ ଠାକୁର ବାବା ଆଖଣ୍ଡଳମଣିଙ୍କ ପୀଠରେ ଗତ ୨୮ତାରିଖ ଠାରୁ ଆରମ୍ଭ ହୋଇଥିବା ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଅପରାହ୍ଣରେ ପୂର୍ଣ୍ଣାହୂତି କାର୍ଯ୍ୟ କରାଯାଇ ଉଦ୍‌ଯାପିତ ହୋଇଯାଇଛି । ୫ଦିନ ଧରି ଅଙ୍କୁରାରୋପଣ, କଳଯାତ୍ରା, ସର୍ବଦେବାଦେବୀ ଅବାହାନ, ଅଗ୍ନିସଂସ୍କାର, ସୂର୍ଯ୍ୟପୂଜା, ଧେନୁପୂଜା, ରୁଦ୍ରାଭିଷେକ, ଆଖଣ୍ଡଳମଣିଙ୍କ ମହାଉପଚାର ପୂଜା, ସର୍ବଦେବାଦୀ ଆହୂତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବଣିକୁଦ ଗ୍ରାମବାସୀ ଓ ଯଜ୍ଞକମିଟି କର୍ମକର୍ତ୍ତାବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ।

## କଣାସରେ ହାତୀ ଆକ୍ରମଣ, ଜଣେ ଆହତ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବୈଦ୍ୟନାଥପାଟଣାରେ ଗତକାଲି ମଧ୍ୟରାତ୍ରରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି । ଖବରନେବାରେ ଜଣାପଡିଛି ବୈଦ୍ୟାନଥପାଟଣା ଗ୍ରାମର ବିଭୂତି ପଟ୍ଟନାୟକ, ହିମାଂଶୁ ପଟ୍ଟନାୟକଙ୍କ ବାସଗୃହ ପଛପଟ ବଗିଚାରେ ଗତକାଲି ରାତ୍ର ୧ଟା ସମୟରେ ଗୋଟିଏ ଦନ୍ତାହାତୀ ପସି ୨୦ରୁ ଉର୍ଦ୍ଧ କଦଳୀଗଛ ଭାଙ୍ଗିଥିଲା। କଦଳୀଗଛ ଭାଙ୍ଗିବା ସମୟରେ ହିମାଂଶୁ ପଟ୍ଟନାୟକ ଶବ୍ଦ ଶୁଣି ବାଡିପଟକୁ କଣ ଖାଉଛିବୋଲି ଠେଙ୍ଗାଟିଏ ଧରି ଦଉଡିଯାଇଥିଲେ। ହାତୀଟି ହିମାଂଶୁ ଦେଖି ଗୋଡାଇ ଆସିବାରୁ ହିମାଂଶୁ ଘରକୁ ଫେରିବା ପାଇଁ ଚେଷ୍ଟା କରୁଥିବା ବେଳେ ଏକ ଖମାରେ ପଡିଯାଇଥିଲେ। ଯାହା ଦ୍ୱାରା ହିମାଂଶୁଙ୍କ ମୁଣ୍ଡରେ ଆଘାତ୍ ଲାଗିଥିଲା। ତାଙ୍କୁ ସଂଗେ ସଂଗେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକ ନେଇଯାଇଥିଲେ। କ୍ରମାଗତ ଭାବେ କଣାସରେ ହାତୀ ଉପଦ୍ରବ୍ୟ ଲାଗିରହିଥିବାରୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଦିନ ମଜୁରିଆ ପୁଅ ବାଟାଲିଅନ୍ ପୋଲିସ୍

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବାପା ଦିନ ମଜୁରି କାମ କରନ୍ତି। ଘୋର ଆର୍ଥିକ ଶଙ୍କଟ ମଧ୍ୟରେ ମନକୁ ଦୃଢ କରିଥିବା ଜଣେ ଯୁବକ ଓଡିଶା ସ୍ପେସିଆଲ ଆରାମଡ଼ ପୋଲିସ ବାଟାଲିୟାନ ପାଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ଅନ୍ତର୍ଗତ ସିଲାରୀ ଗାଁରୁ ବାଟାଲିୟାନ ପୋଲିସ ଉତ୍ତୀର୍ଣ୍ଣ ହୋଇଛନ୍ତି ଦିନ ମଜୁରିଆ ପୁଅ। ବାପା ଅମରେଶ୍ୱର ପରିଡା ଓ ମା ଲୋଭାବତୀ ପରିଡାଙ୍କ ପୁଅ ପବିତ୍ର



ପରିଡା (୨୫)। ବାପା ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ମା ଗୃହିଣୀ। ପବିତ୍ର ବାପାଙ୍କ ସ୍ୱଳ୍ପ ରୋଜଗାରରେ ସିଟି, ବିଇଡି ପଢିଥିଲେ। ଏହାରି ମଧ୍ୟରେ ସକାଳୁ ଗାଁ ରେ ଦୌଡା ଦୌଡ଼ି କରି ପୋଲିସ ପାଇଁ ପ୍ରସ୍ତୁତ ହେଉଥିଲେ। ପବିତ୍ର ଓଡିଶା ସ୍ପେସିଆଲ ଆରାମ୍ଡ଼ ପୋଲିସ ବାଟାଲିୟାନ ଖବର ବୁଧବାର ଦିନ ପ୍ରକାଶ ପରେ ଗାଁରେ ସାଙ୍ଗ ସାଥି ଠାରୁ ଆରମ୍ଭ କରି ଅଞ୍ଚଳବାସି ଖୁସି ବ୍ୟକ୍ତ କରିଛନ୍ତି। ଘୋର ଅଭାବ ଅନାଟନ ଭିତରେ ରହି ଆଜି ସଫଳତାର ଶିଖରରେ ପହଂଚି ପାରିଛନ୍ତି। ନିଜର ଦୁଃଖ ପୂର୍ଣ୍ଣ ଜୀବନକୁ ବେଶ ପାଖରୁ ବୁଝି ପାରିଛନ୍ତି ପବିତ୍ର। ଆଗାମୀ ଦିନରେ ପୋଲିସ ସେବା ରେ ରହି ଲୋକଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରିବେ ବୋଲି ପବିତ୍ର ପ୍ରକାଶ କରିଛନ୍ତି। ପବିତ୍ର ଙ୍କୁ ସ୍ଥାନୀୟ ଅଞ୍ଚଳ ବାସି ଶହ ସମାଜସେବୀ ଇନ୍ଦ୍ରମଣି ଜେନା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ୫୧୯ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୁଲିସ ୨ ସ୍ଥାନରେ ଚଢାଉ କରି ୫୧୯ ଲିଟର ଦେଶୀମଦ ଓ ଗୋଟିଏ ବାଇକ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି । ବେଗୁନିଆ ଅବକାରୀ ଥାନା ଉପନୀରିକ୍ଷକ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ବୋଲଗଡ ବ୍ଲକ ଅନ୍ତର୍ଗତ ବଧିପାଟଣା ଗ୍ରାମର ପ୍ରଶାନ୍ତ କୁମାର ସାହୁ, ବେଗୁନିଆର କୃଷ୍ଣଚନ୍ଦ୍ର ସାହୁ, ଲଳିତା ସାହୁ, ରୂପାଲି ସାହୁ ଓ ଚକାପଦା ଗ୍ରାମର ମହନ୍ତ ନାୟକ ପ୍ରମୁଖ।

## ଉପଖଣ୍ଡ ଚିକିତ୍ସାଳୟରେ ଜାତୀୟ ଶ୍ରବଣ ସପ୍ତାହ ପାଳିତ

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହ ଠାରେ ଜାତୀୟ ଶ୍ରବଣ ସପ୍ତାହ ପାଳିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସାଳୟର କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଡ଼ଃ ବିରେଶ୍ୱର ଜ୍ୟୋତି ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷିକା ଡ଼ଃ ଅନିତା ସିଂ, ବରିଷ୍ଠ ଡାକ୍ତର ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ, ଡ଼ଃ ଗୌରାଙ୍ଗ ଚରଣ ନାଏକ ଉପସ୍ଥିତ ରହି ମାର୍ଚ୍ଚ ୩ ତାରିଖ ହେଉଛି ବିଶ୍ୱ ଶ୍ରବଣ ଦିବସ । ଏହା ୩ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରବଣ ସପ୍ତାହ ଦିବସ ଭାବେ ପାଳନ କରାଯାଉଥିବା ବିଷୟରେ ସୁଚନା ଦେଇଥିଲେ। ଏହି ଅବସରରେ ବିଶେଷଜ୍ଞ ଡ଼ଃ ବିରେଶ୍ୱର ଜ୍ୟୋତିଷି କର୍ଣ୍ଣ ଜନିତ ରୋଗର ସମ୍ପର୍କରେ ବିସ୍ତୃତ ଭାବେ ନିଜ ଅଭିଭାଷଣ ମାଧ୍ୟମରେ ବୁଝାଇଥିଲେ ନିଜ ଅଭିଭାଷଣରେ ଛୋଟ ଛୁଆଙ୍କଠାରୁ ନେଇ ପରିଣତ ବୟସରେ ଦେଖା ଦେଉଥିବା ଶ୍ରବଣ ସମସ୍ୟା ସହିତ ଜନ୍ମିତ ଶିଶୁ ଓ ଶିଶୁଙ୍କ ଦୃଷ୍ଟିବାଧିତ ହେବାର ବିଭିନ୍ନ ବଂଶାନୁକ୍ରମିକ ଓ ମାଆ ଠାରେ ଗର୍ଭ ଧାରଣା ସମୟରେ ଯେଉଁସବୁ ଲକ୍ଷଣ ବା ରୋଗ ସବୁ କାରଣ ପାଲଟିଥାଏ ତାହା ଉପରେ ଆଲୋକପାତ କରି ଉପସ୍ଥିତ ଲୋକଙ୍କୁ ସଚେତନ କରିବା ସହିତ ଏହାର ନିରାକରଣ ବା ଚିକିତ୍ସାର ସମସ୍ତ ଦିଗ ବାବଦରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସଙ୍କ ସହିତ ବହୁସଂଖ୍ୟାରେ ଆଶା ଦିଦିଙ୍କ ସହିତ ଜନସାଧାରଣ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚିକିତ୍ସାଳୟ ପରିଚାଳିକା ଲିପ୍ସା ରାଜନନ୍ଦିନୀ ମହାପାତ୍ରଙ୍କ ସହିତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା



ବେତନଟୀ(ଭାସ୍କର ନ୍ୟୁଜ): ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପୁଲିସ ପ୍ରଶାସନ ପକ୍ଷରୁ ବେତନଟୀ ବ୍ଲକ ଭିଡିଓ କନଫ୍ରେନ୍ସିଂ ହଲରେ ଆଜି ଆୟୋଜିତ ହୋଇଯାଇଛି । ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର, ତହସିଲଦାର ସୁରଥଚନ୍ଦ୍ର ରାଉତ, ସବ୍‌ଇନ୍ସପେକ୍ଟର ନିରଞ୍ଜନ ସେଠୀ ପ୍ରମୁଖ ଅତିଥି ଅଧିକାରୀଗଣ ଯୋଗ ଦେଇଥିଲେ । ନିକଟରେ ଭାରତୀୟ ପିଙ୍ଗଳକୋଡ଼ରେ ପରିବର୍ତ୍ତନ କରାଯାଇ ଭାରତୀୟ ନ୍ୟାୟ ସଂହିତା ଏବଂ ଭାରତୀତ ନାଗରିକ ସୁରକ୍ଷା ସଂହିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ନୂତନ ପରିବର୍ତ୍ତିତ ତଥା ସଂଶୋଧିତ ଆଇନ ସମ୍ପର୍କିତ ସଚେତନତା ମୂଳକ ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଏବଂ ମୁଖ୍ୟ ବିଷୟବସ୍ତୁଗୁଡିକୁ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସେମାନଙ୍କୁ ମଧ୍ୟ ସଚେତନ କରିବା ଉଦ୍ଦେଶ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ଏଭଳି ଅଭିନବ ତଥା ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ବେତନଟୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପରିଚାଳନାରେ ବେତନଟୀ ଥାନା ଓ ବ୍ଲକ କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ଧର୍ମଶାଳାରେ ବିଜୁ ଜୟନ୍ତୀକୁ ନେଇ ପ୍ରତିବାଦ ସଭା



ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ସମ୍ମୁଖରେ ବିଜୁ ଜନତା ଦଳ ତରଫରୁ ଗୁରୁବାର ଅପରାହ୍ନରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ ନକରିବାପାଇଁ ଭାଜପା ସରକାର ନେଇଥିବା ନିଷ୍ପତ୍ତି ବିରୁଦ୍ଧରେ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ସମ୍ମଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଧର୍ମଶାଳା ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାନ୍ତି ଅଧକ୍ଷତା କରିଥିଲେ । ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ବିଜେଡ଼ି ସଭାପତି ଲୋକନାଥ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରିୟନାଥ ମହାପାତ୍ର, ଦୁଶାସନ ସାହୁ, ଉତ୍କଳମଣୀ ଦାସ, ରାଜକିଶୋର ମହାନ୍ତି, ଅମରେନ୍ଦ୍ର ରାୟ, ଯୁବ ସଭାପତି କ୍ଷିତୀଶ ନାୟକ, ଛାତ୍ର ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଛାତ୍ର ବ୍ଲକ୍ ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲାପରିଷଦ ସଭ୍ୟ ସୁଧାଂଶୁ ସାହୁ, ଚକ୍ରଧର ବେହେରା, ପ୍ରସନ୍ନ ରାଉତ, କାର୍ତ୍ତିକ ମଲ୍ଲିକ, ମମତା ଦଣ୍ଡପାଟ ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁ ୪କୋଟି ଓଡ଼ିଆଲୋକଙ୍କ ହୃଦୟରେ ରହିଛନ୍ତି ଓ ରହିବେ । ଭାଜପା ସରକାର ଯୋଜନା ଓ ପୁରସ୍କାରର ନାମ ଏବଂ ରଙ୍ଗ ବଦଳାଇ ପାରନ୍ତି ମାତ୍ର ଦଶନ୍ଧି ଦଶନ୍ଧି ଧରି ପାଳିତ ହେଉଥିବା ବିଜୁବାବୁଙ୍କ ଜୟନ୍ତୀକୁ ବାତିଲ କରିବା ରାଜ୍ୟସରକାରଙ୍କ ହୀନମାନ୍ୟତା ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ସମସ୍ତ ପଞ୍ଚାୟତର ବିଜୁ ଜନତା ଦଳର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ଲାକ କାର୍ଡ ହାତରେ ଧରି ବିଭିନ୍ନ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ ।

# କରଞ୍ଜିଆରେ ସୁଭଦ୍ରା ଯୋଜନାର ପଥପ୍ରାନ୍ତ ନାଟକ



କରଞ୍ଜିଆ(ଭାସ୍କର ନ୍ୟୁଜ): ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ମାନେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସାରିଛନ୍ତି। ମାତ୍ର ଆହୁରି ଅନେକେ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ନାହାଁନ୍ତି। ତେଣୁ ଏହି ଯୋଜନାର ଶୁଭାରମ୍ଭ ରାଜ୍ୟ ସରକାର କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ କରଞ୍ଜିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପ୍ରଶାସିକା କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ଯୋଜନାରେ ସାମିଲ ହୋଇ ଓଡ଼ିଶାର ସମୃଦ୍ଧିରେ ମହିଳା ମାନେ ମଙ୍ଗ ଧରିବା ପାଇଁ ସଚେତନତା କରିବା ଉଦ୍ଦେଶ୍ୟରେ ତିନି ଦିନ ଧରି ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ଓ ଘରେ ଘରେ ପ୍ରଦୀପ ପ୍ରଜ୍ୱଳନ କରିବା ପାଇଁ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି କରଞ୍ଜିଆ ସିଡିପିଓ କାର୍ଯ୍ୟାଳୟ ପରିସରରେ ମଧ୍ୟ ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିପିଓ ମଞ୍ଜୁଳା ବେହେରା,ପୋଷଣ ସଂଯୋଜିକା ସସ୍ମିତା ଜେନା, ମହିଳା ପରିଦର୍ଶିକା ସତ୍ୟଭାମା ମହାନ୍ତ, ସାଂସଦ ପ୍ରତିନିଧି ସୁନାମଣୀ ହୋ, ବିଧାୟକ ପ୍ରତିନିଧି ମୂରଲୀଧର ବାରିକ୍, ସାମାଜିକ କର୍ମୀ ନିହାରିକା ଦାଶ, ପୋଷଣ କର୍ମଚାରୀ ମାନସୀ ମହାକୁଡ଼ ଆସିଡିଏସ କାର୍ଯ୍ୟାଳୟ କର୍ମଚାରୀ ସେକ୍ ଜାବିଦ, ପ୍ରଜ୍ଞାପରମିତା ନାୟକ, ଶାନ୍ତନୁ କୁମାର ଦଣ୍ଡସେନା ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ଅବସରରେ ଏହି ବିଷୟରେ ସମ୍ପୃକ୍ତ ନୃତ୍ୟ, ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟ ବଣିକ ସଂଘରେ ମା' ଦୁର୍ଗାଙ୍କ ୧୬ତମ ସ୍ୱନକ୍ଷତ୍ର ଉତ୍ସବ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବଡ଼ପଡ଼ିଆ ସ୍ଥିତ ପାରାଦୀପ ପୋର୍ଟ ବଣିକ ସଂଘରେ ଜଗଜ୍ଜନନୀ ମା' ଦୁର୍ଗାଙ୍କର ୧୬ ତମ ସ୍ୱନକ୍ଷତ୍ର ଉତ୍ସବ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦୁଇଦିନ ବ୍ୟାପି ଉତ୍ସବରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ସନ୍ଧ୍ୟାରେ ପାରମ୍ପରିକ ପାଲା ଓ ଭଜନ କାର୍ଯ୍ୟକ୍ରମ ସହ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଏହି ଧର୍ମିକ କାର୍ଯ୍ୟକ୍ରମକୁ ବଣିକ ସଂଘର ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ, ସହ କୋଷାଧ୍ୟକ୍ଷ ତନ୍ମୟ କୁମାର ଦାସ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର କୁମାର ନାୟକ, ସହ ସମ୍ପାଦକ ଶକ୍ତିକାନ୍ତ ଦାସ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ତଥା ବ୍ୟବସାୟୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ନେଇ ପ୍ରତିବାଦ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ। ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟକୁ ଭୁଲିଗଲେ ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ କରି ଝାରସୁଗୁଡା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଝାରସୁଗୁଡା ବଡ଼ମାଳସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ପ୍ରତିବାଦ ସଭାରେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଛନ୍ତି । ବିଜୁବାବୁ ପ୍ରତ୍ୟେକ ଓଡ଼ିଆ ଏବଂ ଓଡିଶାବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି । ତାଙ୍କର ପ୍ରତିଭା ଓଡିଶା ତଥା ଭାରତବାସୀଙ୍କ ପାଇଁ ଗୌରବ ଆଣିଛି । ବିଜୁ ପଟ୍ଟନାୟକଙ୍କ ଜନ୍ମଦିନକୁ ଓଡିଶାରେ ପଂଚାୟତି ରାଜ ଦିବସ ଭାବରେ ପାଳନ କରାଯାଉଥିଲା । ହେଲେ ବର୍ତ୍ତମାନର ସରକାର ହୀନ ରାଜନୀତି କରି ବିଜୁବାବୁଙ୍କ ଜୟନ୍ତୀରୁ ପଂଚାୟତିରାଜ ଦିବସକୁ ଅଲଗା କରିଦେଇଛନ୍ତି । ଓଡିଶାର ଗର୍ବ ଗୌରବ ବିଜୁବାବୁଙ୍କ ପ୍ରତି ସରକାର କରିଥିବା ଏହି ଅସମ୍ମାନ ବିରୋଧରେ ଆଜିର ପ୍ରତିବାଦ ସଭା କରାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି । ପ୍ରତିବାଦ ସଭାରେ ଝାରସୁଗୁଡା ଜିଲ୍ଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ରଘୁମନି ପଟେଲ, ପୌରଧକ୍ଷା ରାଣୀ ହାତୀ, ଉପାଧକ୍ଷ ରାଜୁ ପାଣିଗ୍ରାହୀ, ପୁର୍ବତନ ପୌରାଧକ୍ଷ ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ପ୍ରତାପ ନନ୍ଦ,ପିଣ୍ଟୁ ପାଢ଼ୀ, ଆଲୋକ ତ୍ରିପାଠୀ, ତୁଳସୀ ଦାସ ଚିରଞ୍ଜିବୀ ପତି, ଭୂପାଲ ବେହେରା, ରୋଜାଲିନ ପଟେଲ, ନବନିତ କୋର ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



କେନ୍ଦୁଝର(ଭାସ୍କର ନ୍ୟୁଜ): ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ଗାଁ ଗହଳିରେ ବ୍ୟାପକ ବଂଟନ ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନରେ ଜଳଛତ୍ର ଖୋଲି ପାନୀୟ ଜଳର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଶ୍ରୀ ସିଂହ ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟଜଳ ସମସ୍ୟା ଥିବା ଶିକ୍ଷାନୁଷ୍ଠାନ/ହଷ୍ଟେଲ୍‌ରେ ପାନୀୟ ଜଳ ଯୋଗାଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନଘଟିବ ସେଥିପାଇଁ ସମସ୍ତେ ଦୃଢ ମାନସିକତା ରଖି ସଦା ତତ୍ପର ରହି କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଗ୍ରୀଷ୍ମପ୍ରବାହର ମୁକାବିଲା ଓ ପ୍ରସ୍ତୁତି ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳର ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ ନକରାଇବାକୁ ଏବଂ କାର୍ଯ୍ୟସ୍ଥଳରେ ପାନୀୟ ଜଳର ବ୍ୟବସ୍ଥା, ଆଶ୍ରୟସ୍ଥଳ ଓ ଓଆ?ଏସ୍ ପ୍ୟାକେଟ୍ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପାଉଡର, ବରଫ, ଅଂଶୁଘାତର ପ୍ରତିକାର ପାଇଁ ଔଷଧପତ୍ର, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଜନସାଧାରଣଙ୍କୁ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଏବଂ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ତଥା ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ବେଡ୍ ପ୍ରସ୍ତୁତ ରଖିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀବାହୀ ବସ ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଗାଡିଗୁଡିକର ଚଳାଚଳ ନିୟନ୍ତ୍ରଣ କରିବା, ଗାଡିଗୁଡିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓ.ଆ?.ଏସ୍?. ପ୍ୟାକେଟ୍ ରଖିବା ଏବଂ ବସ୍ ରହଣୀ ସ୍ଥାନମାନଙ୍କରେ ବିଶ୍ରାମସ୍ଥଳୀ ଓ ଜଳଛତ୍ର ଖୋଲିବା ପାଇଁ ବିହିତ ପଦକ୍ଷେପ ନେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ କଲେଜଗୁଡିକର ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଉପଲବ୍ଧ କରାଇବା, ଅଭିଭାବକଙ୍କ ସହ ବୈଠକ କରି ସଚେତନ କରାଇବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରେ, ବ୍ଲକ, ତହସିଲ୍ ଓ ସବ୍‌ଡିଭିଜନ୍‌ସ୍ତରରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା, ୱାଟ୍‌କୋ, ଆରଡବ୍ଲ୍ୟୁ.ଏସ୍.ଏସ୍ ଏବଂ ଟିପିଏନଓଡିଏଲ. ବିଭାଗର କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୋଲିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରପାଳିକାସ୍ତରେ ଅତିଶୀଘ୍ର ପ୍ରସ୍ତୁତି ବୈଠକ ଆହ୍ୱାନ କରି ଆକସନ୍ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ କହିଛନ୍ତି । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା, ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବା ପାଇଁ ସଂପୃକ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ୍ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସିଂହ ଚେତାବନୀ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ ନକରିବା ସହିତ ଶିକ୍ଷାନୁଷ୍ଠାନ ଏବଂ ହଷ୍ଟେଲ୍‌ରେ ବିଦ୍ୟୁତ୍ କାଟ ନକରିବା ପାଇଁ ଟିପିଏନ୍‌ଓଡିଏଲ୍‌ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ପଶୁସମ୍ପଦ ପାଇଁ ପିଇବା ପାଣି, ଗ୍ରୀଷ୍ମପ୍ରବାହ ସମୟରେ କଣ କରିବା ଉଚିତ୍ ଓ କଣ ନକରିବା ଉଚିତ୍ ଏ ସଂପର୍କରେ ଜନସଚେତନତା ସୃଷ୍ଟି କରିବା, ଅଂଶୁଘାତଜନିତ ମୃତ୍ୟୁ ମାମଲାର ତୁରନ୍ତ ତଦନ୍ତ ଆଦି ପ୍ରସଙ୍ଗ ଉପରେ ବୈଠକରେ ବିଶଦଭାବେ ଆଲୋଚନା ହୋଇଥିଲା । ଅଂଶୁଘାତଜନିତ ମୃତ୍ୟୁ ଘଟଣାର ଯୁଗ୍ମ ତଦନ୍ତ କରି ୨୪ ଘଂଟା ମଧ୍ୟରେ ଜିଲ୍ଲା ଆପତକାଳୀନ କାର୍ଯ୍ୟାଳୟକୁ ପଠାଇବା ପାଇଁ ତହସିଲଦାର ଓ ମେଡିକାଲ୍ ଅଫିସରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପ୍ରାରମ୍ଭରେ ଡେପୁଟି କଲେକ୍ଟର ଆପତକାଳୀନ କିରଣ କୁମାର ନାଏକ ସ୍ୱାଗତ ଭାଷଣ ଦେବା ସହ ପ୍ରସ୍ତୁତି ବୈଠକର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି ଆଲୋଚନା ଆରମ୍ଭ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ, ଉପଜିଲ୍ଲାପାଳ ଆନନ୍ଦପୁର ଫାଲଗୁନି ମାଝୀ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଏସିଏଫ ଅଶୋକ ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ୍‌ଦାର ଓ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଉତ୍ତରବାଡ(ଦ) ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଷେଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ବିଇଓ ଅଧିର କୁମାର ତରାଇ ଉଦଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ସାଧନ ସଂଯୋଜକ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି, ଏବିଇଓ ମଞ୍ଜୁଳା ନାୟକ ବରେଣ୍ୟ ଅତିଥି, ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଯେନା ମୁଖ୍ୟବକ୍ତା, ଏସ.ଏମ.ସି. ସଭାପତି କାର୍ତ୍ତିକ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗୀତା ଏବଂ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷକ ଭର୍ତ୍ତୃହରି ସେଠୀ ଓ ବିଷ୍ଣୁଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ସାମଲ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ସେନାପତି ଅତିଥି ପରିଚୟ ଓ ଶିକ୍ଷକ ଶଙ୍କର୍ଷଣ ମୁର୍ମୁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

## ‘ବିକଶିତ ଭାରତ ପାଇଁ ସୁରକ୍ଷା ଓ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ’ ବିଷୟବସ୍ତୁ ଉପରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ମେରାମଣ୍ଡଳୀ (ଟିଏସଏମ)ର ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଯାହାକି ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ଜରିଆରେ କର୍ମଚାରୀ ଓ ସହଯୋଗୀ ସଂସ୍ଥାର ସୁରକ୍ଷା ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲାଗି କମ୍ପାନୀ ପ୍ରତିବଦ୍ଧ । ଚଳିତ ବର୍ଷର ବିଷୟବସ୍ତୁ ରହିଛି ‘ବିକଶିତ ଭାରତ ପାଇଁ ସୁରକ୍ଷା ଓ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ’। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଭିବୃଦ୍ଧି ଓ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଏକ ସୁରକ୍ଷିତ କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱ ଦିଆଯିବ । ଟିଏସଏମର ମୁଖ୍ୟ ସୁରକ୍ଷା ଅଧିକାରୀ ବିଲାସ ଏନଗାଏକ୍ୱାଡଙ୍କ ଦ୍ୱାରା ସୁରକ୍ଷା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏଥିରେ କର୍ମଚାରୀ ମାନେ ସୁରକ୍ଷା ଶପଥପାଠ କରିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ଶ୍ରମିକ ଓ ଭେଣ୍ଡର ପାର୍ଟନରଙ୍କ ସୁରକ୍ଷା ଅଭିଯାନ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହି ପ୍ରତିଯୋଗିତା




ଗୁଡିକ ହେଉଛି ହାଜାର୍ଡ ହଣ୍ଟ, ଯେଉଁଥିରେ କର୍ମକ୍ଷେତ୍ରରେ ଭାରିଯାନ ଚଳାଚଳ ଅଞ୍ଚଳ, ମେସିନ ପରିଚାଳନା ଓ ଆକସେସ କଂଟ୍ରୋଲ ସଂପର୍କିତ ସମ୍ଭାବ୍ୟ ବିପଦ ଓ ପ୍ରଶମନ ସଂପର୍କରେ ଗୁରୁତ୍ୱାରୋପ କରାଯିବ। ଏଥିସହିତ, ଏହି ସପ୍ତାହରେ ବୃତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦଳ ପକ୍ଷରୁ ସୂଚନାଧର୍ମୀ ୱେବିନାର ଏବଂ ସୁରକ୍ଷା ସଂପର୍କରେ ସୂଚନା ପାଇଁ ଅନଲାଇନ ସୁରକ୍ଷା କୁଇଜ ଆୟୋଜନ କରାଯିବ। ୨୦୨୫ ମାର୍ଚ୍ଚ ୧୧ ରେ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ସମାରୋହରେ ଅନୁଷ୍ଠିତ ହେବ । ଯେଉଁଥିରେ ସପ୍ତାହର ବିଭିନ୍ନ ଉପଲବ୍ଧି ଓ ଶିକ୍ଷା ଉପରେ ଆଲୋକପାତ କରାଯିବ । ସୁରକ୍ଷାକୁ ପ୍ରାଥମିକତା ଦେବା ପ୍ରତି ରହିଥିବା ଅତୁଟ ପ୍ରତିବଦ୍ଧତାକୁ ଟିଏସଏମ ଦୋହରାଇବା ସହ ଏଭଳି ଏକ ସଂସ୍କୃତି ବିକାଶ କରିବାକୁ ଚାହୁଁଛି। ଯେଉଁଠାରେ ପ୍ରତିଟି ବ୍ୟକ୍ତି ସଶକ୍ତ ହେବେ ଏବଂ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସମାଜ ପ୍ରତି ଅବଦାନ ପ୍ରଦାନ କରିବାକୁ ଉତ୍ସାହିତ ରହିବେ ।

## ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ନିମନ୍ତେ ଏହି ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ବିଡିଓମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାର ବ୍ୟବସ୍ଥା କରିବା, ନାଳ ତଥା କେନାଲରେ ଆବଶ୍ୟକସ୍ଥଳେ ପାଣି ଛାଡ଼ିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଦ୍ୟାଳୟକୁ ପିଲାମାନେ ସାଙ୍ଗରେ ପାଣି ବୋତଲ ଧରି ଆସିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେବା ସହ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଗର୍ଭବତୀ ମା' ମାନଙ୍କୁ ସଚେତନ ଅବଗତ କରିବା, ପରିବହନ ଅଧିକାରୀଙ୍କୁ ବସରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଦ୍ୟୁତ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ଆବଶ୍ୟକସ୍ଥଳେ ବିଦ୍ୟୁତ କାଟ କରିବା ପୂର୍ବରୁ ଜାବଳିକ ଯନ୍ତ୍ର ଯୋଗେ ପ୍ରାକ୍ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓ.ଆର.ଏସ. ଏବଂ ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡ଼ିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏକ ଆପାତକାଳୀନ କଣ୍ଟ୍ରୋଲ ରୁମ ପରିଚାଳିତ କରି ଜନସାଧାରଣଙ୍କୁ ଆବଶ୍ୟକ ଅନୁଯାୟୀ ସାହାଯ୍ୟ ଯୋଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିୟମ ଅନୁଯାୟୀ ସରକାରଙ୍କ ପ୍ରଚାର ଗାଇଡଲାଇନ ଅନୁସାରେ ଗଣମାଧ୍ୟମ ସହାୟତାରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜୀତ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର, ଡେପୁଟି କଲେକ୍ଟର, କେନ୍ଦ୍ରାପଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଏବଂ କୋଠାବାଡ଼ି, ଜନ ସ୍ୱାସ୍ଥ୍ୟ ବିଭାଜନ, ଗ୍ରାମ୍ୟ ଉନ୍ନୟନ), ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫୁଲନଖରା(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଉଲ୍ଲାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରାଙ୍ଗଣରେ ସିଆରସିସି ନାରାୟଣ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲକୁମାର ରଥ, ସରପଞ୍ଚ ପଦ୍ମିନୀ ପ୍ରଧାନ, ଗ୍ରାମ କମିଟି ସଭାପତି ଯୁଧିଷ୍ଠିର ପ୍ରଧାନ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ପ୍ରଫୁଲ୍ଲଚନ୍ଦ୍ର ସିଂ, ପୁରାତନ ଛାତ୍ର ପ୍ରଦୀପ ବେହେରିଆ, ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି ସାମଲ ପ୍ରମୁଖ ଅତିଥିରୂପେ ଯୋଗଦେଇ ଶ୍ରୀମତୀ ସ୍ୱାଇଁଙ୍କ ଶିକ୍ଷକତା ଜୀବନ ଓ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ବୈକୁଣ୍ଠ ବେହେରା, ସମ୍ପାଦକ ବାବୁଲି ଦାସ, ଗୁରୁପ୍ରସାଦ ମହାନ୍ତି, ତ୍ରିଲୋଚନ ବେହେରା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟୋଟୀ କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷକ ଶିକ୍ଷିକା ଓ ବାରଙ୍ଗ ବ୍ଲକ ଅଧୀନ ଅନ୍ୟାନ୍ୟ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶ୍ରୀମତୀ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ବିଦ୍ୟାଳୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

### ହତ୍ୟା ସନ୍ଦେହ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ ଅଁଳାବେରେଣୀ ଗାଁରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତ ଦେହ ଉଦ୍ଧାର। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି। ମୃତ ମହିଳା ଜଣଙ୍କ ଅଁଳା ବେରେଣୀ ଗାଁରେ ଚଞ୍ଚଳା ନାଏକ। ଚଞ୍ଚଳାଙ୍କ ମୁଣ୍ଡରେ ରହିଛି ଗଭୀର କ୍ଷତ। ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଚଞ୍ଚଳା ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ପୁଅ ଲିପୁ ନାଏକଙ୍କ ପାଖରେ ରହି ଆସୁଥିଲେ। ତେବେ ତାଙ୍କୁ ଗତ କାଲି ବିଳମ୍ବିତ ରାତିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖବର ପାଇ ତୁମୁସିଙ୍ଗା ପୋଲିସ ଚଂଚଳାଙ୍କ ପୁଅ ଲିପୁ ନାଏକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରି ଦେଇଛି। ଚଂଚଳାଙ୍କ ପୁଅ ଲିପୁ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସଡ଼ିପିଓ ପ୍ରକାଶ କରିଛନ୍ତି।

## ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସରେ କୃଷି ପାଠଶାଳା

କେନ୍ଦୁଝର(ଭାସ୍କର ନ୍ୟୁଜ): ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସର ସାଧାରଣ ସଭାରେ ବିଭାଗୀୟ ଅଧିକାରୀ ମାନେ ବିଭିନ୍ନ ଯୋଜନା ବିଷୟରେ ବଖାଣିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାର ଉଦ୍ଦେଶ୍ୟ ଓ ଉଦ୍‌ଯୋଗ ପ୍ରତିଷ୍ଠା ନିମନ୍ତେ ମିଳୁଥିବା ସରକାରୀ ସହାୟତା ବିଷୟରେ ଜିଲ୍ଲା ସଂଯୋଜକ, ଆପିକଲ ଶ୍ରୀ ପୀୟୂଷ ମହାନ୍ତି ବକ୍ତବ୍ୟ ରଖିଥିଲେ। ତତ୍ପରେ କୃଷି ଶିଳ୍ପ ନିଗମର କନିଷ୍ଠ ଯନ୍ତ୍ରୀ ଶ୍ରୀ ଚିନ୍ମୟ ମିଶ୍ର ସୌର ଜଳନିଧି ପ୍ରକଳ୍ପ ଓ ତତସଂଲଗ୍ନ ରିହାତି ଉପସ୍ଥାପନ କରିଥିଲେ । କୃଷି ଯନ୍ତ୍ରପାତିର ବ୍ୟବହାର,ସରକାରୀ ରିହାତି ଏବଂ ଆବେଦନ ପ୍ରଣାଳୀ ବିଷୟରେ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସହକାରୀ କୃଷି ଯନ୍ତ୍ରୀ ସମର ଶେଖର ନାୟକ ବୁଝାଇଥିଲେ । କେନ୍ଦୁଝରର ବ୍ଲକ କୃଷି ଅଧିକାରୀ ଶ୍ରୀ ସୁଶାନ୍ତ ପଣ୍ଡା କୃଷି ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ କୃଷକ ରେଜିଷ୍ଟ୍ରୀ ଓ ଡିଜିଟାଲ ଫସଲ ସର୍ବେକ୍ଷଣ ବିଷୟରେ କହିଥିଲେ । ଜିଲ୍ଲା କୃଷି ଅଧିକାରୀ , ଘଟଗାଁ ଶ୍ରୀ ସୁଧୀର କୁମାର ବେହେରା ଓ ଜିଲ୍ଲା କୃଷି ଅଧିକାରୀ , କେନ୍ଦୁଝର ବିଶ୍ୱଜୟୀ ମିଶ୍ର ସଭା ପରିଚାଳନା କରିଥିଲେ । ସେମିନାର ହଲରେ ଉକ୍ତ ମେଳା ଅଧୀନ କୃଷକ ପାଠଶାଳା କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର , ଜଗତସିଂହପୁରର ବୈଜ୍ଞାନିକ ଡଃ ଦ୍ୱିଜେନ୍ଦ୍ର ମୋହନ ଦାସ କୃଷିକାର୍ଯ୍ୟକ୍ରମରେ ଡ୍ରୋନର ବ୍ୟବହାର ଏବଂ କୃଷି ଯାନ୍ତ୍ରିକୀକରଣ ମହାବିଦ୍ୟାଳୟ , ଭୁବନେଶ୍ୱରର ସହକାରୀ ଅଧ୍ୟାପକ ଇଂ ଅନୁପ ବେହେରା ଲାଭ ବୃଦ୍ଧି ପାଇଁ ଚାଷରେ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ବିଭିନ୍ନ ବ୍ଲକରୁ ମନୋନୀତ ହେଇ ଆସିଥିବା ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

## ବିଭିନ୍ନ ଯୋଜନା ଉପରେ ଆଲୋଚନା କଲେ ମନ୍ତ୍ରୀ

ଫୁଲବାଣୀ(ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର କନ୍ଧମାଳ ଗସ୍ତରେ ଆସି ପ୍ରଦିକ୍ଷଣ ଗୃହଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ ଜଣାଇଛନ୍ତି। ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ



### ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାରେ ଦୀର୍ଘ ଦିନ ଧରି ରହିଥିବା ଜମିଜମା ଖୁବ ଶୀଘ୍ର ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ ମନ୍ତ୍ରୀ ଏଥିସହ ଜଙ୍ଗଲ ଜମି ଅଧିକାର ଓ ପଟ୍ଟା ବଣ୍ଟନ ଉପରେ ଆଲୋଚନା କରିଥିଲେ। ରାଜ୍ୟର ନୂତନ ସରକାର ବିକାଶକୁ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ନକରି ୩୦ ଟି ଯାକ ଜିଲ୍ଲାରେ ସାମଗ୍ରିକ ବିକାଶ ଉପରେ ଫୋକସ୍ କରୁଥିବା ମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାର ଇତି ମଧ୍ୟରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଲକ୍ଷାଧିକ କୋଟି ଟଙ୍କାର ଶିଳ୍ପ ସ୍ଥାପନ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ସମୀକ୍ଷା ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ବାଲିଗୁଡା ଉପଜିଲ୍ଲାପାଳ ଡ.ରୀନା ପ୍ରଧାନ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହର୍ଷିଙ୍କ ସମେତ ସମସ୍ତ ତହସିଲଦାର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତତ୍ ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭାବନ ଠାରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି କନ୍ଧମାଳ ଜିଲ୍ଲାରେ ଦୀର୍ଘ ବର୍ଷ ବର୍ଷ ଧରି ରହିଥିବା ଜମିଜମା ବିବାଦ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନିଆଯିବ । ଗରିବ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ନମିଳିଥିବାରୁ ସେମାନେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ଯଥା ଶୀଘ୍ର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯିବ ବୋଲି କହିଥିଲେ। ପ୍ରତି ତିନି ମାସରେ ଥରେ ଜିଲ୍ଲା କୁ ଆସି ରିଭ୍ୟୁ କରିବେ । ଏହା ସହିତ ଅଧିକାରୀ ମାନଙ୍କୁ ଯଥା ଶୀଘ୍ର କାର୍ଯ୍ୟ ପୂରଣ କରିବା ପାଇଁ ଟାର୍ଗେଟ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ପୂର୍ବତନ ସଭାପତି ଜଗନ୍ନାଥ ସାହୁ, ଲିଙ୍ଗରାଜ ଦଳବେହେରା, ବରିଷ୍ଠ ନେତା ଭଗବାନ ମହାନ୍ତି, ପଦ୍ମଲୋଚନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

## ଅଖଣ୍ଡ ନାମଯଜ୍ଞ ବାଲ୍ୟଲୀଳା ଉତ୍ସବ

କଣିହାଁ(ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ସୀତାରାମ କ୍ଲବ ତରଫରୁ କ୍ଲବ ପଡ଼ିଆ ପ୍ରାଙ୍ଗଣରେ ବିଶ୍ୱ କଲ୍ୟାଣର୍ଥେ ସୋମବାର ଠାରୁ ଦିବାରାତ୍ର ଅଲେଖ ପରମବ୍ରହ୍ମଙ୍କ ଅଖଣ୍ଡ ନାମ ଯଜ୍ଞ ସହିତ ବାଲ୍ୟଲିଳା ମହା ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବଏଜା ମଠ କିଶୋରନଗରର ବ୍ରହ୍ମ ଅବଧୂତ ବାବା ମନ୍ଦିର ଦାସ, ଅଜିତ ଦାସ,ଅନାମ ବେହେରା,ମଧୁ ନାଏକ,ବରୁ ବେହେରାଙ୍କ ସମେତ ବହୁ ଅଲେଖ ମହିମା ଧର୍ମ ସାଧୁସନ୍ଥଙ୍କ ସହିତ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଜମିଥିଲା। ନିତି କର୍ମକୁ ନେଇ କଳସ ଯାତ୍ରା ଓ ଅଖଣ୍ଡ ନାମ ଯଜ୍ଞରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, କଣିହାଁ ଏମସିଏଲ ଜିଏମ ଦିନେଶ କୁମାର ମାଳି,କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ଅନୁଗୋଳ ପରଙ୍ଗ ପଞ୍ଚାୟତ ସମିତି



ସଦସ୍ୟା ସୁଜାତାରାଣୀ ବେହେରା, ସାମାଜିକ କର୍ମୀ ଜୀତେନ୍ଦ୍ର କୁମାର ସାହୁ,ବିବେକାନନ୍ଦ ବେହେରା, ବଳରାମ ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ବାବାଙ୍କ ଦ୍ୱାରା ବିଧି କାର୍ଯ୍ୟ ସମାପନକୁ ନେଇ ଅହୋରାତ୍ର ନାମ ସଂକୀର୍ତ୍ତନରେ ବିଭିନ୍ନ ନାମ ମଣ୍ଡଳୀ ଯୋଗଦାନ କରି ଅହୋରାତ୍ର ନାମ ସଂକୀର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ସୋମବାର ଦିନ ସକାଳ ୧୦ଟା ଠାରୁ ମଙ୍ଗଳବାର ଦିନ ୧୦ଟା ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଥିଲା। ଅଖଣ୍ଡ ନାମ ଯଜ୍ଞ ସହିତ ପ୍ରସାଦ ସେବନ ବ୍ୟବସ୍ଥାରେ ଆୟୋଜକ କ୍ଲବର ସଭାପତି କୁମୁଦ ବାନ୍ଧବ ନାଏକ, ସମ୍ପାଦକ ପ୍ରାଣବନ୍ଧୁ ନାଏକ ,କାର୍ଯ୍ୟକର୍ତ୍ତା ମହେଶ୍ୱର ନାଏକ, ଦିଲ୍ଲୀପ୍ ନାଏକ,ତପନ ନାଏକ, ମାନସ ନାଏକ ,ଯଶୋବନ୍ତୀ ନାଏକ, ମଞ୍ଜୁଲତା ନାଏକ, ସୁକାନ୍ତି ନାଏକ ସୁଦର୍ଶନ ନାଏକଙ୍କ ସମେତ ସୀତାରାମ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଉତ୍ତରବାଡ(ଦ) ପ୍ରଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଷେଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ବିଇଓ ଅଧିର କୁମାର ତରାଇ ଉଦଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ସାଧନ ସଂଯୋଜକ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି, ଏବିଇଓ ମଞ୍ଜୁଳା ନାୟକ ବରେଣ୍ୟ ଅତିଥି, ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଯେନା ମୁଖ୍ୟବକ୍ତା, ଏସ.ଏମ.ସି. ସଭାପତି କାର୍ତ୍ତିକ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗୀତା ଏବଂ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହିଅବସରରେ ଶିକ୍ଷକ ଭର୍ତ୍ତୃହରିସେଠୀ ଓ ବିଷ୍ଣୁଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ସାମଲ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଗିତାଞ୍ଜଳି ସେନାପତି ଅତିଥି ପରିଚୟ ଓ ଶିକ୍ଷକ ଶଙ୍କର୍ଷଣ ମୁର୍ମୁ ଧନ୍ୟବାଦ ଦେଇଥିଲେ।

## ଘର ଭାଙ୍ଗିଦେଲା ଦନ୍ତା

### ଅଳ୍ପକେ ବର୍ତ୍ତିଲେ ପରିବାର



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସିଆରିମାଳିଆ ଗାଁରେ ଦନ୍ତା ହାତୀର ତାଣ୍ଡବ ଦେଖିବାକୁ ମିଳିଛି। ଗତକାଲି ରାତି ପ୍ରାୟ ୯ ଟା ସମୟରେ ଏକ ଦନ୍ତା ହାତୀ ଗାଁ ଭିତରକୁ ପ୍ରବେଶ କରିବା ସହ ସିଆରିମାଳିଆ ଗାଁର ସଙ୍ଖାଳି ନାଏକଙ୍କ ଘର ଗୁଡ଼ିକ ଭାଙ୍ଗି ଦେଇଥିଲା। ତେବେ ସୌଭାଗ୍ୟବଶତଃ ପରିବାରର ଥିବା ୪ ଜଣ ସଦସ୍ୟ ବର୍ତ୍ତି ଯାଇଥିଲେ। ସମସ୍ତେ ଜୀବନ ବିକଳରେ ଦୌଡ଼ିଥିଲେ। ସଙ୍ଖାଳିଙ୍କର ଦୁଇ ବଖରା ଚାଳ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଖବର ପାଇ ବନ ବିଭାଗର ଟିମ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛନ୍ତି। ସେପଟେ ଦନ୍ତା ହାତୀଟି ସିଆରିମାଳିଆ ଜଙ୍ଗଲ ଦେଇ ଲଣ୍ଡାବିରି ପାହାଡ଼ ଅଞ୍ଚଳକୁ ଚାଲିଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭାଣିଜୀକୁ ଉଦ୍ଧାର କରିବାକୁ ଯାଉଥିବା ମାମୁଁଙ୍କୁ ଆକ୍ରମଣ କରି ସୁନାମୁଦି ଓ ଟଙ୍କା ଲୁଟ୍

ନିମାପଡ଼ା (ଭାସ୍କର ନ୍ୟୁଜ୍): ସୋମବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ମହୁରା ପାଣିଛତ୍ର ଠାରେ ନିଖୋଜ ହୋଇଥିବା ବିବାହିତା ଭାଣିଜୀକୁ ଉଦ୍ଧାର କରିବାକୁ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରି ଦୁର୍ବୃତମାନେ ସୁନାମୁଦି, ୫ ହଜାର ଟଙ୍କା ଲୁଟି ନେବା ସହ ମୋବାଇଲ୍‌କୁ ଭାଙ୍ଗି ଦେଇଛନ୍ତି । ଏ ନେଇ ଥାନାରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୋଗ ହେବା ପରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ଚନ୍ଦନପୁର ଥାନା ଗୋବିନ୍ଦପୁର ଗ୍ରାମର ସଂଜୟ ସେଠୀଙ୍କ ଭାଣେଜୀ ଶୁଭଲକ୍ଷ୍ମୀ ସେଠୀ ମହୁରା ବାଲିସାହି ଗ୍ରାମରେ ସନ୍ତୋଷ ସେଠୀଙ୍କୁ ଗତ ୫ ବର୍ଷ ତଳେ ପ୍ରେମ ବିବାହ କରିଥିଲା ବେଳେ ଶୁଭଲକ୍ଷ୍ମୀଙ୍କ ଶ୍ୱଶୁର ଘର ଲୋକେ ଶୁଭଲକ୍ଷ୍ମୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ସଂଜୟ ଗତ ସୋମବାର ସଂଧ୍ୟାରେ ଭାଣିଜୀ ଘରକୁ ଯାଇ ଶୁଭଲକ୍ଷ୍ମୀ ନଥିବା ଦେଖି ପଚାରିବାରେ ଶ୍ୱଶୁର ଘର ଲୋକ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ସଂଜୟଙ୍କ ମନରେ ସନ୍ଦେହ ହେବାରୁ ସେ ବଳଙ୍ଗା ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ବଳଙ୍ଗା ପୋଲିସ ତତ୍‌କ୍ଷଣାତ୍ ଜ୍ୱାଇଁ ସନ୍ତୋଷକୁ ଥାନାକୁ ଡ଼କାଇ ଶୁଭଲକ୍ଷ୍ମୀ ବିଷୟରେ ପଚାରିବାରୁ ସେ ଅନ୍ୟଜଣେ ପିଲା ସହ ଚାଲି ଯାଇଥିବାବେଳେ ଶୁଭଲକ୍ଷ୍ମୀ ଯେଉଁଠି ରହୁଛି ସେ ଜାଣିଥିବା ନେଇ କହିଥିଲେ । ଫଳରେ ପୋଲିସ ଟିମ୍ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର ପାଇଁ ବାହାରିବା ସମୟରେ ସଂଜୟ ଆଗୁଆ ବାଇକ୍ ଯୋଗେ ଯାଉଥିବା ବେଳେ ମହୁରା ପାଣିଛତ୍ର ଠାରେ ଜଗା ସେଠୀ ସମେତ ଅନ୍ୟ ୮/୯ ଜଣ ଯୁବକ ୩ଟି ବାଇକ୍‌ରେ ଆସି ସଂଜୟଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏହି ସମୟରେ ପଛରୁ ଅନ୍ୟ ଏକ ବାଇକ୍‌ରେ ସନ୍ତୋଷ ଓ ତାଙ୍କ ବାପା ବସନ୍ତ ସେଠୀ ସେଠାରେ ପହଂଚି କ'ଣ ପାଇଁ ଥାନାକୁ ଗଲୁ ବୋଲି କହି ସଂଜୟଙ୍କୁ ଆକ୍ରମଣ କରି ସଂଜୟଙ୍କ ମୋବାଇଲକୁ ବାଡ଼େଇ ଭାଙ୍ଗି ଦେବା ସହ ସଂଜୟ ପିନ୍ଧିଥିବା ଏକ ସୁନାମୁଦି ଓ ପକେଟ୍‌ରେ ଥିବା ୫ ହଜାର ଟଙ୍କା ନେଇ ଯାଇଥିଲେ । ସେହି ସମୟରେ ପୋଲିସ ଭ୍ୟାନ୍‌କୁ ଦେଖି ଆସାମୀମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ସଂଜୟ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

## ।।। ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ।।।

ରଘୁନାଥପୁର (ଭାସ୍କର ନ୍ୟୁଜ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁପଟ୍ଟନାୟକ ଛକରେ ମହା ସମାରୋହରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ସରପଞ୍ଚ ବଟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ବେହେରା ,ଧର୍ମାନନ୍ଦ ସେଠୀ,ସାଇଦା ତବସୁମ,ଗୌତମ ପାଲିତ,ରହିମ୍ ଖାଁ,ଅଜୟ ସାମଲ,ଅନ୍ତର୍ଯ୍ୟାମୀ ରାଉତ, ତାରାକାନ୍ତ ଜେନା, ରବିନ୍ଦ୍ର ବିଶ୍ୱାଳ,ପ୍ରତାପ ପଟ୍ଟନାୟକ,ଅନୁପ ସ୍ୱାଇଁ, ଅମୂଲ୍ୟ ମହାନ୍ତି, ନିରାକାର ଖୁଣ୍ଟିଆ, ନିହାର ରଂଜନ ସାହୁ, ପ୍ରକାଶ ମଲ୍ଲିକ, ସମିତି ସଭ୍ୟ ପ୍ରିୟତମା ରାଉତ, କମଳାକାନ୍ତ ପରିଡ଼ା, ସ୍ୱଦେଶ ଦାସ, ଲିଲିପ୍ତା ଷଡଙ୍ଗୀ, ଅଶୋକ ବେହେରା, ପ୍ରମୋଦ ସ୍ୱାଇଁ, ମନୋଜ ମହାନ୍ତି, ଭାସ୍କର ପଟ୍ଟନାୟ, ଅନିଲ ଖଟୁଆ,ପ୍ରତାପ ମୁଦୁଲି ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।



ଗରଦପୁର(ଭାସ୍କର ନ୍ୟୁଜ): ଓଡିଶାର ବରପୁତ୍ର ପ୍ରବାଦ ପୁରୁଷ,ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧିନ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଚଁପୁର ଖେଳପଡିଆ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସମୃଦ୍ଧ ଓଡିଶା ଗଠନରେ ବିଜୁବାବୁ ଅବଦାନ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି ଙ୍କ ସଭାପତିତ୍ୱରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୁବାବୁ ଙ୍କ ଗୁଣଗାନ କରିଥିଲେ । ଏହି ସଭାରେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ପ୍ରମୋଦ କୁମାର ରଥ, ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇ,ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ , ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ସମିତି ସଭ୍ୟ ରାକେଶ ମହାପାତ୍ର,ଅନ୍ନଦା ପ୍ରସାଦ ତ୍ରିପାଠୀ,ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସ୍ୱାଇ,ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୁବାବୁଙ୍କ ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷ ମାହାଳୀ, ପ୍ରଭାତ ନଳିନୀ ଜେନା, ଗୀତାଞ୍ଜଳି ମହାନ୍ତି,ଅନୁସୟା ବେହେରା, ବନଲତା ସ୍ୱାଇଁ,ସଞ୍ଜୁକ୍ତା ମହାପାତ୍ର, ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପ୍ରକାଶ କୁମାର ସାହୁଙ୍କ ସମେତ ହଜାର ହଜାର ସଂଖ୍ୟାରେ ମହିଳା ଓ ବିଜୁପ୍ରେମୀମାନେ ଉପସ୍ଥିତ ଥିଲେ ।

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକଛକ ବିଜୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କଲ୍ୟାଣମଣ୍ଡପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳର ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଓ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜିବ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବନ୍ତ ବ୍ଲକ ଦଳୀୟ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଦଳୀୟ ନେତା ସଞ୍ଜୀବ ପରିଡା, ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ବିଜୁବାବୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ସ୍ୱାଭିମାନ, ନୂତନ ଓଡଶା ଗଠନରେ ଭୂମିକା ଆଦି ସମ୍ପର୍କରେ ଉଦବୋଧନ ଦେବା ସହ ବିଜୁ ଜୟନ୍ତୀ ପାଳନ ସହ ପଞ୍ଚାୟତରାଜ ଦିବସ ପାଳନରେ ଚଞ୍ଚକତା ପାଇଁ ବିଜେପି ସରକାରଙ୍କୁ ନିନ୍ଦା କରିଥିଲେ। ଏହି ଅବସରରେ ମେଡିକାଲ ଅନ୍ତେବାସୀ ରୋଗୀଙ୍କୁ ଦଳ ପକ୍ଷରୁ ଫଳ ବିତରଣ କରାଯାଇଥିଲା। ସରପଞ୍ଚ ବର୍ଷାରାଣୀ ଯେନା ଧନ୍ୟବାଦ ଦେଇଥିଲେ।




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ମହାନ ଜନନାୟକ ରାଷ୍ଟ୍ରବାଦୀ ନେତା ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମଜୟନ୍ତୀ। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗରେ ବିଜୁ ଜନତା ଦଳପକ୍ଷରୁ ମହାସମାରୋହରେ ପାଳନ କରାଯାଇଛି। ପ୍ରଭାତରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ନିସ୍ୱାର୍ଥପର ଲୋକସେବାର ପ୍ରତୀକ୍ ପ୍ରବାଦ ପୁରୁଷ ମହାନ ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ଦେଶ ଓ ଜାତି ପ୍ରତି ଅମୂଲ୍ୟ ଅବଦାନ, ସଶକ୍ତ ଓ ପୂର୍ଣ୍ଣ ବିକଶିତ ଓଡିଶା ନିର୍ମାଣ ଦିଗରେ ତାଙ୍କର ଅବିଶ୍ରାନ୍ତ ସଂଗ୍ରାମ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଅତିଥି ଭାବେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ,ଚମ୍ପକ ବାରିକି, ଭୀମସେନ ସ୍ୱାଇଁ, ରୁଦ୍ରପ୍ରସାଦ ଲେଙ୍କା,ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ବାବୁଙ୍କ ଉପରେ ଆଲୋକପାତ କରିବା ସହିତ ବିଜୁ ଜନତା ଦଳକୁ ସଶକ୍ତ ସୁଦୃଢ଼ କରିବାକୁ ମତପ୍ରକାଶ କରିଥିଲେ। ଉପସ୍ଥିତ ଅତିଥିଙ୍କ ସହ ଶତାଧିକ ବିଜୁପ୍ରେମୀ ଏକ ସମୃଦ୍ଧ, ସଶକ୍ତ ନବୀନ ଓଡିଶା ଗଠନ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କାକଟପୁର ନିର୍ବାଚନ ମଣ୍ଡଳୀର ଅସ୍ତରଙ୍ଗ ବ୍ଲକର ଶତାଧିକ ବିଜୁଜନତା ଦଳର କର୍ମୀଅଂଶ ଗ୍ରହଣ କରିଥିଲେ।



# ଆମ କଳାହାଣ୍ଡି





## ରାଜ୍ୟସଭା ସାଂସଦ ପାଣ୍ଠିରୁ କିଣାଯାଇଥିବା ଦୁଇଟି ଆମ୍ବୁଲାନ୍ସ ଲୋକାର୍ପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡିର ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରଦତ୍ତ ପାଣ୍ଠିରୁ କିଣା ଯାଇଥିବା ଦୁଇଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଲୋକାର୍ପିତ ଦୁଇଗୋଟି ଆମ୍ବୁଲାନ୍ସ ମଧ୍ୟରୁ ଗୋଟିଏ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଓ ଅନ୍ୟଟି କେସିଙ୍ଗା ବ୍ଲକର ଜନସାଧାରଣଙ୍କୁ ସେବା ଯୋଗାଇବ । ଏହି କାର୍ଯ୍ୟକ୍ରମରେ ସୁଜିତ କୁମାରଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସାଂସଦ ଶ୍ରୀ କୁମାର ଦୁଇଟି ଆମ୍ବୁଲାନ୍ସ ପାଇଁ ନିଜ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ବିଭିନ୍ନ ଆଳ ଦେଖାଇ ସ୍ୱାସ୍ଥ୍ୟ ବିଭାଗ ଦୀର୍ଘ ଦୁଇବର୍ଷ ପର୍ଯ୍ୟନ୍ତ ଅର୍ଥରାଶିକୁ ପକାଇ ରଖିଥିଲା । ଏହି ସମୟରେ ଗତ ନଭେମ୍ବର ମାସରେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁମଖାଲ ପଞ୍ଚାୟତ ପୁନିଗୁଡ଼ାର ଜଣେ ନାବାଳିକା ଚିକିତ୍ସାଧୀନ ଭାବେ ମୃତ୍ୟୁବରଣ କରିବା ଓ ଆମ୍ବୁଲାନ୍ସ ଅଭାବରୁ ବାଇକରେ ଶବ ବୁହାହେବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ଅଭାବନୀୟ ଘଟଣା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହ ତୁରନ୍ତ ଆମ୍ବୁଲାନ୍ସ କିଣି ଲୋକାର୍ପିତ କରିବା ବ୍ୟବସ୍ଥା କରିଥିଲେ । ଏହାକୁ ନେଇ ଉଭୟ ଲାଞ୍ଜିଗଡ ଓ କେସିଙ୍ଗା ଅଞ୍ଚଳର ଲୋକମାନେ ଖୁସି ବ୍ୟକ୍ତ କରିଥିବା ବେଳେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମହାବିଦ୍ୟାଳୟର ପ୍ରଥମ 'ଗ୍ରାଜୁଏସନ୍ ଦିବସ' ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସହର ସମୀପବର୍ତ୍ତୀ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଠାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପ୍ରଥମ ଗ୍ରାଜୁଏସନ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଶୁଭ୍ରାଂଶୁ ଶେଖର ଦାଶ ଅଧ୍ୟକ୍ଷତା କରିଥିଲା ବେଳେ ବୁର୍ଲା ଡିନ୍ ପ୍ରଫେସର ଡ.ସିଦ୍ଧାର୍ଥ ପଣ୍ଡା, ଜିଇସିକେ, ଭବାନୀପାଟଣାର ପ୍ରଫେସର ଗୋପାଳ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସିଭିଲ୍ ଇଞ୍ଜିନିୟରିଂରେ ଟପର୍ ହୋଇଥିବା ଛାତ୍ର ଅର୍ଦ୍ଧେନ୍ଦୁ ମହନ୍ତ, କମ୍ପ୍ୟୁଟର ସାଇନ୍ସରେ ଟପର୍ ହୋଇଥିବା ସୌମ୍ୟରଞ୍ଜନ ନାୟକ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଟପର୍ ହୋଇଥିବା ସ୍ୱସ୍ତିକ ଗୌରବ ସାହୁ ଏବଂ ମେକାନିକାଲ୍ ଇଞ୍ଜିନିୟରିଂରେ ଟପର୍ ହୋଇଥିବା ଗୋପଳ ବଲ୍ଲଭ ଦାସଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା ବେଳେ ୨୦୨୪ ବର୍ଷରେ ଗ୍ରାଜୁଏସନ୍ ପାଶ୍ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଶେଷରେ ପ୍ରଫେସର ଜୟନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫିଆଇସି ଆଲୁମିନି ଅଧାପିକା ଡ. ଏସ୍. ପ୍ରିୟା, ପ୍ରଫେସର କିଶୋର ଚନ୍ଦ୍ର ପଣ୍ଡା, ପ୍ରଫେସର ଚିତ୍ତରଞ୍ଜନ ଦାସ, ଡ.ବସନ୍ତ ସ୍ୱାଇଁ,ଡ. ଲକ୍ଷ୍ମୀ ପ୍ରସାଦ ପଣ୍ଡା, ରମେଶ ଚନ୍ଦ୍ର ମହାପାତ୍ର, ଦେବପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନୂତନ ଏସ୍‌ପି ହେଲେ ଯୁବ ଆଇପିଏସ

### 'ମାଓ ଦମନ, ନିଶା କାରବାର ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଦେବି ଗୁରୁତ୍ୱ'



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ନୂତନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭାବେ ନାଗରାଜ ଦେଭରକୋଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି । ୨୦୧୮ ମସିହାର ଏହି ଯୁବ ଆଇପିଏସ୍ ଅଧିକାରୀ ପଶ୍ଚିମବଙ୍ଗରୁ ସଂପ୍ରତି ଓଡିଶା ଆସି ପୂର୍ବରୁ ବୌଦ୍ଧ ଜିଲ୍ଲାରେ ଏବଂ ଏବେ କଳାହାଣ୍ଡି ଜିଲ୍ଲାରେ ନୂତନ ଏସ୍‌ପି ଭାବେ ଯୋଗ ଦେଇଛନ୍ତି । କଳାହାଣ୍ଡି ଜିଲ୍ଲାର ଦାୟିତ୍ୱ ଗ୍ରହଣ କରିବାପରେ ଏକ ସୌଜନ୍ୟମୂଳକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଦେଭରକୋଣ୍ଡା କହିଛନ୍ତି ଯେ ଜିଲ୍ଲାରେ ମାଓ ଦମନ, ବେଆଇନ ନିଶା କାରବାର, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ଶିଶୁ ତଥା ମହିଳାମାନଙ୍କ ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ ଏବଂ ମୁଁ ଏ ସମ୍ପର୍କରେ ଆମ ଜିଲ୍ଲାର ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛି । ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଶ୍ରୀ ଦେଭରକୋଣ୍ଡା ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ କଳାହାଣ୍ଡିରେ ଏହା ପୂର୍ବରୁ ଏସ୍‌ପି ଥିବା ଶ୍ରୀ ଅଭିଳାଷ ଜି ପଡୋଶୀ ଜିଲ୍ଲା ବଲାଙ୍ଗୀରରେ ଏସ୍‌ପି ଭାବେ ଯୋଗ ଦେଇଛନ୍ତି ।

## ଚନ୍ଦ୍ରଭାନୁ ହାଇସ୍କୁଲ ପକ୍ଷରୁ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ମଙ୍ଗଳବାର ଚିକିଲି ଚନ୍ଦ୍ରଭାନୁ ହାଇସ୍କୁଲ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନୂତନ ବିଇଓଙ୍କ ସହ ସିଆରସିସି ପ୍ରଶାନ୍ତ ଶବର ମଞ୍ଚାସୀନ ହୋଇଥିଲେ । ଚନ୍ଦ୍ରଭାନୁ ହାଇସ୍କୁଲରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀଭାଟି ବର୍ତ୍ତମାନ କୋକସରାରେ ବିଇଓ ଭାବରେ ଯୋଗଦେଇ ଥିବାରୁ ଉକ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଖୁସିବ୍ୟକ୍ତ କରିଥିଲେ । ପରେ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହ ଛାତ୍ରଛାତ୍ରୀମାନେ ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି କ୍ରମରେ ବିଇଓ ଶ୍ରୀଭାଟି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାର୍ତ୍ତା ପ୍ରଦାନ ସହ ବ୍ଲକ ଶିକ୍ଷା ବିଭାଗର ଉନ୍ନତି ପାଇଁ ନିଜର ପ୍ରତିବଦ୍ଧତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବଶ୍ରୀ ପଦ୍ମନ ସାହୁ, ଶିକ୍ଷୟିତ୍ରୀ ଗାୟତ୍ରୀ କୁମାରୀ ଷଡ଼ଙ୍ଗୀ, ଚନ୍ଦ୍ରୀକା ପ୍ରଧାନ, ବର୍ଷାରାଣୀ ସାହୁ, ଶିକ୍ଷକ ଜ୍ୟୋତି ପ୍ରକାଶ ମହାନନ୍ଦ, କଳ୍ପନା ଶବର, ଦିବ୍ୟା ଶବର, ଦିବାକର ଦାସ, ଦୀନବନ୍ଧୁ ଗିରି, ଭବାନୀ ଶଙ୍କର ଶବର, ଶାରଦା ପ୍ରସାଦ ସାହୁ, ପଦ୍ମନାଭ ଛତ୍ରିଆ, ସୁଗ୍ରୀସେନ ବଗର୍ତ୍ତି ସମେତ ସ୍କୁଲ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

## ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ତରଫରୁ ହୋଟେଲ ରୟାଲ ପ୍ୟାଲେସ ଠାରେ ବୁଧବାର ଦିନ ମହା ସମାରୋହରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୨୨ ଜଣ ନବବ୍ରହ୍ମଚାରିଙ୍କ ବ୍ରତୋପନୟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜୁନାଗଡ଼ର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ସମେତ ବ୍ରାହ୍ମଣ ସମାଜର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ନବ ବ୍ରହ୍ମଚାରୀ ମାନଙ୍କୁ ଆଶୀର୍ବାଦ ଦେଇ ଏକ ସୁସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ ।

## ସାମୟିକ ଜଳ ଯୋଗାଣ ଲାଗି ଦାବି

କୋକସରା, (ଭାସ୍କର ନ୍ୟୁଜ୍ ) : ଗ୍ରୀଷ୍ମ ଋତୁରେ ପାଣିର ସମସ୍ୟା ଦୂର କରିବା ନେଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ କୁସୁମଖୁଣ୍ଟି ଉଠା ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଓ ଗୃହପାଳିତ ପଶୁ ମାନଙ୍କ ପିଇବା ପାଣି ପାଇଁ ଉଠା ଜଳସେଚନ ଦ୍ୱାରା କିଛି ଦିନ ବ୍ୟବଧାନରେ ଜଳ ଯୋଗାଣ କରିବା ପାଇଁ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ଋତୁ ପ୍ରବେଶ କରି ସାରିଛି, ଏମିତିରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଅଞ୍ଚଳରେ ମାର୍ଚ୍ଚ ମାସ ଆରମ୍ଭରୁ ନଈ, ନାଳ, ପୋଖରୀ ସବୁ ଶୁଖିବାକୁ ବସିଲାଣି । ଏହାର ପ୍ରଭାବ ଯୋଗୁଁ ଗୃହପାଳିତ ପଶୁ ମାନଙ୍କୁ ପିଇବା ପାଣି ମିଳୁନାହିଁ, ଲୋକମାନଙ୍କ ଶୌଚ, ଗାଧୋଇବା ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ଜଳ ସଂକଟ ଦେଖାଦେଲାଣି । ପାଣି ସମସ୍ୟାକୁ ଦୂର କରିବା ପାଇଁ ବ୍ଲକ ପ୍ରଶାସନ ମଧ୍ୟ ଚେଷ୍ଟା ଜାରି ରଖିଛି । ଏଭଳି ପରିସ୍ଥିତିରେ ନିତ୍ୟ ବ୍ୟବହାର୍ଯ୍ୟ ଓ ଗୃହପାଳିତ ପଶୁ ମାନଙ୍କ ପିଇବା ପାଇଁ ପାଣି ଉଠା ଜଳସେଚନ ଦ୍ୱାରା କିଛି ଦିନ ବ୍ୟବଧାନରେ ଜଳ ଯୋଗାଣ କରିବା ନେଇ ଆଜି ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ କୁସୁମଖୁଣ୍ଟି ଉଠା ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ପାଖରେ ଦାବି କରିଛନ୍ତି ।

## ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ



ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ସଂସ୍କୃତି ଭବନ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିଅମ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତି ମୂର୍ତ୍ତିରେ ବରିଷ୍ଠ ନେତୃତ୍ୱ ସମେତ ଅନ୍ୟମାନେ ପୁଷ୍ପମାଲ୍ୟ କରିଥିଲେ । ପରେ ସଂସ୍କୃତି ଭବନ ଠାରେ ସମୃଦ୍ଧ ଓଡିଶା ଗଠନ ଦିଗରେ ବିଜୁବାବୁଙ୍କ ଅବଦାନ ଶୀର୍ଷକ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ବିସିସିବି ସଭାପତି ଗିରିଷ ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ୍ୟା ସୁଧିରା ମେହେର, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ, ବିଶିଷ୍ଟ ସାହିତ୍ୟିକ କୈଳାଶ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟକୁ ବିକାଶ ଦିଗରେ ଆଗେଇ ନେବା ପାଇଁ ସମସ୍ତେ ମତବ୍ୟକ୍ତ କରିଥିଲେ ।



ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରୁପ୍ରାରୋଡ ଠାରେ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ 'ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ' ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ବରିଷ୍ଠ ବିଜେଡ଼ି ନେତା ନିଳମଣି ସାହୁ, ବିକାଶ ରଞ୍ଜନ ସିଂଦେଓ, ପ୍ରଫୁଲ୍ଲ କୁମାର ନାଏକ, ଯୁବ ନେତା ମନମୋହନ ନାଏକ, ନର୍ଲା ବ୍ଲକ ମହିଳା ବିଜେଡ଼ି ସଭାପତି ପ୍ରମିଳା ପ୍ରଧାନ, ବରିଷ୍ଠ ମହିଳା ନେତ୍ରୀ ପ୍ରମିଳା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶାନ୍ତପୁରର ପୂର୍ବତନ ସରପଞ୍ଚ ଟିକେଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁବ ନେତା ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ବିଜେଡି ବ୍ଲକ ଓ ପଞ୍ଚାୟତ ସଭାପତି/ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ବିଗତ ବର୍ଷ ମାନଙ୍କରେ ମାର୍ଚ୍ଚ ୫ ବିଜୁ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ସରକାରୀ ଛୁଟି ରହୁଥିବା ବେଳେ ଏବର୍ଷ ରାଜ୍ୟ ସରକାର ତାକୁ ବାତିଲ କରିଥିବାରୁ ନର୍ଲା ସମେତ କଳାହାଣ୍ଡି ଜିଲ୍ଲାର ବିଜୁ ପ୍ରେମୀ ମାନେ ପ୍ରତିବାଦ କରିଛନ୍ତି ।



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ବହୁବିଧ ବିକାଶ ସହ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳଦୁଆ ପକାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ ରାଷ୍ଟ୍ରନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଅବସରରେ ଧର୍ମଗଡ଼ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତି ସଭା ଆୟୋଜନ କରାଯାଇଥିଲା । ବିଜୁ ଜନତା ଦଳ କଳାହାଣ୍ଡି ଜିଲ୍ଲା ସଭାପତି ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା, ଧର୍ମଗଡ଼ ବ୍ଲକ ସଭାପତି ଟୀକମନ ଯାଦବ, ଜିଲ୍ଲା ପରିଷଦ ସଭ୍ୟ ଗୋପିନାଥ ମହାନନ୍ଦ, ଶଙ୍କର ଯୁଏଡ, ପ୍ରଣବ ଭଇଁସାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ହୀରା ବାଗ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଶୋକ ପାଟ୍ଟଯୋଶୀ, ଅରକ୍ଷିତ ଭଇଁସାଳ, ବିକାଶ ଅଗ୍ରୱାଲ, ରାଜା ହାତୀ, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ଭବାନୀ ଶଙ୍କର ପଣ୍ଡା, ଅଜିତ ସାହୁ ଓ ରାଜେନ୍ଦ୍ର ମୁନି ପ୍ରମୁଖ ଯୋଗଦାନ କରି ବିଜୁ ବାବୁଙ୍କ ଓଡିଶାର ସର୍ବାଙ୍ଗ ବିକାଶ ପ୍ରତି ରହିଥିବା ଉତ୍ସର୍ଗୀକୃତ ଅବଦାନ ଉପରେ ଆଲୋଚନା କରିଥିଲେ । ବିଶେଷ କରି ଗ୍ରାମାଞ୍ଚଳର ବିକାଶ, ନାରୀ ସଶକ୍ତିକରଣ ଓ ଓଡ଼ିଶାରେ ଶିଳ୍ପାୟନ ତଥା ପଞ୍ଚାୟତି ରାଜ ବ୍ୟବସ୍ଥାର ମୂଳଦୁଆ ପାଇଁ ସେ ସର୍ବାଗ୍ରେ ସ୍ମରଣୀୟ ବୋଲି ବିଭିନ୍ନ ବକ୍ତା ମତ ପ୍ରକାଶ କରିଥିଲେ ।

## ଗୋଲାମୁଣ୍ଡା ବ୍ଲକରେ ବିଜେପି ପକ୍ଷରୁ ମିଶ୍ରଣ ପର୍ବ ପାଳିତ




ଧର୍ମଗଡ଼, (ଭାସ୍କର ନ୍ୟୁଜ): ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକର ବିଜେଡି ସମର୍ଥିତ ୧୦ ସରପଞ୍ଚ ଓ ସମିତି ସଭ୍ୟ ବିଜେପିରେ ଯୋଗ ଦେଇଛନ୍ତି । ଭବାନୀପାଟଣା ସ୍ଥିତ ଟାଉନହଲ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବିଜେଡି ଛାଡି ସରପଞ୍ଚ ଓ ସମିତି ମାନେ ବିଜେପିରେ ଯୋଗଦାନ କରିଛନ୍ତି । କେନ୍ଦ୍ରର ଭାରତୀୟ ଜନତା ପାର୍ଟିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ମନ୍ତ୍ରୀ ଅମିତ ସାହା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡା ଓ ଓଡିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱ ଉପରେ ବିଶ୍ୱାସଭାଜନ ରଖି ବିଜୁ ଜନତା ଦଳର ବହୁ ନେତା, କର୍ମୀ ଦଳ ତ୍ୟାଗ କରି ବିଧି ବଦ୍ଧ ଭବେ ଯୋଗ ଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ରେଙ୍ଗସାପାଲି ଗ୍ରା.ପ ସରପଞ୍ଚ ରଜନୀ ବୁଦ୍ଧିଆ, ବଡ଼ଚେରଗାଁ ଗ୍ରା.ପ ସରପଞ୍ଚ ମୀରା ମଞ୍ଜରୀ ସା, ଉଛଳା ଗ୍ରା.ପ ସରପଞ୍ଚ ପୂର୍ଣ୍ଣିମା ଶବର, ଧାମନପୁର ଗ୍ରା.ପ ସରପଞ୍ଚ ଦିଗାମ୍ବର ତାଣ୍ଡି, ଉଦେଶୃଙ୍ଗ ଗ୍ରା.ପ ସରପଞ୍ଚ ନାରାୟଣ ଅଘରିଆ, ସିନାପାଲି ଗ୍ରା.ପ ସମିତିସଭ୍ୟ ଲୋଚନ ସାହୁ, ଚିଚିଆ ଗ୍ରା.ପ ସମିତିସଭ୍ୟ ସନ୍ତୋଷ ପୁଟେଲ, ଚପରିଆ ଗ୍ରା.ପ ସମିତି ସଭ୍ୟ ଦେବକୀ ଖୁରା, ଫରଙ୍ଗ ଗ୍ରା.ପ ସମିତିସଭ୍ୟ ଅପର୍ଣ୍ଣା ବାରିକ, ରେଙ୍ଗସାପାଲି ଗ୍ରା.ପ ସମିତିସଭ୍ୟ ସଂଗୀତା ଯାନୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ବିଜେଡି ଦଳର ଆଗ ଧାଡ଼ିର କର୍ମୀ କୁଶ ସା, ସୁରେନ୍ଦ୍ର ବାରିକ, ଜୟରାମ ସାହୁ, ସଦାଶିବ ବେମାଲ, ବୃନ୍ଦାବନ ଖୁରା ଯୋଗ ଦେଇଥିଲେ । ଏଥି ସହିତ ଆଗାମୀ ଦିନରେ ବହୁ କର୍ମୀ, ସଂଗଠକ, ଯୁବ, ଛାତ୍ର ମହିଳା ମଧ୍ୟ ଭାରତୀୟ ଜନତା ପାର୍ଟିରେ ଯୋଗ ଦେବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥି ପୂର୍ବରୁ ଅନେକ ସରପଞ୍ଚ ଓ ସମିତି ସଭ୍ୟ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବ ପରେ ବିଜେଡି ଗଡ଼ ଭୁଶୁଡିବାରେ ଲାଗିଛି ।

## ଜିଲ୍ଲାସ୍ତରୀୟ ଋଣ ମେଳା ଓ ଆର୍ଥୀକ ସାକ୍ଷରତା ଶିବିର




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ପଞ୍ଚାୟତ ସମିତି ଠାରେ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ ଏବଂ ଆର୍ଥିକ ସାକ୍ଷରତା ଶିବିରର କାର୍ଯ୍ୟକ୍ରମ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଏବଂ କେନ୍ଦ୍ରୀୟ ସହକାରୀ ବ୍ୟାଙ୍କ ମାନଙ୍କ ଦ୍ୱାରା ନାବାର୍ଡ଼ର ସହଯୋଗରେ ଆୟୋଜନ କରାଯାଇଥିଲା । ଯେଉଁଥିରେ ବିଭିନ୍ନ ବ୍ୟାଙ୍କିଂ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକ ଅଂଶଗ୍ରହଣ କରିଥିଲେ । ଏହି ଶିବିରର ଉଦ୍ଦେଶ୍ୟ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀୟ ଅଞ୍ଚଳରେ ଆର୍ଥିକ ଜାଗୃତି ବଢ଼ାଇବା ଏବଂ ଉଦ୍ୟମଶୀଳତାକୁ ଉତ୍ସାହିତ କରିବା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ସମ୍ମାନନୀୟ ଅତିଥି ଭାବରେ ଡ଼ଃ ସମୀର ସାମନ୍ତରାୟ (ଡିଜିଏମ୍, ନାବାର୍ଡ଼), ଶ୍ରୀଧର ପଣ୍ଡା (ବ୍ଲକ ଉନ୍ନୟନ ଅଧିକାରୀ), ସଂଜୀବ ମିଶ୍ର (ଅଧ୍ୟକ୍ଷ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ), ଗିରିଶ ବେହେରା (ସଭାପତି, ବିସିସିବି), ବନାଲତା ଧଳ (ସିଇଓ, ବିଡିସିସିବି), ଡି. ସୁନାନୀ (ଏଲଡିଏମ୍, କଳାହାଣ୍ଡି ) ଏବଂ ମହେଶ୍ୱର ଦାସ (ଡିଡିଏମ୍, ନାବାର୍ଡ଼) ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଉଦ୍ଘାଟନରେ ମହେଶ୍ୱର ଦାସ ସ୍ୱାଗତ ଭାଷଣ ଦେବା ସହିତ, ଶିବିରର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଗ୍ରାମୀଣ ଅଞ୍ଚଳରେ ଆର୍ଥିକ ସାକ୍ଷରତା ବଢ଼ାଇବା ଏବଂ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା । ନାବାର୍ଡ଼ ଡ଼ଃ ସମୀର ସାମନ୍ତରାୟ (ଡିଜିଏମ୍, ନାବାର୍ଡ଼) ଉଦ୍ୟମଶୀଳତା ବିକାଶର ଉପରେ ଜୋର ଦେଇ କହିଥିଲେ ଯେ, ଏକମାତ୍ର ଆର୍ଥିକ ସହାୟତା ହେଲେ କାମ ହେବ ନାହିଁ, କୃଷକ ଏବଂ ଏସ୍‌ଏଚ୍‌ଜିଗୁଡ଼ିକୁ ଉଚିତ ମାର୍ଗଦର୍ଶନ ଏବଂ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ, ଯାହାଦ୍ୱାରା ସେମାନେ ଆତ୍ମନିର୍ଭର ହୋଇପାରିବେ । ସେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ପାଇଁ ଏପରି କାର୍ଯ୍ୟକ୍ରମଗୁଡ଼ିକ ଅବ୍ୟାହତ ରଖିବାର ଦରକାର ବୋଲି ଉଲ୍ଲେଖ କରିଥିଲେ । ଏହି ସୁଯୋଗରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଏବଂ କଳାହାଣ୍ଡି କେନ୍ଦ୍ରୀୟ ସହକାରୀ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ଋଣପତ୍ର ଏହି ଶିବିରରେ ବଣ୍ଟନ କରାଯାଇଥିଲା । ବିସିସିବି ବ୍ୟାଙ୍କରୁ ମୋଟ ୩୪.୭୨ କୋଟି, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମୋଟ ୯.୫୬ କୋଟି ଟଙ୍କା, ଏସ୍‌ବିଆଇ ତରଫରୁ ୧.୬୪ କୋଟି ଟଙ୍କା ଏବଂ ନବକିଷାନ ଜରିଆରେ ଜିଲ୍ଲାର ୪ଟି ଏଫପିଓ ମାନଙ୍କୁ ମୋଟ ୪୨ ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଯାହା ଦ୍ୱାରା ଅନେକ ଏସ୍‌ଏଚ୍‌ଜି ଏବଂ ଏଫ୍‌ପିଓ ଅର୍ଥନୀତିକ ଦୃଢତା ପାଇଲେ । କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀମାନେ ଆର୍ଥିକ ଅନ୍ତର୍ଭୁକ୍ତି, କ୍ରେଡିଟ୍ ସୁବିଧା ଏବଂ ଡିଜିଟାଲ୍ ବ୍ୟାଙ୍କିଂ ବିଷୟରେ ଅବଗତ କରାଇଥିଲେ । ଏସ୍‌ଏଚ୍‌ଜି ଏବଂ କୃଷକମାନଙ୍କ ପାଇଁ ବିଶେଷ ପରାମର୍ଶ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଫଳ ଉଦ୍ୟମୀ ଏବଂ ଲାଭାନ୍ୱିତ ଲୋକମାନେ ନିଜ ଅନୁଭବ ଅଂଶୀଦାର କରିଥିଲେ, ଯାହାଦ୍ୱାରା ଅନ୍ୟ ଗ୍ରାମୀଣ ଉଦ୍ୟମୀମାନେ ପ୍ରେରିତ ହୋଇଥିଲେ । ଏପରି ଆୟୋଜନ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ହେବ ।

## ରାଶିଫଳ

ଶୁକ୍ରବାର, ୦୭ ମାର୍ଚ୍ଚ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖନ୍ତୁ । ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି । ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ । ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ । ଆଧାତ୍ମିକ ସିଦ୍ଧି ପ୍ରାପ୍ତ କରିବା ପାଇଁ ବହୁତ ଭଲ ଯୋଗ ଅଛି ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ । ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ । ସରକାରଙ୍କଠାରୁ ଆର୍ଥିକ ଲାଭ ହେବ । ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ । ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ । ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ । ଭାଗ୍ୟବୃଦ୍ଧି ହେବ । ଆପଣ ସଚେତ ରୁହନ୍ତୁ ।




**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଳାନିର ଭାବ ସୃଷ୍ଟି କରିବ । ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ । ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ । କାମରେ ସନ୍ତୋଷର ଭାବନା ଆସିବ । ଅନୈତିକ ପ୍ରବୃତ୍ତିଗୁଡ଼ିକର ସୃଷ୍ଟି ହେଲେ ମନକୁ ନିୟନ୍ତ୍ରଣରେ ରଖିବାପାଇଁ ଉପଦେଶ ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ । ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ ।




**କନ୍ୟା:** ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ । ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି । ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ । ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ ।




**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଆୟ ବୃଦ୍ଧିର ଯୋଗ ଅଛି । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ । ଆନନ୍ଦଦାୟକ ପର୍ଯ୍ୟଟନ ହେବ ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ସମାଜରେ ମାନ-ସମ୍ମାନ ମିଳିବ । ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ । ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ ।




**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ । ସ୍ୱାସ୍ଥ୍ୟ ନରମ-ଗରମ ରହିବ । କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ । ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ । ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ ।




**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ । ଅଚାନକ ଧନ ଖର୍ଚ୍ଚ ହୋଇପାରେ । ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି । ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ । ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ । ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ । ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି । ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ । ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ । ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ । ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ । ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ । ସହକର୍ମୀମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ ।



ଜ୍ୟୋତିର୍ବିଦ୍
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯